# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 22/2025 Page 16 ₹ 7.00 | BERHAMPUR

୫୧ଶ ଭାଗ ୧୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 116 ମୂଲ୍ୟ ₹୭/-


# ରାଜ୍ୟ ସଡ଼କ ନୀତିକୁ ମଞ୍ଜୁରୀ

- **ବିଶ୍ୱ ସ୍ତରୀୟ ହେବ ୭୫ ହଜାର କିଲୋମିଟର ରାସ୍ତା**
- **'ବିକଶିତ ଗାଁ ବିକଶିତ ଓଡ଼ିଶା' ବ୍ୟାପକ ହେବ**
- **ବଦଳିଲା 'ଘରବାରିହୀନ' ସଂଜ୍ଞା**

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା/ସୁନୀତ୍ ମିଶ୍ର)**

ରାଜ୍ୟ କ୍ୟାବିନେଟ ଗୁରୁବାର 'ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫'କୁ ଅନୁମୋଦନ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ କହିଛନ୍ତି। ସେ କହିଛନ୍ତି, ଏହା ସମଗ୍ର ଓଡ଼ିଶାରେ ରାସ୍ତା ନେଟ୍ୱର୍କକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟାନ୍ୱୟନ କରିବ। ଏହି ନୀତି ଏକ ଗୁଣାତ୍ମକ ସଡ଼କ ନେଟ୍ୱର୍କ ପାଇଁ ଏକ ଢାଞ୍ଚା ପ୍ରଦାନ କରିବ। ଏହା ଜରିଆରେ ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତାକୁ ବିଶ୍ୱ ସ୍ତରୀୟ ରାସ୍ତା ନେଟ୍ୱର୍କ ଭାବେ ବିକଶିତ କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି,ଏହି ନୀତି କାର୍ଯ୍ୟକାରୀ ହେଲେ, ରାସ୍ତା ଗୁଡ଼ିକର ଆନ୍ତଃ-ବିଭାଗୀୟ ହସ୍ତାନ୍ତର ପାଇଁ ନିର୍ଦ୍ଦେଶାବଳୀ ରହିବ। ରାସ୍ତା ଭିତ୍ତିଭୂମି ପରିଚାଳନା ପାଇଁ ପର୍ଯ୍ୟାପ୍ତ ଏବଂ ସ୍ଥାୟୀ ପାଣ୍ଠି ମିଳିବ ଏବଂ ରାସ୍ତା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ହେବ। ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ସଡ଼କ ନେଟ୍ୱର୍କ ସୁରକ୍ଷାର ଉନ୍ନତୀକରଣ କରାଯିବ। ଯୋଜନା, ଡିଜାଇନ୍, ସାମଗ୍ରୀ କ୍ରୟ, ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପ ପରିଚାଳନାରେ ସଡ଼କ କ୍ଷେତ୍ର ସଂଗଠନର କ୍ଷମତାକୁ ସୁଦୃଢ଼ କରିବ। ଏହି ନୀତିରେ ରାଜ୍ୟର ସମସ୍ତ ସେତୁର ସବିଶେଷ ସୂଚନାକୁ ଏକ ☞ପୃଷ୍ଠା-୨

**କ୍ୟାବିନେଟ୍ ନିଷ୍ପତ୍ତି**

## ଆୟୁଷ୍ମାନ ବୟୋ-ବନ୍ଦନାକୁ ମୋହର

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା/ସୁନୀତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ୍‌ରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଗୃହରେ କହିଥିଲେ, ଗୁରୁବାର ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଶେଷକରି ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସ୍କ, ଆର୍ଥିକ ବର୍ଗ ନିର୍ବିଶେଷରେ ସମସ୍ତଙ୍କ ପାଇଁ 'ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା' ଲାଗୁ କରାଯିବ। ତେବେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ)କୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ମୁଣ୍ଡ ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ପାଇବେ। 'ଆୟୁଷ୍ମାନ ବୟୋ-ବନ୍ଦନା ☞ପୃଷ୍ଠା-୨

# ୨ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ

**ଭୁବନେଶ୍ୱର,୨୧।୩ (ଅନୁରାଧା ମହାରଣା)**

ଆସନ୍ତା ୨୪ ଓ ୨୫ ତାରିଖରେ ହେବାକୁ ଥିବା ୨ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରହିଛି। ୯ ଦଫା ଦାବିରେ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ଶୁକ୍ରବାର ଶ୍ରମ କମିଶନରଙ୍କ ସହ ଆଲୋଚନା ପରେ ୟୁଏଫ୍‌ବିୟୁ ପକ୍ଷରୁ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇଛି। ୯ ଦଫା ଦାବି ନେଇ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିଅନ୍ସର ୨ ଦିନିଆ ବ୍ୟାଙ୍କ ଧର୍ମଘଟରେ ୬ ହଜାର ବ୍ୟାଙ୍କ ଶାଖାର ୩୭ ହଜାର କର୍ମଚାରୀ ସାମିଲ ହୋଇଥାନ୍ତେ। ବ୍ୟାଙ୍କିଂ କ୍ଷେତ୍ରରେ ସପ୍ତାହରେ ୫ ଦିନ କାର୍ଯ୍ୟ ସହ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି ଓ ଅସ୍ଥାୟୀ ☞ପୃଷ୍ଠା-୨





ସର୍ବପ୍ରଥମ ଜୀବନ ବୀମା

ପ୍ରିମିଅମ୍ ବନ୍ଦ ହୋଇଯାଏ।



ଲାଭ ଚାଲୁ ରହେ।

ଆକର୍ଷଣୀୟ ଲାଭ ସହିତ ଜୀବନବୀମା ସୁରକ୍ଷା

| ପଲିସି ଅବଧି | ପ୍ରିମିଅମ୍ ପୈଠ ଅବଧି |
|---|---|
| 16 | 10 |
| 21 | 15 |
| 25 | 16 |

ଏଲଆଇସିର **ଜୀବନ ଲାଭ**

ଏକ ପାର୍, ନନ୍-ଲିଙ୍କଡ, ଲାଇଫ୍, ଇଣ୍ଡିଭିଜୁଆଲ୍, ସେଭିଙ୍ଗ୍ସ ପ୍ଲାନ

Plan No.: 736 UIN No.: 512N304V03

- ସର୍ବନିମ୍ନ ମୂଳ ବୀମା ରାଶି : ₹200,000/-.
- ସର୍ବାଧିକ ମୂଳ ବୀମା ରାଶି : ସୀମା-ମୁକ୍ତ
- ପ୍ରବେଶ ପାଇଁ ସର୍ବନିମ୍ନ ବୟସ : 8 ବର୍ଷ
- ପ୍ରବେଶ ପାଇଁ ସର୍ବାଧିକ ବୟସ : ପଲିସି ଅବଧି 25/21/16 ବର୍ଷ ପାଇଁ 50/54/59 ବର୍ଷ

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ମେସେଣ୍ଟର ସର୍ଭିସ (022) 6827 6827 | ଆମର ହ୍ୱାଟସଆପ୍ ନଂ.: 8976862090 'Hi' କୁହନ୍ତୁ

ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512

ଉତ୍ପାଦ ଅନ୍ତର୍ଗତ ଉଦ୍ଧୃତ ବୋନସଙ୍କ ଆପଦାବଳୀ ଗ୍ୟାରଣ୍ଟିଯୁକ୍ତ ନୁହେଁ ।
ବିଗତ କାର୍ଯ୍ୟକଳାପ ଆଗାମୀ ବୋନସଙ୍କ ଲାଗି କୌଣସି ନିଦର୍ଶନ ଦେଉ ନାହିଁ ଏବଂ ଏସବୁ ଉତ୍ପାଦ ବୀମାକାରୀଙ୍କ ବିନିଯୋଗ, ଖର୍ଚ୍ଚ ପରିଚାଳନା, ମୋର୍ଟାଲିଟୀ ଓ ଲାପ୍‌ସେସ୍ ସମ୍ବନ୍ଧୀୟ ମୋଟାମୋଟି କାର୍ଯ୍ୟକଳାପ ଉପରେ ନିର୍ଭର କରେ ।

ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ । ଆଇଆର୍‌ଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ । ଏଭଳି ଫୋନ କଲ୍ ପାଇବା ପଲିସିଧାରକ ବା ପ୍ରସ୍‌ପେକ୍ଟମାନେ ଏକ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ । ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ ।

LIC/P1/2024-25/52/Ori

DSPL - 432

UN WATER 22 MARCH WORLD WATER DAY 2025 Glacier Preservation

ବିଶ୍ୱ ଜଳ ଦିବସ ସମାରୋହ- ୨୦୨୫

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
GO WATER - WATER ERPର ଉନ୍ମୋଚନ
ତଥା ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶୀଳାନ୍ୟାସ ଓ ଲୋକାର୍ପଣ



ଶ୍ରୀ ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୨ ମାର୍ଚ୍ଚ, ୨୦୨୫ | ଅପରାହ୍ନ ୪.୦୦
ଲୋକସେବା ଭବନ, କନଭେନ୍‌ସନ୍ ସେଣ୍ଟର, ଭୁବନେଶ୍ୱର







୧୦୦ଟି ଆଡିବନ୍ଧ (Check Dam)ର ଲୋକାର୍ପଣ

୧୮ ଗୋଟି ବୃହତ ଉଠା ଜଳସେଚନର ପ୍ରକଳ୍ପ ଶିଳାନ୍ୟାସ

୪ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ ଲାଇନ ଦ୍ୱାରା ଜଳସେଚନ ବ୍ୟବସ୍ଥାର ଲୋକାର୍ପଣ

ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର

OIPR-32447/13/0015/2425

## ସଂକ୍ଷେପରେ

### ପାକିସ୍ତାନରେ ଏନ୍‌କାଉଣ୍ଟର
# ସେନା କ୍ୟାପ୍‌ଟେନ୍, ୧୦ ଆତଙ୍କବାଦୀ ନିହତ

ଇସ୍‌ଲାମାବାଦ,୨୧।୩

ପାକିସ୍ତାନର ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶ ଡେରା ଇସ୍‌ମାଇଲ୍ ଖାନ୍ ଜିଲାରେ ଗୁରୁବାର ଆତଙ୍କବାଦୀ ଓ ସୈନ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୧୦ ଆତଙ୍କବାଦୀ ନିହତ ହୋଇଥିବାବେଳେ ସେନା କ୍ୟାପ୍‌ଟେନ୍ ପ୍ରାଣ ହରାଇଛନ୍ତି। କ୍ୟାପ୍‌ଟେନ୍ ହାସ୍‌ନାଇନ୍ ଅଖତର ଯବାନମାନଙ୍କ ନେତୃତ୍ୱ ନେଇ ସମ୍ମୁଖ ଭାଗରେ ବୀରତ୍ୱର ସହ ଆତଙ୍କବାଦୀଙ୍କୁ ମୁକାବିଲା କରୁଥିବାବେଳେ ଗୁଳିମାଡ଼ରେ ଟଳିପଡ଼ିଥିଲେ। ମୃତ ଆତଙ୍କବାଦୀମାନଙ୍କଠାରୁବିପୁଳପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଉକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ଆଧାରରେ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

# ମଣିପୁର ରିଲିଫ୍ କ୍ୟାମ୍ପରେ ନାବାଳିକାଙ୍କ ମୃତ୍ୟୁ
### ବଳାତ୍କାର ସନ୍ଦେହ

ଚୁରାଚାନ୍ଦପୁର,୨୧।୩

ହିଂସାପ୍ରବଣ ମଣିପୁରର ଚୁରାଚାନ୍ଦପୁର ଜିଲାରେ ଥିବା ଏକ ରିଲିଫ୍ କ୍ୟାମ୍ପରୁ ଶୁକ୍ରବାର ଭୋର ସମୟରେ ଜଣେ ୯ ବର୍ଷୀୟା ବାଳିକାଙ୍କ ମୃତଦେହ ମିଳିଛି। ସେ ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ରିଲିଫ୍ କ୍ୟାମ୍ପ ପରିସରରୁ ମୃତଦେହ ମିଳିଥିଲା। ନାବାଳିକାଙ୍କ ବେକ ଓ ଅନ୍ୟ ସ୍ଥାନରେ ଏକାଧିକ କ୍ଷତଚିହ୍ନ ରହିଥିବାବେଳେ ଘଟଣାସ୍ଥଳରେ ରକ୍ତଛିଟା ଦେଖିବାକୁ ମିଳିଥିବା ଜଣେ ଅଧିକାରୀ କହିଛନ୍ତି। ତାଙ୍କୁ ବଳାତ୍କାର କରାଯାଇଥିବା ସନ୍ଦେହ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଯାଇଛି। ନାବାଳିକା ବଳାତ୍କାର ଘଟଣାକୁ ମଣିପୁରର ବିଭିନ୍ନ ସଂଗଠନ ନିନ୍ଦା କରିବା ସହ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ଏଭଳି ଅମାନବୀୟ କାର୍ଯ୍ୟରେ ଲିପ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ହୋଇଛି।

### ନିଆଁ ଲାଗି ହିଥ୍ରୋ ଏୟାରପୋର୍ଟ ବନ୍ଦ
# ବିଶ୍ୱବ୍ୟାପୀ ବିମାନସେବା ବାଧାପ୍ରାପ୍ତ

ଲଣ୍ଡନ,୨୧।୩

ବିଶ୍ୱର ଅନ୍ୟତମ ସର୍ବାଧିକ ବ୍ୟସ୍ତବହୁଳ ବିମାନବନ୍ଦର ଭାବେ ପରିଚିତ ଲଣ୍ଡନର ହିଥ୍ରୋ ଏୟାରପୋର୍ଟ ନିକଟରେ ଥିବା ଏକ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଫଳରେ ଶୁକ୍ରବାର ସାରା ଦିନ ଏୟାରପୋର୍ଟକୁ ବନ୍ଦ ରଖାଯାଇଥିବାରୁ ବିଶ୍ୱବ୍ୟାପୀ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ଏବଂ ୨,୯୧,୦୦୦ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟୂନ ୧,୩୫୧ ବିମାନ ଚଳାଚଳ ପ୍ରଭାବିତ ହୋଇଥିବା କୁହାଯାଉଛି। ଯାତ୍ରୀମାନେ ସେମାନଙ୍କ ଯାତ୍ରା କାର୍ଯ୍ୟସୂଚୀରେ ପରିବର୍ତ୍ତନ ଉଦ୍ୟମ କରୁଥିବାରୁ ଉକ୍ତ ଏୟାରପୋର୍ଟରୁ ବିମାନ ସେବା କିଛିଦିନ ପାଇଁ ପ୍ରଭାବିତ ହୋଇପାରେ।


ବିମାନବନ୍ଦର ନିକଟ ବିଦ୍ୟୁତ୍ ସବ୍‌ଷ୍ଟେଶନରେ ଲାଗିଥିବା ନିଆଁ।

ଏୟାରପୋର୍ଟ ବନ୍ଦ ଘୋଷଣା ହେବା ବେଳେ ପ୍ରାୟ ୧୨୦ଟି ବିମାନ ଆକାଶମାର୍ଗରେ ଥିଲେ। ସେମାନଙ୍କ ମଧ୍ୟରୁ କେତେକ ଫେରିଯାଇଥିବାବେଳେ ଅନ୍ୟ କେତେକ ବିମାନ ଲଣ୍ଡନ ବାହାରେ ଥିବା ଗାଟ୍ୱିକ୍ ଏୟାରପୋର୍ଟ, ପ୍ୟାରିସ୍‌ର ଚାର୍ଲସ ଡେ ଗୌଲେ ଏୟାରପୋର୍ଟ କିମ୍ବା ଆୟରଲାଣ୍ଡର ଶାନୁନ୍ ଏୟାରପୋର୍ଟରେ ଅବତରଣ କରିଥିଲେ। ଦୀର୍ଘ ୭ ଘଣ୍ଟାର ଉଦ୍ୟମ ପରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିଆଁକୁ ଆୟତ୍ତ କରାଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଏହା ପଛରେ କୌଣସି ଷଡ଼ଯନ୍ତ୍ର ଥିବା ଜଣାପଡୁ ନାହିଁ ବୋଲି ଶକ୍ତିମନ୍ତ୍ରୀ କହିଛନ୍ତି।

# ଜାତୀୟ ସଙ୍ଗୀତକୁ ଅସମ୍ମାନ: ନୀତୀଶଙ୍କ ବିରୋଧରେ ପିଟିଶନ

ପାଟନା,୨୧।୩

ପାଟନାରେ ଅନୁଷ୍ଠିତ ଏକ ସରକାରୀ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତକୁ ଅସମ୍ମାନ କରାଯିବା ଅଭିଯୋଗରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିରୋଧରେ ଶୁକ୍ରବାର ଅଦାଲତରେ ପିଟିଶନ ଦାଏର ହୋଇଛି। ଗୁରୁବାର ଏକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ବେଳେ ନୀତୀଶଙ୍କ କାର୍ଯ୍ୟ ରାଜ୍ୟକୁ ଅସମ୍ମାନ ଆଣିଥିବା ସ୍ଥାନୀୟ ଆଇନଜୀବୀ ସୁରଜ କୁମାର ତାଙ୍କ ପିଟିଶନରେ ଅଭିଯୋଗ କରିଛନ୍ତି। ମୁଜାଫରପୁରର ଅତିରିକ୍ତ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ (ୱେଷ୍ଟ)ଙ୍କ ଅଦାଲତରେ ଦାଏର ପିଟିଶନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ



ଭାରତୀୟ ଦଣ୍ଡ ସଂହିତା ଏବଂ ଜାତୀୟ ସମ୍ମାନକୁ ଅପମାନ ପ୍ରତିକାର ଆଇନର ଧାରା ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରାଯାଇଛି। ୨୫ରେ ଏହାର ଶୁଣାଣି କରାଯିବ। ମୁଖ୍ୟମନ୍ତ୍ରୀ ଜାତୀୟ ସଙ୍ଗୀତକୁ ଅପମାନ କରିଥିବାର ଏକ ଭିଡିଓ ଶେୟାର କରି ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଥିଲେ। ଜାତୀୟ ସଙ୍ଗୀତ ଗାନ ବେଳେ ନୀତୀଶ ଅନ୍ୟମାନଙ୍କ ସହ କଥା ହେଉଥିବା ଓ ଅଭିନନ୍ଦନ ଜଣାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ନୀତୀଶଙ୍କ ଆଚରଣ ତାଙ୍କ ସ୍ୱାସ୍ଥ୍ୟଗତ ସ୍ଥିତିକୁ ନେଇ ପୁଣିଥରେ ସନ୍ଦେହ ସୃଷ୍ଟି କରିଥିବା ତେଜସ୍ୱୀ କହିଛନ୍ତି। ସେ ଏକ୍ସ'ରେ ନୀତୀଶଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଆପଣ ପ୍ରତିଦିନ ମହିଳା, ଯୁବବର୍ଗ, ଛାତ୍ରୀଛାତ୍ର ଓ ବରିଷ୍ଠମାନଙ୍କୁ ଅପମାନିତ କରୁଛନ୍ତି। ଅନ୍ତତଃ ଜାତୀୟ ସଙ୍ଗୀତକୁ ଅପମାନ କରନ୍ତୁ ନାହିଁ ବୋଲି ତେଜସ୍ୱୀ କହିଛନ୍ତି।

# ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲେ କେନ୍ଦ୍ରମନ୍ତ୍ରୀ
### ବଳାତ୍କାର ମାମଲାରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ବିବାଦୀୟ ରାୟ

ନୂଆଦିଲ୍ଲୀ,୨୧।୩(ପି.ଟି.)

ବଳାତ୍କାର ଏବଂ ବଳାତ୍କାର ଉଦ୍ୟମକୁ ନେଇ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟରେ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଶୁକ୍ରବାର ସମ୍ପୂର୍ଣ୍ଣ ଅସହମତି ପ୍ରକାଶ କରିବା ସହ ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ମହିଳାଙ୍କ ସ୍ତନକୁ ଧରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ନୁହେଁ ବୋଲି ହାଇକୋର୍ଟ ରୁଲିଂ ଦେଇଥିଲେ। ତେବେ ଏହା ଆକ୍ରମଣ ପରିସରଭୁକ୍ତ ବା ଉଲଗ୍ନ କରିବା ଉଦ୍ଦେଶ୍ୟ ରଖି କୌଣସି ମହିଳାଙ୍କ ବିରୋଧରେ ଆପରାଧିକ ଶକ୍ତିର ପ୍ରୟୋଗ ବୋଲି ଖଣ୍ଡପୀଠ କହିଥିଲେ। ଏହାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନିଅନ୍ତୁ ବୋଲି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି।

# ଶିକ୍ଷା ବିଭାଗ ବନ୍ଦକଲେ ଟ୍ରମ୍ପ୍

ୱାଶିଂଟନ,୨୧।୩

ଆମେରିକାର ସଂଘୀୟ ଶିକ୍ଷା ବିଭାଗକୁ ଉଚ୍ଛେଦ ଲକ୍ଷ୍ୟରେ ଏକ ନିର୍ଦ୍ଦେଶନାମାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ସ୍ୱାକ୍ଷର କରିଛନ୍ତି। ସଂଘୀୟ ସରକାରରୁ ମୁକ୍ତ ହୋଇ ରାଜ୍ୟଗୁଡ଼ିକ ନିଜସ୍ୱ ସ୍କୁଲ୍ ଚଳାଇବା ପାଇଁ ବହୁ ଦଶନ୍ଧି ଧରି ଦାବି ହେଉଥିଲା। ହ୍ୱାଇଟ୍ ହାଉସ୍‌ର ଇଷ୍ଟ ରୁମ୍‌ରେ ଟ୍ରମ୍ପ୍ ସ୍କୁଲ୍‌ପିଲାମାନଙ୍କ ଗହଣରେ ଉକ୍ତ ନିର୍ଦ୍ଦେଶନାମା ସ୍ୱାକ୍ଷର କରିବା ସହ ଏହାକୁ ଦେଖାଇଥିଲେ। ଆମେ ସଂଘୀୟ ଶିକ୍ଷା ବିଭାଗକୁ ଯଥାଶୀଘ୍ର ସମ୍ଭବ ବନ୍ଦ କରିବାକୁ ଯାଉଛୁ। ଏହି ବିଭାଗ ସଂଘୀୟ ସରକାର ନିକଟରେ ରହିବା ଭଲ ହେଉନାହିଁ। ତେଣୁ ଏହାକୁ ଆମେ ରାଜ୍ୟଗୁଡ଼ିକୁ ଫେରାଇଦେବାକୁ ଯାଉଛୁ ବୋଲି ଟ୍ରମ୍ପ୍ କହିଛନ୍ତି। ୧୯୭୯ରେ ସୃଷ୍ଟ ଶିକ୍ଷା ବିଭାଗ ବନ୍ଦହେବା ଲାଗି କଂଗ୍ରେସର ଅନୁମୋଦନ ଆବଶ୍ୟକ। ତେବେ ନିର୍ଦ୍ଦେଶନାମା ସ୍ୱାକ୍ଷର ହୋଇଥିବାରୁ ଉକ୍ତ ବିଭାଗର କର୍ମଚାରୀ ଓ ପାଣ୍ଠି ହ୍ରାସ କରାଯାଇପାରେ। ନିର୍ବାଚନ ପ୍ରଚାର ବେଳେ ସଂଘୀୟ ଶିକ୍ଷା ବିଭାଗ ଉଚ୍ଛେଦ ପାଇଁ ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଥିଲେ।

# ନିଆଁ ଫିଟାଇଲା ବିଚାରପତିଙ୍କ ଗୁମର

ନୂଆଦିଲ୍ଲୀ,୨୧।୩

ନ୍ୟାୟପାଳିକା ଉପରେ ଦେଶବାସୀଙ୍କ ସ୍ୱତନ୍ତ୍ର ସମ୍ମାନ ରହି ଆସିଥିବାବେଳେ ବିଚାର ବ୍ୟବସ୍ଥାର ଗରିମା ନଷ୍ଟ କଲା ଭଳି ଏକ ସଦ୍ୟ ଘଟଣା ଏହାକୁ ଊଣା କରିଦେଇଛି। ହୋଲି ରାତିରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ୟଶୱନ୍ତ ବର୍ମାଙ୍କ ସରକାରୀ ବାସଭବନକୁ ନିଆଁ ଲିଭାଇବାକୁ ଯାଇଥିବା ଅଗ୍ନିଶମ କର୍ମଚାରୀ ସେଠାରୁ ୧୫ କୋଟି ଟଙ୍କା ଠାବ କରିଛନ୍ତି। ଏହି ବିଷୟ ସମ୍ପ୍ରତି ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଜଷ୍ଟିସ୍ ବର୍ମାଙ୍କ ଇସ୍ତଫା ଦାବି ଜୋର୍ ଧରିଲାଣି। ଏପରି କି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରି ବିଚାରପତି ପଦରୁ ବର୍ମାଙ୍କୁ ହଟାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି। ୧୯୬୯ ଜାନୁଆରୀ ୬ରେ ଉତ୍ତର ପ୍ରଦେଶର ଆଲ୍ଲାହାବାଦ (ପ୍ରୟାଗରାଜ)ରେ ଜନ୍ମିତ ୟଶୱନ୍ତ ବର୍ମା ବି.କମ୍ ପରେ ମଧ୍ୟପ୍ରଦେଶର ରେୱା ବିଶ୍ୱବିଦ୍ୟାଳୟରେ ଏଲ୍‌ଏଲ୍‌ବି ପଢ଼ିଥିଲେ। ୫୬ ବର୍ଷୀୟ ଜଷ୍ଟିସ୍ ବର୍ମା ୧୯୯୨ରେ ଓକିଲାତି ଆରମ୍ଭ କରିଥିଲେ। ୨୦୧୪ ଅକ୍ଟୋବର ୧୩ରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତି ଦିଆଯାଇଥିଲା। ଜଷ୍ଟିସ୍ ବର୍ମା ୨୦୧୬ ଫେବୃଆରୀ ୧ରେ ସ୍ଥାୟୀ ବିଚାରପତି ଭାବେ ଶପଥ ନେଇଥିଲେ। ୨୦୨୧ ଅକ୍ଟୋବରରେ ସେ ଦିଲ୍ଲୀ ହାଇକୋର୍ଟ ବିଚାରପତି ନିଯୁକ୍ତ ହୋଇଥିଲେ। ତାଙ୍କ ଘରୁ ଆୟ ବହିର୍ଭୂତ ୧୫ କୋଟି ଟଙ୍କା ଠାବ ହେବା ପରେ ଏବେ ସେ ଚର୍ଚ୍ଚାରେ ରହିଛନ୍ତି। ବରିଷ୍ଠ ଆଇନଜୀବୀ ବିକାଶ ସିଂ ଏହାକୁ ଏକ ଗମ୍ଭୀର ବିଷୟ କହି ତାଙ୍କର ଇସ୍ତଫା ଦାବି କରିଛନ୍ତି। ଜଣେ ବିଚାରପତି ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଉଚିତ। କାରଣ ଏହି ପ୍ରଫେଶନ୍‌ରେ ଦୁର୍ନୀତି ପ୍ରତି ଶୂନ ସହନଶୀଳତା ରହିଥାଏ। ତେଣୁ ଏଭଳି ବଦଳି ସମାଧାନ ଆଣିବ ନାହିଁ ବୋଲି ସେ ମତ ଦେଇଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଛନ୍ତି, ଜଷ୍ଟିସ୍ ବର୍ମାଙ୍କୁ ନିଜ ପକ୍ଷ ରଖିବା ପାଇଁ ସୁଯୋଗ ଦେବା ପରେ ସୁପ୍ରିମକୋର୍ଟ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ସୁପ୍ରିମକୋର୍ଟ ବାର୍ ଆସୋସିଏଶନ୍ ଅଧ୍ୟକ୍ଷ କପିଲ ସିବଲ କହିଛନ୍ତି, ନ୍ୟାୟପାଳିକାରେ ଦୁର୍ନୀତି ଏକ ଗମ୍ଭୀର ପ୍ରସଙ୍ଗ। ତେଣୁ ସୁପ୍ରିମକୋର୍ଟ ନିଯୁକ୍ତି ପ୍ରକ୍ରିୟା କିପରି ଭାବେ କରାଯିବା କଥା ସେନେଇ ଚିନ୍ତା କରନ୍ତୁ। ବିଚାରପତି ନିଯୁକ୍ତିରେ ଅଧିକ ସ୍ୱଚ୍ଛତାର ଆବଶ୍ୟକତା ରହିଛି। ଏହି ପ୍ରସଙ୍ଗରେ ତଦନ୍ତ ସରିବା ପରେ ଯାହା ନିଷ୍କର୍ଷ ଆସିବ, ତାକୁ ଭିତ୍ତିକରି ସମ୍ବିଧାନର ଅନୁଚ୍ଛେଦ ୧୨୪(୪) ଅନୁସାରେ ଜଷ୍ଟିସ୍ ବର୍ମାଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ। ଅନ୍ୟପକ୍ଷେ କେନ୍ଦ୍ର ସରକାର କଲେଜିୟମ୍ ନିଷ୍ପତ୍ତିକୁ ମଞ୍ଜୁରୀ ଦେବା ପରେ ତାଙ୍କ ବଦଳି କାର୍ଯ୍ୟକାରୀ ହେବ। ତେଣୁ ଜଷ୍ଟିସ୍ ବର୍ମା ବର୍ତ୍ତମାନ ଛୁଟିରେ ରହିଛନ୍ତି। ଭାରତୀୟ ବିଚାର ବ୍ୟବସ୍ଥାରେ ବାରମ୍ବାର ସାଲିସ କରାଯାଉଛି। ଜଣେ ହାଇକୋର୍ଟ ବିଚାରପତିଙ୍କ ଘରୁ ଏତେ ପରିମାଣର ଆୟ ବହିର୍ଭୁତ ଟଙ୍କା ମିଳିବା ଦେଶର ସାମ୍ବିଧାନିକ ସଂସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

# ଏପ୍ରିଲରେ ରାଣାଙ୍କ ଆବେଦନର ଶୁଣାଣି

ନ୍ୟୁୟର୍କ,୨୧।୩

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ ଅଭିଯୁକ୍ତ ତହଉର ରାଣା ଭାରତ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ପାଇଁ କରିଥିବା ସାନି ଆବେଦନର ଶୁଣାଣି କରିବାକୁ ଆମେରିକା ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଗତ ୬ ତାରିଖରେ ସୁପ୍ରିମକୋର୍ଟର ଆସୋସିଏଟ୍ ଜଷ୍ଟିସ୍ ଏଲେନା କାଗନ ଉକ୍ତ ଆବେଦନକୁ ଅଗ୍ରାହ୍ୟ କରିଥିଲେ। ଫଳରେ ଲସ୍ ଏଞ୍ଜେଲ୍‌ସର ମେଟ୍ରୋପଲିଟାନ ଡିଟେନ୍‌ଶନ ସେଣ୍ଟରରେ ରହିଥିବା ୬୪ ବର୍ଷୀୟ ରାଣା ପ୍ରତ୍ୟର୍ପଣ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ପାଇଁ ପ୍ରଧାନ ବିଚାରପତି ଜନ୍ ରବର୍ଟ୍ସଙ୍କ ନିକଟରେ ଜରୁରୀ ଆବେଦନ କରିଥିଲେ।

ପାକିସ୍ତାନୀ-ଆମେରିକୀୟ


ତହଉର ରାଣା



ଆତଙ୍କବାଦୀ ଡାଭିଡ୍ ଭୋଲେମାନ୍ ହେଡ୍‌ଲିଙ୍କ ସହଯୋଗୀ ଭାବେ ଜଣାଶୁଣା ରାଣା ୨୬/୧୧ ଆକ୍ରମଣର ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ। ଆକ୍ରମଣ ପୂର୍ବରୁ ହେଡ୍‌ଲି ମୁମ୍ବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ତଥ୍ୟ ସଂଗ୍ରହ କରିଥିଲେ। ପାକିସ୍ତାନର ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କୁ ମୁମ୍ବାଇ ଆକ୍ରମଣ ପାଇଁ ସବୁପ୍ରକାର ସହାୟତା ଯୋଗାଇଦେବା ଅଭିଯୋଗରେ ରାଣା ଦୋଷୀସାବ୍ୟସ୍ତ ହୋଇଛନ୍ତି। ଡେନ୍‌ମାର୍କର ଆତଙ୍କବାଦୀ ଆକ୍ରମଣ ଘଟଣାରେ ସହାୟତା ଓ ଷଡ଼ଯନ୍ତ୍ର ଅଭିଯୋଗରେ ରାଣା ପୂର୍ବରୁ ଆମେରିକା କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିଲେ।

# କର୍ଣ୍ଣାଟକ ବିଧାନସଭାରୁ ୧୮ ଭାଜପା ବିଧାୟକ ନିଲମ୍ବିତ
### ମାର୍ଶାଲ ଲଗାଇ ବାହାର କରାଗଲା

ବେଙ୍ଗାଲୁରୁ,୨୧।୩

କର୍ଣ୍ଣାଟକ ବିଧାନସଭାରେ ଶୁକ୍ରବାର ଗୃହ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ୧୮ ଜଣ ଭାଜପା ବିଧାୟକଙ୍କୁ ବାଚସ୍ପତି ୟୁ.ଟି. ଖାଦେର ୬ ମାସ ପାଇଁ ନିଲମ୍ବନ କରିଛନ୍ତି। ବିଧାନସଭାର ଅନ୍ୟୂନ ୪୮ ସଦସ୍ୟ ହନିଟ୍ରାପ୍‌ରେ ପଡ଼ିଯାଇଥିବା ଓ ସେମାନଙ୍କ ଅଶ୍ଳୀଳ ଭିଡିଓ ପ୍ରସାରିତ ହେଉଥିବା ଅଭିଯୋଗକୁ ନେଇ ଗୃହରେ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ


ବିଧାୟକଙ୍କୁ ମାର୍ଶାଲ ଟେକିନେଉଛନ୍ତି।

କରିଥିଲେ। ସରକାର ଘଟଣାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିଧାୟକମାନେ ଗୃହ ମଧ୍ୟଭାଗରେ ହୋହାଲ୍ଲା କରିଥିଲେ। ଏଥିସହ ଘରୋଇ ଠିକାଦାରିରେ ମୁସଲମାନ କୋଟା ବିଲ୍‌କୁ ସେମାନେ ଚିରିଦେଇଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ସେମାନେ ବିଶୃଙ୍ଖଳିତ ଆଚରଣ ଜାରି ରଖିଥିଲେ। ବାଚସ୍ପତିଙ୍କ ଟେବୁଲ୍ ଉପରେ ଚଢ଼ିବା ସହ କାଗଜ ଫିଙ୍ଗିଥିଲେ। ଫଳରେ ନିଲମ୍ବିତ ବିଧାୟକମାନଙ୍କୁ ମାର୍ଶାଲ ଲଗାଇ ବିଧାନସଭାରୁ ବାହାର କରିଦିଆଯାଇଥିଲା। ନିଲମ୍ବିତ ବିଧାୟକମାନେ ହେଲେ ବିରୋଧୀ ଦଳ ମୁଖ୍ୟ ହ୍ୱିପ୍ ଡୋଡନାଗୌଡ଼ା ଏଚ୍. ପାଟିଲ, ଅଶ୍ୱଥ ନାରାୟଣ ସି.ଏନ୍., ଏସ୍.ଆର୍. ବିଶ୍ୱନାଥ, ବି.ଏ. ବାସବରାଜ, ଏମ୍.ଆର୍. ପାଟିଲ, ଚିନ୍ନାବାସପ୍ପା, ବି. ସୁରେଶ ଗୌଡ଼ା, ଉମାନାଥ ଏ. କୋଟ୍ୟାନ, ଶରନୁ ସଲଗାର, ଶୈଳେନ୍ଦ୍ର ବେଲ୍‌ଡାଲେ, ସି.କେ. ରାମମୂର୍ତ୍ତି, ୟଶପାଲ ଏ. ସୁବର୍ଣ୍ଣ, ବି.ପି. ହରିଶ, ଭରଥ ସେଟ୍ଟୀ ୱାଇ. ମୁନିରତ୍ନ, ବାସବରାଜ ମଟ୍ଟିମୁଡ୍, ଧୀରଜ ମୁନିରାଜୁ ଏବଂ ଚନ୍ଦ୍ରୁ ଲମାନି। ନିଲମ୍ବନ ନିର୍ଦ୍ଦେଶ ଅନୁଯାୟୀ ସେମାନେ ବିଧାନସଭା ହଲ୍, ଲବି କିମ୍ବା ଗ୍ୟାଲେରିରେ ପ୍ରବେଶ କରିପାରିବେ ନାହିଁ ଏବଂ କୌଣସି ଷ୍ଟାଣ୍ଡିଂ କମିଟି ବୈଠକରେ ଯୋଗଦେବେ ନାହିଁ।


## ଫୁରସତ୍

# ୬ ବର୍ଷ କାମ ନ କରି ମିଳିଲା ପୂରା ଦରମା

ମାଡ୍ରିଡ୍

ସମସ୍ତେ ଭ୍ରମଣ କରିବାକୁ ପସନ୍ଦ କରିଥାନ୍ତି। ତେବେ କାର୍ଯ୍ୟ ବ୍ୟସ୍ତତା ଯୋଗୁ ବହୁ ଲୋକଙ୍କୁ ଭ୍ରମଣ ପାଇଁ ଛୁଟି ମିଳି ନ ଥାଏ। ସେହିପରି ଅଧିକ ଛୁଟି ନେଲେ ଦରମା କଟିଯିବାର ମଧ୍ୟ ଭୟ ରହିଥାଏ। ତେବେ ସ୍ପେନ୍‌ର କାଡିଜ୍ ସହରରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ଜଣେ ବ୍ୟକ୍ତି ୬ ବର୍ଷ ଧରି ଅଫିସ୍‌କୁ ଆସି ନ ଥିଲେ ଏବଂ ଅଫିସ ସମ୍ବନ୍ଧିତ କୌଣସି ମଧ୍ୟ କାର୍ଯ୍ୟ କରି ନ ଥିଲେ। ଏହି ଅବଧି ମଧ୍ୟରେ ସେ ବହୁ ବୁଲାବୁଲି କରିବା ସହ ମଜା କରିଥିଲେ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ଏହି ୬ ବର୍ଷ ମଧ୍ୟରେ ପ୍ରତ୍ୟେକ ମାସ ପାଇଁ ତାଙ୍କୁ ସମ୍ପୂର୍ଣ୍ଣ ଦରମା ମିଳୁଥିଲା।

ସ୍ପେନ୍‌ର କାଡିଜ୍‌ରେ ଥିବା ଏକ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀରେ ଗତ ୨୦ ବର୍ଷ ଧରି ଜୋଆକ୍ୱିନ୍ ଗାର୍ସିଆ ନାମକ ଜଣେ ବ୍ୟକ୍ତି କାର୍ଯ୍ୟ କରିଆସୁଥିଲେ। ତେବେ ୬ ବର୍ଷ ତଳେ ଦିନେ ସେ କାହାକୁ କିଛି ନ ଜଣାଇ ଆଉ ଅଫିସ ଆସି ନଥିଲେ।




ଗାର୍ସିଆ ଚାକିରିରୁ ଇସ୍ତଫା ଦେଇ ନ ଥିଲେ କିମ୍ବା ଛୁଟି ଦରଖାସ୍ତ ମଧ୍ୟ ଦାଖଲ କରି ନ ଥିଲେ। ଗାର୍ସିଆ ଆସୁ ନ ଥିବା ନେଇ ଉକ୍ତ କମ୍ପାନୀରେ କାର୍ଯ୍ୟରତ ଅଧିକାରୀମାନେ ମଧ୍ୟ ଜାଣିପାରି ନ ଥିଲେ। ତାଙ୍କୁ ନେଇ ଉକ୍ତ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀର ୨ଟି ବିଭାଗ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଅନ୍ୟ ବିଭାଗରେ ଗାର୍ସିଆ କାର୍ଯ୍ୟ କରୁଛନ୍ତି ବୋଲି ଉଭୟ ବିଭାଗର ଅଧିକାରୀମାନେ ଅନୁମାନ କରୁଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଅସାବଧାନତା ଯୋଗୁ ଗାର୍ସିଆ ୬ ବର୍ଷ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ନ କରି ଦରମା ମଧ୍ୟ ପାଉଥିଲେ। ରିପୋର୍ଟ ଅନୁଯାୟୀ, ଏହି ୬ ବର୍ଷର ଅବଧି ମଧ୍ୟରେ ତାଙ୍କୁ ବାର୍ଷିକ ୪୧,୫୦୦ ଡଲାର (ପ୍ରାୟ ୩୬ ଲକ୍ଷ ଟଙ୍କା) ଦରମା ମିଳିଥିଲା। ଗାର୍ସିଆ ୨୦ ବର୍ଷ ଧରି ସମାନ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀରେ କାର୍ଯ୍ୟ କରୁଥିଲେ ସୁଦ୍ଧା କମ୍ପାନୀ ପକ୍ଷରୁ ତାଙ୍କୁ କୌଣସି ପୁରସ୍କାର ମିଳି ନ ଥିଲା। ତେଣୁ ଦୀର୍ଘଦିନର ବିଶ୍ୱସ୍ତତା ପାଇଁ ଉକ୍ତ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀ ଗାର୍ସିଆଙ୍କୁ ପୁରସ୍କାର ଦେବାକୁ ନିଷ୍ପତ୍ତି ନେଇଥିଲା। ପୁରସ୍କାର ଦେବା ପାଇଁ ଗାର୍ସିଆଙ୍କୁ ଖୋଜା ଯାଇଥିବାବେଳେ ସେ ମିଳି ନ ଥିଲେ। ଏହା ଉପରେ ଅଧିକ ଯାଞ୍ଚ କରାଯିବା ପରେ ସେ ୬ ବର୍ଷ ଧରି ଅଫିସ ଆସୁ ନ ଥିବା ନେଇ ଜଣାପଡ଼ିଥିଲା। ଗାର୍ସିଆଙ୍କ ଓକିଲ କହିଛନ୍ତି, ଉକ୍ତ ୱାଟର ଟ୍ରିଟ୍‌ମେଣ୍ଟ କମ୍ପାନୀରେ କାମ କରୁଥିବା ସମୟରେ ତାଙ୍କୁ ହଇରାଣ କରାଯାଉଥିଲା। ସେଥିପାଇଁ ଗାର୍ସିଆ ଅଫିସ ଆସିବା ବନ୍ଦ କରି ଦେଇଥିଲେ। ଉଭୟ ପକ୍ଷର ଶୁଣାଣି ପରେ କୋର୍ଟ ସରକାରଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। ଗାର୍ସିଆଙ୍କ ଉପରେ କୋର୍ଟ ୩୦ ହଜାର ଡଲାର ର ଜରିମାନା ଲଗାଇଛନ୍ତି।

# ଆଜି ବିଶ୍ୱ ଆର୍ଥ ଆୱାର
### ରାତି ୮ଟା ୩୦ରୁ ଘଣ୍ଟାଏ ଲାଇଟ ବନ୍ଦ

ନୂଆଦିଲ୍ଲୀ

୨୦୨୫ ମାର୍ଚ୍ଚ ୨୨ ଶନିବାର ବିଶ୍ୱ ଆର୍ଥ ଆୱାର ପାଳନ କରାଯିବ। ବିଶ୍ୱର ବିଭିନ୍ନ ଭାଗରେ ଜନସାଧାରଣ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ରାତି ୮ଟା ୩୦ରୁ ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ୧ ଘଣ୍ଟା ପାଇଁ ବିଦ୍ୟୁତ୍ ଲାଇଟ୍‌ଗୁଡ଼ିକୁ ବନ୍ଦ କରିବେ। ଜଳବାୟୁ ସୁରକ୍ଷା ଦିଗରେ ଉଦାହରଣ ସୃଷ୍ଟି ସକାଶେ ପ୍ରତିବର୍ଷ ମାର୍ଚ୍ଚ ୨୨ ରାତିରେ ଅଣଜରୁରୀ ଲାଇଟ୍ ଓ ବୈଦ୍ୟୁତିକ ଉପକରଣଗୁଡ଼ିକୁ ବନ୍ଦ ରଖାଯାଇଥାଏ। ପରିବେଶ ସୁରକ୍ଷା ସହ ଶକ୍ତି ଅପଚୟ ରୋକିବା ପାଇଁ ପ୍ରଥମେ ୨୦୦୭ରେ ୱାର୍ଲ୍ଡ ୱାଇଲ୍ଡଲାଇଫ୍ ଫଣ୍ଡ (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ପକ୍ଷରୁ ଏହା ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ୧୯୦ରୁ ଅଧିକ ଦେଶ ଏହି 'ସୁଇଚ୍ ଅଫ୍' ଇଭେଣ୍ଟରେ ଭାଗ ନେଉଛନ୍ତି।

# ପୁଣି ବାପା ହେବାର ସଙ୍କେତ ଦେଲେ ରଣବୀର

ମୁମ୍ବାଇ

ବଲିଉଡର ସବୁଠାରୁ ଚର୍ଚ୍ଚିତ କପଲ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଏବେ ପୁଣି ଚର୍ଚ୍ଚାରେ। ନଭେମ୍ବର ୨୦୨୨ ରାହା ଜନ୍ମ ପରଠାରୁ ଉଭୟ ଫିଲ୍ମ ଦୁନିଆରେ ଏତେଟା ସକ୍ରିୟ ରହୁନାହାନ୍ତି। ଏସବୁ ଭିତରେ ରଣବୀର ଏବେ ଦ୍ୱିତୀୟ ସନ୍ତାନର ସମ୍ଭାବନା ବିଷୟରେ ମୁହଁ ଖୋଲିଛନ୍ତି। ରଣବୀରଙ୍କୁ ପ୍ରାୟତଃ ତାଙ୍କ ଝିଅ ସହିତ ସମୟ ବିତାଉଥିବାର ଦେଖାଯାଏ। ସେ ତାଙ୍କ ଝିଅଙ୍କ ନାମରେ ଏକ ଟାଟୁ ମଧ୍ୟ କରିଛନ୍ତି। ଏହାରି ଭିତରେ ସେ ଆଉ ଏକ ବେବି ପ୍ଲାନ କରିଥିବା ସଙ୍କେତ ଦେଇଛନ୍ତି। ଏକ ସାକ୍ଷାତକାରରେ, ସେ ନିଜ ବିଷୟରେ ସର୍ବାଧିକ ଗୁଗଲ ସର୍ଚ୍ଚ କରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ସେଥିମଧ୍ୟରୁ ଗୋଟିଏ ପ୍ରଶ୍ନ ଥିଲା, ସେ ଖୁବଶୀଘ୍ର ଆଉ ଏକ ନୂଆ ଟାଟୁ କରିବେ କି? ଏହାର ଜବାବରେ ରଣବୀର କହିଥିଲେ, ଆଶା କରୁଛି ଶୀଘ୍ର କରିବି। ରଣବୀର ପୂର୍ବରୁ ରାହାଙ୍କ ନାମରେ ଏକ ଟାଟୁ କରିସାରିଛନ୍ତି। ଏହି ଟାଟୁ ବିଷୟରେ ବହୁତ ଆଲୋଚନା ହୋଇଥିଲା। ରାହାଙ୍କ ପରେ ରଣବୀର ଏବଂ ଆଲିଆ ଉଭୟ ଦ୍ୱିତୀୟ ସନ୍ତାନ ବିଷୟରେ ଚିନ୍ତା କରଥିବା ଚର୍ଚ୍ଚା ହେଉଛି। ନିକଟରେ ଆଲିଆ କହିଥିଲେ, ଯଦି ତାଙ୍କର ଦ୍ୱିତୀୟ ସନ୍ତାନ ପୁଅ ହୁଏ, ତେବେ ତା' ନାମ ଆଗରୁ ପ୍ରସ୍ତୁତ ଅଛି।



ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୨/୨୦୨୫ | Bhubaneswar, Saturday, March 22/2025 | ପୃଷ୍ଠା-୧



ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଆମ୍ବରାପୁର ଖେଳପଡ଼ିଆରେ ଶୁକ୍ରବାର ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ) ବ୍ରହ୍ମପୁର ଦକ୍ଷିଣ-ପୂର୍ବ କ୍ଷେତ୍ରୀୟ ଭୂତଳ ପାଇପ୍ ଲାଇନର ନିରାପତ୍ତା ଏବଂ ସୁରକ୍ଷା ସମ୍ବନ୍ଧୀୟ ଗ୍ରାମ୍ୟ ସଚେତନତା କାର୍ଯ୍ୟକ୍ରମ।

# ପୁଣି ସୀମା ଲଂଘିଲା ପଶ୍ଚିମବଙ୍ଗ

## ଓଡ଼ିଶା ରାସ୍ତାକୁ ଭାଙ୍ଗିଲା, ସୀମାନ୍ତରେ ଉତ୍ତେଜନା

ଭୋଗରାଇ,୨୧।୩(ପ୍ରଦୀପ ଦାସ)

ପୁଣି ସୀମା ଲଂଘିଛି ପଶ୍ଚିମବଙ୍ଗ। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ସୀମାନ୍ତ ଗାଁ ଶଗଡାସାହି ୩ଶହ ମିଟର କଂକ୍ରିଟ ରାସ୍ତାକୁ ଗୁରୁବାର ଜବରଦସ୍ତ ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଭାଙ୍ଗି ନିଜ ଅଧୀନକୁ ନେବାକୁ ଉଦ୍ୟମ କରିଛି। ଏଭଳି ସ୍ଥିତିରେ ସୀମାନ୍ତବାସୀଙ୍କ ସହିତ ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ମୁହାଁମୁହିଁ ହେଇଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଖବର ପାଇବା ପରେ ରାଜସ୍ୱ ବିଭାଗକୁ ତୁରନ୍ତ ସେଠାକୁ ଯାଇ କାର୍ଯ୍ୟବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଭୋଗରାଇ ଅତିରିକ୍ତ ତହସିଲଦାର ଓ ଆରଆଇ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ପଶ୍ଚିମବଙ୍ଗ ରାଜସ୍ୱ ବିଭାଗକୁ କାର୍ଯ୍ୟବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ଓ ଜଳେଶ୍ୱର ବ୍ଲକର ୯୦ଟି ଗ୍ରାମରେ ସୀମା ବିବାଦ ରହିଥିଲା। ନିକଟରେ ସହାବାଜିପୁର ଗ୍ରାମକୁ ପଶ୍ଚିମବଙ୍ଗ କୌଶଳ ଭାବେ ଅକ୍ତିଆର ପାଇଁ ଉଦ୍ୟମ କରୁଥିବା ବେଳେ ସୀମାନ୍ତବାସୀଙ୍କ ଗର୍ଜନ ପରେ ପଶ୍ଚିମବଙ୍ଗ ପ୍ରଶାସନ ଛତ୍ରଭଙ୍ଗ ଦେଇଥିଲେ। ସୀମାନ୍ତରେ ଅଦ୍ୟାବଧି ସୀମା ସମସ୍ୟାର ସ୍ଥାୟୀ ସମାଧାନ ନ ହେବାରୁ ଓଡ଼ିଶାର କୋଟିଆ ଭଳି ଏବେ ସୀମା ସମସ୍ୟା ଜଟିଳ ହେବାକୁ ଲାଗିଛି। ପଶ୍ଚିମବଙ୍ଗର ଦାଦାଗିରିକୁ ପ୍ରତିହତ ଲାଗି ଭୋଗରାଇ ବିଧାୟକ ସୀମାନ୍ତ ବାସୀଙ୍କୁ ଜାଗ୍ରତ ରହିବାକୁ ଆହ୍ୱାନ ଦେଇଛନ୍ତି।



ସୀମାନ୍ତ ଗାଁ ଶଗଡାସାହିରେ ଓଡ଼ିଶା ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଉଛି।

# ଘରୁ ବାହାରିଲା ୧୫ କୋଟି, ବିବାଦରେ ବିଚାରପତି

ନୂଆଦିଲ୍ଲୀ,୨୧।୩

ସୁପ୍ରିମକୋର୍ଟ କଲେଜିୟମ୍ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ତାଙ୍କ ମୂଳ ହାଇକୋର୍ଟ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟକୁ ବଦଳି ପାଇଁ ସୁପାରିସ କରିଛନ୍ତି। ଗତ ସପ୍ତାହରେ ଜଷ୍ଟିସ୍ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିବା ଓ ସେଠାରୁ ବିପୁଳ ପରିମାଣର ଟଙ୍କା ଠାବ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏପରିକି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ତାଙ୍କ ବିରୋଧରେ ଇନ୍-ହାଉସ୍ ତଦନ୍ତ ଆରମ୍ଭ କରିବା ସହ ଏନେଇ ଦିଲ୍ଲୀ ହାଇକୋର୍ଟଙ୍କୁ ରିପୋର୍ଟ ମାଗିଛନ୍ତି। ଉକ୍ତ ଘଟଣା ନ୍ୟାୟପାଳିକାର ଛବିକୁ ନେଇ ପ୍ରଶ୍ନ ଉଠାଇଥିବାବେଳେ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ସୁଯୋଗ ସୃଷ୍ଟି କରିଛି। ଅନ୍ୟପକ୍ଷେ ଆଲ୍ଲାହାବାଦ ହାଇକୋର୍ଟ ବାର୍ ଆସୋସିଏଶନ୍ ବିଚାରପତିଙ୍କ ବଦଳିକୁ ଘୋର ବିରୋଧକରି ପ୍ରଶ୍ନ କରିଛି 'ଆମେ କ'ଣ ଡଷ୍ଟବିନ୍ ଯେ ଦୁର୍ନୀତିଗ୍ରସ୍ତ ଜଷ୍ଟିସ୍ ବର୍ମାଙ୍କୁ ଆମ ପାଖକୁ ପଠାଯାଉଛି?' ଆଇନ ବିଶେଷଜ୍ଞମାନେ ମଧ୍ୟ କଲେଜିୟମ୍ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବା ସହ ବର୍ମାଙ୍କ ଇସ୍ତଫା ଦାବି କରିଛନ୍ତି। ମାର୍ଚ୍ଚ ୧୪ ତାରିଖ



ଜଷ୍ଟିସ୍ ଯଶୱନ୍ତ ବର୍ମା

■ ଜଷ୍ଟିସ୍ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ସୁପ୍ରିମକୋର୍ଟ କଲେଜିୟମ୍‌ର ବଦଳି ସୁପାରିସ

■ ଆମେ କ'ଣ ଡଷ୍ଟବିନ୍: ନିଷ୍ପତ୍ତିକୁ ବିରୋଧ କଲା ବାର୍ ଆସୋସିଏଶନ୍

ରାତି ୧୧ଟା ୩୫ ମିନିଟ୍। ଲୁଟିଏନ୍ସ ଦିଲ୍ଲୀରେ ରହୁଥିବା ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ଫାୟାର ସର୍ଭିସକୁ ଫୋନ୍ ଗଲା, ଘରେ ନିଆଁ ଲାଗିଛି। ତୁରନ୍ତ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ ଉଦ୍ୟମ ଆରମ୍ଭ କଲା। ଦମକଳ କର୍ମଚାରୀମାନେ ଷ୍ଟୋର୍ ରୁମ୍‌ରେ ନିଆଁ ଲିଭାଇବାବେଳେ ସେଠାରେ ଥିବା ୧୫ କୋଟି ଟଙ୍କା ଉପରେ ହଠାତ୍ ସେମାନଙ୍କ ନଜର ପଡ଼ିଲା। ଏନେଇ ଥାନାରେ ରିପୋର୍ଟ କରାଯିବା ସହ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ମଧ୍ୟ ଅବଗତ କରାଗଲା। ସୁପ୍ରିମକୋର୍ଟ କଲେଜିୟମ୍ ଶୁକ୍ରବାର ତତ୍ପରତା ଦେଖାଇ ଏହା ଉପରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏଥିସହ ଜଷ୍ଟିସ୍ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ହୋଲି ବେଳେ ବିଚାରପତିଙ୍କ ଘରୁ ମିଳିଥିବା ଟଙ୍କା ସମ୍ପର୍କରେ କଲେଜିୟମ୍ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ରିପୋର୍ଟ ମଧ୍ୟ ମାଗିଛି। କଲେଜିୟମ୍ ସୁପାରିସକୁ କେନ୍ଦ୍ର ସରକାର ଗ୍ରହଣ କରିବା ପରେ ତାଙ୍କ ବଦଳି କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏହା ପୂର୍ବରୁ ଆଲ୍ଲାହାବାଦ ହାଇକୋର୍ଟ ବାର୍ ଆସୋସିଏଶନ୍ ☞ପୃଷ୍ଠା-୨

### ଟଙ୍କା ମିଳି ନ ଥିବା କହିଲେ ଦିଲ୍ଲୀ ଅଗ୍ନିଶମ ସେବା ମୁଖ୍ୟ

ଟଙ୍କା ମିଳିବା ନେଇ ବାଦବିବାଦ ଲାଗିରହିଥିବାବେଳେ ଦିଲ୍ଲୀ ଅଗ୍ନିଶମ ସେବା ମୁଖ୍ୟ ଅତୁଲ ଗର୍ଗ ଜଷ୍ଟିସ୍ ବର୍ମାଙ୍କୁ ଘରୁ ୧୫ କୋଟି ଟଙ୍କା ମିଳି ନ ଥିବା କହିଛନ୍ତି। କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କଲ୍ ଆସିବା ମାତ୍ରେ ଆମ କର୍ମଚାରୀ ସେଠାକୁ ଯାଇଥିଲେ। ୧୦ ମିନିଟ୍ ଭିତରେ ନିଆଁକୁ ଆୟତ୍ତ କରି ସେଠାରୁ ଚାଲି ଆସିଥିଲେ। ଅପରେଶନ୍ ବେଳେ ଜଷ୍ଟିସ୍ ବର୍ମାଙ୍କ ଘରୁ ଟଙ୍କା ମିଳି ନ ଥିଲା ବୋଲି ଅତୁଲ ସୂଚନା ଦେଇଛନ୍ତି।

# ହରିଶ ଟଣ୍ଡନ୍ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ,୨୧।୩(କାର୍ତ୍ତିକ ସାହୁ)

କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଟଣ୍ଡନଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଜଷ୍ଟିସ୍ ଟଣ୍ଡନଙ୍କ ନିଯୁକ୍ତି ସଂକ୍ରାନ୍ତରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ଟଣ୍ଡନ ୧୯୬୪ ନଭେମ୍ବର ୧୬ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ସେ କଲିକତା ବିଶ୍ୱବିଦ୍ୟାଳୟରୁ ୧୯୮୯ରେ ଆଇନ ଶିକ୍ଷାରେ ଏଲ୍ଏଲ୍‌ବି ଡିଗ୍ରୀ ହାସଲ କରିବା ପରେ ୧୯୮୯ ସେପ୍ଟେମ୍ବର ୨୬ରେ କଲିକତା ହାଇକୋର୍ଟରେ ଆଇନଜୀବୀ ଭାବେ ଯୋଗଦେଇଥିଲେ। ସେ ସିଟି ସିଭିଲ୍ କୋର୍ଟ, ଡିଆର୍‌ଟି ଓ ସୁପ୍ରିମ୍‌କୋର୍ଟରେ ମଧ୍ୟ ଆଇନଜୀବୀ ଭାବେ ଦକ୍ଷତାର ସହ ବହୁ ମାମଲା ପରିଚାଳନା କରିଥିଲେ। ୨୦୧୦ ଏପ୍ରିଲ ୧୩ରେ ତାଙ୍କୁ କଲିକତା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା।ପ୍ର କ। ଶ ଯେ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ ଅବସର ପରେ ୨୦୨୫ ଜାନୁଆରୀ ୨୦ରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଦାୟିତ୍ୱ ନିର୍ବାହ କରୁଥିଲେ। ତେବେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ସିହ୍ନାଙ୍କୁ ଆହ୍ଲାହାବାଦ୍ ହାଇକୋର୍ଟର ଜୁଡିକେଟର୍ ଭାବେ ବଦଳି କରିବା ପାଇଁ ଗୁରୁବାର ସୁପାରିସ କରିଛନ୍ତି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ୬ରେ ଅନୁଷ୍ଠିତ ସୁପ୍ରିମ୍‌କୋର୍ଟ କଲେଜିୟମ୍ ବୈଠକରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀରେ ନିଯୁକ୍ତି ପାଇଁ ଜଷ୍ଟିସ୍ ଟଣ୍ଡନଙ୍କ ନାମ ସୁପାରିସ କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଛନ୍ତି।



ଜଷ୍ଟିସ୍ ହରିଶ୍ ଟଣ୍ଡନ

# ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ



କେନ୍ଦ୍ରାପଡ଼ା,୨୧।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା(୬୬)ଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସେ ୨୦୧୪ରେ କଂଗ୍ରେସ ଟିକେଟ୍‌ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୫୯ ମାର୍ଚ୍ଚ ୧୮ରେ ସେ କଟକଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ହେଉଛନ୍ତି ପୂର୍ବତନ ବିଧାୟକ ଡ. ଦିବାକର ଶର୍ମା ଏବଂ ମା' ହେଉଛନ୍ତି କୁମାରୀ କମଳା ଦେବୀ। କଟକ ରେଭେନ୍ସା କଲେଜିଏଟ ସ୍କୁଲରୁ ତାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ମୟୂରଭଞ୍ଜ ଲ' କଲେଜରେ ☞ପୃଷ୍ଠା-୨

# ୧୭ ବର୍ଷ ପରେ ଗିରଫ ହେଲେ ତତ୍କାଳୀନ ଭୂ-ଅର୍ଜନ ଅଧିକାରୀ

ବଲାଙ୍ଗୀର,୨୧।୩
(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ପ୍ରକଳ୍ପର ତତ୍କାଳୀନ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ବିନୟ କୁମାର ଗଡନାୟକଙ୍କୁ ଭିଜିଲାନ୍ସ ବିଭାଗ ଦୀର୍ଘ ୧୭ବର୍ଷର ବ୍ୟବଧାନ ପରେ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ୨୦୦୮ ମସିହାରେ ଗଡନାୟକଙ୍କ ନାଁରେ ସରକାରୀ ଅର୍ଥ ଆତ୍ମସାତ ମାମଲା ରୁଜୁ ହୋଇଥିଲା। ୨୦୧୩ ମସିହାରେ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ମାତ୍ର ସେହି ଦିନରୁ ସେ ଭିଜିଲାନ୍ସକୁ ଚକ୍‌ମା ଦେଇ ଆସୁଥିଲେ। ଦୀର୍ଘ ୧୭ ବର୍ଷ ହେଲା ଗଡନାୟକଙ୍କୁ ଖୋଜୁଥିବା ଭିଜିଲାନ୍ସ ଟିମ୍ ଢ଼େଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ କଙ୍କଡାସଡା ଗାଁରୁ ତାଙ୍କୁ ଗିରଫ କରିଥିବା ଜଣାପଡିଛି। ବଲାଙ୍ଗୀର ଭିଜିଲାନ୍ସ ଡିଏସପି ପୌଲସ୍ତି ଛତ୍ରିଆ ତତ୍କାଳୀନ ଭୂ-ଅର୍ଜନ ଅଧିକାରୀ ☞ପୃଷ୍ଠା-୨



ବିନୟ କୁମାର ଗଡ଼ନାୟକ

**ଲୋୟର ସୁକ୍‌ତେଲ ପ୍ରକଳ୍ପ ଅର୍ଥ ଆତ୍ମସାତ୍ ମାମଲା**

# ଥଣ୍ଡା ପାନୀୟ ବୋତଲରେ ଦେଶୀ ମଦ

## ଅବକାରୀ ଚଢ଼ାଉ, ଭେରାଇଟ୍ ଷ୍ଟୋର୍ ମାଲିକ ଗିରଫ

ଭୁବନେଶ୍ୱର,୨୧।୩
(ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱରରେ ବେଆଇନ ଦେଶୀ ମଦ କାରବାରର ନୂଆ ଫନ୍ଦା ଧରାପଡିଛି। ପୋଲିସ ଓ ଅବକାରୀ ଟିମ୍ ଆଖିରେ ଧୂଳି ଦେଇ ଥଣ୍ଡା ପାନୀୟ ବୋତଲରେ ବିକ୍ରି ହେଉଛି ଦେଶୀ ମଦ। ଭୁବନେଶ୍ୱର ଜିଲା ଅବକାରୀ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଭେରାଇଟି ଷ୍ଟୋର୍‌ରେ ଶୁକ୍ରବାର ମଧ୍ୟାହ୍ନରେ ଚଢ଼ାଉ କରିବା ପରେ ଏହି ଘଟଣା ପଦାକୁ ଆସିଛି। ପ୍ରାୟ ୫ଟି କ୍ୟାରଟ୍‌ରେ ଦେଶୀ ମଦ ଭର୍ତ୍ତି ଥିବା ୨୦୦ କୋଲ୍ଡ ଡ୍ରିଙ୍କ୍‌ସ ବୋତଲକୁ ଅବକାରୀ ଟିମ୍ ଜବତ କରିଛି। ଏହି ମାମଲାରେ ଭେରାଇଟି ଷ୍ଟୋର୍ ମାଲିକ କାର୍ତ୍ତିକ ଚନ୍ଦ୍ର ନନ୍ଦ (୩୪)ଙ୍କୁ ଗିରଫ କରାଯାଇଛି। କାର୍ତ୍ତିକଙ୍କ ଘର ଜଗତ୍‌ସିଂପୁର ଅଞ୍ଚଳରେ ହୋଇଥିବା ବେଳେ ସେ ଦୀର୍ଘଦିନ ହେବ ଭୁବନେଶ୍ୱର ଘାଟିକିଆ ଅଞ୍ଚଳରେ ରହୁଛନ୍ତି। ଭୁବନେଶ୍ୱର ଅବକାରୀ ଥାନା-୩ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କାର୍ତ୍ତିକଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରୁ ଏହି ମଦ ଆସୁଥିବା ଜଣାପଡ଼ିଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପ୍ରୟାସ ଚାଲିଥିବା ଭୁବନେଶ୍ୱର ଅବକାରୀ ଜିଲା ଏସ୍‌ପି ଦେବାଶିଷ ପଟେଲ କହିଛନ୍ତି।



■ ୨୦୦ ବୋତଲ ଜବତ, ସାଲିଆ ସାହିରୁ ଆସୁଥିଲା

■ ୪ ଟିମ୍ ଗଠନ, ବିଭିନ୍ନ ଥଣ୍ଡା ପାନୀୟ ଦୋକାନରେ ଯାଞ୍ଚ କଡାକଡି

ମିଳିଥିବା ସୂଚନା ଅନୁଯାୟୀ, କାର୍ତ୍ତିକ ଗୋଟିଏ ଦେଶୀ ମଦ ଭର୍ତ୍ତି ବୋତଲକୁ ପ୍ରାୟ ୩୦ ଟଙ୍କାରେ କିଣି ୫୦ ଟଙ୍କାରେ ବିକ୍ରି କରୁଥିଲେ। ନିର୍ଦ୍ଦିଷ୍ଟ ଗ୍ରାହକ ଆସି ସ୍ପେଶାଲ କୋଲ୍ଡ ଡ୍ରିଙ୍କ୍‌ସ ମାଗିଲେ ଦୋକାନୀ ଏହି ମଦକୁ ଧରାଇ ଦେଉଥିଲେ। ୧୦ ଟଙ୍କିଆ ସ୍ପ୍ରାଇଟ୍ ବୋତଲରେ ବିଭିନ୍ନ ବ୍ରାଣ୍ଡର ଠିପି ଲଗାଇ କ୍ୟାରଟ୍‌ରେ ରଖୁଥିଲେ। ମଦ ବିକ୍ରି ନେଇ ଅବକାରୀ ☞ପୃଷ୍ଠା-୨



କାର୍ତ୍ତିକ ଚନ୍ଦ୍ର ନନ୍ଦ

**ଆଜିର ସମ୍ପାଦକୀୟ**

ରେଖାଙ୍କ ନୂଆ ବ୍ୟବସ୍ଥା



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ମେଗା ଡ୍ୟାନ୍ସ ଫେଷ୍ଟିଭାଲ 'ଦେବାଂଶୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିଭର୍ସିଟି ଲ' କଲେଜ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେମିନାର ହଲ୍, ବାଣୀବିହାର, ସମୟ: ମଧ୍ୟାହ୍ନ ୧୨ଟା।
- ଆୟୁଷ ଡାକ୍ତରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡ୍‌କ୍ରସ ଭବନ, ସମୟ: ଅପରାହ୍ନ ୪ଟା।

## କଟକ

- ସାତ ଦୋଳ ଯାତ୍ରା, ସ୍ଥାନ: ସାନପାଟଣା, ଜେମାଦେଈପୁର, ତିଗିରିଆ, ସମୟ: ସକାଳ ୭ଟା।

## ବାଲେଶ୍ୱର

- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ନୀଳବାଡ଼ି, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବୈଦିକ ଗୁରୁକୁଳ ଆଶ୍ରମର ୩୬ତମ ବାର୍ଷିକ ମହୋତ୍ସବ ଓ ଆର୍ଯ୍ୟ ସେବା ସଂଘର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ପିଙ୍ଗ୍ଳାବଣିଆ ଆଶ୍ରମ ପରିସର, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଅମର ଯବାନ ଯୁବ ସଙ୍ଗଠନର ସପ୍ତମ ବାର୍ଷିକ ଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଡ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ପିଙ୍ଗ୍ଳାବଣିଆ ଗୁରୁକୁଳ ଆଶ୍ରମ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ଏଚ୍‌ଆର୍‌ଏଓ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଲକି ଇଣ୍ଟରନ୍ୟାଶନାଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ ଟା।
- ଉତ୍କଳ କେଶରୀ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ:ଆଗରପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ଟା।
- ଇଫ୍‌ତାର୍ ପାର୍ଟି, ସ୍ଥାନ: ଗୋଲିଆବାଡ଼ି, ସାବରପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦୁଝର

- ଶ୍ରୀ ଶନିଙ୍କ ମନ୍ଦିରରେ ମେଳା, ପୂଜା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୮ଟା ଏବଂ ସନ୍ଧ୍ୟା ୬ ଟା ଏବଂ ସନ୍ଧ୍ୟା ୭ ଟା।
- ଭାଜପା ତରଫରୁ ସ୍ମୃତି ସଭା, ସ୍ଥାନ: ଭାଜପା କାର୍ଯ୍ୟାଳୟ, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ମା' ଶୀତଳା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ହଳଦୀପାଳ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:କୁଳିଅଣା, ବଡ଼ସାହି,ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସମ୍ମିଳନୀ,ସ୍ଥାନ: ଗୋସାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ଲିମିଟେଡ୍ ପକ୍ଷରୁ ସାଧାରଣ ଅଧିବେଶନ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ନାଟକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'ରଙ୍ଗଭୂମି', ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ବଳଦେବ ସାଂସ୍କୃତିକ ପରିଷଦ ପକ୍ଷରୁ ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଶହୀଦ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ଶହୀଦ ଦିବସ ପାଳନ ଅବସରରେ ବକ୍ତୃତା, ସଙ୍ଗୀତ, ନୃତ୍ୟ, ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଶ୍ରୀ କଳା ନିକେତନ, ସମୟ: ପୂର୍ବାହ୍ନ ୯ଟା।

## ନୟାଗଡ଼

- ପଞ୍ଚୁଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ରଣପୁର ପଞ୍ଚୁ ଦୋଳ ପଡିଆ, ସମୟ: ସକାଳ ୭ଟା।
- ୨୭ତମ ବାର୍ଷିକ ଯଜ୍ଞୋତ୍ସବର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଶ୍ରୀ ଶ୍ରୀଅଚ୍ୟୁତାନନ୍ଦ ଆଶ୍ରମ ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଜିଲା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚୁଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ପଞ୍ଚୁଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର ଦୋଳମଣ୍ଡପ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଶ୍ରୀ ଗୁଣ୍ଡିଚା ମନ୍ଦିର ନିର୍ମାଣର ଅଗ୍ରଗତି ଓ ପ୍ରତିଷ୍ଠା ସମ୍ପର୍କରେ ବୈଠକ, ସ୍ଥାନ: ଗୁଣପୁର ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା୫ଟା ୩୦।

## କୋରାପୁଟ

- ଆଦିମଜାତି ସେବକ ସଂଘ ବାର୍ଷିକ ବୈଠକ ଉଦ୍‌ଯାପନ, ସ୍ଥାନ: ସର୍ବୋଦୟ ସମିତି, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଜାତୀୟସ୍ତରୀୟ ଆଲୋଚନା ଚକ୍ର, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ବୀର ବଜରଙ୍ଗବଳି କ୍ୟାରେମ ଟୁର୍ନାମେଣ୍ଟ, ସ୍ଥାନ : ବରଗାଁ ସ୍ଥିତ ବୀର ବଜରଙ୍ଗବଳି କ୍ଲବ, ସମୟ : ଅପରାହ୍ନ ୫ଟା।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୫ରେ ନାଟକ ତୋର ପାର କେ ମୋର ପାହା, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର

- ପଞ୍ଚଦିବସୀୟ ବିଶାଳ ଯୋଗ ସାଧନା ଶିବିର ଉଦ୍‌ଘାଟନ, ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା

- ସ୍ପେଶାଲ ଅଲମ୍ପିଆଡ୍, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳପଡା ପାଠାଗାରରେ ବାଲଶିକ୍ଷା ଶିବିର, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ମ୍ୟୁଜିକ୍ ସର୍କଲରେ ଖବରଦାତା ସମ୍ମିଳନୀ, ସ୍ଥାନ: ଛେଣ୍ଡ ମ୍ୟୁଜିକ୍ ସର୍କଲ, ସମୟ: ମଧ୍ୟାହ୍ନ ୧୨ଟା।
- ବେଦବ୍ୟାସ ସଂସ୍କୃତ କଲେଜ ପକ୍ଷରୁ ବୈଦିକ ଶାସ୍ତ୍ର ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ମଧ୍ୟାହ୍ନ ୧୨ଟା।
- ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ମାଗଣା ହାଟ, ସ୍ଥାନ: ଲେପର୍ସି କଲୋନି, ସମୟ: ଅପରାହ୍ନ ୪ଟା ୩୦।
- ବିହାର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୩, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ଅଫ୍ ରାଉରକେଲା ଷ୍ଟିଲସିଟି ପକ୍ଷରୁ ହାଉସି ନାଇଟ୍, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।
- ଆରାଧ୍ୟା ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ବିଶ୍ୱ କବିତା ଦିବସ, ସ୍ଥାନ: ସେକ୍ଟର-୭ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବିଶ୍ୱ ଜଳ ଦିବସ ପାଳନ, ସ୍ଥାନ:ଜନତା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା,ସମୟ: ସକାଳ ୭ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ତାଲପାଲି, ଗାଇସିଲେଟ୍,ସମୟ:ସକାଳ ୮ଟା।
- ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଅତାବିରା,ସମୟ:ସକାଳ ୮ଟା।
- ମହିମା ଧର୍ମ ଓ ତାର ପ୍ରଭାବ, ଆଲୋଚନାଚକ୍ର,ସ୍ଥାନ:ଝାରବନ୍ଧ ଡିଗ୍ରୀ କଲେଜ, ଝାରବନ୍ଧ,ସମୟ:ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ, ମହୋତ୍ସବରେ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଅତାବିରା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ ରୋଡ୍, ସମୟ: ଅପରାହ୍ନ ୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଚିଁଚିପାଲିରେ ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ଜଗନ୍ନାଥ ମହୋତ୍ସବ ଅବସରରେ ଧାର୍ମୀକ ସଭା, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଜଗନ୍ନାଥ ମହୋତ୍ସବରେ ଶ୍ରୀହରି କଥାମୃତ ପ୍ରବଚନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ:ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ମହାମନ୍ତ୍ର ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଇଚ୍ଛାପୁର ଗାଁ ଉପରପଡ଼ା, ସମୟ: ପ୍ରାତଃ ୫ଟା ୧୫।
- ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଘିଚାମୁରା ଗ୍ରାମ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ତିଲେଇ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମ୍ଭର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପଦାଧିକାରୀଙ୍କ ପ୍ରୋତ୍ସାହନ ଲାଭକରି କାମକୁ ଉତ୍ସାହର ସହ କରିବେ। ପ୍ରତ୍ୟେକ ଦିଗରୁ ସୁବିଧା ଥିଲେ ମଧ୍ୟ ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ଅସହିଷ୍ଣୁ ପରୋକ୍ଷ ଶତ୍ରୁତା ଆଚରଣ କରିବେ। ବନ୍ଧୁ କିମ୍ବା ସହକର୍ମୀଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ବୃଷ** ଅର୍ଥ ସଂକଟ, ସ୍ୱାସ୍ଥ୍ୟ ସମସ୍ୟା, କାର୍ଯ୍ୟରେ ବିଳମ୍ବଜନିତ ମାନସିକ ଅଶାନ୍ତି ସୃଷ୍ଟି ହେବ। ଅର୍ଥର ଅଭାବ ନ ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି କାମକୁ ଅଟକାଇ ରଖିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ଝମେଲା ଆସିପାରେ। ଅବଶ୍ୟ ସମୟାନ୍ତରରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**ମିଥୁନ** କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲରେ ସମର୍ଥ ହେବେ। ଅସାବଧାନତା କାରଣରୁ ଟଙ୍କା କିମ୍ବା କାଗଜ ପତ୍ର ହଜିଯାଇପାରେ। ଆନୁଷ୍ଠାନିକ କାମ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବାର ସୂଚନା ରହିଛି।

**କର୍କଟ** ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ସାମୟିକ ଚିନ୍ତିତ ରହିବେ। ସାଧାରଣ କଥାରେ କ୍ରୋଧ ପ୍ରକାଶ କରି ବନ୍ଧୁ ମୁହଁ ଫଣ ଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧ୍ୟାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅବସର ସମୟରେ ପିଲାଙ୍କ ସହ ବନ୍ଧୁଙ୍କ ସଙ୍ଗରେ ଆଲୋଚନା କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ। ବାଣିଜ୍ୟ, ପରିବହନ, ପ୍ରଶାସନ ଏବଂ ଯୋଗାଯୋଗ କ୍ଷେତ୍ରରୁ ଉପକୃତ ହୋଇପାରନ୍ତି। ସାମୟିକ ଭାବରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ପ୍ରତିବେଶୀଙ୍କ ସହିତ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ସକାଳୁ ସାମାନ୍ୟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନାନ୍ତର ଘଟିପାରେ। ଏଣେ କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇପାରେ। କର୍ମ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବା ପାଇଁ ଚିନ୍ତା ବଢ଼ିପାରେ।

**ତୁଳା** ଆଜି ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ପାଇ ସକାଳ ସମୟଟି ଭଲରେ ଅତିବାହିତ ହେବ। ବିଭିନ୍ନ ଯୋଜନାର କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ। ସନ୍ତାନଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିବା ସହ ମନୋବଳ କମିଯାଇପାରେ।

**ବିଛା** ଅତୀତ ସ୍ମୃତିଚାରଣ କରି ମାନସିକ ସ୍ତରରେ ବିଚଳିତ ବୋଧ କରିବେ। ଅଧିକ ସମୟ ପରିସ୍ଥିତିକୁ ନଜର ରଖି ନୀରବ ରହିବାକୁ ପସନ୍ଦ କରିପାରନ୍ତି। ଆଜିର ଫେରନ୍ତା ବାଟରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରକ୍ତଚାପ କିମ୍ବା ଡାଇବେଟିସ୍‌ଜନିତ ରୋଗରେ ପୀଡା ବୃଦ୍ଧି ପାଇପାରେ।

**ଧନୁ** ସମ୍ପର୍କୀୟଙ୍କ ବେଖାତିର ମନୋଭାବ ସାଙ୍ଗକୁ ମର୍ମଭେଦୀ ବାକ୍ୟବାଣରେ ଅତିଷ୍ଠ ହେବେ। ଅଧସ୍ତନ କର୍ମଚାରୀଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ଆଣ୍ଠୁଗଣ୍ଠି ବାତ ଜନିତ ରୋଗରେ କଷ୍ଟ ପାଇପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବାକୁ ପଡ଼ିବ।

**ମକର** ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଏହା ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସଭାସମିତି, କଳା ସାହିତ୍ୟ, ଆନୁଷ୍ଠାନିକ କାମରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବ୍ୟବସାୟ ମାନ୍ଦା ହେବ ନାହିଁ କିନ୍ତୁ କ୍ଷତି ନ ହେଲେ ମଧ୍ୟ ବିଶେଷ ଲାଭ ନ ହୋଇପାରେ।

**କୁମ୍ଭ** ଅର୍ଥବଳ ସହ ଓଜନଦାର କଥାରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହାୟତାରେ ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ଆଲୋଚନା ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ସମୟ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** ଆଜି ଦିନଟିରେ ଆର୍ଥିକ ଉନ୍ନତି, ଜମିଜମା ସମ୍ପର୍କୀୟ କାର୍ଯ୍ୟରେ ଅଗ୍ରଗତି ଘଟିବ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିସ୍ଥିତିରେ ପଡ଼ି ପଡ଼ୋଶୀଙ୍କ ଆଗରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସମସ୍ୟା ଆସିପାରେ।

ଆଜି ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ଚୈତ୍ର କୃଷ୍ଣ ଅଷ୍ଟମୀ, ଶନିବାର। ରାଶିନକ୍ଷତ୍ର-ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୨୩ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୩ ଗତେ ଘ.୧୦।୨୩ ମଧ୍ୟେ ରାହୁ କାଳ ॥

# ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସଡ଼କ ନୀତିକୁ ...

ଅନ୍‌ଲାଇନ ପ୍ଲାଟଫର୍ମରେ ସଂଗ୍ରହ ପାଇଁ 'ଅନ୍‌ଲାଇନ ସେତୁ ସୂଚନା ପ୍ରଣାଳୀ' ବିକଶିତ କରାଯିବ। ଆଧୁନିକ ପ୍ରକ୍ରିୟାରେ ସେତୁଗୁଡ଼ିକର ବାର୍ଷିକ ମୂଲ୍ୟାଙ୍କନ କରାଯିବ। ସେତୁଗୁଡ଼ିକର ଅବସ୍ଥାର ମୂଲ୍ୟାଙ୍କନ ରିପୋର୍ଟ ନିୟମିତ ଭାବରେ ଅନ୍‌ଲାଇନରେ ଅପଡେଟ୍ କରାଯିବ।

ଓଡ଼ିଶାରେ ଦକ୍ଷ ଏବଂ ସୁରକ୍ଷିତ ରାସ୍ତା ଭିତ୍ତିଭୂମିର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫କୁ ଅନୁମୋଦନ କରିଛି। ଏଥିରେ 'ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ' ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରିବାର ବ୍ୟବସ୍ଥା ଅଛି। ଏହାଦ୍ୱାରା ବୃହତ୍ ସଡ଼କ ପ୍ରକଳ୍ପଗୁଡ଼ିକର ସାମଗ୍ରିକ ବିକାଶ ସାଧିତ ହେବ। ଏହାସହିତ କେନ୍ଦ୍ର/ରାଜ୍ୟ ସରକାରୀ ଉଦ୍ୟୋଗ, କେନ୍ଦ୍ର/ରାଜ୍ୟ ସରକାରୀ ୟୁନିଟ୍/ସଂଗଠନ ଏବଂ ଘରୋଇ ଶିଳ୍ପ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନର ବକେୟା ଜଳକର ଆଦାୟ କରିବା ପାଇଁ ଜଳସମ୍ପଦ ବିଭାଗ ଦ୍ୱାରା ଆଗତ ଏକକାଳୀନ ସମାଧାନ ଯୋଜନାର ଅବଧି ୩୧ ମେ ୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ହୋଇଛି।

ସେହିପରି 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ପରିସରକୁ ବ୍ୟାପକ କରିବା ପାଇଁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପ ତାଲିକାକୁ ଅନୁମୋଦନ ଦେବା ସମୟରେ ଯଦି ବାର୍ଷିକ କାର୍ଯ୍ୟ ଯୋଜନାରେ କିଛି ଆବଶ୍ୟକ ପ୍ରକଳ୍ପ ସ୍ଥାନ ପାଇ ନ ଥିବା ସମ୍ପୃକ୍ତ ଜିଲାପାଳଙ୍କ ଦୃଷ୍ଟିଗୋଚର ହୁଏ, ତେବେ ସେହି ପ୍ରକଳ୍ପଗୁଡ଼ିକୁ ଏହି ଯୋଜନାରେ ଜିଲାପାଳ ଅନ୍ତର୍ଭୁକ୍ତ କରିପାରିବେ। ଏତଦ୍‌ବ୍ୟତୀତ ବିଧାୟକଙ୍କ ଦ୍ୱାରା ପ୍ରସ୍ତାବିତ କୌଣସି ଆବଶ୍ୟକ ପ୍ରକଳ୍ପ ଯଦି ପ୍ରକଳ୍ପ ତାଲିକାରେ ନ ଥାଏ, ତେବେ ଜିଲାପାଳ ଉକ୍ତ ପ୍ରକଳ୍ପଗୁଡ଼ିକୁ ବାର୍ଷିକ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ୟାବିନେଟର ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କର ୧ ଏକରର ୨୫ ଭାଗରୁ ଏକ ଭାଗଠାରୁ କମ୍ ପରିମାଣର ଘରବାରି ଜମି ଥିବ, ସେହି ବ୍ୟକ୍ତି ମଧ୍ୟ ଘରବାରିହୀନ ବ୍ୟକ୍ତି ଭାବରେ ପରିଗଣିତ ହେବେ ଏବଂ ୧ ଏକରର ୨୫ ଭାଗରୁ ଏକ ଭାଗଠାରୁ ତାଙ୍କର ଯେତିକି ଜମି କମ୍ ଅଛି, ତାଙ୍କୁ ସମପରିମାଣର ଜମି ଯୋଗାଇ ଦିଆଯିବ।। ସେହିଭଳି ଯଦି ଜଣେ ଘରବାରିହୀନ ବ୍ୟକ୍ତି କୌଣସି ସରକାରୀ ଜମିକୁ ଅନଧିକୃତ ଦଖଲରେ ରଖି ଉକ୍ତ ଜମିକୁ ଘରବାରି ଉଦ୍ଦେଶ୍ୟରେ ବ୍ୟବହାର କରୁଥିବେ, ତେବେ ଜମି ମଧ୍ୟରୁ ଅତି ବେଶିରେ ୧ ଏକରର ୨୫ଭାଗରୁ ଏକ ଭାଗ ଜମି ତାଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯାଇ ପାରିବ ଏବଂ ଉକ୍ତ ଜମିକୁ ସେ ହସ୍ତାନ୍ତର କରିପାରିବେ ନାହିଁ। ଏହାବାଦ୍ ଓଡ଼ିଶା ପ୍ରଶାସନିକ ସେବା, ଗ୍ରୁପ୍-ଏ (ଜୁନିୟର ବ୍ରାଞ୍ଚ)(ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୪ର ପରିଶିଷ୍ଟ-ଦୁଇରେ ଥିବା ବିଭାଗୀୟ ପରୀକ୍ଷାର ପାଠ୍ୟକ୍ରମରେ ଆବଶ୍ୟକ ସଂଶୋଧନ କରିବା ଏବଂ ଓଡ଼ିଶା ରାଜସ୍ୱ ସେବା, ଗ୍ରୁପ୍-ବି (ପ୍ରୋବେସନ ଏବଂ ବିଭାଗୀୟ ପରୀକ୍ଷା) ନିୟମାବଳୀ, ୨୦୧୬ର ପରିଶିଷ୍ଟ-ଦୁଇରେ ଥିବା ପାଠ୍ୟକ୍ରମର ଆବଶ୍ୟକ ସଂଶୋଧନ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ସମ୍ମତି ପ୍ରଦାନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆୟୁଷ୍ମାନ ବୟୋ-ବନ୍ଦନାକୁ ...

ଯୋଜନା ଦ୍ୱାରା ସେମାନେ ମୁଣ୍ଡପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ ହିତାଧିକାରୀମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇବେ। ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଏହି ସୁବିଧା ମିଳୁଥିଲା। ଏବିପିଏମ୍‌ଜେଏଓ୍ୱାଇ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶା ସରକାର ଭାରତ ସରକାରଙ୍କଠାରୁ କେନ୍ଦ୍ରୀୟ ଅଂଶଧନ ପାଇବେ। ସେହିପରି, ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ମୁଣ୍ଡପିଛା ବାର୍ଷିକ ୫ ଲକ୍ଷ ଟଙ୍କା ମୂଲ୍ୟର ଦେୟମୁକ୍ତ ଚିକିତ୍ସା ପାଇପାରିବେ । ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତ୍ତମାନ ପରି ଚାଲୁରହିବ। ରାଜ୍ୟ କ୍ୟାବିନେଟ୍ ଏବିପିଏମ୍‌ଜେଏଓ୍ୱାଇ-ଜିଜେଏଓ୍ୱାଇ ବାବଦକୁ ୫ ବର୍ଷ, ଅର୍ଥାତ୍ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକବର୍ଷ ପର୍ଯ୍ୟନ୍ତ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ କରିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ, ଖଣି କାର୍ଯ୍ୟ ଯୋଗୁ ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱସ୍ତି ଦେବା ପାଇଁ ଓଡ଼ିଶା ଜିଲା ଖଣିଜ ଫାଉଣ୍ଡେଶନ ନିୟମ-୨୦୧୫ ପ୍ରଣୟନ କରାଯାଇଥିଲା। ଖଣି ଅଞ୍ଚଳରେ ରହୁଥିବା ପରିବାରମାନେ କେବଳ ଜମି ନୁହେଁ ବରଂ ତାଙ୍କର ଜୀବିକା ଓ ପରିଚୟ ମଧ୍ୟ ହରାଇଛନ୍ତି। ଖଣି କାର୍ଯ୍ୟ ଫଳରେ ଉପୁଜୁଥିବା ପରିବେଶ ଅବକ୍ଷୟ ଯୋଗୁ ସେମାନେ ଏହାର ନକାରାତ୍ମକ ପ୍ରଭାବର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଏହି ବ୍ୟବସ୍ଥାଗୁଡ଼ିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାର ପ୍ରଚଳିତ ଡିଏମ୍‌ଏଫ୍ ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି। ଏହାଦ୍ୱାରା ଖଣି ଅଞ୍ଚଳରେ ପ୍ରଭାବିତ ପରିବାରବର୍ଗ ବହୁ ମାତ୍ରାରେ ଉପକୃତ ହେବେ। ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ ତାଲିକା କେବଳ ଡିଏମ୍‌ଏଫ୍ ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଏବଂ ଏହାକୁ ଅନ୍ୟ କେହି ନିର୍ଦ୍ଧାରଣ କିମ୍ବା ହସ୍ତକ୍ଷେପ କରିପାରିବେ ନାହିଁ । ସଂଶୋଧିତ ନିୟମାବଳୀ ଅନୁସାରେ ସିଧାସଳଖ ପ୍ରଭାବିତ ଅଞ୍ଚଳ ସୀମା ୧୦ କିଲୋମିଟରରୁ ବୃଦ୍ଧି କରି ୧୫ କିଲୋମିଟରକୁ କରାଯାଇଛି। ସେହିପରି ପରୋକ୍ଷ ପ୍ରଭାବିତ ଅଞ୍ଚଳର ସର୍ବାଧିକ ସୀମା ୨୫ କିଲୋମିଟରରେ ସୀମିତ ରଖାଯାଇଛି। ଏହି ପାଣ୍ଠି ସେହି ଲୋକମାନଙ୍କ ପାଇଁ ବ୍ୟବହୃତ ହେବ, ଯେଉଁ ମାନେ ପ୍ରକୃତରେ ଖଣି ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁ ପ୍ରତିକୂଳ ଭାବେ ପ୍ରଭାବିତ ହୁଅନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ, ଯେତେବେଳେ ଗୋଟିଏ ପରିବାର ମୁଖିଆ ମୃତ୍ୟୁବରଣ କରନ୍ତି, ତାଙ୍କ ପରିବାର ଅସହାୟ ହୋଇଯାଏ । ଆଗରୁ ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ, ବିପନ୍ନ ପରିବାରକୁ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ନିୟମ, ୧୯୯୦ ଅନୁଯାୟୀ, ପରିବାରର ଜଣେ ସଦସ୍ୟଙ୍କୁ ସରକାର, ବର୍ଗ-ଗ' କିମ୍ବା ବର୍ଗ-ଘ'ରେ ନିଯୁକ୍ତି ଦେଉଥିଲେ। ଦୁର୍ଭାଗ୍ୟ ବଶତଃ ୨୦୨୦ରେ ତତ୍କାଳୀନ ସରକାର ନୂତନ ନିୟମାବଳୀ ପ୍ରଣୟନ କରିଥିଲେ ଏବଂ ବିପର୍ଯ୍ୟୟ ପ୍ରମାଣପତ୍ର ବଦଳରେ ମାର୍କିଂ ସିଷ୍ଟମ ଲଗାଇଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ସରକାରୀ କର୍ମଚାରୀ ୧୯୯୦ରୁ ୨୦୨୦ ଭିତରେ ମୃତ୍ୟୁବରଣ କରିଥିଲେ ସେମାନଙ୍କ ପରିବାରବର୍ଗଙ୍କୁ ମଧ୍ୟ ନୂଆ ନିୟମାବଳୀର ପରିସରଭୁକ୍ତ କରିଦେଲେ। ଅନେକ ପରିବାର ଏହି ସହାୟତାରୁ ବଞ୍ଚିତ ହୋଇ ନିଯୁକ୍ତି ଦାବି କରି ଆସୁଛନ୍ତି ଏବଂ ଅନେକ କେସ୍ ମଧ୍ୟ ଫାଇଲ୍ କରିଛନ୍ତି। କ୍ୟାବିନେଟ ଗତକାଲି ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ଯେ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଆରମ୍ଭ ହେବା ତାରିଖ ପୂର୍ବରୁ, ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ଏହାଦ୍ୱାରା ୨୦୨୦ର ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଥଣ୍ଡା ପାନୀୟ ବୋତଲରେ ...

ଟିମ୍ ଖବର ପାଇବା ପରେ ଉକ୍ତ ଭେରାଇଟି ଷ୍ଟୋର୍‌ରେ ଚଢ଼ାଉ କରିଥିଲା। ସ୍ପ୍ରାଇଟ୍ ବୋତଲରେ ବିଭିନ୍ନ କୋଲ୍ଡ ଡ୍ରିଙ୍କ୍‌ସ ବ୍ରାଣ୍ଡର ଠିପି ଦେଖିବା ପରେ ଅବକାରୀ ଟିମ୍‌ର ସନ୍ଦେହ ହୋଇଥିଲା। ଯାଞ୍ଚ କରିବା ପରେ ସେଥିରେ ଦେଶୀ ମଦ ପ୍ୟାକ୍ ହୋଇ ରହିଥିବା ଜଣାପଡିଥିଲା। ତେବେ ରାଜଧାନୀର ଅନ୍ୟ କିଛି ସ୍ଥାନରେ ମଧ୍ୟ ଏଭଳି ଉପାୟରେ ଦେଶୀ ମଦ ବିକ୍ରି ହେଉଥିବା ଅବକାରୀ ଟିମ୍ ସନ୍ଦେହ କରୁଛି। ଅନ୍ୟପକ୍ଷରେ ସାଲିଆ ସାହିରେ ବାରମ୍ବାର ପୋଲିସ ଓ ଅବକାରୀ ଟିମ୍ ଚଢ଼ାଉ କରି ଦେଶୀ ମଦଭାଟିକୁ ନଷ୍ଟ କରି ମଦ ଜବତ କରୁଥିବା ବେଳେ ପୁଣି ଏହି ନିଶା କାରବାର ଚିନ୍ତା ବଢ଼ାଇଛି। ତେବେ ଦୂଷିତ ପରିବେଶରେ ପ୍ରସ୍ତୁତ ହେଉଥିବା ଏହି ଅପମିଶ୍ରିତ ତଥା ବେଆଇନ ମଦ ପିଇ ଲୋକମାନେ ବିପଦରେ ପଡୁଥିବାବେଳେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଏହାକୁ ରାଜ୍ୟ ସରକାର ଓ ଅବକାରୀ ବିଭାଗ ଗୁରୁତ୍ୱର ସହ ନେଇ ଦୃଢ଼ ପଦକ୍ଷେପ ନ ହେଲେ ରାଜଧାନୀରେ ବଡ଼ ମଦ ବିଭୀଷିକା ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଏହି ଘଟଣା ପରେ ଜିଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ରାଜଧାନୀରେ ଥଣ୍ଡା ପାନୀୟ ବିକ୍ରି ହେଉଥିବା ବିଭିନ୍ନ ଦୋକାନରେ ଯାଞ୍ଚ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବରମୁଣ୍ଡା ଅଞ୍ଚଳରେ ଛାନଭିନ୍ ହୋଇଥିବା ବେଳେ ଆଗକୁ ଅନ୍ୟାନ୍ୟ ସ୍ଥାନରେ ଯାଞ୍ଚ ହେବ। ତେବେ ଏହି ଅପମିଶ୍ରିତ ମଦ ନ ପିଇବା ସହ ଏ ନେଇ ସୂଚନା ଦେବାକୁ ଜିଲା ଅବକାରୀ ଅଧୀକ୍ଷକ ପଟେଲ୍ ଅପିଲ୍ କରିଛନ୍ତି।

## ଘରୁ ବାହାରିଲା ୧୫ ...

ପକ୍ଷରୁ ବିରୋଧ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ଓକିଲ ସଂଘ ଏକ ପତ୍ର ଲେଖି କଲେଜିୟମ୍ ନିଷ୍ପତ୍ତିର ପ୍ରତିବାଦ ଜଣାଇଛି। ସୁପ୍ରିମକୋର୍ଟ କଲେଜିୟମ୍ ନେଇଥିବା ନିଷ୍ପତ୍ତିକୁ ନେଇ ଆମେ ଚକିତ। କାରଣ ଏଥିରୁ ଗୋଟିଏ ପ୍ରଶ୍ନ ମନକୁ ଆସୁଛି। ତାହା ହେଲା ଆଲ୍ଲାହାବାଦ୍ ହାଇକୋର୍ଟ କ'ଣ ଗୋଟିଏ ଥ୍ରାସ୍ ବିନ୍? ଆଲ୍ଲାହାବାଦ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ନିଅଣ୍ଟ ରହିଛି। ନୂଆ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଏଭଳି ସମୟରେ ବାର୍ ଆସୋସିଏଶନ୍ ସହ ବିଚାରବିମର୍ଶ ନ କରି ଏହି ନିଷ୍ପତ୍ତି ନିଆଯିବା ଦୁର୍ଭାଗ୍ୟଜନକ। ଜଷ୍ଟିସ୍ ବର୍ମାଙ୍କ ପ୍ରକରଣକୁ ଦେଖିଲେ ମନେହେଉଛି, ସ୍ୱଚ୍ଛତା ଅଭାବରୁ ଦୁର୍ନୀତି ହୋଇଛି। ଏହା ନ୍ୟାୟପାଳିକା ଉପରୁ ଲୋକଙ୍କ ଆସ୍ଥା ତୁଟାଇ ଦେବା ସହ ବିଚାର ବିଭାଗର ଛବିକୁ ନଷ୍ଟ କରିଦେଇଛି। ହାଇକୋର୍ଟକୁ ବିଭାଜିତ ଓ ବଦନାମ କରିବା ପାଇଁ ଏହା ଉଦ୍ଦିଷ୍ଟ। ତେଣୁ ସୋମବାର ବାର୍ ଆସୋସିଏଶନ୍‌ର ଏକ ସାଧାରଣ ବୈଠକ ଡକାଯାଇଛି। ଉକ୍ତ ବୈଠକରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ବାର୍ ଆସୋସିଏଶନ୍ ପକ୍ଷରୁ ସୂଚନା ଦିଆଯାଇଛି।

## ୨ଦିନିଆ ବ୍ୟାଙ୍କ ...

କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରିବାକୁ ଦାବି ନେଇ ଏହି ଧର୍ମଘଟ ହେବାର ଥିଲା। ଏହି ଆନ୍ଦୋଳନ ହୋଇଥିଲେ ମୋଟ ୪ ଦିନ ବ୍ୟାଙ୍କ ବନ୍ଦ ରହିଥାନ୍ତା। ମାର୍ଚ୍ଚ ୨୨ ଚତୁର୍ଥ ଶନିବାର ହୋଇଥିବାବେଳେ ୨୩ ତାରିଖ ରବିବାର ସାପ୍ତାହିକ ଛୁଟି ଥିଲା। ତେଣୁ ଏହାକୁ ମିଶାଇ ଲଗାତର ୪ ଦିନ ବ୍ୟାଙ୍କ ଛୁଟି ରହିଥିଲେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ।

## ୧୭ ବର୍ଷ ପରେ ...

ଗଡନାୟକଙ୍କ ଗିରଫଦାରୀ ସମ୍ପର୍କରେ ସୂଚନା ଦେବା ସହ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା କହିଛନ୍ତି। ଅଭିଯୁକ୍ତ ଗଡନାୟକଙ୍କ ଗିରଫଦାରି ପରେ ବହୁଚର୍ଚ୍ଚିତ ଲୋୟର ସୁକ୍‌ତେଲ ପ୍ରକଳ୍ପର ଅର୍ଥ ହେରଫେର ଏବଂ ଆତ୍ମସାତ ମାମଲାକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ପୂର୍ବତନ ବିଧାୟକ ...

ପଢ଼ିଥିଲେ। କଂଗ୍ରେସ ରାଜନୀତିରେ ରହି ଏଆଇସିସି ଏବଂ ପିସିସିର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ଜିଲା କ୍ରୀଡ଼ା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ। ଓଡ଼ିଶା କ୍ରିକେଟ ଆସୋସିଏଶନର ସଦସ୍ୟ ରହିଥିଲେ। ସେହିପରି ଜିଲା କ୍ରିକେଟ ଆସୋସିଏଶନ ସଭାପତି ଥିଲେ। ମହିଳା ଶିକ୍ଷା କ୍ଷେତ୍ରରେ ଆଗ୍ରହ ପ୍ରକାଶ କରି ଗରିବ ଛାତ୍ରୀଙ୍କ ପାଇଁ ଦିବାକର ଶର୍ମା ଗାର୍ଲସ ହାଇସ୍କୁଲ ପରିଚାଳନା କରୁଥିଲେ। ରାଜନୀତି କ୍ଷେତ୍ରରେ କେବଳ କେନ୍ଦ୍ରାପଡ଼ା ନୁହେଁ, ରାଜ୍ୟର ସେ ଜଣେ ଚର୍ଚ୍ଚିତ ବ୍ୟକ୍ତି ଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଆଳି ଆସନରୁ ନିଜର ଏକମାତ୍ର ଝିଅ ଡା. ଦେବସ୍ମିତା ଶର୍ମାଙ୍କୁ ପ୍ରତିଦ୍ୱନ୍ଦ୍ୱିତାକୁ ଆଣିବାସହ ନିର୍ବାଚନୀ ଖର୍ଚ୍ଚ ପାଇଁ ପୈତୃକ ସମ୍ପତ୍ତିକୁ ବିକି ସେ ବେଶ୍ ଚର୍ଚ୍ଚାରେ ଥିଲା। ତାଙ୍କ ବିୟୋଗରେ ଜିଲା କଂଗ୍ରେସର ବହୁ କ୍ଷତି ହୋଇଥିବା ଜିଲା ସଂଯୋଜକ ପ୍ରଫୁଲ୍ଲ ଦାସ କହିଛନ୍ତି। ଏଥିସହ ଜିଲାର ସମସ୍ତ ବିଧାୟକ ଓ ସାଂସଦ, ବିଭିନ୍ନ ଦଳର ବରିଷ୍ଠ ନେତାମାନେ ନିଜର ଶୋକବ୍ୟକ୍ତ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୧ ।୩(ରବିନାରାୟଣ ଜେନା): ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ଲୋକପ୍ରତିନିଧି ଭାବେ ଜନକଲ୍ୟାଣକାରୀ କାର୍ଯ୍ୟ ଏବଂ ସେବା ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

## ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବାକୁ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୨୧ ।୩(ରବିନାରାୟଣ ଜେନା)**

ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ବିଧାୟକ ସୋଫିଆ ଫିର୍‌ଦୋସଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ଐତିହାସିକ କଟକ ବାଲିଯାତ୍ରାକୁ ୟୁନେସ୍କୋର ଅନୁଭବ୍ୟ ସାଂସ୍କୃତିକ ଐତିହ୍ୟରେ ସାମିଲ କରିବା ପାଇଁ ବାଲିଯାତ୍ରା ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରାଯାଇଛି। ୟୁନେସ୍କୋର ପ୍ରକ୍ରିୟା ଅନୁଯାୟୀ ପ୍ରସ୍ତାବ ତିଆରି କରାଯାଉଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଅନୁମୋଦିତ ପ୍ରଣାଳୀ ଅନୁଯାୟୀ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରି ୟୁନେସ୍କୋରେ ଉପସ୍ଥାପନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ୧୦୦ ଟନ୍ ଲୁହାପଥର ଜବତ

ଯୋଡ଼ା,୨୧।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ପିଡ଼ପୋଖରି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଖଣି ବିଭାଗ ପ୍ରାୟ ୧୦୦ଟନ ଲୁହାପଥର ଜବତ କରିଛି। ଖଣିଜ ଚୋରା ବ୍ୟବସାୟୀ ଉକ୍ତ ସ୍ଥାନରେ ଲୁହାପଥର ଉତ୍ତୋଳନ କରି ଗଚ୍ଛିତ ରଖିଥିଲେ। ଏହାକୁ ଅନ୍ୟତ୍ର ପରିବହନ ପୂର୍ବରୁ ଖଣି ବିଭାଗ ଜାଣିପାରି ଚଢ଼ାଉ କରିଥିଲା। ଖଣିଜର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଖଣି ବିଭାଗ ସୂତ୍ରରୁ ଜଣାପଡ଼ିଛି।

ରାଜଧାନୀରେ ଥଣ୍ଡା ବୋତଲରେ ଦେଶୀ ମଦ ଚାଲାଣ




# ଏୟାରପୋର୍ଟ ଅଧିକାରୀଙ୍କ ବୟାନ ରେକର୍ଡ

## ନବ ଦାସ ହତ୍ୟାକାଣ୍ଡ ମାମଲା

ଝାରସୁଗୁଡ଼ା,୨୧।୩ (ଆଶିଷ ରଞ୍ଜନ ଦାଶ)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ଶୁକ୍ରବାର ୪ର୍ଥ ଦିବସରେ ମଧ୍ୟ ତନାଘନା ଜାରି ରଖିଛି। କ୍ରାଇମବ୍ରାଞ୍ଚ ଟିମ୍ ପୂର୍ବାହ୍ନ ପ୍ରାୟ ୧୧ଟା ୨୦ ମିନିଟରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଥିଲା। ସେଠାରେ ବିମାନ ବନ୍ଦର ଅଧିକାରୀଙ୍କ ବୟାନ ରେକର୍ଡ କରିଛି। ନବଙ୍କୁ ଗୁଳିବିଦ୍ଧ ହେବା ପରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଅଣାଯାଇଥିଲା ଏବଂ ଏଠାରୁ ଭୁବନେଶ୍ୱରକୁ ଏୟାର ଲିଫ୍ଟ କରାଯାଇଥିଲା। ତେବେ ନବଙ୍କୁ ଗୁଳିକାଣ୍ଡ ଦିନ ତାଙ୍କୁ ଏୟାର ଲିଫ୍ଟ କରିବା ପାଇଁ ଆସିଥିବା ଏୟାର ଆମ୍ବୁଲାନ୍ସର ଲ୍ୟାଣ୍ଡିଂ, ଡିପାର୍ଚର ସମୟର ତଥ୍ୟ ନେବା ସହ ସେଦିନ ଉପସ୍ଥିତ ଥିବା କର୍ମଚାରୀଙ୍କୁ ପ୍ରାୟ ୩ଘଣ୍ଟା ଧରି ପଚରାଉଚରା କରିଥିଲା କ୍ରାଇମବ୍ରାଞ୍ଚ ଟିମ୍। ଏହି ଟିମ୍ ବିମାନ ବନ୍ଦର କର୍ମଚାରୀଙ୍କୁ କିଏ କିଏ ସାଙ୍ଗରେ ଯାଇଥିଲେ, ପାଇଲଟ କିଏ ଥିଲେ ଏସବୁ ଦିଗକୁ ନେଇ ତନାଘନା କରି ବିଭିନ୍ନ ପ୍ରଶ୍ନ ପଚାରିଥିଲା। ବିମାନ ବନ୍ଦର ନିର୍ଦ୍ଦେଶକ, ଚିଫ୍ ଏୟାର ପୋର୍ଟ ସିକ୍ୟୁରିଟି ଅଫିସର, ଟର୍ମିନାଲ ମ୍ୟାନେଜରଙ୍କୁ ପଚରାଉଚରା କରିବା ସହିତ ସେମାନଙ୍କ ଧାରା୧୬୧ରେ ବୟାନ ରେକର୍ଡ କରାଯାଇଛି। ସେଠାରୁ କିଛି ଆବଶ୍ୟକ କାଗଜାତ ପତ୍ର ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍‌ର ହସ୍ତଗତ ହୋଇଛି। ଏହାପରେ ଟିମ୍ ଅପରାହ୍ନରେ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲା। ଗୁରୁବାର ଧାରା ୧୬୧ରେ ବୟାନ ରେକର୍ଡ କରାଯାଇଥିବା ଡାକ୍ତର ତଥା ମେଡିକାଲ ଷ୍ଟାଫଙ୍କୁ ଆଉ କିଛି ପ୍ରଶ୍ନ ପଚରାଉଚରା କରିଥିଲେ। ନବଙ୍କ ଇସିଜି କରିଥିବା ମେଡିକାଲ ଷ୍ଟାଫ୍‌ଙ୍କ ମଧ୍ୟ ଧାରା୧୬୧ରେ ବୟାନ ରେକର୍ଡ କରିଥିଲେ। ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ କହିଥିଲେ ଯେ ପୂର୍ବରୁ ଯେଉଁ ସାକ୍ଷୀମାନଙ୍କୁ ଜେରା କରାଯାଇଛି, ଆବଶ୍ୟକ ପଡିଲେ ସେମାନଙ୍କୁ ପୁଣି ଜେରା କରାଯିବ। ନବ ଦାସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋପାଳ ଦାସ ଏଠାରେ ନାହାନ୍ତି, ତେଣୁ ଆଗକୁ ତାଙ୍କୁ ମଧ୍ୟ ପୁଣି ଜେରା କରାଯିବ ବୋଲି କହିଛନ୍ତି।

# ଆଇଏଫ୍‌ଏସ୍ ଅଫିସର ସ୍ତରରେ ବ୍ୟାପକ ଅଦଳବଦଳ

## ସୁଧାଂଶୁ ଖୋରା ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ସଦସ୍ୟ ସଚିବ

ଭୁବନେଶ୍ୱର,୨୧।୩ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ବନସେବା (ଆଇଏଫ୍‌ଏସ୍) ଅଫିସର ସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁଯାୟୀ, ୧୯୯୩ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ଉମା ନନ୍ଦୁରୀଙ୍କୁ ପିସିସିଏଫ୍(କେଏଲ୍) ଭାବେ ନିଯୁକ୍ତ କରାଯାଇଥିବା ବେଳେ ଉକ୍ତ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ପ୍ରେମକୁମାର ଝା'ଙ୍କୁ ପିସିସିଏଫ୍(ବନ୍ୟପ୍ରାଣୀ) ଏବଂ ସିଡବ୍ଲ୍ୟୁଏଲ୍‌ଡବ୍ଲ୍ୟୁ ସହିତ ଓଡ଼ିଶା ବନନିଗମ ପରିଚାଳନା ନିର୍ଦ୍ଦେଶକ, ଡ. କେ. ମୃଗସେନ୍‌ଙ୍କୁ ପିସିସିଏଫ୍-ହପ୍‌ର ପିସିସିଏଫ୍, ଏଫ୍‌ଡି ଓ ଆଞ୍ଚଳିକ ନିର୍ଦ୍ଦେଶକ, ମନୋଜ ଭି. ନାୟାରଙ୍କୁ ନନ୍ଦନକାନନ ନିର୍ଦ୍ଦେଶକ ସହ କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି. ରାଜେଶଙ୍କୁ ପରିବେଶ ନିର୍ଦ୍ଦେଶକ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଏମ୍. ଯୋଗଜୟାନନ୍ଦଙ୍କୁ ଭୁବନେଶ୍ୱର ମଣ୍ଡଳର ଆର୍‌ସିସିଏଫ୍ ସହିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟନିର୍ବାହୀ, ସଞ୍ଜୟ କୁମାର ସ୍ୱାଇଁଙ୍କୁ ଅନୁଗୋଳ ମଣ୍ଡଳର ଭାରପ୍ରାପ୍ତ ଆର୍‌ସିସିଏଫ୍, ସୁଧାଂଶୁ ଶେଖର ଖୋରାଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ସଦସ୍ୟ ସଚିବ, ପି. ଆର୍ଥନାରୀଙ୍କୁ କଟକ ବନସଂରକ୍ଷକ(କେଏଲ୍) ସହିତ ଭୁବନେଶ୍ୱର କେନ୍ଦ୍ରୀୟ ଜୋନ୍‌ର ମହାପ୍ରବନ୍ଧକ, ବିଶ୍ୱନାଥ ନୀଲାନାଭରଙ୍କୁ ବ୍ରହ୍ମପୁର ମଣ୍ଡଳର ଭାରପ୍ରାପ୍ତ ଆର୍‌ସିସିଏଫ୍, ଅନୁରାଗ ମିଶ୍ରଙ୍କୁ ଫୁଲବାଣୀ ଡିଏଫ୍‌ଓ(କେଏଲ), କେ. ନାଗରାଜୁଙ୍କୁ ପାରଳାଖେମୁଣ୍ଡି ବନଖଣ୍ଡର ଭାରପ୍ରାପ୍ତ ଡିଏଫ୍‌ଓ, ରଶ୍ମି ଜି.ଙ୍କୁ ଭାରପ୍ରାପ୍ତ ଡିଏଫ୍‌ଓ(ଟିଟିଲାଗଡ-କେଏଲ) ଏବଂ ଇଲାଭର୍ସନ କେ.ଙ୍କୁ ଭାରପ୍ରାପ୍ତ ଡିଏଫ୍‌ଓ ରେଢ଼ାଖୋଲ ଭାବେ ନିଯୁକ୍ତ କରାଯାଇଛି।

# କୋଶଳୀକୁ ମିଳିବନି ରାଜ୍ୟ ଭାଷା ମାନ୍ୟତା

ଭୁବନେଶ୍ୱର,୨୧।୩ (ରବିନାରାୟଣ ଜେନା)

ସମ୍ବଲପୁରୀ-କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦାବି ସଂକ୍ରାନ୍ତୀୟ କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ଗୃହରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସୂରଜ କହିଛନ୍ତି ଯେ, ଏସମ୍ପର୍କିତ ପ୍ରସ୍ତାବ ଏବେ ସରକାରଙ୍କ ପାଖରେ ନାହିଁ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଉତ୍ତର ପରେ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ-କୋଶଳୀ ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ସେ ପୁରୁଣା କଥାକୁ ଦୋହରାଇ କହିଲେ, ଓଡ଼ିଶା ଗଠନ ହୋଇଛି ଉତ୍କଳ, କଳିଙ୍ଗ ଓ କୋଶଳକୁ ନେଇ। ଏବେ ସରକାର କହୁଛନ୍ତି, ଏହା ମୋ ବ୍ୟକ୍ତିଗତ ମତ କିନ୍ତୁ ଆଗକୁ ଏହା ସାମୁହିକ ମତ ହେବ ବୋଲି ଜୟନାରାୟଣ କହିଛନ୍ତି।


# କଳିଙ୍ଗ ନଗର: ଇସ୍ପାତ କାରଖାନାରେ ଦୁର୍ଘଟଣା, ୯ ଆହତ

ଯାଜପୁର,୨୧।୩(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନାର ଷ୍ଟିଲ୍ ମେଲ୍ଟିଂ ଶପ୍‌ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଦୁର୍ଘଟଣା ଘଟି ୯ଜଣ ଆହତ ହୋଇଛନ୍ତି। ଷ୍ଟିଲ୍ ମେଲ୍ଟିଂ ଶପ୍‌ର ଇଲେକ୍ଟ୍ରିକାଲ କଣ୍ଟ୍ରୋଲ ରୁମ୍‌ରେ ତରଳ ମେଟାଲ ପଡ଼ିଯିବାରୁ ସାମାନ୍ୟ ବିସ୍ଫୋରଣ ଘଟିଥିଲା। ଏଥିଯୋଗୁ କାନ୍ଥର କେତେକାଂଶ ଭାଙ୍ଗି ଯାଇ କେତେକ ମେସିନ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଆହତ ହୋଇଥିବା ୯ ଜଣଙ୍କୁ ତୁରନ୍ତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ କର୍ମଚାରୀମାନେ ହେଲେ ବିହାର ପାଟନା ଅଞ୍ଚଳର ରାହୁଲ କୁମାର, ଜାମସେଦପୁରର ମନୋଜ କୁମାର ଓ ପ୍ରଦୀପ କୁମାର, ରାଉରକେଲାର ଶ୍ରଦ୍ଧାଞ୍ଜଳି ଭୂୟାଁ, ପଶ୍ଚିମବଙ୍ଗର ଜୟନ୍ତ ପାଲ ଓ ସାଇ ସାମନ୍ତ ବାଗଡି, ଛତିଶଗଡ଼ର ରୋହିତ ଯାଦବ, ରାଞ୍ଚିର ଲୋକେଶ ରାୟ। ସେମାନଙ୍କ ମଧ୍ୟରୁ ଜଣେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ଆହତମାନେ ବିପଦମୁକ୍ତ ଅଛନ୍ତି ବୋଲି ସୂଚନା ମିଳିଛି। ଏନେଇ ଟାଟା ଷ୍ଟିଲ୍ ପକ୍ଷରୁ କୁହାଯାଇଛି ଯେ, ଚିକିତ୍ସା ସୁବିଧା ପ୍ରଦାନ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ସେମାନଙ୍କର ଆଶୁ ଆରୋଗ୍ୟ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକ ପ୍ରୟାସ କରାଯାଉଛି। ଘଟଣା ସମ୍ପର୍କରେ ବିଭାଗୀୟ ସରକାରୀ ଅଧିକାରୀ ଓ ଆହତଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଘଟଣାସ୍ଥଳକୁ ବ୍ୟାରିକେଡ୍ କରାଯାଇ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି। ସ୍ଥିତି ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ଦୟାକରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡିଓକୁ ଆମ କାରଖାନାର ଘଟଣା ବୋଲି ବିଶ୍ୱାସ ନ କରିବାକୁ ଟାଟା ଷ୍ଟିଲ୍ କର୍ତ୍ତୃପକ୍ଷ ଅନୁରୋଧ କରିବା ସହ ଏକ ଦାୟିତ୍ୱବାନ୍ କର୍ପୋରେଟ ଭାବରେ କର୍ମଚାରୀ ଓ ସମସ୍ତ ସହଯୋଗୀଙ୍କ ସୁରକ୍ଷା ଏବଂ କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା ବୋଲି ସୂଚନା ଦିଆଯାଇଛି।














# ରେଖାଙ୍କ ନୂଆ ବ୍ୟବସ୍ଥା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି (ଭାଜପା) କ୍ଷମତାକୁ ଆସିବା ପରେ କୌଣସି ବିପଦକୁ ବରଣ କରିବାକୁ ଚାହୁଁନାହିଁ। ରେଖା ଗୁପ୍ତାଙ୍କ ନେତୃତ୍ୱାଧୀନ ଦିଲ୍ଲୀ ସରକାର ଯୋଜନାବଦ୍ଧ ଭାବେ ଆରମ୍ଭ କରିବାକୁ ଚାହୁଁଛି। ୬ ଜଣ ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶଦାତା କିମ୍ବା ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡିଏସ୍) ଭାବେ ନିଯୁକ୍ତି ଦେବାକୁ ଯୋଜନା କରୁଛି। ଏହା ସହ ୬ ଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ ମଧ୍ୟ ଜଣେ ବରିଷ୍ଠ ଡିଏନ୍‌ଆଇସିଏସ୍ ଅଧିକାରୀ ରହିବେ। ଏହା ସ୍ପଷ୍ଟ ସୂଚିତ କରୁଛି ଯେ, ପ୍ରଶାସନ କାର୍ଯ୍ୟକୁ ଗମ୍ଭୀରତାର ସହ ନେଉଛି। ମନ୍ତ୍ରୀମାନଙ୍କୁ ସହଯୋଗ କରିବା ପାଇଁ ଜଣେ ସଚିବ ଓ ୨ ଜଣ ସ୍ୱତନ୍ତ୍ର ସଚିବଙ୍କୁ ନେଇ ସୁରୁଖୁରୁରେ ଶାସନ ଚଳାଇବା ଲାଗି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ମଧ୍ୟ ଏକ ସଙ୍ଗଠିତ ଟିମ୍ ରହିଛି। ଅନ୍ୟପଟେ ଦେଖିଲେ ପୂର୍ବ ଶାସନରେ କେଜ୍‌ରିଓ୍ୱାଲଙ୍କ ନେତୃତ୍ୱାଧୀନ ସରକାର ଏକ ଭିନ୍ନ ଦୃଷ୍ଟିକୋଣ ଆପଣାଇଥିଲା। ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ପାଇଁ ଦଳୀୟ ପଦାଧିକାରୀଙ୍କୁ ନିଯୁକ୍ତ କରାଯାଇଥିଲା। ଏ କ୍ଷେତ୍ରରେ ଯଦିଓ ରାଜନୈତିକ ନିୟନ୍ତ୍ରଣ ନିଶ୍ଚିତ କରାଯାଇଥଲା, ତଥାପି ବହୁ ସମୟରେ ସଚିବାଳୟରେ ସେମାନଙ୍କ ଦାୟିତ୍ୱ ଅସ୍ପଷ୍ଟ ରହୁଥିଲା। ଏହି ପରିପ୍ରେକ୍ଷୀରେ ଦେଖିଲେ ଶୀଲା ଦୀକ୍ଷିତଙ୍କ ଶାସନ କାଳ ସମ୍ପୂର୍ଣ୍ଣ ନିଆରା ଥିଲା। ତାଙ୍କ ଶାସନ ଢାଞ୍ଚା ଅମଲାତନ୍ତ୍ର ସହ ଅତ୍ୟନ୍ତ ସହଯୋଗଭିତ୍ତିକ ଥିଲା ଏବଂ କାର୍ଯ୍ୟ ନିରୀକ୍ଷଣ କରିବା ପାଇଁ ଅତିରିକ୍ତ ରାଜନୈତିକ ନିଯୁକ୍ତିର ଆବଶ୍ୟକତା ପଡୁ ନ ଥିଲା। ଏବେ ଗୁପ୍ତାଙ୍କ ନୂଆ ବ୍ୟବସ୍ଥା ଶୃଙ୍ଖଳା ଓ ଉତ୍ତମ ଶାସନ ଯୋଗାଇଦେବାର ଏକ ସ୍ପଷ୍ଟ ପ୍ରୟାସ। କିନ୍ତୁ ପ୍ରଶ୍ନ ଉଠୁଛି, ଏହା ଏକ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ନା ଅଧିକ ରାଜନୈତିକ ନିୟନ୍ତ୍ରଣ ସ୍ଥାପନ କରିବା ପାଇଁ ଉଦ୍ଦିଷ୍ଟ।

### ଦୁର୍ବଳ କାର୍ଯ୍ୟାନୁଷ୍ଠାନ

ଜମ୍ମୁ କଶ୍ମୀରରେ ବରିଷ୍ଠ ଆଇଏଏସ୍ ଅଧିକାରୀମାନେ ଜଡ଼ିତ ଥିବା ଏକ ଦୀର୍ଘଦିନର ଅସ୍ତ୍ରଶସ୍ତ୍ର ଲାଇସେନ୍ସ ଦୁର୍ନୀତି ସମ୍ପର୍କିତ କାଗଜପତ୍ର ହଜିଯିବା ଘଟଣାର ଖୋଳତାଡ଼ କରୁଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ)। ନିକଟରେ ଏମ୍‌ଏଚ୍‌ଏ ପଦକ୍ଷେପ ସ୍ୱରୂପ ୩ ଜଣ ଅଧିକାରୀ ୟାଶା ମୁଦ୍‌ଗଲ, ଶହୀଦ ଇକ୍‌ବାଲ ଚୌଧୁରୀ ଏବଂ ନିରଜ କୁମାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବା ଅଭିଯାଗ ପ୍ରସ୍ତାବ ପୁନଃ ଦାଖଲ କରିବାକୁ ଜମ୍ମୁ-କଶ୍ମୀରର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି। କାରଣ ଏବେ ସୁଦ୍ଧା କେତେକ କାଗଜପତ୍ର ମିଳୁନାହିଁ। ଏମ୍‌ଏଚ୍‌ଏ ପ୍ରଥମ ଥର ପାଇଁ ଏଭଳି କରିନାହିଁ। ଏହା ପୂର୍ବରୁ ଫେବୃଆରୀରେ ୨ଜଣ ଆଇଏଏସ୍ ଅଧିକାରୀ ଏମ୍.ରାଜୁ ଏବଂ ପ୍ରସନ୍ନା ରାମସ୍ୱାମୀ ଜିଙ୍କ ବିରୋଧରେ ଆଇନଗତ ବିଚାର ପାଇଁ ସିବିଆଇର ଅନୁରୋଧକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଏମ୍‌ଏଚ୍‌ଏ ନିର୍ଦ୍ଦେଶ ଦେଇଥିଲା। ଏଭଳି ପ୍ରକ୍ରିୟାରେ ଦୀର୍ଘଦିନ ହେଲା ଫାଇଲ ଏପାଖ ସେପାଖ ହେଉଛି, କିନ୍ତୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଅର୍ଥ ପାଇଁ ଅବୈଧ ଉପାୟରେ ବନ୍ଧୁକ ଲାଇସେନ୍ସ ଦେଇଥିବା ଅଭିଯୋଗରେ ୫ ଜଣ ଅଧିକାରୀଙ୍କ ବିରୋଧରେ ଆଇନଗତ ବିଚାର ପାଇଁ ଜମ୍ମୁ କଶ୍ମୀର ପ୍ରଶାସନ ଡିସେମ୍ବର ୨୦୨୪ରେ ଅନୁମତି ଦେଇଥିଲା। ଏସବୁ ସତ୍ତ୍ୱେ ଏମ୍‌ଏଚ୍‌ଏ ଏବେ ସୁଦ୍ଧା ଜମ୍ମୁ କଶ୍ମୀର ସରକାରଙ୍କଠାରୁ ଏକ ଚୂଡ଼ାନ୍ତ ପ୍ରତିକ୍ରିୟା ଅପେକ୍ଷାରେ ରହିଛି। ଜମ୍ମୁ କଶ୍ମୀରରେ ସାଧାରଣ ପ୍ରଶାସନ ବିଭାଗ(ଜିଏଡି) ଆଇଏଏସ୍ ଅଧିକାରୀ ପି.କେ.ପୋଲଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ ଜାରି ରଖିଛି। ଏହା ସହ ଜିତେନ୍ଦ୍ର କୁମାର ସିଂ, ରମେଶ କୁମାର ଏବଂ ପୁଣି ଥରେ ପ୍ରସନ୍ନା ରାମସ୍ୱାମୀ ଜିଙ୍କ ବିରୋଧରେ ତଦନ୍ତ ସ୍ଥଗିତ ରହିଛି। ଏହିସବୁ ଘଟଣା ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ଦୁର୍ବଳ କରିବାର ଅୟମାରମ୍ଭ ତଥା ପ୍ରଶାସନିକ ସମସ୍ୟାକୁ ସୂଚିତ କରୁଛି।

### ରହସ୍ୟମୟ ମାମଲା

ଭାରତୀୟ ଅମଲାତନ୍ତ୍ର କ୍ଷେତ୍ରରେ ଅମିତ ଲୋଧାଙ୍କ କାହାଣୀ ସବୁଠୁ ନାଟକୀୟ। ଲୋଧା ହେଉଛନ୍ତି ଜଣେ ପୋଲିସ ଅଧିକାରୀ ତଥା ବିହାର ଡାଏରିଜ୍‌ର ଲେଖକ, ଯାହା ନେଟ୍‌ଫ୍ଲିକ୍ସର ଭାରତୀୟ କ୍ରାଇମ ଥ୍ରିଲର ସରିଜ 'ଖାକି: ଦ ବିହାର ଚାପ୍ଟର'ର ରୂପାନ୍ତରଣ ଥିଲା। ରିଲ୍ ଲାଇଫର ଚମକ ସାମ୍ନାକୁ ଆସିବା ପରେ ନିକଟରେ ରିୟଲ ଲାଇଫ୍‌ର ବିବାଦ ସାମ୍ନାକୁ ଆସିଲା। ଏକ ଔପଚାରିକ ଅଭିଯୋଗ, ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଏବଂ ଏକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତଦନ୍ତ ଯୋଗୁ ତାଙ୍କ କ୍ୟାରିୟର ବିପଦରେ ଥିବା ଜଣାପଡ଼ିଥିଲା। ତଥାପି ବିହାର ସରକାର ତାଙ୍କୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ପଦକୁ ପଦୋନ୍ନତି ଦେଇଛନ୍ତି। ଏହି ପଦକ୍ଷେପକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ତେବେ ତାଙ୍କ ବିରୋଧରେ ଅଭିଯୋଗ କ'ଣ ନିରାଧାର ଥିଲା କିମ୍ବା ଏହା ରାଜନୈତିକ ଧାରାରେ ପରିବର୍ତ୍ତନର ସଙ୍କେତ ଥିଲା , ଯେଉଁଠି ପୂର୍ବରୁ ତାଙ୍କୁ ଉତ୍ତରଦାୟୀ କରାଯାଉଥିଲାବେଳେ ଏବେ ସ୍ୱାଗତ କରାଯାଉଛି କି? ଏହା ଅନୁମାନ କରାଯାଉଥିଲା ଯେ, ତାଙ୍କ ପ୍ରତ୍ୟାବର୍ତ୍ତନ କଠିନ ଥିଲା। ସେମାନେ ସମ୍ଭବତଃ ସ୍କ୍ରିପ୍ଟକୁ ଭୁଲ୍ ଅର୍ଥରେ ବୁଝିଥିଲେ। ତଥାପି ଇଡି ତଦନ୍ତ ଓ ଭିଜିଲାନ୍ସ ମାମଲା ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି। ଇଡି ମାମଲା ସେହି ସମାନ ଘଟଣା ଉପରେ ଆଧାରିତ ଯାହା ୨୦୨୨ରେ ଲୋଧାଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ବିଭାଗ ଦାୟର କରିଥିଲା। ଏସବୁ ଯଦି ଗମ୍ଭୀର ବିଷୟ , ତେବେ ସ୍ୱଚ୍ଛତାକୁ ନେଇ ଗର୍ବ କରୁଥିବା ଏକ ବ୍ୟବସ୍ଥାରେ ଏହି ଅଭିଯୋଗଗୁଡ଼ିକ ସମସ୍ୟା ନ ଥିଲା କି? ତେବେ ଲୋଧାଙ୍କ ପଦୋନ୍ନତି ସମ୍ଭବତଃ ଆଉ ଏକ ବାର୍ତ୍ତା ଦିଏ ଯେ, ଏହା ଅପରାଧ ଓ ଦଣ୍ଡର ବିଷୟ ନୁହେଁ ବରଂ ରାଜନୈତିକ ଗଣନାର ବିଷୟ।

Email: dilipcherian@gmail.com

su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | 1 |
| | | | | 2 | | | | 4 |
| | 2 | | | 5 | | 8 | 7 | |
| | | | | | 5 | | 4 | |
| 6 | | | 9 | | | | 2 | |
| | 4 | | | | | 6 | | 8 |
| 7 | | | 3 | | | | 6 | |
| | | 1 | 6 | 8 | | 3 | | |
| 4 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 2 | 8 | 3 | 4 | 1 | 7 |
| 7 | 2 | 1 | 5 | 4 | 9 | 8 | 3 | 6 |
| 3 | 4 | 8 | 1 | 7 | 6 | 2 | 5 | 9 |
| 1 | 6 | 5 | 8 | 2 | 4 | 9 | 7 | 3 |
| 4 | 8 | 3 | 7 | 9 | 1 | 6 | 2 | 5 |
| 2 | 7 | 9 | 6 | 3 | 5 | 1 | 8 | 4 |
| 8 | 3 | 2 | 9 | 6 | 7 | 5 | 4 | 1 |
| 9 | 5 | 4 | 3 | 1 | 8 | 7 | 6 | 2 |
| 6 | 1 | 7 | 4 | 5 | 2 | 3 | 9 | 8 |

ଗତକାଲିର ଉତ୍ତର

# ହିମଖଣ୍ଡ ସଂରକ୍ଷଣରେ ଜଳ ସୁରକ୍ଷା



ଡ. ପ୍ରମୋଦ କୁମାର ପଣ୍ଡା




ଡ. ଅର୍ଜମାଦତ୍ତ ଷଡ଼ଙ୍ଗୀ

୧୯୯୨ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ମାର୍ଚ୍ଚ ୨୨ ତାରିଖକୁ ପ୍ରତିବର୍ଷ ବିଶ୍ୱ ଜଳ ଦିବସ ରୂପେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲା। ତଦନୁସାରେ ୧୯୯୩ରୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ବିଶ୍ୱ ଜଳ ଦିବସ ପାଳନ କରିଆସୁଛନ୍ତି। ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା ସମାଜର ସବୁ ବର୍ଗର ଲୋକଙ୍କୁ ଜଳ ସମସ୍ୟା ବିଷୟରେ ସଚେତନ କରାଇ, ଜଳ ସମ୍ପଦର ସଂରକ୍ଷଣ ଓ ତା'ର ସଦୁପଯୋଗ ଉପରେ ଧ୍ୟାନ ଦେବା। ପ୍ରତିବର୍ଷ ବିଶ୍ୱ ଜଳ ଦିବସର ଏକ ଥିମ୍ ବା ମୁଖ୍ୟ ବାର୍ତ୍ତା ଥାଏ, ଯାହାକୁ କେନ୍ଦ୍ରକରି ଚର୍ଚ୍ଚା, ପ୍ରଚାର ପ୍ରସାର ଓ କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ ହୋଇଥାଏ। ଏ ବର୍ଷର ବିଶ୍ୱ ଜଳ ଦିବସର ବାର୍ତ୍ତା ହେଉଛି ହିମଖଣ୍ଡ ସଂରକ୍ଷଣ। ଅର୍ଥାତ ପୃଥିବୀର ଜୀବଜଗତ ବଞ୍ଚିରହିବା ପାଇଁ ହିମଖଣ୍ଡକୁ ସଂରକ୍ଷଣ କରିବାକୁ ହେବ। ଆମକୁ ହିମଖଣ୍ଡର ଜଳବାୟୁ ସନ୍ତୁଳନରେ ଥିବା ଭୂମିକାକୁ ବୁଝିବାକୁ ହେବ ଅଥବା ସିଧାସିଧା କହିବାକୁ ଗଲେ ଆମେ ହିମଖଣ୍ଡର ଜଳଚକ୍ର ଉପରେ ଥିବା ପ୍ରଭାବକୁ ଉପଲବ୍ଧି କରିବା, ଯଦ୍ଵାରା ତା'ର ସଂରକ୍ଷଣ ପାଇଁ ବିଭିନ୍ନ ସ୍ତରରେ ଉପଯୁକ୍ତ ପଦକ୍ଷେପ ନେବା।

ବିଶ୍ୱ ଉତ୍ତପ୍ତୀକରଣ ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିପାଉଛି ଏବଂ ତା'ର ପ୍ରଭାବରେ ହିମଖଣ୍ଡ ତରଳୁଛି ଓ ସତ୍ତା ହରାଉଛି। ଆଇପିସିସି ଆକଳନ ଅନୁସାରେ ଏକବିଂଶ ଶତାବ୍ଦୀର ଶେଷବେଳକୁ ବାୟୁମଣ୍ଡଳର ହାରାହାରି ତାପମାତ୍ରା ପ୍ରାୟ ୧.୫ ରୁ ୨.୦ ଡିଗ୍ରୀ ସେଣ୍ଟିଗ୍ରେଡ ବୃଦ୍ଧିପାଇବାର ସମ୍ଭାବନା ଅଛି। ଉତ୍ତରମେରୁ, ଦକ୍ଷିଣମେରୁ ଏବଂ ହିମାଳୟ ଭଳି ପର୍ବତରେ ଜମାହୋଇ ରହିଥିବା ହିମଖଣ୍ଡ ତରଳିବାକୁ ଲାଗିବ ଏବଂ ସମୁଦ୍ରର ଜଳପତ୍ତନ ବୃଦ୍ଧି ପାଇବ। ସମୁଦ୍ର ଜଳସ୍ତର ବୃଦ୍ଧି ହେଲେ, ଅନେକ ସମୁଦ୍ରକୂଳିଆ ଅଞ୍ଚଳ ଜଳମଗ୍ନ ହେବ ଓ ସମୁଦ୍ର ଜଳର ଲବଣ ନଦୀ ନାଳ ମାଧ୍ୟମରେ ବିଲ ଓ କିଆରି ମଧ୍ୟକୁ ପ୍ରବେଶ କରିବ ଏବଂ ଚାଷୀଙ୍କ ଅମଳ କମାଇଦେବ। ତେଣୁ ଆମ ସମସ୍ତଙ୍କର ପ୍ରଥମ ଓ ପ୍ରଧାନ କାମ ହେଲା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ରୋକିବା। ଅର୍ଥାତ ଯେଉଁ ଜୀବନଶୈଳୀ ଓ ଉତ୍ପାଦନ ପ୍ରକ୍ରିୟାରେ କମ୍ ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନ ହେବ, ସେ ସବୁକୁ ଆପଣେଇବା।

ବର୍ତ୍ତମାନ ପୃଥିବୀର ବିଭିନ୍ନ ଭାଗରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଆମ ଦେଶରେ ମଧ୍ୟ ବିଭିନ୍ନ ଭାଗରେ ଜଳ ସମସ୍ୟାମାନ ମୁଣ୍ଡ ଟେକିଲାଣି। କେତେକ ରାଜ୍ୟରେ ଟ୍ରେନ ଓ ଟ୍ୟାଙ୍କର

**ବିଶ୍ୱ ଜଳ ଦିବସ ଉପଲକ୍ଷେ**



ଯୋଗେ ଖରାଦିନେ ପାନୀୟ ଜଳଯୋଗାଣ କରାଯାଉଛି। ଓଡ଼ିଶାର ବିଭିନ୍ନ ଜିଲାରେ ମଧ୍ୟ ଗୁରୁତର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଦେଶର କେତେକ ସ୍ଥାନରେ ଭୂତଳ ଜଳସ୍ତର କ୍ରମଶଃ କମିଯିବାରୁ ଖରାଦିନେ କୂଅ ଓ ନଳ କୂପରେ ପାଣି ଆସୁନାହିଁ। ଜଳବାୟୁ ପରିବର୍ତ୍ତନ ଜନିତ ବିଭ୍ରାଟ ଯୋଗୁ ଅଳ୍ପ ସମୟରେ ମାତ୍ରାଧିକ ବୃଷ୍ଟିପାତ ଓ ବର୍ଷା ଋତୁରେ ଉତ୍କଟ ମରୁଡ଼ି ଭଳି ସ୍ଥିତି ଉତ୍ପନ୍ନ ହେଉଛି।

ବିଶ୍ୱ ଜଳଦିବସ ପାଳନ ଆମର ଯୋଜନାକାରୀ, ପ୍ରଶାସକ, ଗବେଷକ, ଛାତ୍ରସମାଜ, କୃଷକ ଓ ସମାଜର ସମସ୍ତ ନାଗରିକଙ୍କୁ ଏକାଠି କରି, ଜଳ ସମସ୍ୟା ଓ ତା'ର ସମାଧାନ ଉପରେ ଖସଡା ପ୍ରସ୍ତୁତ ଏବଂ ତା'ର କ୍ରିୟାନ୍ୱୟନ ପାଇଁ ଏକ ସୁଯୋଗ ସୃଷ୍ଟି କରୁଛି। ଯଦିଓ ପୃଥିବୀର ସମୁଦାୟ ଭୂଭାଗରେ ଶତକଡା ୭୧ ଭାଗ ଜଳ ସମ୍ପଦରେ ପରିପୂର୍ଣ୍ଣ, ମାତ୍ର ସେଥିମଧ୍ୟରୁ ଶତକଡା ୯୭.୩ ଭାଗ ଲବଣାକ୍ତ ଜଳ ଓ ମାତ୍ର ୨.୭ ଭାଗ ମଧୁର ଜଳ। ଅଳ୍ପ କିଛି ହେନ୍ତାଳ ଜାତୀୟ ବୃକ୍ଷ ଓ ସାମୁଦ୍ରିକ ଜଳ ଜୀବ ସାମୁଦ୍ରିକ ପକ୍ଷୀଙ୍କୁ ଛାଡ଼ିଦେଲେ, ସଂପୂର୍ଣ୍ଣ ମାନବ ସମାଜ, ପଶୁ ପକ୍ଷୀ ଓ ଉଦ୍ଭିଦ ଜଗତ ଲବଣାକ୍ତ ଜଳରେ ବଞ୍ଚିବା କଷ୍ଟକର। ତେଣୁ ମଧୁର ଜଳର ମହତ କେତେ ଆମେ ସହଜରେ ଅନୁମାନ କରିପାରିବା।

ବିଶ୍ୱର ସମୁଦାୟ ମଧୁର ଜଳର ଶତକଡା ୮୮ ଭାଗ ଜୀବଜଗତ ପାଇଁ ଅନୁପଲବ୍ଧ (୭୭% ଗ୍ଲେସିୟର ବରଫ ଖଣ୍ଡ ଓ ମେରୁ ବରଫ ଖଣ୍ଡରେ ଆବଦ୍ଧ ଥାଏ, ଯାହା କେବେ ତରଳେ ନାହିଁ ଓ ଶତକଡା ୧୧ ଭାଗ ଭୂପୃଷ୍ଠର ୮୦୦ ମିଟର ତଳେ ଥାଏ, ଯାହାକୁ ବର୍ତ୍ତମାନର ଉପଲବ୍ଧ ଜ୍ଞାନକୌଶଳ ଉପଯୋଗ କରି ଉତ୍ତୋଳନ କରିବା ସମ୍ଭବ ନୁହେଁ)। ଏହି ହିମଖଣ୍ଡ ତରଳିଗଲେ ପୃଥିବୀର ବିଭିନ୍ନ ଅଞ୍ଚଳର ଜଳବାୟୁ ଓ ଜଳଚକ୍ରରେ ସୃଷ୍ଟି ବ୍ୟତିକ୍ରମ ଜୀବଜଗତକୁ ବହୁଳ ଭାବେ ପ୍ରଭାବିତ କରିବ। ସମୁଦାୟ ମଧୁର ଜଳର ମାତ୍ର ୧୨ ଭାଗ ଆମର କାମରେ ଲାଗିଥାଏ। ତା'ଛଡା ସମୁଦ୍ର ଜଳରୁ ମଧୁର ଜଳ ପ୍ରସ୍ତୁତି ଅତ୍ୟନ୍ତ ବ୍ୟୟସାପେକ୍ଷ, ଯଦ୍ଵାରା ଏତେ ଦାମ୍ ଦେଇ ଜଳ ଉପଯୋଗ କରିବା ସମ୍ଭବ ହେବ ନାହିଁ। ଅନ୍ୟ ପକ୍ଷରେ ଆମେ ବିନା ମୂଲ୍ୟରେ ପ୍ରଚୁର ମଧୁର ଜଳ ବର୍ଷା ରୂପରେ ପାଇଥାଉ। ତା'ର ସଂରକ୍ଷଣ ଓ ସଦୁପଯୋଗ କାହିଁକି ନ କରିବା?

ବିଶ୍ୱର ହାରାହାରି ମୁଣ୍ଡପିଛା ବାର୍ଷିକ ଜଳ ଉପଲବ୍ଧତା ପ୍ରାୟ ୭୦୦୦ ଘନ ମିଟର। ଗ୍ରହଣୀୟ ମାନକ ହିସାବରେ ଯଦି କୌଣସି ଦେଶର ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୦ ଘନ ମିଟର ରହେ, ତା ହେଲେ ସେ ଦେଶ ଜଳ ସମ୍ପଦରେ ସ୍ୱଚ୍ଛଳ ବୋଲି ଧରାଯାଏ। ମାତ୍ର ତାହା ହ୍ରାସ ପାଇ ୧୭୦୦ ଓ ୧୦୦୦ ଘନ ମିଟର ତଳକୁ ଗଲେ ସେ ଦେଶ ଯଥାକ୍ରମେ ଜଳକ୍ଲିଷ୍ଟ ଓ ଜଳ ସଙ୍କଟରେ ଥାଏ ବୋଲି ବିବେଚନା କରାଯାଏ। ତଦନୁସାରେ ଆମ ଦେଶର ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ୧୯୫୧ରେ ୫୧୭୭ ଘନ ମିଟର ଥିଲାବେଳେ, ଜନସଂଖ୍ୟା ବୃଦ୍ଧି ଯୋଗୁ ତାହା କ୍ରମଶଃ ହ୍ରାସ ପାଇ ବର୍ତ୍ତମାନ ୧୪୫୦ ଘନ ମିଟରରେ ପହଞ୍ଚିଛି, ଯାହାକି ଜଳକ୍ଲିଷ୍ଟ ଅବସ୍ଥାକୁ ହାସଲ କରିଛି। ଏବେଠୁ ଯଦି ଆମେ ସଚେତନ ନ ହୋଇ ଜଳ ସମ୍ପଦର ସୁରକ୍ଷା ଦିଗରେ ଧ୍ୟାନ ନ ଦେବା ତେବେ ନିକଟ ଭବିଷ୍ୟତରେ ଆମେ ଜଳ ସଙ୍କଟ ଅବସ୍ଥାର ସମ୍ମୁଖୀନ ହେବା। ଆମ ରାଜ୍ୟର ବିଭିନ୍ନ ଆଭ୍ୟନ୍ତରୀଣ ଓ ପାହାଡ଼ିଆ ଜିଲାଗୁଡ଼ିକରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଯଦିଓ ଆମେ ବର୍ଷକୁ ୧୫୦୦ ମିଲିମିଟର ବର୍ଷା ପାଉଛୁ, ଏକ ହିସାବ ଅନୁସାରେ ୨୦୫୦ ମସିହା ବେଳକୁ ଆମକୁ ସର୍ବମୋଟ ୧୪୪୭ ବିସିଏମ (ବିଲିଅନ କ୍ୟୁବିକ ମିଟର) ଜଳ ଆବଶ୍ୟକ ଯାହାକି ଆମ ଦେଶର ମୋଟ ଜଳ ଉପଲବ୍ଧତାଠୁ ୩୨୪ ବିସିଏମ ଅଧିକ। କୃଷି କ୍ଷେତ୍ରକୁ ସେ ସମୟରେ ୧୦୭୨ ବିସିଏମ ଜଳ ଆବଶ୍ୟକ ହେବ, ଯାହାକି ସମୁଦାୟ ଜଳ ଆବଶ୍ୟକତାର ୭୪%। କୌଣସି ଦେଶ ଘରୋଇ, ଶିଳ୍ପ, ଶକ୍ତି ଆଦି କ୍ଷେତ୍ରର ଆବଶ୍ୟକତାକୁ କମ୍ କରି ନିଜ ଜଳ ସମ୍ପଦର ୭୪ ଭାଗ ଜଳ କୃଷି କ୍ଷେତ୍ରକୁ ଦେଇ ପାରିବେ ନାହିଁ। ତେଣୁ ଆମକୁ କମ୍ ଜଳରେ ଅଧିକ ଉତ୍ପାଦନ ହୋଇପାରୁଥିବା ଜ୍ଞାନକୌଶଳକୁ ଉପଯୋଗ କରିବାକୁ ପଡ଼ିବ। ସମାଜର ସବୁ ବର୍ଗର ଲୋକ ଜଳ ସମସ୍ୟାର ଗମ୍ଭୀରତାକୁ ଉପଲବ୍ଧ କରି ତା'ର ସଂରକ୍ଷଣ ଓ ସଦୁପଯୋଗ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଅଧିକ ସଂଖ୍ୟକ ନଦୀବନ୍ଧ ଯୋଜନା, ଚେକ୍ ଡ୍ୟାମ୍, ଗଡିଆ, ପୋଖରୀ ଆଦିକୁ ନିର୍ମାଣ କରିବାକୁ ହେବ , ଯାହାଦ୍ୱାରା ବର୍ଷାଜଳ ସଂରକ୍ଷଣ ଓ ଭୂ-ଜଳସ୍ତର ବୃଦ୍ଧି ହୋଇପାରିବ। ପୁରୁଣା ଜଳାଶୟରୁ ପଙ୍କ ଉଦ୍ଧାର କରି ତା'ର ବର୍ଷାଜଳ ଧାରଣ କ୍ଷମତା ବୃଦ୍ଧି କରିବାକୁ ପଡିବ। ଶିଳ୍ପ କ୍ଷେତ୍ରରେ ବର୍ଷାଜଳ ସଂରକ୍ଷଣ ଓ ତାହାର ଉପଯୋଗ ବାଧ୍ୟତାମୂଳକ କରିବାକୁ ହେବ। । ଭୂତଳ ଜଳ ହ୍ରାସ ଅଞ୍ଚଳରେ କୃତ୍ରିମ ଜଳ ଭରଣ ୟୁନିଟ ସ୍ଥାପନ କରିବାକୁ ପଡ଼ିବ । ବର୍ଜ୍ୟ ଜଳକୁ ବିଶୋଧିତ କରି କୃଷି ଓ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବାକୁ ପଡିବ। ଆସନ୍ତୁ ସମସ୍ତେ ମିଶି ଏକ ଶପଥ ନେବା ଯେ ବ୍ୟକ୍ତିଗତ ସ୍ତରରେ ଆବଶ୍ୟକତାଠୁ ଅଧିକ ଜଳ ଖର୍ଚ୍ଚ କରିବା ନାହିଁ ଓ ଜଳର ଅପଚୟ ରୋକିବା, ଯଦ୍ଵାରା ଆଗାମୀ ଦିନରେ ସମସ୍ତଙ୍କ ପାଇଁ ଜଳ ସୁରକ୍ଷା ପ୍ରଦାନ କରିବା ସମ୍ଭବ ହୋଇପାରିବ।

**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶର**

# ସଭା ଓ ଶୋଭାଯାତ୍ରା



ଯଦୁମଣି ପାଣିଗ୍ରାହୀ

ଆଜିକାଲି ସଭା ଓ ଶୋଭାଯାତ୍ରା ଏକ ନିତିଦିନିଆ ଘଟଣା ହୋଇଗଲାଣି। ତେବେ ଅନୁଷ୍ଠିତ ସଭାଗୁଡ଼ିକ ମଧ୍ୟରେ ସାହିତ୍ୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଭା ଏବେ ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ଗାଁ ଗହଳିଠୁଁ ଆରମ୍ଭ କରି ସହର ବଜାର ଯାଏ ଛତୁ ଫୁଟିଲା ଭଳି ବିଭିନ୍ନ କିସମର ସଙ୍ଗଠନ ମାନ ଗଢ଼ି ଉଠିଛି। ବର୍ଷର ବିଭିନ୍ନ ସମୟରେ ସଭାସମିତି ଆୟୋଜନ କରାଇ କବି, ଲେଖକ ଓ ସାହିତ୍ୟିକଙ୍କୁ ଅନୁଷ୍ଠାନମାନେ ଏକଜୁଟ କରାଉଛନ୍ତି। ଅତିଥିମାନଙ୍କୁ ଡକାଇ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋଚନା ମଧ୍ୟ କରାଉଛନ୍ତି। କେଉଁଠି କବିତା/ଗଳ୍ପ ପାଠ କରାଯାଉଛି ତ କେଉଁଠି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ରହୁଛି। ତେବେ ଏସବୁ ସଭା ପ୍ରତି ସାଧାରଣ ଶ୍ରୋତାମାନେ ଅନାଗ୍ରହ ପ୍ରକାଶ କରୁଥିବା ବେଳେ କେବଳ ଆୟୋଜକ ଗୋଷ୍ଠୀ ଓ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭାଙ୍କ ଉପସ୍ଥିତି ସଭା ଶେଷଯାଏ ରହୁଥିବା ଦେଖିବାକୁ ମିଳୁଛି। ମାତ୍ର କବିତା ପଢ଼ିସାରି କବିମାନେ ଫେରାର ହୋଇଯାଉଛନ୍ତି। ଅସଲ କଥା ହେଲା, ଯେଉଁ ଉଦ୍ଦେଶ୍ୟରେ ସଭାଟି ଆୟୋଜିତ ହୋଇଥାଏ ତାହା ସାଧିତ ହୋଇପାରେନି। ନିର୍ଦ୍ଧାରିତ ପ୍ରସଙ୍ଗ ଉପରେ ଆବଶ୍ୟକ ଦକ୍ଷତା ବା ବିଷୟଜ୍ଞାନ ନ ଥିବା କାରଣରୁ ଅନେକ କ୍ଷେତ୍ରରେ ଆଲୋଚନା ବିପଥଗାମୀ ହୁଏ। ସାମାଜିକ କ୍ଷେତ୍ରରେ ତା'ର ପ୍ରତିଫଳନ ଦୃଷ୍ଟିକୁ ଆସେ ନାହିଁ। କିନ୍ତୁ ରାଜନୈତିକ ସଭା ଓ ଶୋଭାଯାତ୍ରାରେ ଲୋକଙ୍କର ବେଶି ଭିଡ଼ ଦେଖିବାକୁ ମିଳିଥାଏ ; ଯାହା ପ୍ରାୟୋଜିତ। ନିର୍ବାଚନ ପାଖେଇ ଆସିଲେ ଲୋକଙ୍କ ସମର୍ଥନ ଯୋଗାଡ଼ କରିବାକୁ ରାଜନୈତିକ ଦଳ ଓ ଦଳୀୟ ନେତାଙ୍କ ପକ୍ଷରୁ ଆୟୋଜିତ ସଭା ଓ ଶୋଭାଯାତ୍ରା ହୁଏତ ଦଳୀୟ ସ୍ୱାର୍ଥ ସାଧନରେ ସହାୟକ ହୋଇଥାଏ, କିନ୍ତୁ ସାଧାରଣ ଲୋକଙ୍କୁ ଏଥିପାଇଁ ବହୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼େ। ଅଧିକାଂଶ ସମୟରେ ଏହାକୁ ନେଇ ରାସ୍ତାଘାଟରେ ଟ୍ରାଫିକ ଜାମ୍ ଓ ପରିବେଶ ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଏକଥା ଅବଶ୍ୟ ସତ ଯେ, ସାହିତ୍ୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଭାଗୁଡ଼ିକ ଲୋକଙ୍କର ଜ୍ଞାନର ପରିସର ବୃଦ୍ଧି ଓ ବୌଦ୍ଧିକ ଚେତନାକୁ ଜାଗ୍ରତ କରାଇବାରେ କିଛି ଅଂଶରେ ସହାୟକ ହେଉଥିବା ବେଳେ ରାଜନୈତିକ ସଭା ସହିତ କିନ୍ତୁ ଲୋକଙ୍କର ସିଧାସଳଖ କିଛି ନା କିଛି ସ୍ୱାର୍ଥ ଓ ଭାବଗତ ସମ୍ପର୍କ ରହିଛି।

ଏସବୁ ସଭା ବ୍ୟତୀତ ଆଜିକାଲି ଶ୍ରଦ୍ଧାଞ୍ଜଳି ବା ସ୍ମୃତିଚାରଣ ସଭା ଓ ଶବ ଶୋଭାଯାତ୍ରାଗୁଡ଼ିକ ବହୁଳ ମାତ୍ରାରେ ଅନୁଷ୍ଠିତ ହେଉଛି। ଆଉ ଏଥିରେ ଭେଦଭାବ ବି କିଛି ରହୁନି। ଦିନଥିଲା ସେବା, ତ୍ୟାଗ ଓ ପରୋପକାର ଭଳି ମହନୀୟ ଗୁଣରେ ବିଭୂଷିତ ସର୍ବୋପରି ସାମାଜିକ କ୍ଷେତ୍ରରେ ଅବଦାନ ଥିବା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପରଲୋକରେ ତାଙ୍କର



ସ୍ମୃତିଚାରଣ ସଭା ଅନୁଷ୍ଠିତ ହେଉଥିଲା। ଏବେ କିନ୍ତୁ ରାଜନୈତିକ ପ୍ରଭାବ ଓ ପତିଆରା ଥିବା ବ୍ୟକ୍ତିଙ୍କର ବି ସ୍ମୃତିଚାରଣ ସଭା ଓ ଶବ ଶୋଭାଯାତ୍ରା ବଡ଼ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଛି। ଆଉ ଏମାନଙ୍କର ସ୍ତାବକ ଓ ପ୍ରଶଂସକମାନେ ବିଭିନ୍ନ ଉପମା ଅଳଙ୍କାର ଦେଇ ଏମାନଙ୍କ ଗୁଣକୀର୍ତ୍ତନ କରୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ଲୋକଙ୍କୁ ସଚେତନ କରିବାକୁ ବିଭିନ୍ନ ସଚେତନତା ସଭା ଓ ଶୋଭାଯାତ୍ରାର ଆୟୋଜନ କରାଯାଉଛି। ଆଉ ଏଥିପାଇଁ ବି ବହୁଳ ଅର୍ଥ ବ୍ୟୟ କରାଯାଉଛି। ଏହାର କୌଣସି ସୁଦୂର ପ୍ରସାରୀ ପ୍ରଭାବ କାହା ଉପରେ ପଡ଼ିବା ଭଳି ମନେହେଉନି। ବିଭିନ୍ନ ଦାବି ହାସଲ ଓ ସମସ୍ୟା ସମାଧାନ ଲାଗି ବିଭିନ୍ନ ଗୋଷ୍ଠୀ ଓ ସଙ୍ଗଠନଗୁଡ଼ିକ ପକ୍ଷରୁ ଅଧିକାଂଶ ସମୟରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ମାନ ଅନୁଷ୍ଠିତ ହୋଇଥାଏ। ବିଶେଷକରି ବିଧାନସଭା ଅଧିବେଶନ ସମୟରେ ଏହି ସଭା ଓ ଶୋଭାଯାତ୍ରାର ଉଷ୍ମତା ଅଧିକ ଜଣାପଡ଼େ। ଅନ୍ୟପକ୍ଷେ ଉତ୍ସବ/ମହୋତ୍ସବ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ନାଁରେ ସଭା ସାଙ୍ଗକୁ ଯୁବକମାନଙ୍କୁ ନେଇ ବାଇକ ଓ ମହିଳାଙ୍କୁ ନେଇ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥାଏ। ଏସବୁ ବି ରାସ୍ତାଘାଟ ଜାମ କରିବା ସହିତ ସାଧାରଣ ଲୋକଙ୍କ ଗମନାଗମନରେ ବାଧା ସୃଷ୍ଟି କରିଥାଏ। ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭାମାନଙ୍କରେ ଡାକିଆଣି ସମବେତ କରାଇବା ଏକ ଅହିତକର ପରମ୍ପରା ସୃଷ୍ଟି କରୁଥିଲେ ବି ନେତା ଓ ବୁଦ୍ଧିଜୀବୀମାନେ ଏଥିପ୍ରତି ଆଖି ବୁଜି ଦେଇଥାନ୍ତି। ଏସବୁ ସଭାରେ ବକ୍ତାଙ୍କ ବକ୍ତବ୍ୟ ଶୁଣିବା ଅପେକ୍ଷା ମନୋରଞ୍ଜନ କାର୍ଯ୍ୟକ୍ରମ ଉପରେ ପିଲାଙ୍କ ନଜର ଅଧିକ କେନ୍ଦ୍ରୀଭୂତ ହୋଇଥାଏ।

ସେହିପରି ବିଭିନ୍ନ ସରକାରୀ/ବେସରକାରୀ ଦପ୍ତର, ସ୍କୁଲ, କଲେଜର ଶିକ୍ଷକ/ ଅଧ୍ୟାପକମାନଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ ମଧ୍ୟ କରାଯାଇଥାଏ। ଏଥିରେ ନୂତନତ୍ୱ ବୋଲି କିଛି ନ ଥାଏ ଏବଂ ଏସବୁ ସଭା ବାରମାସୀ ଓ ଏଗୁଡ଼ିକ ଚିରାଚରିତ ଢଙ୍ଗରେ ସମ୍ପନ୍ନ କରାଯାଇଥାଏ। କାହାର କାହା ପ୍ରତି ଅନ୍ତରରେ ଶ୍ରଦ୍ଧା, ସମ୍ମାନ କି ଭଲ ପାଇବା ଥାଉ କି ନ ଥାଉ ସଭାରେ ଉପସ୍ଥିତ ହୋଇ କେବଳ ଦି'ପଦ ପ୍ରଶଂସା ସୂଚକ ବକ୍ତବ୍ୟ ପ୍ରଦାନ କରିବାରେ ସେବାରେ ଥିବା ଓ ସେବା ନିବୃତ୍ତବ୍ୟକ୍ତି ଆତ୍ମତୃପ୍ତି ଓ ସନ୍ତୋଷ ଲାଭ କରିଥାନ୍ତି। ସଭା ଓ ଶୋଭାଯାତ୍ରାର ଆୟୋଜକମାନେ ନିଜ ଭିତରେ ଥିବା ସଂକୀର୍ଣ୍ଣ ମନୋଭାବ ଓ ହୀନମନ୍ୟତାକୁ ଦୂରକରି ସାମାଜିକ ହିତ ଦୃଷ୍ଟିରୁ ସେମାନଙ୍କ ଦୃଷ୍ଟିଭଙ୍ଗୀକୁ ବ୍ୟାପକ ଓ ସମାଜ ଉପଯୋଗୀ କରିବା ପରିବର୍ତ୍ତେ ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ଯାଇ ଅଯଥା ଓ ଅକାରଣରେ ଆତ୍ମ ସଂକୀର୍ତ୍ତନ ଉଦ୍ଦେଶ୍ୟରେ ସଭା ଓ ଶୋଭାଯାତ୍ରା ମାନ ଆୟୋଜନ କରିଥାନ୍ତି। ସମୟ ଆସିଛି ଏଭଳି ସଭା ଓ ଶୋଭାଯାତ୍ରାର ଔଚିତ୍ୟକୁ ନେଇ ଏବଂ ଏହାର ସାମାଜିକ ଯଥାର୍ଥତାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାର ଆବଶ୍ୟକତା ରହିଛି। ତା'ନ ହେଲେ ଆଗାମୀ ପିଢ଼ି ସଂକ୍ରମିତ ହେବାର ସମ୍ଭାବନା ମଧ୍ୟ ରହିଛି।

ଶଂଖୁଡା, ତିହିଡି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

ଉତ୍ତର ଭାରତର କେତେକ ରାଜ୍ୟରେ ଖୁଣ୍ଟା ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣର ଗମ୍ଭୀର ପରିଣାମ ଦେଖିବାକୁ ମିଳୁଛି। କୃଷକମାନଙ୍କୁ ଏହି କାର୍ଯ୍ୟରୁ ବିରତ କରିବା ପାଇଁ କୋର୍ଟ ଏବଂ ରାଜ୍ୟ ସରକାରଗୁଡ଼ିକ ପଦକ୍ଷେପ ନେଲେ ମଧ୍ୟ ଏଥିରେ ସମ୍ପୂର୍ଣ୍ଣ ସଫଳତା ମିଳିପାରୁନାହିଁ। ତେବେ ଖୁଣ୍ଟା ପୋଡ଼ି ରୋକିବା ଲାଗି ପଞ୍ଜାବର ପରମିନ୍ଦର ସିଂଙ୍କ ବିକଳ୍ପ ତଥା ଅଭିନବ ପ୍ରୟାସ ପ୍ରଶଂସନୀୟ। ସେ କୃଷକମାନଙ୍କଠାରୁ ଖୁଣ୍ଟା ବର୍ଜ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ଆୟର ଉତ୍ସ ସୃଷ୍ଟି କରିବା ସହ ଖୁଣ୍ଟାରୁ ପରିବେଶ ଉପଯୋଗୀ ଟାଇଲ ତିଆରି କରିଛନ୍ତି। ସେ ଟାଇଲ ତିଆରି କରିବା ପାଇଁ ୮ ବର୍ଷ ଧରି ପରୀକ୍ଷା ନିରୀକ୍ଷା ଜାରି ରଖିଥିଲେ। ଏହି ଅବଧିରେ ଲୋକେ ତାଙ୍କୁ ସମାଲୋଚନା କରିଥିଲେ। କିନ୍ତୁ ସେ ତାଙ୍କ ଲକ୍ଷ୍ୟ ହାସଲ କରିବା ପରେ ସମସ୍ତେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। କହିବାକୁ ଗଲେ ସମସ୍ୟାକୁ ସୁଯୋଗ (ନିଯୁକ୍ତି ବା ରୋଜଗାର)ରେ ପରିଣତ କରିପାରିଛନ୍ତି ପରମିନ୍ଦର। ତାଙ୍କ ଦ୍ୱାରା ତିଆରି କରାଯାଉଥିବା ଟାଇଲ ସମ୍ପୂର୍ଣ୍ଣ ଭାବେ ପାଣି ଓ ଅଗ୍ନି ପ୍ରତିରୋଧୀ। ଏସବୁକୁ ବିଶେଷକରି ଘରର ସିଲିଂରେ ଅଧିକ ବ୍ୟବହାର କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ମାର୍ଚ୍ଚ ୧୯୭୬

- ବଡ଼ ବଡ଼ ଶିଳ୍ପପତିଙ୍କ ଶିଳ୍ପାନୁଷ୍ଠାନର ହିସାବ କରି ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତନଖି କରିବା ପାଇଁ କେନ୍ଦ୍ର କମ୍ପାନୀ ବ୍ୟାପାର ବିଭାଗ ଦୃଢ଼ ପଦକ୍ଷେପ ନେଇଛନ୍ତି।
- ଉତ୍ତର କୋରିଆ ଭାରତକୁ ଲେଡ୍, ଜିଙ୍କ, ଇସ୍ପାତ ପ୍ଲେଟ ଓ ୟୁରିଆ ପ୍ରଭୃତି ଯୋଗାଇଦେବା ସଂକ୍ରାନ୍ତରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।
- ବ୍ରିଟେନ ରାଜକୁମାରଙ୍କ ପତ୍ନୀ ମାର୍ଗାରେଟ ଆନୁଷ୍ଠାନିକ ଭାବେ ତାଙ୍କ ସ୍ୱାମୀ ଲର୍ଡ ସ୍ନୋ ଡାଉନଙ୍କ ସହ ସମ୍ପର୍କ ଛିନ୍ନ କରିଛନ୍ତି।

## ଚିରନ୍ତନୀ

ଆସ ମୋର ଦିବସ କ୍ରୀଡ଼ା
ଆମ ଗୋ ମୋର ସାନ୍ଧ୍ୟ ବ୍ରୀଡ଼ା
ଶ୍ରାବଣ ଘନ ନିଶୀଥ ପୀଡ଼ା-ବ୍ୟଞ୍ଜନା
ଆସ ଗୋ ଉଷା-ପ୍ରତୀଚୀ-ଭାଲ-ରଞ୍ଜନା।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନେତାଙ୍କ ଆଚରଣ ମାର୍ଜିତ ହେଉ

ମହାଶୟ,

ଲୋକସଭା ହେଉ ଅବା ରାଜ୍ୟସଭାରେ ସାଂସଦ ତଥା ବିଧାନସଭା ସଦସ୍ୟଙ୍କ ବିଶୃଙ୍ଖଳିତ ଆଚରଣ ଓ ଉଚ୍ଛାରଣ ପ୍ରଦର୍ଶନ ଉପରେ ଅଙ୍କୁଶ ଲଗାଯିବା ଉଚିତ। ଏଥିପାଇଁ ନିର୍ବାଚନ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା କରାଯିବା ସହ ସେମାନଙ୍କ ସଦସ୍ୟତା ପଦକୁ ରଦ୍ଦ କରାଯିବା ଉପରେ ବିଚାର କରିବାର ଆବଶ୍ୟକତା ଜରୁରୀ । ଏହାଦ୍ୱାରା ସେମାନଙ୍କୁ ଶୃଙ୍ଖଳିତ କରାଇବାର ସଚେତନତା ଆଣିବ। ଉଭୟ ଶାସକଦଳ ଓ ବିରୋଧୀଦଳ ପରସ୍ପର ମଧ୍ୟରେ ଅସଂଯତ, ଅଭଦ୍ରୋଚିତ ଟିପ୍ପଣୀ ଦେବା, ମାରପିଟ ହେବା, ଚୌକି ଟେବୁଲ ଏବଂ ମାଇକକୁ ଭାଙ୍ଗିଦେବା, ବାଚସ୍ପତିଙ୍କ ଉପରକୁ ଚପଲ ଫୋପାଡ଼ିବା କେତେ ଯଥାର୍ଥତା ବହନ କରୁଛି, କେବଳ ସେମାନେ ହିଁ ଉତ୍ତର ଦେବେ। ଏହା ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ। ଗୃହମଧ୍ୟରେ ବିଭିନ୍ନ ଦଳୀୟ ନେତାଙ୍କ ଆଚରଣ ଓ ସମାଲୋଚନା ସର୍ବଦା ମାର୍ଜିତ ଓ ଶୁଦ୍ଧ ହେଲେ ସେମାନେ ଲୋକଙ୍କ ପ୍ରିୟଭାଜନ ହୋଇପାରିବେ।

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭକ୍ତଙ୍କ ସୁରକ୍ଷା, ସୁବିଧାକୁ ଗୁରୁତ୍ୱ

ବ୍ରହ୍ମପୁର,୨୧।୩(ସ୍ମୃତି ରଞ୍ଜନ ମହାଲିକ):

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତାଗିର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଠାକୁରାଣୀ ଯାତ୍ରାରେ ଆସୁଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ସୁରକ୍ଷା ଓ ସୁବିଧାକୁ ନେଇ ବିଭିନ୍ନ ନିଷ୍ପତ୍ତି ହୋଇଥିଲା। ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ। ଯାତ୍ରାସ୍ଥଳରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ ହେବ। ଏଥିସହ ଯାତ୍ରା ନିକଟସ୍ଥ ୮ଟି ଅଞ୍ଚଳରେ ଶୌଚାଳୟ ସ୍ଥାପନ ପାଇଁ ଯୋଜନା କରାଯାଇଥିବା ବେଳେ ଏହାକୁ ଖୁବ ଶୀଘ୍ର କାର୍ଯ୍ୟକାରୀ

## ଠାକୁରାଣୀ ଯାତ୍ରା ନେଇ ପ୍ରସ୍ତୁତି ବୈଠକ




ପ୍ରସ୍ତୁତି ବୈଠକରେ ଉପସ୍ଥିତ ବ୍ରହ୍ମପୁର ଉପଜିଲାପାଳ ଓ ଅନ୍ୟମାନେ।

କରିବା ପାଇଁ ବିଏମସିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ରଜା ଗୁର୍ଜି ଓ ତ୍ରିନାଥ ବଜାରଠାରେ ପରିସ୍ରାଗାର ରହିଛି। ଯାତ୍ରା ସମୟରେ ପରିସ୍ରାଗାର ପରିଷ୍କାର ପରିଚ୍ଛନ୍ନତା ପାଇଁ ବିଏମସିକୁ କୁହାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଅଧିକାରୀ ଓ ଅଗ୍ନି ନିର୍ବାପକ ଯନ୍ତ୍ର ଉପଲବ୍ଧ ରଖିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାତ୍ରା ପରିଚାଳକଙ୍କ ପକ୍ଷରୁ ମଣ୍ଡପ ସମେତ ସିସି କ୍ୟାମେରା ଖଞ୍ଜାଯିବା ପାଇଁ ଉପଜିଲାପାଳ କହିଥିଲେ। ଏକ ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ ରହିବ। ଏଥିସହ ଫାଷ୍ଟ ଏଡ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଯାତ୍ରା ସମୟରେ ସହରରେ ଯେଭଳି ପିଇବା ପାଣିର ଅସୁବିଧା ନ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ଉପଜିଲାପାଳ ୱାଟକୋକୁ କହିଥିଲେ। ଆସନ୍ତା ଏପ୍ରିଲ ୩ରୁ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇ ୨୮ ତାରିଖରେ ସରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଟାଉନ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା, ସିଡିଏମଓ ଡା ବିଜୟ କୁମାର ପଣ୍ଡା, ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରା ଓ ପୂର୍ବତନ କର୍ପୋରେଟର ବଦ୍ରି ନାରାୟଣ ନାୟକଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବିଶ୍ୱ କବିତା ଦିବସ

ବ୍ରହ୍ମପୁର,୨୧।୩(ସୁବାସ ଚନ୍ଦ୍ର ପାଢ଼ୀ) ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂଲିଶ ବିଭାଗରେ 'ବିଶ୍ୱ କବିତା ଦିବସ' ପାଳିତ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ତଥା ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁ ଅଧ୍ୟକ୍ଷତା କରି ବିଶ୍ୱ କବିତା ଦିବସର ଉଦ୍ଦେଶ୍ୟ କହିଥିଲେ। ବିଭାଗୀୟ ଅଧ୍ୟାପିକା ଚିନ୍ମୟୀ ସାହୁ, ଅଧ୍ୟାପିକା ଈପସିତା ରୁଚି, ଅଧ୍ୟାପିକା ନୟନିକା ମହାପାତ୍ର, ଅଧ୍ୟାପିକା ସୁହାସିନୀ ବିଶ୍ୱାଳ ପ୍ରମୁଖ କବିତାର ପାଠକ ଆବୃତ୍ତି ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ସ୍ମୃତି ସ୍ୱରୂପା ସଂଯୋଜନା କରିଥିଲେ।

## ଜଙ୍ଗଲ ସୁରକ୍ଷା ପାଇଁ ଏକାଠି ହେବାକୁ ଆହ୍ୱାନ

ବ୍ରହ୍ମପୁର,୨୧।୩(ସ୍ମୃତି ରଞ୍ଜନ ମହାଲିକ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆରସିଏଫଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ ସଞ୍ଜୟ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଦିଗରେ ସଭିଏଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସୁର ଏସିଏଫ ପ୍ରଦୀପ ବେହେରା ଯୋଗ ଦେଇଥିଲେ। ରୋଲାଣ୍ଡ କଲେଜକୁ ଶ୍ରେଷ୍ଠ ମହାବିଦ୍ୟାଳୟ ଓ ଧବଳେଶ୍ୱର ଉଚ୍ଚ ବିଦ୍ୟାପୀଠକୁ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ପୁରସ୍କୃତ କରାଯାଇଥିଲା। ଇକୋ କ୍ଲବ ସଂଯୋଜକ ଡ ଶଙ୍କର ନାରାୟଣ ବେଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏସିଏଫ ଦିବ୍ୟ ବେହେରା, ମାଣିକେଶ୍ୱରୀ ହାଂସଦା, ରେଞ୍ଜର ଦିବ୍ୟରଞ୍ଜନ ସାହୁ ଓ ବନପାଳ ସୋମନାଥ ମଲିକ ପରିଚାଳନାରେ ସହଯୋଗ କରିଥିଲେ।

## ଆଖୁଚାଷୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର



ଶିବିରରେ ଉପସ୍ଥିତ ଆଖୁଚାଷୀମାନେ।

ଆସିକା,୨୧।୩(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତ ନବରତ୍ନପୁର ଚନ୍ଦ୍ରକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଆଖୁଚାଷୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିକା ସମବାୟ ଚିନିଶିଳ୍ପ ଏବଂ ଚିନିଶିଳ୍ପର ଆଖୁ ଉନ୍ନୟନ ପ୍ରଯୁକ୍ତି ମିଶନ ଓ କୃଷି ବିଭାଗର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ଶିବିରରେ ଚିନିଶିଳ୍ପର ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ, ଆସିକା ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ଜଗଦିଶ ଚୌଧୁରୀ, ବାଇଧର ନାହାକ, ଜଗନ୍ନାଥ ପଟ୍ଟନାୟକ, ଧୃବଚରଣ ସାହୁ, କାମେଶ୍ୱର ପ୍ରଧାନ, ବାବୁଜହ୍ନ ପ୍ରଧାନ ପ୍ରମୁଖ ଯୋଗଦେଇ ଆଖୁଚାଷ ସମ୍ପର୍କରେ ତାଲିମ ଦେଇଥିଲେ। ନୂତନ ବୈଷୟିକ ଜ୍ଞାନ କୌଶଳ ଆଧାରରେ ଆଖୁଚାଷ ପ୍ରଣାଳୀ, ମୁଳି ଆଖୁର ପରିଚାଳନା ଓ ବିହନ ଉତ୍ପାଦନ ସାଙ୍ଗକୁ ଅଧିକ ସର୍କରାଯୁକ୍ତ ଆଖୁ ଉତ୍ପାଦନ ଓ ସରଳ ଆଖୁଚାଷ, ମୃତ୍ତିକା ପରୀକ୍ଷା, ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା ଲାଗି କୌଶଳ, ଆଖୁଚାଷ ଲାଗି ସ୍ୱଳ୍ପ ସୁଧରେ ଋଣ ହାସଲ ସମ୍ପର୍କରେ ଶିବିରରେ ବିସ୍ତୃତ ଆଲୋଚନା କରାଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ବାଲିଛାଇ ଗ୍ରାମର ଦଳିତଙ୍କୁ ସାମାଜିକ ବାସନ୍ଦ

■ସବର୍ଣ୍ଣଙ୍କ ଦ୍ୱାରା ବିତାଡ଼ିତ ୫୦ରୁ ଊର୍ଦ୍ଧ୍ୱ ପରିବାର
■ଜିଲା ଦଳିତ ମହାସଭାର ଅଭିଯୋଗ

ବ୍ରହ୍ମପୁର,୨୧।୩(ନରସିଂହ ସାହୁ)–ଗଞ୍ଜାମ ଜିଲା ଆସିକା ବ୍ଲକ ଅଧୀନ ବାଲିଛାଇ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଦଳିତ ପରିବାରକୁ ଦୀର୍ଘ ୨୫ ବର୍ଷ ଧରି ସାମାଜିକ ବାସନ୍ଦ କରାଯାଇଛି। ଜାତିଗତ କାରଣରୁ ସେଠାର ସବର୍ଣ୍ଣ ଲୋକେ ଗାଁରୁ ତଡ଼ି ଦେଇଛନ୍ତି। ଦଳିତମାନଙ୍କ ଚାଷ ଜମିକୁ ଜବରଦଖଲ କରାଯାଇଛି ଏବଂ ଉତ୍ପାଦିତ ଫସଲ ବିକ୍ରି କରି ସେହି ଟଙ୍କା ଗାଁର କୋଠ ଘରେ ରଖାଯାଇଛି। ଶୁକ୍ରବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଦଳିତ ମହାସଭାର କର୍ମକର୍ତ୍ତାମାନେ ଏହି ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖରୁ ବିତାଡ଼ିତ ପରିବାର ଲୋକେ ଜିଲାପାଳଙ୍କ ଅଫିସ ଆଗରେ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳିତ ମହାସଭା କର୍ମକର୍ତ୍ତା

ଧାରଣା ଦେବେ ବୋଲି ଚେତାବନୀ ଦିଆଯାଇଛି। ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ଦଳିତ ମହାସଭା ପକ୍ଷରୁ ଆହୁରି କୁହାଯାଇଛି ବିତାଡ଼ିତ ଲୋକଙ୍କ ସହ ଆଲୋଚନା ପାଇଁ ୨୦୧୨ରେ ତତ୍କାଳୀନ ଜିଲାପାଳ ଓ ଏସ୍‌ପି ବାଲିଛାଇ ଯାଇଥିଲେ। ଉଭୟଙ୍କୁ ସବର୍ଣ୍ଣ ଲୋକେ ଦୀର୍ଘ ସମୟ ଛାଡ଼ି ନଥିଲେ। ଏହି ଘଟଣାର ଏବେ ୧୩ ବର୍ଷ ବିତିଛି ଏବଂ ବିତାଡିତ ଦଳିତ ପରିବାରଙ୍କ ସମସ୍ୟା ମଧ୍ୟ ବଢ଼ି ଚାଲିଛି ବୋଲି ଅଭିଯୋଗ ହୋଇଛି। ଖବରଦାତା ସମ୍ମିଳନୀରେ ମହାସଭା ସଭାପତି ସୁରେନ୍ଦ୍ର ନାଥ ନାୟକ, ସମ୍ପାଦକ ସଂଗ୍ରାମ ନାୟକଙ୍କ ସମେତ ମନୁ ନାୟକ, ସଂଜୟ ନାୟକ, ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିତାଡ଼ିତ ଦଳିତ ପରିବାର ପକ୍ଷରୁ ଗଣପତି ନାୟକ, ରମେଶ ନାୟକ, ଚିତ୍ତରଞ୍ଜନ ନାୟକ, ଭଜରାମ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

JALAN GROUP OF INDUSTRIES
(Infrastructure - Road & Highways)
WALK-IN-INTERVIEW - BULK HIRING
At: Rourkela, Jharsuguda, Sambalpur
Jalan Infrastructure LLP, Winner of 2025 Emerging Infrastructure Award & 2024 Eastern India Best Employer Brand, a company working with NHAI, MORTH, PWD etc., for Road and Highway construction has vacancies at sites in Cuttack, Kandhamal, Sambalpur and Bhubaneswar Regional Office.

| Sl. No. | Post | Sl. No. | Post |
|---|---|---|---|
| 1 | Project Manager | 5 | QS Billing |
| 2 | Site/Highway Engineer | 6 | Store Keeper-in-Charge |
| 3 | Supervisor (Road) | 7 | Liaison-cum-Admin Officer |
| 4 | Mechanics | | |

22nd March, Panthanivas, OTDC, Sector-5, Rourkela 11.00 A.M. to 6.00 P.M.
23rd March, Hotel Meghdoot, Station Road, Jharsuguda 11.00 A.M. to 6.00 P.M.
24th March, Panthanivas, OTDC, Hans Nagar, Sambalpur 11.00 A.M. to 6.00 P.M.
Contact Person: Ms. Sahana Mitra, Mobile: 7439689940
email: hradmin@jalangroup.co.in
Website: www.jalangroupofindustries.com
Minimum 3 years of Road Construction Experience Required

# ୭ ବାରରୁ ୪୭ ହୁକା ମେଶିନ, ନିଶା ସାମଗ୍ରୀ ଜବତ

## ବ୍ୟବସାୟୀଙ୍କୁ ନୋଟିସ କରି ଛଡ଼ିଲା ପୋଲିସ

ବ୍ରହ୍ମପୁର,୨୧।୩(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରେ ଥିବା ହୁକା ବାର୍‌ରେ ପୋଲିସ ଗୁରୁବାର ରାତିରେ ଚଢାଉ କରିଥିଲା। ବଡବଜାର, ଟାଉନ ଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ୭ଟି ବାର୍‌ରେ ୫ଜଣିଆ ପୋଲିସ ଟିମ ଚଢାଉ କରି ୪୭ଟି ହୁକା ମେଶିନ, ନିଷିଦ୍ଧ ତମାଖୁ ଉତ୍ପାଦ, କୋଇଲା ଓ ବିଷାକ୍ତ ରାସାୟନିକ ପଦାର୍ଥ ଜବତ କରିଥିଲା। ବେଆଇନ ଭାବେ ହୁକା ବାର ଚଳାଉଥିବା ବ୍ୟବସାୟୀଙ୍କୁ ଥାନାକୁ ଡକାଇ ନୋଟିସ ଦିଆଯାଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।

ଟାଉନ ଥାନା ଅଞ୍ଚଳରେ ଥିବା ୪ଟି ହୁକା ରେଷ୍ଟୁରାଣ୍ଟ , ବୈଦ୍ୟନାଥପୁର ଥାନା ଅଞ୍ଚଳରେ ୨ଟି ଓ ବଡବଜାର ଥାନା ଅଞ୍ଚଳରେ ଥିବା ଗୋଟିଏ ହୁକା ବାରରେ ଚଢାଉ କରାଯାଇଥିଲା। ବାର ମାଲିକମାନେ କୌଣସି ବୈଧ ଅନୁମତି କିମ୍ବା ଲାଇସେନ୍ସ ଦେଖାଇ ପାରିନଥିଲେ। କୋଟପା ଆଇନ ବଳରେ ସେମାନଙ୍କ ବିରୋଧରେ ୭ଟି ଫୌଜଦାରୀ ମାମଲା ହୋଇଛି। ହୁକା ବାରରେ କେତେଜଣ ନାବାଳକ ମଧ୍ୟ ଧୂମପାନ କରୁଥିବା ପୋଲିସ ଟିମ ଦେଖିବା ପରେ ସେମାନଙ୍କ ପରିବାରକୁ ଜଣାଇଛି। ଯଦି ଆଗାମୀ ଦିନରେ ପୁଣି ହୁକା ବାର ଚାଲୁଥିବା ଜଣାପଡିବ ତେବେ ମାଲିକମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୁଚନାଯୋଗ୍ୟ, ପୋଲିସ ଓ ପ୍ରଶାସନର ଲୁଚାଛପାରେ ନିୟମିତ ବାର୍‌ରେ ହୁକା ବିକ୍ରି ଭଳି ବେଆଇନ କାର୍ଯ୍ୟ ଚାଲୁଥିବା କିଛି ଲୋକ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସହରର ଯୁବତୀ ଯୁବକ ମାନେ ଉକ୍ତ ବାରକୁ ନିୟମିତ ଭାବେ ଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏସପିଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଏସ୍‌ଡିପିଓ ପିୟୁସ ରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ୫ଟି ପୋଲିସ ଟିମ ଚଢ଼ାଉ କରିଥିଲା।




HIRING
ASM, SO, SE, SR required
for formation of new Sales team for all districts of Odisha for a FMCG company located in Jagatpur, Cuttack. Freshers & experienced candidates are welcomed. Immediate hiring.
Contact ✆ 7978944424




ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years
WANTED

| POSITION | ELIGIBILITY | LOCATION |
|---|---|---|
| OFFICE EXECUTIVES | ‣ Responsibilities will include coordinating and scheduling advertising activities, managing campaign calendars, maintaining data & billing of advertisements. ‣ Candidates should be well equipped with Back office work, MS Office & should have basic knowledge of Tally. ‣ Minimum 3 years experience in print media will be preferred. | BHUBANESWAR |
| CIRCULATION EXECUTIVES | ‣ 2-3 years sales experience in print media. ‣ Oversee distribution to subscribers, retailers & customers. ‣ Willingness to travel & keep in touch with agents. Collection of outstanding dues. Own bike or transport will be preferred. ‣ Proficiency in MS-Office. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ରାଜ୍ୟସ୍ତରୀୟ ଜେଆର୍‌ସି ତାଲିମ ଶିବିର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର, ୨୧।୩(ସୁବାସ ଚନ୍ଦ୍ର ପାଢ଼ୀ)

ତିନିଦିନିଆ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ(ଜେଆର୍‌ସି) ଆବାସିକ ତାଲିମ ଶିବିର ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚବିଦ୍ୟାଳୟରେ ଚାଲିଛି। ଗୁରୁବାର ଉଦଘାଟିତ ହୋଇଥିବା ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରଥମ ପର୍ଯ୍ୟାୟରେ ୧୨୦ଜଣ ଅଣ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଛନ୍ତି। ଏଥିରେ ସ୍ୱାସ୍ଥ୍ୟ,ସେବା ଓ ବନ୍ଧୁତା ଲକ୍ଷ୍ୟ ନେଇ ସାଧନ କର୍ମୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରତି ସ୍କୁଲରେ ଜେଆରସି ୟୁନିଟ ଖୋଲିବା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବଧ୍ୟତାମୂଳକ କରାଯାଇଛି। ଶିବିରରେ ୪ଜଣ ପ୍ରଶିକ୍ଷକ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ସାଂଗଠନିକ ଦକ୍ଷତା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ସାମାଜିକ ମୂଲ୍ୟବୋଧ ଓ ନୈତିକତା ଜାଗୃତି ପ୍ରସଙ୍ଗରେ ତାଲିମ ନେଉଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲାଶିକ୍ଷାଧିକାରୀ ରାଜେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜେଆରସିର ଭୂମିକା ସବୁସ୍ତରରେ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦେବୀ ପ୍ରସାଦ ସାହୁ ଯୋଗଦେଇ କହିଲେ ଯେ, ଯେଉଁମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ସେମାନେ ସ୍କୁଲ ପିଲାମାନଙ୍କୁ ଜୁନିୟର ରେଡକ୍ରସ ସଂକ୍ରାନ୍ତରେ ପଢ଼ାଇବେ। ସମ୍ମାନନୀୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ହରେକୃଷ୍ଣ ପଣ୍ଡା, ଜୁନିୟର ରେଡକ୍ରସ ଅଧିକାରୀ ସନାତନ ଜାଲି, ଜିଲା କ୍ରୀଡା ନିରୀକ୍ଷକ ଭାଗିରଥୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।









## ସଂକ୍ଷେପରେ

### ପୋଲରେ ପିଟିହେଲା ସ୍କୁଟି, ୨ ମୃତ

ଜି.ଉଦୟଗିରି,୨୧।୩(ବିଜୟ କୁମାର ସେଠୀ)
କନ୍ଧମାଳ ଜିଲା ଜି.ଉଦୟଗିରି କଳିଙ୍ଗା ରାଜ୍ୟ ରାଜପଥ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ରାଇପଦା ଛକ ନିକଟ ଏକ ପୋଲରେ ସ୍କୁଟି ପିଟିହୋଇ ଦୁର୍ଘଟଣା ଘଟିଛି। ସୂଚନାନୁସାରେ, କଳିଙ୍ଗା ଗୁଡ଼ୁପିପାରି ଗ୍ରାମର ବାପି ଚନ୍ଦ୍ର ସାହୁ ଏକ ସ୍କୁଟି (ନଂ ଓଡି ୧୨ଇ ୧୦୬୮)ରେ କଳିଙ୍ଗାଠାରୁ ଜି.ଉଦୟଗିରି ଅଭିମୁଖେ ଆସୁଥିଲେ। ସ୍କୁଟିରେ ବସିଥିବା ଗୁଡ଼ୁପିପାରିର ବାପି ଚନ୍ଦ୍ର ସାହୁ (୨୫), ମାଲିକାପଡ଼ି ପଞ୍ଚାୟତ ବଜ୍ରକଗୁଡ଼ା ଗ୍ରାମର ସୁବାସ ନାୟକ(୬୫), ଗୁଡ଼ୁପିପାରିର ସଞ୍ଜିତ କୁମାର ପ୍ରଧାନ (୬୦), ନାବାଳକ ମନୀଷ ସାହୁ(୧୦) ଭାରସାମ୍ୟ ହରେଇ ପୋଲ କାନ୍ଥରେ ପିଟି ହୋଇଥିଲେ। ସେମାନଙ୍କ ଚିତ୍କାର ଶୁଣି ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ଆହତଙ୍କୁ ଉଦ୍ଧାର କରି ଏକ ଡାଲାଏଟରରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ଅଶୋକ କୁମାର ପ୍ରଧାନ ପ୍ରାଥମିକ ଚିକିତ୍ସା କରୁଥିବା ବେଳେ ବଜ୍ରକଗୁଡ଼ାର ସୁବାସ ନାୟକ ଏବଂ ଗୁଡ଼ୁପିପାରି ଗ୍ରାମର ବାପି ଚନ୍ଦ୍ର ସାହୁଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟ ୨ ଆହତଙ୍କ ଚିକିତ୍ସା ଚାଲିଛି। ସ୍ଥାନୀୟ ପୋଲିସ ଏଏସ୍ଆଇ କାମରାଜ ରେଣ୍ଡୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

### ଆଶ୍ରମ ସ୍କୁଲ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଫୁଲବାଣୀ,୨୧।୩(ରାକେଶ କୁମାର ରାଉତ): ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗୁମାଗଡ଼ ସେବାଶ୍ରମରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ କଟିଙ୍ଗିଆ ପଞ୍ଚାୟତ ନେଡ଼ିପଙ୍କା ଗ୍ରାମର ଗୌରାଙ୍ଗ ଚରଣ ଦିଗାଲଙ୍କ ଝିଅ ମଞ୍ଜୁଲତା। ମଞ୍ଜୁଲତା ଗୁମାଗଡ଼ ସେବାଶ୍ରମ ସ୍କୁଲରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢ଼ୁଥିଲେ। ୩ ଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। ଗୁରୁବାର ଅପରାହ୍ନରେ ବିଦ୍ୟାଳୟ କର୍ତ୍ତୃପକ୍ଷ ମଞ୍ଜୁଲତାଙ୍କୁ ଗୁମାଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ରାତିରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମଞ୍ଜୁଲତା ପୂର୍ବରୁ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ପରିବାର ପକ୍ଷରୁ ସଦର ଥାନାରେ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଅପରପକ୍ଷେ, ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସବ୍‌ଇନ୍‌ସ୍ପେକ୍ଟର ସମିତ ବେହେରା କହିଛନ୍ତି।

### ଦୁତିପଡ଼ା ସମବାୟ ଲ୍ୟାମ୍ପସିଏସ୍ ବାର୍ଷିକ ସଭା

ଖଜୁରୀପଡ଼ା ୨୧।୩( ବିଦୁର ବେହେରା)
ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ପାଳନ କରାଯାଉଛି। ଏହିଅବସରରେ କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତିପଡା ସମବାୟ ଲ୍ୟାମ୍ପସିଏସ୍ ପକ୍ଷରୁ ବାର୍ଷିକ ସାଧାରଣ ସଭା ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ସଭାରେ ଲ୍ୟାମ୍ପସିଏସ୍‌ର ସଭାପତି ଇନ୍ଦ୍ରଦ୍ୟୁମ୍ନ କହଁର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦୁତିପଡା ସରପଞ୍ଚ ଜାନକୀ ଜାନି, ସମ୍ମାନିତ ଅତିଥି ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ, ସୁଜିତ ମଲ୍ଲିକ, ଉମା ଚରଣ ମଲ୍ଲିକ, ଦମୟନ୍ତୀ ମଲ୍ଲିକ,ବ୍ଲକ ଯୋଗାଣ ଅଧିକାରୀ ପ୍ରୀତିରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ଶୁକଦେବ ସେଠୀ, ସମିତି ସଭ୍ୟା ଉଷାବତୀ ଗଣ୍ଡା, ଲ୍ୟାମ୍ପସିଏସ୍ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସେଠୀ, ଫୁଲବାଣୀ ଏମଡି. ଭୀମସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସରକାରଙ୍କ ଯୋଜନା ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନ, ଚାଷୀଙ୍କ ପାଇଁ ରହିଥିବା ସରକାରୀ ସୁବିଧା, ନିଃଶୁଳ୍କ କୃଷି ଋଣ ବ୍ୟବସ୍ଥା, ଶତକଡ଼ା ୨ପ୍ରତିଶତ ଶୁଦ୍ଧ ହାରରେ ୧ ଲକ୍ଷରୁ୩ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ ସୁବିଧା ଉପରେ ଆଲୋଚନା କରାଯାଇଥିଲା। ପରିଚାଳନା ନିର୍ଦ୍ଦେଶକ ସେଠୀ ୧୦ଟି ପଞ୍ଚାୟତର ୭୫୭୯ ଜଣ ଚାଷୀଙ୍କୁ ନେଇ ୧୯୭୬ରେ ପ୍ରତିଷ୍ଠା ହୋଇଥିବା ସମବାୟ ସମିତି, ଏଥିରେ ଜଡିତ ଥିବା ଚାଷୀ ଓ ସେମାନଙ୍କୁ ପ୍ରଦାନ କରାଯାଇଥିବା ଋଣ ସମ୍ପର୍କରେ ସୂଚନା ଦେଇଥିଲେ।

### ନୂତନ ବିଡ଼ିଓଙ୍କ ଦାୟିତ୍ୱ ଗ୍ରହଣ

ଦିଗପହଣ୍ଡି,୨୧।୩(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ନୂତନ ବିଡ଼ିଓ ଭାବେ ଅନାମିକା ପାଣ୍ଡେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଦିଗପହଣ୍ଡି ବିଡ଼ିଓ ଥିବା ଡ. ଚିତ୍ତରଞ୍ଜନ ଦାସଙ୍କୁ କଟକ ଜିଲାର ବଡ଼ମ୍ବା ବ୍ଲକକୁ ବଦଳି ହୋଇଛି। ସେ ନବାଗତ ବିଡ଼ିଓ ଅନାମିକାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

# ବିପଦରେ ଭୂତଳ ଜଳ

ବ୍ରହ୍ମପୁର,୨୧।୩(ଅଶୋକ କୁମାର ସାହୁ)
ବିଭିନ୍ନ କାରଣରୁ ରାଜ୍ୟର ଭୂତଳ ଜଳ ସ୍ଥିତି ଦୋହଲିବାରେ ଲାଗିଛି। ଗଞ୍ଜାମ ବି ସେଥିରୁ ବାଦ ପଡ଼ିନି। ଆଗାମୀ ଦିନରେ ଏହା ଏକ ବଡ଼ ସଂକଟ ରୂପେ ମୁଣ୍ଡ ଟେକିବ ବୋଲି ପରିବେଶବିତ୍ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଜିଲାରେ ରାସ୍ତାଘାଟ କଂକ୍ରିଟିକରଣ ହୋଇଛି। ସହର ଓ ଗ୍ରାମାଞ୍ଚଳରେ ଅନେକ ପୋଖରୀ ପୋତି ହୋଇଯାଇଛି। ପାଣିକୁ ଧରି ରଖୁଥିବା ବାଲି ନଦୀରୁ ଅନବରତ ଚାଲାଣ ହେଉଥିବାରୁ ଭୂତଳ ଜଳ ପ୍ରତି ବିପଦ ବଢ଼ିଛି। ଜଳ ଅମଳ ପ୍ରକଳ୍ପ ହେଉ କି ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ହେଉ ତାହା ଯେତିକି ପରିମାଣରେ ହେବା କଥା ହେଉନି। ଅପାର୍ଟମେଣ୍ଟ ଗୁଡିକ ଭୂତଳ ଜଳ ଶୋଷି ନେଉଛନ୍ତି। ଆଇନ ବହିର୍ଭୂତ କାମ କରାଯାଉଛି। ଏଥିପ୍ରତି ପ୍ରଶାସନିକ ସ୍ତରରେ ଉଦ୍ୟମ ହେବା ଉଚିତ। ସରକାରୀ ନିୟମକୁ ଲୋକେ ମାନିବା ଦରକାର। ଭୂତଳ ଜଳ ପ୍ରତି ଯେତିକି ବିପଦ ଘନେଇ ଆସୁଛି ଆଗାମୀ ଦିନରେ ଏହା ବିରାଟ ରୂପ ନେବା ଆଶଙ୍କା ରହିଛି ବୋଲି କହିଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା। ଏ ସଂକ୍ରାନ୍ତରେ ପରିବେଶବିତ ସୁଧୀର ରାଉତ କୁହନ୍ତି, ଭୂତଳ ଜଳ କମିବାରେ ଲାଗିଛି। ପୂର୍ବରୁ ୪୦ ଫୁଟରେ ଭୂତଳ ଜଳ ମିଳୁଥିଲା। ଏବେ କିନ୍ତୁ ୨୦୦ରୁ ୨୫୦ ଫୁଟ ଖୋଳିଲେ ପାଣି ବାହାରୁଛି। ଭୂତଳ ଜଳ ସ୍ତର ଯେତିକି ରହିବା କଥା ଦେଶରେ ତାହା ୭୦ ପ୍ରତିଶତ କମ୍ ରହିଛି। ଅଧିକ ଭୂତଳ ଜଳ ବ୍ୟବହାର ହେଉଥିବାବେଳେ ତାହା ରିଚାର୍ଜ ହେଉନାହିଁ। ବର୍ଷା କମି ଯାଇଛି। ସମ୍ପୃକ୍ତ ବିଭାଗ ପକ୍ଷରୁ ମଧ ଜଳ ଅମଳ କିମ୍ବା ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ପ୍ରତି ଧ୍ୟାନ ଦିଆଯାଉନାହିଁ। ଭୂତଳ ଜଳ ଅଧିକ ବ୍ୟବହାର ଯୋଗୁ ମାଟି ବି ଧସୁଛି। ଯଦି ସରକାର ଏଥିପ୍ରତି ଦୃଷ୍ଟି ନଦେବେ ଆଗାମୀ ଦିନରେ ଆଉ ଭୂତଳ ଜଳ ମିଳିବନି ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଛତ୍ରପୁରର ବିଧାୟକ ତଥା ପରିବେଶବିତ ଅଶୋକ ଚୌଧୁରୀଙ୍କ ମତ ହେଲା ବର୍ତ୍ତମାନ ଖୋଲା ଜାଗା ଯାହା ଥିଲା ତାହା ପ୍ଲଟ କରି ଲୋକେ ଘର କରିବାରେ ବ୍ୟସ୍ତ। ପୋଖରୀଗୁଡ଼ିକର ରକ୍ଷଣାବେକ୍ଷଣ ହେଉନି। ସହରାଞ୍ଚଳରେ ଯେତେ ପୋଖରୀ ସୌନ୍ଦର୍ଯ୍ୟକରଣ କରାଯାଇଛି ଫଳରେ ସେଗୁଡ଼ିକର ଜଳଧାରଣ କ୍ଷମତା ଏକ ତୃତୀୟାଂଶ କମିଯାଇଛି। ଜଳସଂରକ୍ଷଣ ପ୍ରତି ଧ୍ୟାନ ଦିଆଯାଉନାହିଁ। ତେଣୁ ଆଗାମୀ ଦିନରେ ଏହା ନିଶ୍ଚିତ ଭାବେ ଭୂତଳ ଜଳ ପ୍ରତି ବିପଦ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ଏ ସଂକ୍ରାନ୍ତରେ ଭୂତଳ ଜଳ ଉନ୍ନୟନ ବିଭାଗ ପକ୍ଷରୁ ଜନୈକ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ ଗଞ୍ଜାମରେ ବର୍ଷକୁ ୪ଥର ଭୂତଳ ଜଳ ସ୍ଥିତି ନିରୀକ୍ଷଣ କରାଯାଉଛି। ଏହା ବାଦ ବର୍ଷା ଜଳ ସଂରକ୍ଷଣ ପାଇଁ ଛାତ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଏ ନେଇ ଲୋକଙ୍କୁ ସଚେତନ କରାଯାଉଛି। ଜିଲାର ଆସିକା, ହିଞ୍ଜିଳିକାଟୁ, ବ୍ରହ୍ମପୁର ଓ ଦିଗପହଣ୍ଡି ବ୍ଲକରେ ଅନେକ ଲୋକ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ କରିଛନ୍ତି। ତେବେ ଜିଲାରେ କେତେ ପ୍ରକଳ୍ପ ରହିଛି। ସମସ୍ତ ବ୍ଲକରେ ଏହି ପ୍ରକଳ୍ପ ହୋଇଛି କି ନାହିଁ, ଗତ ୫ବର୍ଷ ତଳେ ସ୍ଥିତି କ'ଣ ଥିଲା, ଏବେ କ'ଣ ରହିଛି ପଚାରିବାରୁ ସେଭଳି ସହଯୋଗ ମିଳିନଥିଲା। ଅନ୍ୟପକ୍ଷରେ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚାହିଁଥିଲେ ବି ବରିଷ୍ଠ ଅଧିକାରୀ ସୁଯୋଗ ଦେଇନଥିଲେ। ବିଭାଗ ପକ୍ଷରୁ ତଥ୍ୟ ସାର୍ବଜନୀନ କରିବା କଥା। କୌଣସି ତଥ୍ୟ ମିଳିନଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଉଚିତ ବୋଲି ପରିବେଶବିତ ମହଲରେ ଦାବି ଉଠିଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଓ ପରିମଳ ଉପଖଣ୍ଡର ଅଧିକ୍ଷଣ ଯନ୍ତ୍ରୀ ବିକାଶ ପତିଙ୍କୁ ପଚାରିବାରୁ ସେ କହିଲେ ଯେ, ଭୂତଳ ଜଳ ଯେତିକି ପରିମାଣରେ ଖର୍ଚ୍ଚ ହେଉଛି ଜଳ ସଂରକ୍ଷଣ ଜରୁରୀ ହୋଇପଡିଛି। ସମ୍ପୃକ୍ତ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଗଲେ ସ୍ଥିତି ସନ୍ତୁଳିତ ଅବସ୍ଥାକୁ ଆସିଯିବ। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷା ବି କମି ଆସୁଛି। ଯେତିକି ବର୍ଷା ହେଉଛି ତାହାକୁ ସଂରକ୍ଷଣ କରିବା ପାଇଁ ଲୋକ ସଚେତନତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

## ରାଜ୍ୟ କଂଗ୍ରେସ ପ୍ରଭାରୀ ସଂଗଠନ ଦୃଢ଼ କରିବାକୁ ଦେଲେ ଆହ୍ୱାନ



କାର୍ଯ୍ୟକ୍ରମରେ ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି ।

ଫୁଲବାଣୀ,୨୧।୩(ରାକେଶ କୁମାର ରାଉତ)
ନୂତନ ପିସିସି ସଭାପତି ନିଯୁକ୍ତି ପରେ ଚଳଚଞ୍ଚଳ ହୋଇଛି କଂଗ୍ରେସ। କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଉତ୍ସାହ। ତଳସ୍ତରରେ ଦୁର୍ବଳ ହୋଇ ପଡ଼ିଥିବା ସଙ୍ଗଠନକୁ ପୁଣି ଉଜ୍ଜିବିତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏଆଇସିସି ସମ୍ପାଦିକା ରୋଷେଲିନା ତିର୍କୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ କର୍ମୀ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଜିଲାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସଙ୍ଗଠନକୁ ମଜବୁତ କରି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଛନ୍ତି। ନିଜ ନିଜ ମଧ୍ୟରେ ବାଦ ବିବାଦ ଓ ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ଗାଁସ୍ତର ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ପହଞ୍ଚାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏ ଅବସରରେ ସେ ରାଜ୍ୟ ସରକାରଙ୍କ ଅପାରଗତା ଓ ଅନିୟନ୍ତ୍ରିତ ନାରୀ ନିର୍ଯାତନା ବିରୋଧରେ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ମଧ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ରୋଷେଲିନା ତିର୍କୀ ୨ ଦିନିଆ କନ୍ଧମାଳଗସ୍ତରେ ଆସି ଗୁରୁବାର ଦାରିଙ୍ଗବାଡ଼ି ବ୍ଲକ ମାଣ୍ଡିପଙ୍କା ଯାଇ ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ବରଣ କରିଥିବା ପରିବାର ଲୋକଙ୍କୁ ଭେଟିଥିଲେ। ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଜିଲ୍ଲା ପର୍ଯ୍ୟବେକ୍ଷକ ଲଲାଟେନ୍ଦୁ ମହାପାତ୍ର, ଅମରେଶ ପରିଡା, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ନକୁଳ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ଜିଲ୍ଲା ସଭାପତି ଅନାମ ନାୟକ, ବରିଷ୍ଠ ନେତା ଅମୀରଚାନ୍ଦ ନାୟକ, ଘନକୁମାର ଶବର, ବସନ୍ତ ପାଢୀ, ରଜତ ମହାନ୍ତି, ଚନ୍ଦନ ପଣ୍ଡାଙ୍କ ସମେତ ସମସ୍ତ ବ୍ଲକ କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ। ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ୨୭ ତାରିଖରେ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋକପାତ କରି ରାଜ୍ୟର ବିଜେପି ସରକାରଙ୍କ ବିଫଳତା ବିରୋଧରେ କଂଗ୍ରେସର ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ ।

## ବର୍ଷକୁ ୨ ମାସ ରୋଜଗାରର ମାଧ୍ୟମ ମହୁଲଫୁଲ


ଗ୍ରାମବାସୀ ମହୁଲ ଫୁଲ ସଂଗ୍ରହ କରୁଛନ୍ତି ।

ଖଜୁରୀପଡ଼ା ୨୧।୩ ( ବିଦୁର ବେହେରା )
ଆସିଛି ମହୁଲ ସଂଗ୍ରହ ଋତୁ। ଫଗୁଣ ମାସରୁ ଆରମ୍ଭ ହେଉଥିବା ଏହି ସଂଗ୍ରହ ପ୍ରକ୍ରିୟା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବେଶ କିଛି ଦିନ ଧରି ଚାଲେ। କନ୍ଧମାଳ ଜିଲା ବଣ ପାହାଡ ଆଚ୍ଛାଦିତ ପରିବେଶରେ ଥିବାରୁ ଜିଲାରେ ବସବାସ କରୁଥିବା ଆଦିବାସୀମାନେ ମହୁଲ ଫୁଲ ସଂଗ୍ରହ କରିବାକୁ ଭୁଲି ନ ଥାନ୍ତି। ଖଜୁରିପଡ଼ା ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ମଧ ମହୁଲ ଫୁଲ ସଂଗ୍ରହ କରନ୍ତି । ପ୍ରତିବର୍ଷ ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ମହୁଲ ଗଛଗୁଡିକରେ ଫୁଲ ଫୁଟି ତଳେ ଝଡି ପଡେ। ଏହି ମହୁଲ ଫୁଲ ସଂଗ୍ରହ ପାଇଁ ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହୋଇଥାନ୍ତି। ସକାଳୁ ସକାଳୁ ଲୋକମାନେ ନିକଟରେ ଥିବା ଜଙ୍ଗଲଗୁଡିକୁ ଭୁଗା, କୁଲା,ଝୁଡି , ଟାଙ୍ଗୁଡି ଧରି ମହୁଲ ଫୁଲ ଗୋଟାଇବାକୁ ଚାଲିଯାଆନ୍ତି। ସଂଗୃହୀତ ମହୁଲ ଫୁଲ ଏଠାକାର ଲୋକେ ଏହାକୁ ଖାଦ୍ୟ ରୂପେ ମଧ ବ୍ୟବହାର କରନ୍ତି। ଏହାକୁ ବଜାରରେ ମଧ ବିକ୍ରି କରିଥାନ୍ତି। ମହୁଲ ଫୁଲ ଅର୍ଥକାରୀ ଜଙ୍ଗଲଜାତ ଦ୍ରବ୍ୟ ହୋଇଥିବାରୁ ଏଥିରୁ ସେମାନେ କିଛି ଅର୍ଥ ରୋଜଗାର କରି ନିଜ ଗୁଜରଣ ମେଣ୍ଟାଇଥାନ୍ତି। ତେବେ ସେମାନେ ପରିଶ୍ରମ ଅନୁସାରେ ବଜାରରୁ ପ୍ରାପ୍ୟ ପଆନ୍ତି ନାହିଁ। ବ୍ୟବସାୟୀମାନେ ସେମାନଙ୍କଠାରୁ ମହୁଲ ଫୁଲ ଶସ୍ତାରେ କିଣିନେଇ କରି ବାହାରେ ଏହାକୁ ଚଢା ଦରରେ ବିକ୍ରି କରି ବହୁତ ଲାଭ ପାଇଥାନ୍ତି। ମହୁଲ ଫୁଲକୁ ସଂଗ୍ରହ ପରେ ଏହାକୁ ଶୁଖାଯାଇଥାଏ। ୭ରୁ ୮ ଦିନ ଶୁଖିବା ପରେ ଏହାକୁ ସଫା କରି ବ୍ୟବସାୟଙ୍କ ପାଖକୁ ବିକ୍ରି ପାଇଁ ନିଆଯାଏ। ବ୍ୟବସାୟୀ କିଲୋ ପିଛା ୩୦ ରୁ ୪୦ ଟଙ୍କାରେ ମହୁଲ ଫୁଲ ରଖନ୍ତି। ମହୁଲ କିଲୋ ପ୍ରତି ୭୦ରୁ ୮୦ ଟଙ୍କା ସରକାରୀ ମୂଲ୍ୟ ଧାର୍ଯ୍ୟ ହେଲେ କିଛି ପ୍ରାପ୍ୟ ମିଳିପାରନ୍ତା ବୋଲି ମହୁଲ ଫୁଲ ସଂଗ୍ରହକାରୀ କବି କହଁର,ଦେବକୀ କହଁର କହନ୍ତି । ବିଶେଷକରି ମହୁଲରୁ ମଦ ମଧ ତିଆରି ହୁଏ । କନ୍ଧମାଳ ଜିଲା ସଂସ୍କୃତି ଅନୁଯାୟୀ ମହୁଲ ମଦ ପୂଜା ବିଧିରେ ଆବଶ୍ୟକ ପଡେ। ମହୁଲ ଗଛରୁ ମହୁଲ ଫୁଲ ସଂଗ୍ରହ ପରେ ଏହି ଗଛରୁ ଯେଉଁ ଫଳ ସଂଗ୍ରହ ହୁଏ ତାକୁ ଗରା ବୋଲି କହନ୍ତି। ଏହି ଗରାକୁ ଶୁଖାଇ ଏଥିରୁ ତେଲ ପ୍ରସ୍ତୁତ କରାଯାଏ। ସେହି ତେଲରେ ଗ୍ରାମାଞ୍ଚଳ ଲୋକେ ରୋଷେଇରେ ବ୍ୟବହାର କରୁଥିବା ଦେଖିବାକୁ ମିଳେ।

## ଏସ୍‌ବିଆଇ ଆଉଟସୋର୍ସିଂ କର୍ମଚାରୀଙ୍କୁ ଦରମା ଦାବି

ବ୍ରହ୍ମପୁର,୨୧।୩(ସ୍ମୃତି ରଞ୍ଜନ ମହାଲିକ)
ହିନ୍ଦ ମଜଦୁର ସଭା ସହ ଅନୁବନ୍ଧିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) କର୍ମଚାରୀ ସଂଘର ବୈଠକ ଶୁକ୍ରବାର ଇଞ୍ଜିନିୟରିଂ ସ୍କୁଲ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ଉପସଭାପତି ରବି ରଥ ଅଧ୍ୟକ୍ଷତା କରିଥିଲେ। ଏସବିଆଇରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ଗତ ୩ ମାସ ଧରି ଦରମା ପାଇ ନ ଥିବା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ସେମାନଙ୍କ ପରିବାର ପ୍ରତିପୋଷଣରେ ସମସ୍ୟା ଦେଖାଦେଇଛି। ଏ ଦିଗରେ ସଂପୃକ୍ତ ଏଜେନ୍ସି ଓ ବ୍ୟାଙ୍କ ଅଧିକାରୀ ଦୃଷ୍ଟି ଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟପଟେ ପ୍ରତି ମାସର ପ୍ରଥମ ସପ୍ତାହରେ ଦରମା, ଇପିଏଫ ଓ ଇଏସଆଇ ଓ ବୋନସ ପ୍ରଦାନ ଦାବି ନେଇ ବୈଠକରେ ଆଲୋଚନା ହୋଇଥିଲା।

## କୃଷି ସମବାୟ ସମିତି ଲିଃ ନୂତନ ଗୃହ ଉଦ୍‌ଘାଟିତ

ରମ୍ଭା,୨୧।୩(ବନବାସୀ ସେଠୀ)
ରମ୍ଭା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଅଫିସ ଗୃହକୁ ସଭାପତି ବିଜୟ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ସହକାରୀ ନିବନ୍ଧକ ସମବାୟ ସମିତି ଯୋଗମାୟା ସାବତ, ଏସଏଆରସି ଏସ ସୁଧାଂଶୁ ମହାରଣା, ସଞ୍ଜୟ ସାହୁ, ଜି. କ୍ରିଷ୍ଣାମୂର୍ତ୍ତି ରାଓ, ବିଜୟ ଜାଲି, ଆଇସିଏସ କାହ୍ନୁ ଚରଣ ଡାକୁଆ, ବିସିସି ବ୍ୟାଙ୍କ ବ୍ରହ୍ମପୁର ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ, ରାମ ମୋହନ ପଣ୍ଡା, ପ୍ରଶାନ୍ତ ନାୟକ, ବ୍ୟାଙ୍କ ଶାଖା ପରିଚାଳକ ଏମ୍.ଜଗବନ୍ଧୁ ଦୋରା, ଉପସଭାପତି ରଜନୀ ଗୌଡ଼, ସୁବାଷ ଚନ୍ଦ୍ର ପଣ୍ଡା, ଗଙ୍ଗାଧର ପାତ୍ର, ଲକ୍ଷ୍ମଣ ପାତ୍ର, ମନୋଜ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷକଙ୍କ ସୁବ୍ୟବସ୍ଥା କରିବାପାଇଁ ଏହି କାର୍ଯ୍ୟାଳୟ ନିହାତି ଆବଶ୍ୟକ ବୋଲି ଅତିଥି ମାନେ କହିଥିଲେ। ମଧୁରତୁଆ ସେକ୍ରେଟାରୀ ଉପେନ୍ଦ୍ର ନାୟକ ଏବଂ ସେକ୍ରେଟାରୀ ସୁଦାମ ଗୌଡ଼, ବିଶ୍ୱନାଥ ବେହେରା, ହରପ୍ରସାଦ ପଲାଇ, ଶିବପ୍ରସାଦ ପଣ୍ଡା, ରାମଚନ୍ଦ୍ର ନାୟକ, ମାମି ପଣ୍ଡା, ପ୍ରଦୀପ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସମ୍ପତ୍ତିକୁ ନେଇ ବିବାଦ
## ଅବିବାହିତ ଝିଅକୁ ଘରୁ ତଡ଼ିବାକୁ ମସୁଧା

କବିସୂର୍ଯ୍ୟନଗର,୨୧।୩(କୃପାସିନ୍ଧୁ ସ୍ୱାଇଁ)
ଦୁର୍ଦ୍ଦିନରେ ପରିବାରର ଅବିବାହିତ ବଡ଼ଝିଅ। ଜନ୍ମଦାତ୍ରୀ ମା' ଝିଅକୁ ଘରୁ ତଡ଼ିବା ପାଇଁ ନିଜ ପୁଅ, ପୁତୁରାଙ୍କୁ ଘର ବିକି ଦେଇଛନ୍ତି। ଝିଅକୁ ଘରୁ ବାହାର କରିବା ଲାଗି ମାରପିଟ୍ ମଧ କରିଛନ୍ତି। ଝିଅ ଏହାର ପ୍ରତିବାଦ କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି।
ଖବରରୁ ଜଣାପଡ଼ିଛି, କବିସୂର୍ଯ୍ୟନଗର ଏନ୍‌ଏସି ଥାନା ମୁଖ୍ୟରାସ୍ତାରେ ସ୍ୱର୍ଗତ ଶେଖ ଇସ୍ମାଇଲଙ୍କ ପରିବାର ବସବାସ କରନ୍ତି। ୧୭।୪।୨୦୨୦ରେ ଇସ୍ମାଇଲଙ୍କ କରୋନା ସମୟରେ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ପ୍ୟାରିମାଙ୍କ ବ୍ୟତୀତ ଇସ୍ମାଇଲଙ୍କ ୩ଝିଅ, ୩ ପୁଅ ଓ ଜଣେ ପୋଷ୍ୟପୁଅ ରହିଛନ୍ତି। ସାନ ଝିଅ ଜବିନ ଅଖତାର। ତାଙ୍କ ବୟସ ୫୨ ହେଲାଣି। ସିଲେଇ କରି ପେଟ୍ରୋଲ ବିକି ଯାହା ରୋଜଗାର କରନ୍ତି ସେଥିରେ ଚଳନ୍ତି। ମାତ୍ର ପରିବାରର ମା' ଓ ୪ ଭାଇ ଜବିନଙ୍କୁ ଘରୁ ତଡ଼ିଦେବାକୁ ଚେଷ୍ଟା କରିବା ସହ ସେହି ଘରକୁ ବାହାର ଲୋକଙ୍କୁ ବିକ୍ରି କରିବା ଲାଗି ମସୁଧା କରୁଛନ୍ତି । ଏନେଇ ଜବିନଙ୍କ ଅଭିଯୋଗକ୍ରମେ କବିସୂର୍ଯ୍ୟନଗର ଥାନାରେ ଏବଂ କବିସୂର୍ଯ୍ୟନଗର କୋର୍ଟରେ ସିଭିଲ କେସ୍ ୪୬/୨୩ ରୁଜୁ ହୋଇଛି । ମା' ପ୍ୟାରିମା ରହୁଥିବା ଉକ୍ତ ଘରକୁ ନିଜ ପୁଅ ଶେଖ୍ ମମତାଜ, ନାତି ଶେଖ ଓସିମ ଓ ନାତି ଶେଖ ସଦିକ ହୁସେନଙ୍କୁ ଗତ ୧୦।୮।୨୦୨୩ରେ ବିକ୍ରି କରିଦେଇଛନ୍ତି । ଏହା ବିରୋଧରେ ଅବିବାହିତ ଝିଅ ଜବିନ ଗତ ୨୩।୧୦।୨୦୨୪ ମା' ପ୍ୟାରିମ୍ମା, ଶେଖ ଆସ, ଶ୍ୟାମା ବେଗମ, ମମତାଜ ତାହିଁର, ଶେଖ ତୋସିଫ, ସୂରିୟା ଅଖତର, କବିତା ମହାପାତ୍ର, ଶେଖ ୱାସିମ ତହିଁର ଓ ଶେଖ ସଦିକ ହୁସେନ ବିରୋଧରେ କେସ୍ କରିଛନ୍ତି । ଅବିବାହିତ ଜବିନ ଅଖତରଙ୍କ ଓକିଲ ପ୍ରଭାତ ସାମଲ କହିଛନ୍ତି, ଉକ୍ତ ଘରକୁ କେହି ଜନସାଧାରଣ କିଣିପାରିବେ ନାହିଁ। କାରଣ ସିଭିଲ କେସ୍ ନଂ ୪୬/୨୦୨୩ କୋର୍ଟରେ ବିଚାରାଧୀନ ରହିଛି । ଜଣେ ଅବିବାହିତା ଝିଅ ଏଥିରେ ଅଂଶୀଦାର ହେତୁ ତାଙ୍କୁ ବାଦ୍ ଦେଇ ଘରକୁ କଦାପି ବିକ୍ରି କରାଯାଇପାରିବ ନାହିଁ ବୋଲି ଓକିଲ ସାମଲ ପ୍ରକାଶ କରିଛନ୍ତି।

## ବିନା ସେଫ୍‌ଟିରେ ଚାଲିଛି ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ

ଗଞ୍ଜାମ,୨୧।୩(ବିଦ୍ୟାଧର ସାହୁ)
ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୧୧ ଓ ୧୨ ଦାମୋଦରପୁର କାଳୀ ମନ୍ଦିର ସ୍ଥିତ କଲେଜ ରୋଡ଼ଠାରେ ବହୁ ଉଚ୍ଚତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି। ୪୦ ଫୁଟରୁ ଉର୍ଦ୍ଧ୍ୱ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟରେ ଅନେକ ଶ୍ରମିକ ନିୟୋଜିତ ଅଛନ୍ତି। କିନ୍ତୁ ବିନା ସେଫ୍‌ଟିରେ ଶ୍ରମିକମାନେ ବହୁ ଉଚ୍ଚରେ କାମ କରୁଥିବା ଦେଖିବାକୁ ମିଳିଛି। ଗରିବ ଶ୍ରେଣୀର ଶ୍ରମିକ ମାନେ ପେଟପାଟଣା ନିମନ୍ତେ ଠିକାଦାରଙ୍କ ପ୍ରରୋଚନାରେ ଉପରକୁ ଚଢି କାମ କରିବାକୁ ବାଧ ହେଉଛନ୍ତି। ସୁରକ୍ଷା ପ୍ରତି କଣ୍ଟ୍ରାକ୍ଟର ଧ୍ୟାନ ଦେଉ ନ ଥିବାରୁ ଅସୁରକ୍ଷିତ ଭାବେ ଶ୍ରମିକମାନେ କାମ କରୁଛନ୍ତି। କେତେବେଳେ ଯେ ଅଘଟଣ ଘଟିବ କହି ହେବନି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ହିତାଧିକାରୀଙ୍କୁ ମିଳୁନି ଆବାସ, ଭତ୍ତା

ଧରାକୋଟ,୨୦।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ହିତାଧିକାରୀଙ୍କୁ ଏଥିରେ ସାମିଲ ପାଇଁ ଗାଁରେ, ପଞ୍ଚାୟତ ଓ ବ୍ଲକ ସ୍ତରରେ ଅଧିକାରୀମାନେ ଏକ ଟିମ୍ ଗଠନ କରି ସର୍ଭେ ଆରମ୍ଭ କରିଛନ୍ତି। ତେବେ ସଚେତନତା ଅଭାବରୁ କେତେକ ଗରିବ ପରିବାର ଏଥିରେ ସାମିଲ ହୋଇପାରୁନାହାନ୍ତି। ଏପରି ଜଣେ ହିତାଧିକାରୀ ହେଉଛନ୍ତି ହାଡୁ ମୁନିଙ୍କ ପରିବାର। ସ୍ତ୍ରୀ ବିଜୟଲକ୍ଷ୍ମୀ, ପୁଅ ରବୀନ୍ଦ୍ର, ବୋହୂ ରଶ୍ମିତା ଓ ନାତୁଣୀ ସୋଡାଦିନୀଙ୍କୁ ନେଇ ହାଡୁଙ୍କ ପରିବାର। ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଡାକିବଜା ଗାଁର ହାଡୁ ଓ ସ୍ତ୍ରୀ ବିଜୟଲକ୍ଷ୍ମୀ ମଜୁରି ଲାଗି ପରିବାର ଚଳାନ୍ତି। ପୁଅ ରବୀନ୍ଦ୍ର ଦାଦନ ଖଟିବାକୁ ସୁରଟ ଯାଇଛନ୍ତି। ସୀମିତ ରୋଜଗାର ମଧ୍ୟରେ ହାଡୁ ଛାତ ଘରଟିଏ ଏଯାଏ କରିପାରିନାହାନ୍ତି। ରହୁଥିବା ଚାଳଛପର ଘରେ ଖୁବ୍ କଷ୍ଟରେ



ଚଳୁଛନ୍ତି। ବର୍ଷାଦିନେ ପାଣି ଗଳୁଛି। ଏଥିରୁ ରକ୍ଷା ପାଇବା ପାଇଁ ଘର ଉପରେ ସେ ପାଲ ଘୋଡାଇ ରଖିଛନ୍ତି । ହାଡୁ ଓ ତାଙ୍କ ସ୍ତ୍ରୀଙ୍କ ବୟସ ୭୦ ପାଖାପାଖି ହୋଇଥିଲେ ମଧ ଏପର୍ଯ୍ୟନ୍ତ ଉଭୟଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇନାହିଁ । ଫଳରେ ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ପରିବାରରେ ୫ ଜଣ ଥିଲେ ମଧ ତିନି ଜଣ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ଆଉ ୨ଜଣ ଏଥିରୁ ବଞ୍ଚିତ ହୋଇଛନ୍ତି। ହାଡୁଙ୍କ ପରି ହିତାଧିକାରୀଙ୍କୁ ଆବାସ, ଭତ୍ତା ଓ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି।

## ବିଶ୍ୱ କବିତା ଦିବସ

ଆସିକା,୨୧।୩ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକର କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାଚନ୍ଦ୍ର ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ କବିତା ଦିବସ ପାଳିତ ହୋଇଥିଲା । କଲେଜ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏତଦ ଅବସରରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଅଧ୍ୟାପକ ପ୍ରଫୁଲ୍ଲ କାଣ୍ଡଗୋରି, ଅଧ୍ୟାପକ ଦୁର୍ଗାମାଧବ ମହାନ୍ତି, ଜିତ କୁମାର ମୁଖୀ, ଅଜିତ ପଟ୍ଟନାୟକ, ଅଜିତ ମହାପାତ୍ର, ଉଦିତ ନାରାୟଣ ଦାସ, ଡ. ଜୀବନକୃଷ୍ଣ ଦାଶ, ସିଲୁ ସେଠୀ, ଉପେନ୍ଦ୍ର ମାଝି, ଆଲୋକ ପ୍ରଧାନ, ସଚିନ ଜେନା, ଯାଜ୍ଞସେନୀ ପ୍ରଧାନ, ଶୁଭଶ୍ରୀ ସାହୁ, ଶ୍ୟାମ ନାୟକ, ବର୍ଷାରାଣୀ ବିଶ୍ୱାଳ ପ୍ରମୁଖ କବିତା ପାଠ କରିଥିଲେ।

## କାନ୍ଧୁଲ ଭଜାଯାତ୍ରା ଭେଟଘାଟ

ବାଲିଗୁଡା,୨୧।୩(ସଞ୍ଜୟ ପାଣିଗ୍ରାହୀ)
ମା'ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ କାନ୍ଧୁଲ ଭଜାଯାତ୍ରା ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସମ୍ମୁଖରେ ୨ରଜା ଓ ମୁଠାମୁଖ୍ୟ ମାନେ ଭେଟଘାଟ ହୋଇଥିଲେ। ଏହାପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଯୋଗଦେଇଥିବା ବେଳେ ବାଲିଗୁଡ଼ା ମୁଠାମୁଖ୍ୟ ଅରୁଣ ପାତ୍ର ଓ ନୂଆସାହି ମୁଠାମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର, ମା' ପାଟଖଣ୍ଡା ଦୁର୍ଗାପୂଜା ସିତିର ସଭାପତି ଲଳିତ କୁମାର ପାତ୍ର, ଉପସଭାପତି ଭିମସେନ ବିନ୍ଧାଣୀ, ସମ୍ପାଦକ ଶିବରାମ ପ୍ରଧାନୀ, ଉପଦେଷ୍ଟା ଡା.ବିଚିତ୍ରା ନନ୍ଦ ଆଚାର୍ଯ୍ୟ, ଲୋକନାଥ ପାଢୀ ଓ ବିଭିନ୍ନ ଅଞ୍ଚଳର ମୁଠାମୁଖ୍ୟମାନେ ମଞ୍ଚାସିନ ଥିଲେ। ମଞ୍ଚକୁ ପରିଚାଳନା କରିଥିଲେ ଅଧ୍ୟାପକ ଡା.ଶୁଶାନ୍ତ କୁମାର ଦାସ । ଆୟୋଜକ ସମିତିର କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ ଓ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତଙ୍କ ନିମନ୍ତେ ଅନ୍ନପ୍ରସାଦର ଆୟୋଜନ କରାଯାଇଥିଲା ।

## ବି.ବି.ହାଇସ୍କୁଲର ବାର୍ଷିକୋତ୍ସବ

ଚକାପାଦ,୨୧।୩ (ପ୍ରତାପ କିଶୋର ବେହେରା)
ଲାଇନପଡ଼ା ବରଡ଼ା ବାଲୁଙ୍କେଶ୍ୱର ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ବୈନେତ୍ରୀ କହଁର, ସମ୍ମାନିତ ଅତିଥି ଚକାପାଦ ବିଡ଼ିଓ ହୃଦରଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ବେହେରା ଓ ସୋମନାଥ ସାହାଣୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଉଦୟନାଥ ଭୋଇ, ଶ୍ରୀକାନ୍ତ ପ୍ରଧାନ, ନଳିନୀ ଯାନୀ, ସରପଞ୍ଚ ସୁନିତା କହଁର, ନାଏବ ସରପଞ୍ଚ ଅଗସ୍ତି ଦିଗାଲ, ପଞ୍ଚ ଶିଖା ସେତୁର ସଭାପତି ରାଜେନ୍ଦ୍ର ନାରାୟଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱନୀ ପ୍ରଧାନ ଉପସ୍ଥିତ ଥିଲେ। ଉତ୍ତମ ଅଭିଭାବକ ରୂପେ ନରେନ୍ଦ୍ର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଫୁଲବାଣୀ ଡ୍ୟାନ୍ସ ଏକାଡେମୀର କୁନିକୁନି ଛାତ୍ରୀଛତ୍ରଙ୍କର ନାଚରେ ମଞ୍ଚ ଦୁଲୁକିଥିଲା। ହିନ୍ଦୀ ଶିକ୍ଷକ ଲକ୍ଷ୍ମୀନାରାୟଣ ପୁରୋହିତ ମଞ୍ଚପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

# କନ୍ଧମାଳ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଫୁଲବାଣୀ, ୨୧ା୩
(ରାକେଶ କୁମାର ରାଉତ)

କନ୍ଧମାଳ ଷ୍ଟାଡିୟମରେ କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ହରିଶ ବିସି, ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ, ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଯୋଗଦେଇ କନ୍ଧମାଳ ଜିଲାର କଳା, ସଂସ୍କୃତି ଓ ପରମ୍ପରାକୁ ଆମେ ସମସ୍ତେ ଗୋଟିଏ ମଞ୍ଚରେ ମନଭରି ଉପଭୋଗ କରିବା । ଉତ୍ସବ ହେଉଛି ଆମକୁ ଏକ ସୂତ୍ରରେ ବାନ୍ଧିବାର ଅବସର । କର୍ମମୟ ଜୀବନରୁ କିଛି ସମୟ ବାହାରି ମନରଞ୍ଜନ କରିବା


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ହେଉଛି ଉତ୍ସବ । ଆମେ ସମସ୍ତେ ଏକ ହୋଇ ମହୋତ୍ସବକୁ ଖୁବ ମନଭରି ଉପଭୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜିଲାପାଳ ଅମ୍ରିତ ଋତୁରାଜ ସଭାରେ ଅଧ୍ୟକ୍ଷତା କରିଥିଲେ । ଫୁଲବାଣୀ କୋମଳ ଗାନ୍ଧାର ଅନୁଷ୍ଠାନର ସଦସ୍ୟମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଆଦିବାସୀ ନୃତ୍ୟ, ବିହୁ ନୃତ୍ୟ, ସଶାଙ୍କ ସେଖର ଓ ଗ୍ରୁପ ପକ୍ଷରୁ ପରିବେଷିତ ଓଡ଼ିଆ ଓ ହିନ୍ଦୀ ଗୀତ ଦର୍ଶକଙ୍କ ମନମୋହିଥିଲା । ଅନ୍ୟପଟେ ଅପରାହ୍ଣରେ ମଶାଲ ଶୋଭାଯାତ୍ରା କରୋନେସନ ପଡ଼ିଆଠାରୁ ବାହାରି ସହର ପରିକ୍ରମା କରି ଷ୍ଟାଡିୟମରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ପିଡି ସଭୁନାଥ ନନ୍ଦୀ, ବିଡ଼ିଓ ଶୋମୀୟ ରଞ୍ଜନ ପାତ୍ର, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପୌରପରିଷଦ ଅଧ୍ୟକ୍ଷା ପାୟଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତର ବନାଞ୍ଚଳର ବିଶ୍ୱ ପରିବେଶ ଦିବସ ପାଳିତ

ଜଗନ୍ନାଥପ୍ରସାଦ,୨୧ା୩(ବିଭୁ ପ୍ରସାଦ ପଟ୍ଟନାୟକ)

ଉତ୍ତର ଘୁମୁସର ବନାଞ୍ଚଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ପ୍ରସାଦ ରେଞ୍ଜ୍ ଗେରେଡା ସେକଶନ କପିଳପଲ୍ଲୀଠାରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ସୁଶ୍ରୀ ସୁଜାତା ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ସାମାଜସେବୀ ଚନ୍ଦ୍ର କେତୁ ରାଉତ, ଧବଳେଶ୍ୱର ବେହେରା, ବିଭୁ ପ୍ରସାଦ ପଟ୍ଟନାୟକଙ୍କ ସମେତ ବନପାଳ ସୁକାନ୍ତ ନାୟକ, ଦିଲୀପ ଦାସ, ବନ ସଂଯୋଜକ ଲୋକନାଥ ଆଚାର୍ଯ୍ୟ, ଭିଏସ୍‌ଏସ୍‌ର ସଭାପତି ନିରଞ୍ଜନ ନାୟକ ଯୋଗ ଦେଇଥିଲେ। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ଦିବସକୁ ପାଳନ କରାଯାଉଥିବା ବେଳେ ଜଙ୍ଗଲ କିପରି ନିଆଁରୁ ବଞ୍ଚିତ ରହିବ, ବୃକ୍ଷର ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ପରିବେଶକୁ ସୁରକ୍ଷିତ କରିବା ଏବଂ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରାଚୀନ ପଦ୍ଧତିକୁ ଅନୁସରଣ କରିବା ଓ ଅଞ୍ଚଳରେ ଥିବା ବନ ସୁରକ୍ଷା ସହ ଆମ ଜୀବନ ପାଇଁ କେତେ ଆବଶ୍ୟକ କେତେ ଗୁରୁତ୍ୱ ରହିଛି ମୁଖ୍ୟ ଅତିଥି ସମସ୍ତଙ୍କୁ ବୁଝାଇଥିଲେ।

## ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟଣା, ଗାଡ଼ି ଚାଳକଙ୍କୁ କୋର୍ଟ ଚାଲାଣ

ଦିଗପହଣ୍ଡି,୨୧ା୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ଘୋଡାହାଡ଼ ଡ୍ୟାମ୍ ମୁଖ୍ୟରାସ୍ତାରେ ବୁଧବାର ସକାଳେ ମାଳଭଞ୍ଜ ନାମକ ଯାତ୍ରୀବାହୀ ବସ୍ (ନଂ ଓଡ଼ି ୦୭ ଟି-୪୧୭୫) ଧକ୍କାରେ ଦିଗପହଣ୍ଡି ବ୍ଲକ୍ କଇଠଖଣ୍ଡିପଞ୍ଚାୟତ ମଧୁବନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁରେଶ୍ପୁ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅଜୟ ନାୟକ ଶୁକ୍ରବାର ପେଣ୍ଠୁରାବାଡ଼ି ଗ୍ରାମର ଗାଡ଼ି ଚାଳକ ବିଶ୍ୱ ମୋହନ ରଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। କେସ୍ ନଂ. ନଂ.୧୧୪/୨୫।। କୁରେଶ୍ପୁ ତାଙ୍କ ବାଇକ୍ (ନଂ. ଓଡ଼ି ୦୭ ସି –୯୨୩୦) ଯୋଗେ ବିଦ୍ୟାଳୟକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କୁରେଶ୍ପୁଙ୍କ ସ୍ତ୍ରୀ କାଜଲ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।

## ଉଦ୍ୟୋଗପତି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର,୨୧ା୩(ସୁବାସ ଚନ୍ଦ୍ର ପାଢ଼ୀ) ଗୋପାଳପୁର କଲେଜରେ ଗତ ୬ ସପ୍ତାହ ଧରି ଚାଲିଥିବା ଉଦ୍ୟୋଗପତି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗୁରୁବାର ସରିଛି। ବ୍ରହ୍ମପୁର ସ୍ଥିତ ଏମଏସଏମଇ ଶାଖା ଆନୁକୁଲ୍ୟରେ କଲେଜ ଅଧ୍ୟକ୍ଷ ଡ଼. ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମଏସଏମଇ ଶାଖାର ଉପ ନିର୍ଦ୍ଦେଶକ ଭି. ଇ. ରାମାରାଓ ଯୋଗ ଦେଇ ଉଦ୍ୟୋଗପତିର ବିଭିନ୍ନ ଜ୍ଞାନ କୌଶଳ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଗୋପାଳପୁର କଲେଜର ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ଡ଼. ପୁରୁଷୋତ୍ତମ ସାହୁ ଯୋଗ ଦେଇ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଉଦ୍ୟୋଗପତି ସଂପର୍କୀୟ ବିଭିନ୍ନ ଯୋଜନା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। କଲେଜର ଆଇକ୍ୟୁଏସି ସଂଯୋଜକ ଡ଼. ମନୋଜ ପଟ୍ଟନାୟକ ଉଦ୍ୟୋଗପତି ଦକ୍ଷତା ବିକାଶରେ ମହାବିଦ୍ୟାଳୟର ଭୂମିକା ରହିଥିବା କହିଥିଲେ। କଲେଜର ୨୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଏନଏସଏସର ଶାଖାର ସଂଯୋଜକ ବିବେକ ବାବୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ, ଗବେଷକ, ଗବେଷିକାଙ୍କୁ ଏମଏସଏମଇ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଆଇଆରପିଏମ ବିଭାଗର ଅଧ୍ୟାପିକା ଅପରାଜିତା ପାଣ୍ଡେ ସହଯୋଗ କରିଥିବା ବେଳେ ଇଂଲିଶ ବିଭାଗର ଅଧ୍ୟାପକ ଯୋଗେନ୍ଦ୍ର ସାହୁ ଧନ୍ୟବାଦ୍ ଦେଇଥିଲେ।

# ୪ ଜଙ୍ଗଲରେ ନିଆଁ

ଧରାକୋଟ,୨୧ା୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ )

ଧରାକୋଟ ର ଦକ୍ଷିଣ ପୂର୍ବ ପଟରେ ଥିବା ସୁଳିଆ ଗୁଡା, ଆମ୍ବଡା ବଣ, ହିରାଖଣ୍ଡି ଓ ଟିଣିଟିଣା ଗାଁ ପାଖ ଜଙ୍ଗଲରେ କେତେକ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ବନ୍ୟଜନ୍ତୁ ଶିକାର କିମ୍ବା କାଠ ସଂଗ୍ରହ ପାଇଁ ସେମାନେ ଏପରି କରୁଥିବା ଅନୁମାନ କରାଯାଉଛି। ଖବର ପାଇ ଧରାକୋଟ ବନପାଳ ଶରତ ଚନ୍ଦ୍ର ବେହେରା, ବନରକ୍ଷୀ ରାକେଶ ପରିଡ଼ା,ବିଭାଗୀୟ ସ୍କ୍ୱାର୍ଡ ଓ ୱାଚରମାନେ ଗୁରୁବାର ରାତିରୁ ଉପରୋକ୍ତ ଜଙ୍ଗଲରେ ପଶି ପାଣି ସ୍ପ୍ରେ କରିବା ସହ କଞ୍ଚା ଡାଳ ଭାଙ୍ଗି ପକାଇ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏସବୁ ସତ୍ତ୍ୱେ ଶୁକ୍ରବାର ଦିନ ବେଳେ ପୁଣି ସୁଳିଆ ଓ ହିରାଖଣ୍ଡି ପାହାଡ଼ରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଧରାକୋଟ ବନପାଳ ଶରତଚନ୍ଦ୍ର ବେହେରା କହିଛନ୍ତି, ଆମେ ନିଆଁକୁ ଆୟତ୍ତ କରିଥିଲୁ, କେଉଁଠି ବାଉଁଶ ବୁଦା ମୂଳରେ ନିଆଁ ରହି ଯାଇଥିବା ଯୋଗୁ ପୁଣି ଥରେ ନିଆଁ ଲାଗିଯାଇଛି ବୋଲି କହିଛନ୍ତି।

# ଆର୍ଯ୍ୟପଲ୍ଲୀ ମତ୍ସ୍ୟ ଜେଟି ବୁଲି ଦେଖିଲେ ପ୍ରଶାସନିକ ଟିମ୍

ଛତ୍ରପୁର,୨୧ା୩ (ଦିଲ୍ଲୀପ ସାମଲ)

ଏକଦା ଆର୍ଯ୍ୟପଲ୍ଲୀ ପଞ୍ଚାୟତଠାରୁ ପ୍ରାୟ ୨/୩ କି.ମି. ଦୂରରେ ରହିଥିବା ସମୁଦ୍ର ଏବେ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି। କେତେବେଳେ ସମୁଦ୍ର ପଞ୍ଚାୟତକୁ ମାଡି ଆସିବ ସେନେଇ ବସବାସ କରୁଥିବା ମତ୍ସ୍ୟଜୀବୀ ପରିବାର ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଏ ଦିଗରେ ସେମାନେ ବାରମ୍ବାର ଜିଲା ପ୍ରଶାସନ ଓ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି ପଞ୍ଚାୟତର ସୁରକ୍ଷା ଦିଗରେ ପଦକ୍ଷେପ ନେଉ ନାହାନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ସରକାରଙ୍କୁ ଅବଗତ କରାଇଥିଲେ। ଶୁକ୍ରବାର ଏନେଇ ପ୍ରଶାସନ ପକ୍ଷରୁ ଏକ ଟିମ୍ ଆର୍ଯ୍ୟପଲ୍ଲୀ ମତ୍ସ୍ୟ ଜେଟି ବୁଲି ଘଟଣାର ଅନୁଧ୍ୟାନ କରିଛନ୍ତି। ଛତ୍ରପୁର ତହସିଲଦାର ଲୋପାମୁଦ୍ରା ରଥ ଓ ରାଜସ୍ୱ କର୍ମଚାରୀ ଜେଟି ଅଞ୍ଚଳ ବୁଲିବା ସହିତ ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମତ୍ସ୍ୟଜୀବୀ ନେତା ଏନ. ଦାନବନ୍ଧୁ, ପି. ରାମବାବୁ, କେ.ଦାଶରଥୀ, ଏମ୍.ଦିଲ୍ଲୀପ ଓ ବି.ଭୀମାସେନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୁଳିବିଦ୍ଧ ବାର୍‌ହା ମୃତଦେହ ଜବତ

## ଦେଶୀ ବନ୍ଧୁକ ଜବତ, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୨୧ା୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବନାଞ୍ଚଳ ନୂଆପଡ଼ା ସେକ୍ସନ ବାରିହାକଟା ଗ୍ରାମ ନିକଟ ଗାଇଡା ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଏକ ଗୁଳିବିଦ୍ଧ ବାର୍‌ହାର ମୃତଦେହ ବନବିଭାଗ କର୍ମଚାରୀ ଜବତ କରିଛନ୍ତି। ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଦିଗପହଣ୍ଡି ବ୍ଲକ ବୋମକେଇ ଗ୍ରାମର ସୀମାଞ୍ଚଳ ପ୍ରଧାନ। ଏଥିରେ ସମ୍ପୃକ୍ତ ଅନ୍ୟ ୨ ଜଣ ଶିକାରୀ ଦୌଡ଼ି ପଳାଇଥିବା ଜଣାପଡିଛି। ଶିକାରରେ ବ୍ୟବହୃତ ଦେଶୀ ବନ୍ଧୁକ, ଲୁହା ତେଣ୍ଟା, ଫାଶଯୁକ୍ତ କ୍ଲଚ ୱେୟାର, ମୋବାଇଲ ଫୋନ ତାଙ୍କଠାରୁ ଜବତ କରାଯାଇଛି। ନଂ.୧୯୭/୨୪-୨୫ରେ ମାମଲା ରୁଜୁ କରି ରାତି ପ୍ରାୟ ସାଢ଼େ ୮ଟାରେ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଯାଇଛି।

ପ୍ରକାଶ ଯେ, ନୂଆପଡ଼ା ବନ ବିଭାଗ ସେକ୍ସନ ଫରେଷ୍ଟର ଇଶ୍ୱା. ଗଣେଶ ଗୁଳିବିଦ୍ଧ ବାରହା ସମ୍ପର୍କରେ ଖବର ପାଇ ଏକ ଟିମ୍ ଗାଇଡା ସଂରକ୍ଷିତ ଜଙ୍ଗଲକୁ ଯାଇ ତନଖି କରିଥିଲେ। ସେମାନେ ପହଞ୍ଚିବା ଜାଣିପାରି ୨ ଜଣ ଶିକାରୀ ସେଠାରୁ ଦୌଡ଼ି ପଳାଇଥିଲେ। ପ୍ରଧାନ ଧରାପଡିଥିଲେ। ଏନେଇ ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କୁ ଖବର ଦେବାରୁ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତ ବାରହାର ଦିଗପହଣ୍ଡି ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯିବା ପରେ ମୃତଶରୀରକୁ ପୋତାଯାଇଛି। ବାରହା ଶିକାରରେ ସମ୍ପୃକ୍ତ ଥାଇ ଦୌଡି ପଳାଇଥିବା ୨ ଶିକାରୀଙ୍କୁ ଚିହ୍ନଟ କରାଯାଇଛି। ଖୁବ ଶୀଘ୍ର ଉଭୟଙ୍କୁ ଗିରଫ କରାଯିବ ବୋଲି ରେଞ୍ଜର ସାହୁ କହିଛନ୍ତି।

## ଶୈକ୍ଷିକ ବିକାଶରେ ମାତା, ପିଲାଙ୍କ ଭୂମିକା ଅତୁଳନୀୟ

### ଆମ ସଂସ୍କୃତି, ଆମ ଖେଳଣା କାର୍ଯ୍ୟକ୍ରମ

ବାଲିଗୁଡ଼ା,୨୧ା୩ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ମିଡିଆକିଆ ପଞ୍ଚାୟତର କଡ଼ିତଗା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଓ ଆମ ଖେଳଣା କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଡ଼ାଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସେବା ନିବୃତ୍ତ ଶିକ୍ଷକ ବଂଶୀଧର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥିଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସିଆରସିସି ଫିଲିପ ଦିଗାଲ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୁଞ୍ଜାରୀ ମଲିକ, ମୁଖ୍ୟବକ୍ତା ଭାବେ ସେବା ନିବୃତ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପଯୋଗିତା ସହ ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୂମିକା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ସିମାଞ୍ଚଳ ଦିଗାଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିଲେ। କୃତି ପ୍ରତିଯୋଗିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/PJ/O/SU/39
**Purchase order for supply of 1MVA, 11/0.433KV, BIS Lev-II Distribution Transformer**
The time period is hereby extended for Submission of Tender Participation Fee and Authorization Letter through e-mail till **28th March 2025**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com.** Prospective bidders are requested to visit the website for detailed amendment and updated tender document.
Sd/- Head-Contracts and Procurement



**ପୂର୍ବ ତଟ ରେଳପଥ**
ଡିପୋ ଏବଂ ଡିଭିଜନ ପାଇଁ ମାର୍ଚ୍ଚ-2025 ନିମନ୍ତେ ଇ-ନିଲାମ କାର୍ଯ୍ୟସୂଚୀ ର
**ଯୋଗପତ୍ର**
**ଅତିରିକ୍ତ ଇ-ନିଲାମର ଅନୁସୂଚୀ**

| ମାସ | ଡିଭିଜନ/ୟୁନିଟ୍ | ତାରିଖ |
|---|---|---|
| ମାର୍ଚ୍ଚ-2025 | ଖୋର୍ଦ୍ଧା ରୋଡ୍ ଡିଭିଜନ | 26.03.2025 |
| | ୱାଲ୍ଟିୟର ଡିଭିଜନ | 31.03.2025 |

ସାମଗ୍ରୀଗୁଡିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: **www.ireps.gov.in** ରେ ଉପଲବ୍ଧ ହେବ ।
PR-1110/P/24-25 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


# ବାଲ୍ୟ ବିବାହ ରୋକିଲା ଜିଲା ପ୍ରଶାସନ

## ବିବାହ ବନ୍ଦ ପାଇଁ ସମ୍ମତି ଦେଲେ ଝିଅଘର

ପାରଳାଖେମୁଣ୍ଡି,୨୧ା୩(ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ ରାଣୀପେଣ୍ଟ ଗ୍ରାମରେ ଆସନ୍ତା ମାସରେ ହେବାକୁ ସ୍ଥିର ହୋଇଥିବା ଏକ ବାଲ୍ୟ ବିବାହକୁ ଜିଲା ପ୍ରଶାସନ ରୋକିଛି। ଏ ସମ୍ପର୍କରେ କାଶୀନଗର ଶିଶୁ ବିକାଶ ପକଳ୍ପ ଅଧିକାରୀ ସୂଚନା ପାଇବା ପରେ ସେ ସଙ୍ଗେ ସଙ୍ଗେ ପୋଲିସ, ଶିଶୁମଙ୍ଗଳ ସମିତି, ଶିଶୁ ସୁରକ୍ଷା ଅଧିକାରୀ, ଚାଇଲ୍ଡ୍ ହେଲ୍ପ ଲାଇନ, ୱାନ୍ ଷ୍ଟେପ୍ ସେଣ୍ଟରର ଅଧିକାରୀଙ୍କୁ ଜଣାଇଥିଲେ। ପରେ ସମସ୍ତ ଅଧିକାରୀମାନେ ମିଳିତ ଭାବେ ରାଣୀପେଣ୍ଟ ଗ୍ରାମକୁ ଯାଇ ବାଲ୍ୟ ବିବାହ କରିବାକୁ ଯୋଜନା କରିଥିବା ଶିଶୁ, ତାଙ୍କ ମାତାପିତା ଓ ଗ୍ରାମର ଭାଦ୍ରବ୍ୟକ୍ତିଙ୍କୁ ଭେଟି ଏକ ସଭା କରିଥିଲେ। ବାଲ୍ୟ ବିବାହ କରାଇବା ଏକ ଅପରାଧ। ଏଥିପାଇଁ ଜେଲ ଯିବାର ବ୍ୟବସ୍ଥା ଥିବା ବେଳେ ଜରିମାନା ମଧ୍ୟ ଦେବାକୁ ପଡେ ବୋଲି ଶିଶୁର ମାତା ପିତାଙ୍କୁ ବୁଝାଇଥିଲେ । ସଭାରେ ଶିଶୁର ମାତାପିତା ନିଜ ଝିଅର ବିବାହ ସ୍ଥିର କରିଥିବା ସ୍ୱୀକାର କରିଥିଲେ। ଝିଅ ବର୍ତ୍ତମାନ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ଆଗକୁ ତାକୁ ୧୮ ବର୍ଷ ନ ହେଲା ପର୍ଯ୍ୟନ୍ତ ବିବାହ କରାଇବେ ନାହିଁ ବୋଲି ଉଭୟେ ମାତାପିତା ପ୍ରକାଶ କରି ଏନେଇ ଲିଖିତ ଭାବେ ଅଧିକାରୀମାନଙ୍କୁ ଦେଇଛନ୍ତି। ପରେ ସମସ୍ତ ଅଧିକାରୀ ଝିଅର ବିବାହ ସ୍ଥିର ହୋଇଥିବା ପୁଅଘର ପୋଲୁରୁ ଗ୍ରାମକୁ ଯାଇ ପୁଅ ଓ ତାଙ୍କ ପରିବାର ବର୍ଗଙ୍କୁ ମଧ୍ୟ ବୁଝାଇ ବାଲ୍ୟ ବିବାହ ଏକ ଅପରାଧ ବୋଲି ଜଣାଇଥିଲେ। ଝିଅକୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

# ପିପୁଲ୍ସ କଲେଜରେ ବିଶ୍ୱ ବନ ଦିବସ ପାଳିତ

## ଜଙ୍ଗଲ ଓ ଖାଦ୍ୟ ଶୀର୍ଷକରେ ଆଲୋଚନାଚକ୍ର

ବୁଗୁଡ଼ା,୨୧ା୩(କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ସ କଲେଜ ପକ୍ଷରୁ ଶୁକ୍ରବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଏସିଏଫ୍ ରଜତ ମିଶ୍ର, ମୁଖ୍ୟବକ୍ତା ପରିବେଶବିତ୍ ଶୁଳପାଣି ଶତପଥୀ, ସମ୍ମାନିତ ଅତିଥି ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ ମିଶ୍ର ଓ ପ୍ରକୃତି ମିତ୍ର ପୁରସ୍କୃତ ସାଇ ସନ୍ତୋଷିନୀ ପ୍ରଧାନ ଯୋଗ ଦେଇ ବିଶ୍ୱ ବନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ ଜଙ୍ଗଲ ଓ ଖାଦ୍ୟ ଶୀର୍ଷକ ଆଲୋଚନାରେ ନିଜ ମତ ରଖିଥିଲେ। ଏହି ଅବସରରେ କଲେଜର ଏନସିସି, ୱାଇଆରସି, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ପାଇଁ ଏକ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥି ସହ ଜଙ୍ଗଲର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆୟୋଜିତ ସଚେତନାଭିମୁଖ୍ୟ ପ୍ରଚାରପତ୍ର ଉପସ୍ଥାପନା ପ୍ରତିଯୋଗିତାର କୃତିପ୍ରତିଯୋଗି ଉର୍ମିଳା ମହାନ୍ତି (୧ମ), ସଂହିତା ରାଉତ (୨ୟ), ଇତିଶ୍ରୀ ନାୟକ (୩ୟ) ଓ ପୂଜା ଗୌଡ (୩ୟ) ପ୍ରମୁଖଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ୟୁଥ୍ ରେଡ୍‌କ୍ରସ୍ ସଂଯୋଜକ ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଓ ଜାତୀୟ ସେବା ଯୋଜନା ସଂଯୋଜିକା ସସ୍ମିତା ସାମନ୍ତରାୟଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଆତ୍ମ ପ୍ରକାଶ ନାୟକ ସ୍ୱାଗତ ସୂଚନା ଏବଂ ଏନସିସି ଲେଫ୍ଟନାଣ୍ଟ ଅଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ନାମଯଜ୍ଞ ସ୍ଥଳରୁ ବାଇକ୍ ଚୋରି

ଭଞ୍ଜନଗର,୨୧ା୩ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ବ୍ରାହ୍ମଣପଦର ଗ୍ରାମରୁ ଏକ ବାଇକ୍ ଚୋରି ହୋଇଛି। ଏ ନେଇ ହରିଗଡ ଗ୍ରାମର ଦିଲ୍ଲୀପ ଗୌଡ ଥାନାରେ ଅଭିଯୋଗ କରିଛନ୍ତି। ଦିଲ୍ଲୀପ ଗୁରୁବାର ରାତିରେ ବ୍ରାହ୍ମଣପଦର ଗ୍ରାମକୁ ବାଇକ୍‌ରେ ନାମ ଯଜ୍ଞ ଦେଖିବାକୁ ଯାଇଥିଲେ। ନାମଯଜ୍ଞ ଦେଖି ଫେରିବା ବେଳକୁ ସେ ଯେଉଁଠି ବାଇକ୍ ରଖିଥିଲେ ଆଉ ସେଠାରେ ନ ଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ (କ୍ର.ସଂ. ୧ ପାଇଁ) ଏବଂ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/।।/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ (କ୍ର.ସଂ. ୨ ପାଇଁ) ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରଗୁଡ଼ିକ ଧାର୍ଯ୍ୟ ତାରିଖରେ ୧୨.୦୦ ଘଣ୍ଟିକାରେ ବନ୍ଦ ହୋଇଯିବ । **କ୍ର.ସଂ. ଓ ଇ-ଟେଣ୍ଡର ନୋଟିସ୍ ନଂ.; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା; ଆନୁମାନିକ ମୂଲ୍ୟ; ବିଡ୍ ଅମାନତ ଯଥାକ୍ରମେ: (୧) ୪୪୪୯-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୦୭-୨୦୨୫, ତାରିଖ: ୨୦।୦୩।୨୦୨୫;** ମୁଖ୍ୟ ଯନ୍ତ୍ରୀ/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, ନିର୍ମାଣ ସଂଗଠନ, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାରରେ ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନଠାରେ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଯୋଗାଇବା ପାଇଁ ପ୍ରକଳ୍ପ ତତ୍ତ୍ୱାବଧାନ ସେବା ଏଜେନ୍ସି (ପିଏସ୍‌ଏସ୍‌ଏ)ଙ୍କ ନିଯୁକ୍ତି ଲାଗି ପ୍ରସ୍ତାବ ଅନୁରୋଧ (ଆର୍‌ଏଫ୍‌ପି); ₹୭.୯୫ କୋଟି; ₹୫,୪୭,୪୦୦/-। **(୨) ୪୫୫୫-ଜିଆର୍‌ସି-ସିଇ-ସି-।।-୦୬-୨୦୨୫,** ତାରିଖ: ୨୦।୦୩।୨୦୨୫; ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥର ଉପମୁଖ୍ୟ ଯନ୍ତ୍ରୀ/ନିର୍ମାଣ/ଝାରସୁଗୁଡ଼ାଙ୍କ କ୍ଷେତ୍ରାଧିକାର ଅଧୀନରେ କୁସାରୀଠାରେ ବରପାଲି ଲୋଡିଂ ବଲ୍ବ ସକାଶେ ଫିଲିଂ ଓ କଟିଂ, ବ୍ଲାଙ୍କେଟିଂ ଦ୍ୱାରା ଫର୍ମେଶନରେ ଆର୍ଥୱାର୍କର ନିର୍ବାହ ପାଇଁ କମ୍ପୋଜିଟ୍ କାର୍ଯ୍ୟ, ଛୋଟ ପୋଲ, ସାଇଡ୍ ଡ୍ରେନ୍, ସେଣ୍ଟ୍ରାଲ ଡ୍ରେନ୍, କ୍ୟାଚ୍ ୱାଟର୍ ଡ୍ରେନ୍‌ର ନିର୍ମାଣ, ସୁରକ୍ଷା କାର୍ଯ୍ୟ, ପି.ୱେ ଟ୍ରାକ୍ ଲିଙ୍କିଂ କାର୍ଯ୍ୟ, ପି.ୱେ ଫିଟିଂ, ପି.ୱେ ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟର ଯୋଗାଣ, ସର୍ଭିସ୍ ବିଲ୍ଡିଂଗୁଡ଼ିକର ନିର୍ମାଣ, ସି ଆଣ୍ଡ ଡବ୍ଲ୍ୟୁ ଏକ୍ଜାମିନେଶନ୍ ଲାଇନ୍ ପାଇଁ ଗୁମ୍ଟି, ହେଭି ରିପେୟାର୍ ଶେଡ୍, ପ୍ରସ୍ତାବିତ ବଗି ଶପ୍, ଶେଡ୍ ସହିତ ଷ୍ଟୋରର ନିର୍ମାଣ, ସଡ଼କ କାମ, ସର୍କୁଲେଟିଂ ଏରିଆ, ଘର୍ଷଣ ପ୍ରତିରୋଧୀ ଗ୍ରାନୋଲିଥିକ୍ କଂକ୍ରିଟ୍ ଫ୍ଲୋରିଂ, ବାଲାଷ୍ଟବିହୀନ ଟ୍ରାକ୍ ବିମ୍, କିଡିଆର୍ ପାଥୱେ କାର୍ଯ୍ୟ, ଷ୍ଟ୍ରକ୍ଚରାଲ୍ ଷ୍ଟିଲ୍ କାର୍ଯ୍ୟ ଏବଂ ମେଟାଲାଇଜିଂ କାର୍ଯ୍ୟ ଆଦିର ନିର୍ବାହ; ₹୪୩୫.୯୦ କୋଟି; ₹୧,୦୦,୦୦,୦୦୦/-। **ସମାପ୍ତି ଅବଧି:** ଉଭୟ ପାଇଁ ୨୪ ମାସ। **ସମାପ୍ତି ତାରିଖ:** କ୍ର.ସଂ. ୧ ପାଇଁ ତା୧୬।୦୪।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୫।୦୪।୨୦୨୫ରିଖ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1258)



**IN THE DEBTS RECOVERY TRIBUNAL : CUTTACK**
C-71, SECTOR-7, CDA, CUTTACK-753014
O.A. NO. 457/2024
State Bank of India .....Applicant
Vs.
Sri Pradip Kumar Sahoo & Ors. .....Defendants
1. **Sri Pradip Kumar Sahoo,** aged about 44 yrs., S/o- Parshuram Sahoo.
2. **Sri Pratap Kumar Sahoo,** aged about 41 yrs., S/o- Parshuram Sahoo,
Both residing at Sankarpur, Dhia Sahi, PO: Arunodaya Market, Badambadi, Cuttack-753012.
**SUMMONS BY PAPER PUBLICATION**
**FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**
Take notice that the applicant has instituted **OA No. 457/24** in the Debts Recovery Tribunal, Cuttack for recovery of **Rs.20,00,981.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through Advocates or authorized agents and show cause on **27.05.2025** at **10.30 AM** positively as to why the reliefs prayed for should not be granted.
Take notice that in case of your default the original application shall be heard and disposed off exparte in your absence.
Given under hand and seal of this Tribunal on this **13th day of month March of 2025.**
By orders of this Tribunal,
Sd/- (Shri Nikhila Ranjan Pati)
Registrar
Debts Recovery Tribunal



Government of Jharkhand
**Department of Information Technology and e-Governance**
3rd Floor, Jharkhand Mantralaya, Dhurwa, Ranchi-834004
Bids are invited from CERT-IN empaneled auditor for audit of ASA & AUA/ KUA (DoIT & e-Gov., Govt. of Jharkhand) for year 2024-25. The bid document can be downloaded from Govt. of Jharkhand's e-procurement website- **"www.jharkhandtenders.gov.in"**. The bidder may submit their proposals latest by **02.04.2025 at 03:00 PM** though the online e-tendering portal.
For further queries please contact on Email – uidcellpmu-doit@jharkhandmail.gov.in
The details of the tender are as follows:
**Important Information**

| Sl. No. | Description | Detailed Information |
|---|---|---|
| 1 | Name of project | RFP for Audit of ASA, AUA/KUA & Other Departments |
| 2 | Tender Reference Number | ASA_AUA/KUAAudit-06/2024-25 |
| 3 | Date of release of bidding document on Jharkhand e-Tender Portal | 21.03.2025 at 10:00 AM onwards |
| 4 | Last date and time for bid document can be download from Jharkhand e-Tender portal | 01.04.2025 at 06:00 PM |
| 5 | Last date and time for bid submission on e-Tender portal | 02.04.2025 at 03:00 PM |
| 6 | Date and time for opening of Technical Bid | 03.04.2025 at 04:00 PM |
| 7 | Date and time for opening of Financial Bid | To be informed later |
| 8 | Address of Opening of Technical Bid | Chamber of Joint Secretary, 3rd Floor, Project Bhawan, Ranchi, Jharkhand. |
| 9 | Bid related queries | Phone No.: +91-651-2970091 Email Id: uidcellpmu-doit@jharkhandmail.gov.in |
| 10 | EMD | Rs. 20,000/- (Rs. Twenty Thousand Only) (EMD is waived off for Government entities, Autonomous bodies, PSUs and Jharkhand State MSME) |

Note: -
1. Bids should be submitted online through Govt. of Jharkhand's e-procurement website
2. Bids will be opened online; Bidders may view the details through their terminal.

PR 348901 Information Technology (24-25)_D
Sd/- Joint Secretary
DoIT & e-Gov



**SRI SRI NRUSINGHANATH TEMPLE**
Index No. 1406/8NS, At: Durgapali, P.O.: Paikmal
Dist.: Bargarh, Ph.: 7683834862
Web: www.nrusinghanathtemple.in
e-mail Id: srisrinrusinghanathtemple@gmail.com
Letter No. 41 (2) Date: 19.03.25
**ଇସ୍ତାହାର**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମତେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଅଧୀନସ୍ଥ ଗାଡ଼ି ପାର୍କିଂ, ମୋଟର ସାଇକେଲ ଷ୍ଟାଣ୍ଡ, ଜୋତା ଷ୍ଟାଣ୍ଡ ଆଦିକୁ ସ୍ନ ୨୦୨୫-୨୦୨୬ ଆର୍ଥିକ ବର୍ଷ ସକାଶେ ଏକ ବର୍ଷ ପାଇଁ ନିଲାମରେ ଦେବା ପାଇଁ ସ୍ଥିରୀକୃତ ହୋଇଅଛି। ଏଣୁ ନିଲାମ ନେବାକୁ ଥିବା ଇଚ୍ଛୁକ ବ୍ୟକ୍ତି ତା୦୬।୦୪।୨୦୨୫ରିଖ ରବିବାର ଦିନ ସନ୍ଧ୍ୟା ୬ଘଟିକା ସୁଦ୍ଧା ଅମାନତ ଟଙ୍କା ସମ୍ପୃକ୍ତ ଟେଣ୍ଡର ଅଧିକାରୀଙ୍କଠାରେ ଜମାଦେଇ ରସିଦ ଗ୍ରହଣ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଗ୍ରହଣ କରାଯିବ ନାହିଁ। ଅମାନତ ଜମାକାରୀ ତା୦୬।୦୪।୨୦୨୫ରିଖ ରବିବାର ସକାଳ ୧୦ଘଟିକାରୁ ୬ଘଟିକା ସୁଦ୍ଧା ନିଜର ଡାକ ମୂଲ୍ୟକୁ ସିଲ୍‌କରି ଟେଣ୍ଡର ଅଧିକାରୀଙ୍କଠାରେ ଜମାଦେବେ। ତା୦୭।୦୪।୨୦୨୫ରିଖ ଦିନ ସୋମବାର ୧୧ଘଟିକାରେ ଟେଣ୍ଡର ଗ୍ରହଣକାରୀ ଓ ନିଲାମ ଅଧିକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ସର୍ବୋଚ୍ଚ ଡାକଥିବା ବ୍ୟକ୍ତିଙ୍କୁ ଦିଆଯିବ। ନିଲାମର ସର୍ତ୍ତାବଳୀ ଜାଣିବା ପାଇଁ ମନ୍ଦିର କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା ମନ୍ଦିର ୱେବ୍‌ସାଇଟ୍ **https://nrusinghanathtemple.in/tender/**ରେ ଦେଖନ୍ତୁ। ଟେଣ୍ଡର ଦାଖଲ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଟ.୫,୦୦୦/-ରେ ଟେଣ୍ଡର ଫର୍ମ ମନ୍ଦିର କାର୍ଯ୍ୟାଳୟରୁ କ୍ରୟକରି ଟେଣ୍ଡର ପକାଇପାରିବେ।

| କ୍ର.ନଂ. | ସମ୍ପତ୍ତିର ନାମ | ସମ୍ପତ୍ତିର ଧାର୍ଯ୍ୟ ମୂଲ୍ୟ | ଅମାନତ ଜମା |
|---|---|---|---|
| ୧ | ଗାଡ଼ି ପାର୍କିଂ | ଟ.୧୯,୮୦,୦୦୦.୦୦ | ଟ.୫,୯୪,୦୦୦.୦୦ |
| ୨ | ମୋଟର ସାଇକେଲ ଷ୍ଟାଣ୍ଡ | ଟ.୪,୪୦,୦୦୦.୦୦ | ଟ.୧,୩୨,୦୦୦.୦୦ |
| ୩ | ଜୋତା ଷ୍ଟାଣ୍ଡ | ଟ.୧,୪୮,୫୦୦.୦୦ | ଟ.୪୪,୫୫୦.୦୦ |

ସ୍ୱା./– ଏ.ବି.ଡି.ଓ., ପାଇକମାଳ ତଥା
ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି / ଟେଣ୍ଡର ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର



**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com
**Very Short E- Procurement Notice**
**Tender Notice**
**NIT No- JNAC/38/2024-25 Date-20-03-2025**

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 22-03-2025 at 05:00 Pm |
| 7. | Document downloading Start date | 22-03-2025 at 05:00 Pm |
| 8. | Pre bid meeting date, Time & venue | 28-03-2025 at 03:00 Pm, JNAC Conference Hall |
| 9. | Bid Submission Start date | 29-03-2025 at 05:00 Pm |
| 10. | Bid Submission end date | 05-04-2025 at 05:00 Pm |
| 11. | Bid Opening date | 07-04-2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)
PR 348920 Urban Development(24-25).D
Deputy Municipal Commissioner,
Jamshedpur Notified Area Committee,
Jamshedpur.



सं0 संख्या–5/प्रशि0(क्षेत्रीय क्रय)-07–2023–
**झारखण्ड सरकार**
**श्रम, नियोजन, प्रशिक्षण एवं कौशल विकास विभाग,**
**निदेशालय, नियोजन एवं प्रशिक्षण, झारखण्ड, राँची**
पत्रांक–381 **निविदा सूचना** दिनांक–21.03.2025
एतद् द्वारा सर्वसाधारण को सूचित किया जाता है कि श्रम, नियोजन, प्रशिक्षण एवं कौशल विकास विभाग के अधीनस्थ औद्योगिक प्रशिक्षण संस्थानों में New Age Courses हेतु मशीन/टूल्स एवं उपकरण के क्रय से संबंधित विभाग द्वारा e-Tenders (Online Open Tenders) संख्या–Bid No.-DET/New Age Courses/11/2024-25, दिनांक–19.03.2025 को प्राप्ति की अंतिम तिथि दिनांक–24.03.2025 को संध्या–06.00 तक विस्तारित की जाती है एवं उक्त निविदा दिनांक–26.03.2025 के अपर्राह्न 12:30 बजे कमरा नंबर–307, नेपाल हाऊस, डोरण्डा, राँची के कक्ष में खोला जायेगा। निविदा हेतु विस्तृत निविदा अभिलेख https://jharkhandtenders.gov.in/nicgep/app पर उपलब्ध है।
ह0/–
उप निदेशक प्रशिक्षण(मु0)
PR 348933 Labour Employment and Traning(24-25)#D निदेशालय, नियोजन एवं प्रशिक्षण, झारखण्ड राँची

## ସଂକ୍ଷେପରେ

### ଆର୍. ସନ୍ତୋଷ ବ୍ରହ୍ମପୁର ଏମ୍‌ପିଙ୍କ ଛତ୍ରପୁର ବ୍ଲକ ପ୍ରତିନିଧି

ଛତ୍ରପୁର,୨୧।୩(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ):



ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଛତ୍ରପୁର ବ୍ଲକ ପ୍ରତିନିଧି ଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଛାତ୍ର ସଂସଦର ପୂର୍ବତନ ସଭାପତି ଆର୍ ସନ୍ତୋଷ ରେଡ୍ଡୀ ମନୋନୀତ ହୋଇଛନ୍ତି। ଏମ୍‌ପି ପ୍ରତିନିଧି ଦାୟିତ୍ୱ ମିଳିବା ପରେ ସେ ଛତ୍ରପୁର ବ୍ଲକ ଅଂଚଳର ବିଭିନ୍ନ ସମସ୍ୟାର ସମାଧାନ କିପରି କରାଯିବ ସେଥିପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି । ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

### ଉପଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ

ଛତ୍ରପୁର,୨୧।୩(ସନ୍ତୋଷ ପାଢ଼ୀ):

ପାତ୍ରପୁର ବ୍ଲକର ଯୋଗାଣ ନିରୀକ୍ଷକ ଲାଞ୍ଚ ନେଉଥିବାର ଏକ ଭିଡ଼ିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହାର ତଦନ୍ତ ପାଇଁ ବ୍ରହ୍ମପୁର ଉପଜିଲାପାଳ ଦୀନା ଦସ୍ତାଗିର ସ୍ୱତନ୍ତ୍ର କମିଟି ଗଠନ କରିଥିଲେ। ଉକ୍ତ କମିଟି ସମସ୍ତ ପାତ୍ରପୁର ବ୍ଲକରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଉପଜିଲାପାଳଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ପ୍ରଦାନ କରିଛନ୍ତି। ସେହି ରିପୋର୍ଟ ଉପରେ ଆଇନ ମୁତାବକ ପଦକ୍ଷେପ ପାଇଁ ଉପଜିଲାପାଳ ଉପରିସ୍ଥ ଅଧିକାରୀଙ୍କ ପାଖକୁ ପଠାଇଥିବା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

### ଛତ୍ରପୁରରେ ଆଜିଠୁ 'ହେ ବସନ୍ତ' କାର୍ଯ୍ୟକ୍ରମ

ଛତ୍ରପୁର,୨୧।୩(ସନ୍ତୋଷ ପାଢ଼ୀ):

ଛତ୍ରପୁରଠାରେ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଶନିବାରଠାରୁ ୩ ଦିନ ଧରି 'ହେ ବସନ୍ତ' କାର୍ଯ୍ୟକ୍ରମ ହେବ ବୋଲି ଶୁକ୍ରବାର ସ୍ଥାନୀୟ ରୋଟାରି କ୍ଲବ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପରିଷଦର ସଭାପତି ସୂର୍ଯ୍ୟ ନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି। ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ୨୨ରେ କବିସୂର୍ଯ୍ୟ ବଳଦେବ ରଥଙ୍କ ସମ୍ମାନରେ ବଳଦେବ ସନ୍ଧ୍ୟା, ୨୩ରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସମ୍ମାନରେ ଭଞ୍ଜ ସନ୍ଧ୍ୟା ଏବଂ ୨୪ ରେ ଛତ୍ରପୁରର ସଂସ୍କୃତ ବିଶାରଦ ସ୍ୱର୍ଗତ ଅନ୍ତର୍ଯ୍ୟାମୀ ପତି ଶର୍ମାଙ୍କ ସ୍ମୃତିରେ ଅନ୍ତର୍ଯ୍ୟାମୀ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ଛତ୍ରପୁର କଲେଜ ଅଧ୍ୟକ୍ଷ ତଥା ପରିଷଦର ସମ୍ପାଦକ ଡ଼.ଅଜୟ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଓକିଲ ବ୍ରଜମୋହନ ଆଚାର୍ଯ୍ୟ, ସାମାଜିକ କର୍ମୀ ଅରୁଣ ଶତପଥି, ନିରଞ୍ଜନ ପାତ୍ର, ସୁରଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପିଇବା ପାଣି, ବିଶ୍ରାମାଗାର ଦାବିରେ ରାସ୍ତାରୋକୋ

ସୋରଡା,୨୧।୩(ରଜନୀ ମହାପାତ୍ର): ପାନୀୟ ଜଳ ଯୋଗାଣ ଓ ବିଶ୍ରାମାଗାର ଦାବିରେ ସୋରଡା ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମବାସୀ ଶୁକ୍ରବାର ହାଣ୍ଡି ମାଠିଆ ଧରି ରାସ୍ତାରୋକୋ କରିଛନ୍ତି। ଏଥିଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଛି। ସୋରଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ସେନାପତି ଓ ତହସିଲଦାର ଆକାଶ ରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛନ୍ତି।

ଆନ୍ଦୋଳନ ଚଳାଇଥିବା କେତେଜଣ ମହିଳା କହିଛନ୍ତି ଯେ, ଗ୍ରାମ ଛକରେ ବିଶ୍ରାମାଗାରଟିଏ ନାହିଁ। ସ୍କୁଲ ପିଲାମାନେ ଦୋକାନ ଆଗରେ ଠିଆ ହୋଇରହୁଛନ୍ତି। ସେହିପରି ପ୍ରାୟ ୨/୩ ମାସ ହେଲାଣି ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ପାଣି ପାଇଁ ପମ୍ପ ଘର ସହ ପାଇପ ଲାଇନ ମଧ୍ୟ ପଡିଛି, କିନ୍ତୁ ପାଣି ଆସୁନି। ଗ୍ରାମରେ ୧୦ଟି ନଳକୂପ ଥିଲେ ମଧ୍ୟ ଅନେକ କାର୍ଯ୍ୟକ୍ଷମ ହେଉନି ଏବଂ ଆଉ କିଛି ଅଚଳ ହୋଇ ରହିଛି। ଗ୍ରାମବାସୀ ବନ୍ଧରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଗ୍ରାମରେ ୩୫୦ ପରିବାର ଥିବା ବେଳେ ପାନୀୟ ଜଳ ସୁବିଧା ନହେବା ଯୋଗୁଁ ଆନ୍ଦୋଳନ କରାଯାଇଛି।



ରାସ୍ତାରେ ହାଣ୍ଡି ମାଠିଆ ଧରି ବସିଛନ୍ତି ଗ୍ରାମବାସୀ ।

ଏଠାରେ ସରକାରୀ ଜାଗାରେ ଗୋଟିଏ ବିଶ୍ରାମାଗାର ଥିଲା। ଏହାକୁ ଚଙ୍କଡା କରି ପଟ୍ଟା କରିଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଭଞ୍ଜନଗର ଉପଜିଲାପାଳ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲିଖିତ ଅଭିଯୋଗ ପଠାଯାଇଛି। ବିଶ୍ରାମାଗାର ନିକଟରେ ପମ୍ପ ହାଉସ ଥିବା ବେଳେ ଏହାର ନିର୍ମାଣ ମଧ୍ୟ ହୋଇପାରୁନି। ୨୦୦୦ ମସିହା ସେଟେଲମେଣ୍ଟରେ ଏହି ସରକାରୀ ଜମିକୁ ନିଜ ନାମରେ କରିଦିଆଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୋରଡା ତହସିଲଦାର ଆକାଶ ରଞ୍ଜନ ସାହୁ କହିଛନ୍ତି, ସିଙ୍ଗିପୁର ଗ୍ରାମବାସୀଙ୍କ ଅଭିଯୋଗ ଯେ, ଯେଉଁଠି ବିଶ୍ରାମାଗାର ଓ ପମ୍ପ ଘର ନିର୍ମାଣ ହେଉଛି ସେହି ଜାଗାକୁ ଗୋଟିଏ ପରିବାର ଜବରଦଖଲ କରି ରଖିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ କମିଶନରଙ୍କ କାର୍ଯ୍ୟାଳୟକୁ ଜଣାଯାଇଛି। ସେଠାରୁ ରିପୋର୍ଟ ଆସିଲେ ଏହି ଜାଗା କାହାର ଜଣାପଡିବ। ୩ ଦିନ ମଧ୍ୟରେ ତଦନ୍ତ କରି କମିଶନରଙ୍କୁ ଜଣାଇ ଶୀଘ୍ର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ କହିଛନ୍ତି, ନୂତନ ପମ୍ପ ଘର ନିର୍ମାଣ ପାଇଁ ପ୍ରଶାସନ ତରଫରୁ ପ୍ରକ୍ରିୟା ଆରମ୍ଭ କରାଯାଉଛି। ଗ୍ରାମରେ ଯଦି କିଛି ନଳକୂପର ସମସ୍ୟା ଆସିବ, ତ୍ୱରିତ ସମାଧାନ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।

# ୧୫୦ ଜଣଙ୍କୁ ମିଳିଲା ନିଯୁକ୍ତିପତ୍ର

## ମେଳାରେ ଯୋଗଦେଲେ ୮୦ କମ୍ପାନୀ

ଛତ୍ରପୁର,୨୧।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ସ୍ପୋର୍ଟ୍ସ ଷ୍ଟାଡିୟମରେ ଶୁକ୍ରବାର ଗଞ୍ଜାମ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିଥିଲେ। ଏଥିରେ ୫ ହଜାର ଆଶାୟୀ ବେକାର ଯୁବତୀଯୁବକ ପଞ୍ଜୀକରଣ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରର ୮୦ରୁ ଅଧିକ ଘରୋଇ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଆର୍ମିର ପ୍ରତିନଧି ମଧ୍ୟ ଉପସ୍ଥିତ ଥିଲେ। ପଞ୍ଜୀକୃତ ଯୁବତୀଯୁବକମାନଙ୍କ ମଧ୍ୟରୁ ୧୫୦ ଜଣଙ୍କୁ ଚୟନ କରାଯାଇ ଥିବା ବେଳେ ଜିଲାପାଳ ସେମାନଙ୍କୁ ନିଯୁକ୍ତି ପତ୍ର ଦେଇଥିଲେ । ଜିଲାପାଳ କହିଛନ୍ତି, ନିଯୁକ୍ତି ମେଳା ସଫଳ ଆୟୋଜନ ହୋଇଛି। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ। ମେଳା ଜରିଆରେ ୧ ହଜାର ପିଲାଙ୍କୁ ଯେଭଳି ନିଯୁକ୍ତି ମିଳିବ ସେ ନେଇ ଉଦ୍ୟମ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଏଥିସହ ପିଲା ମାନଙ୍କ ଦକ୍ଷତା ବିକାଶ ପାଇଁ ଆଗାମୀ ଦିନରେ ଏସମ୍ପର୍କୀୟ ତାଲିମ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ମେଳାରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ । ଗଞ୍ଜାମ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ନିଯୁକ୍ତି ପତ୍ର ବଣ୍ଟନ କରୁଛନ୍ତି ।

# ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ

ପାରଳାଖେମୁଣ୍ଡି,୨୧।୩(ଗିରିଧାରୀ ପରିଚ୍ଛା) ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା (ସିଯୁଟିଏମ୍)ରେ ପ୍ରଥମ ଅନ୍ତର୍ଜାତୀୟ ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ସମ୍ମିଳନୀ (ଏମ୍ଆଇଡିଏସ୍-୨୦୨୫) ଅନୁଷ୍ଠିତ ହୋଇଛି। ସ୍ପ୍ରିଙ୍ଗର ସହ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଗବେଷକ, ଶିଳ୍ପ ବିଶେଷଜ୍ଞ ଏବଂ ଶିକ୍ଷାବିତଙ୍କୁ ଏକାଠି କରି ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ସଦ୍ୟତମ ଉନ୍ନତି ବିଷୟରେ ଆଲୋଚନା କରିବା ଲକ୍ଷ୍ୟ ଥିଲା। ସଂଯୋଜକ ପ୍ରଫେସର ଅଶୋକ ମିଶ୍ର ସ୍ୱାଗତ ସୂଚନା ଦେଇ ଅତିଥି ଓ ଅଂଶ ଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଆଇଆଇଟି ଭୁବନେଶ୍ୱରରୁ ପ୍ରଫେସର ବି. ରାମକୁମାର, ୟୁନିଭର୍ସିଟାଡେଗ୍ଲିଷ୍ଟୁଡି ଡି ମିଲାନୋ ଇଟାଲୀର ପ୍ରଫେସର ଭିନସେଞ୍ଜୋ ପିଉରି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମିହିର ଏନ. ମହାନ୍ତି, (ଟନେଲ ଆଇଡି ଶଶୀ ଶେଖର ଝା, ଜେଡକେଓଏନ ନେଟୱାକର ଲୁସି ଶର୍ମା, ଆଇଏସ୍ଆଇ କୋଲକାତାର ପ୍ରଫେସର ସ୍ୱାଗତମ ଦାସ, ବୋଲ୍ଟନ ବିଶ୍ୱବିଦ୍ୟାଳୟ ୟୁକେର ପ୍ରଫେସର



ସମ୍ମିଳନୀରେ ଉପସ୍ଥିତ ଅତିଥି ।

ସେଲେଷ୍ଟିନ ଇୱେଣ୍ଡି ଏବଂ ସ୍ପ୍ରିଙ୍ଗର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନେହା ଶର୍ମା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଭାପତି ପ୍ରଫେସର ଅଭିଷେକ ଦାସ ସମ୍ମିଳନୀ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ପ୍ରଫେସର ବି. ରାମକୁମାର, ବାସ୍ତବ ବିଶ୍ୱ ଚ୍ୟାଲେଞ୍ଜ ସମାଧାନ କରିବାରେ ଯାନ୍ତ୍ରିକ ଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେଞ୍ଚୁରିଅନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ବିଶ୍ୱବିଦ୍ୟାଳୟର ସଂସ୍କୃତିକୁ ଏକ କୌଶଳ ବିଶ୍ୱବିଦ୍ୟାଳୟ ଭାବରେ ଆଲୋକପାତ କରିଥିଲେ। ପ୍ରଯୁକ୍ତିବିଦ୍ୟା ସମାଧାନକୁ ଆଗକୁ ବଢାଇବାରେ ଅତ୍ୟାଧୁନିକ ଗବେଷଣା ଏବଂ ଶିଳ୍ପ ଶିକ୍ଷା ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଅନିତା ପାତ୍ର, ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଆଗେଇ ନେବାରେ ଆନ୍ତଃଶାଖାନିକ ସହଯୋଗର ଭୂମିକା ଉପରେ ଗୁରୁତ୍ୱ ଦେଇଲେ। ଆୟୋଜକ ପ୍ରଫେସର ଆଶିଷ ରଞ୍ଜନ ଦାଶ ଏବଂ ପ୍ରଫେସର ସୁଜାତା ଚକ୍ରବର୍ତ୍ତୀ, ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ଜ୍ଞାନ ଆଦାନ ପ୍ରଦାନ ଉପରେ ଆଲୋକପାତ କରିଥିଲେ। ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା ବିଦ୍ୟାଳୟ (ଭାରପ୍ରାପ୍ତ) ପ୍ରଫେସର ସତ୍ୟ ନାରାୟଣ ପାଢ଼ୀ ଆୟୋଜକ ଦଳ ଏବଂ ଅଂଶୀଦାରଙ୍କ ସାମୁହିକ ପ୍ରୟାସକୁ ପ୍ରଶଂସା କରିଥିଲେ।

# ଅନଶନ ଭାଙ୍ଗିଲେ ସମବାୟ ସମିତି ବୋର୍ଡ ସଦସ୍ୟ

ଦାରିଙ୍ଗବାଡ଼ି,୨୧।୩(ଅରୁଣ ସାହୁ) ଦାରିଙ୍ଗବାଡ଼ି ବୃହଦାଗାର ସମବାୟ ସମିତି ଲିଃର ବୋର୍ଡ ସଦସ୍ୟମାନେ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସକାଳଠାରୁ ଅନଶନରେ ବସିଥିଲେ। ପ୍ରତିଶ୍ରୁତି ପାଇବା ପରେ ଅନଶନ ଭଙ୍ଗ କରିଛନ୍ତି। ଗୁରୁବାର ରାତିରେ ସମବାୟ ସମିତିର ଏମ୍‌ଡି ବିଷ୍ଣୁପ୍ରିୟା ପ୍ରଧାନ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ କୌଣସି ସମାଧାନ ହୋଇ ନ ଥିଲା। ଲିଖିତ ପ୍ରତିଶ୍ରୁତି ଦେଲେ ଅନଶନ ଭାଙ୍ଗିବୁ କହି ସଭ୍ୟାସଭ୍ୟମାନେ ଅଡ଼ି ବସିଥିଲେ। ସେପଟେ ବାଲିଗୁଡ଼ା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସୁକାନ୍ତ ପାଢ଼ୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ବୋର୍ଡ ସଦସ୍ୟାସଦସ୍ୟଙ୍କୁ ନେଇ ଦାରିଙ୍ଗବାଡ଼ିଠାରେ ଗୋଟିଏ ବୈଠକ ୨୪ତାରିଖରେ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯିବ



ବୋଲି ସଦସ୍ୟମାନଙ୍କୁ କୁହାଯାଇଛି। ହେଲେ ସେମାନେ ଲିଖିତ ପାଇଁ ଦାବି କରିଥିଲେ। ପରେ ଲିଖିତ ଆକାରରେ ପାଇବା ପରେ ସେମାନେ ଅନଶନ ଭଙ୍ଗ ହୋଇଛି । ଏବେ ବୋର୍ଡ ସଦସ୍ୟା ସଦସ୍ୟଙ୍କ ବିଶ୍ୱାସ ବଢ଼ିଛି ତାଙ୍କ ଦାବି ଗୁଡ଼ିକ ପୂରଣ ହେବ ଏବଂ ଖାଲିଥିବା ସାଧାରଣ ବଣ୍ଟନ କେନ୍ଦ୍ର ଗୁଡ଼ିକର ସେଲ୍‌ସମ୍ୟାନ ନିଯୁକ୍ତ କରାଯିବ। ଫଳରେ ସାଧାରଣ ବଣ୍ଟନ ସାମଗ୍ରୀ ସୁବିଧାରେ ଖାଉଟି ପାଇପାରିବେ ବୋଲି କୁହାଯାଇଛି। ବୋର୍ଡ ସଦସ୍ୟ ଚକ୍ରଧର ମଲିକ କହିଛନ୍ତି ଦାରିଙ୍ଗବାଡ଼ି ଥାନା ଏଏସ୍ଆଇ ଶ୍ରୀନିବାସ ରାଓ, ଅର୍ଜ୍ଜୁନ ଶବର ଏବଂ ସମବାୟ ସମିତି ଏମ୍‌ଡି ବିଷ୍ଣୁପ୍ରିୟା ପ୍ରଧାନ ଅନଶନସ୍ଥଳରେ ପହଞ୍ଚି ଲିଖିତ ଚିଠି ଦେବା ପରେ ଆମର ଏହି ଅନଶନ ଭଙ୍ଗ ହୋଇଛି। ସଭାନେତ୍ରୀ ଲିଲିମା ପ୍ରଧାନ,ସାଧୁ ନାୟକ, ଦିଲୀପ ପ୍ରଧାନ, ଚିତ୍ରସେନ ପ୍ରଧାନ, ଧୀରେନ ପ୍ରଧାନ, ଜୁନସ ପ୍ରଧାନ, ପଠାଣି ସାହୁ, ନୀଳମ୍ବର ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ଅନଶନରେ ବସିଥିଲେ।

# ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗର ପାଠଚକ୍ର

ରମ୍ଭା,୨୧।୩ (ବନବାସୀ ସେଠୀ)

ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଇତିହାସ ବିଭାଗର ପାଠଚକ୍ର ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି କୋଦଳା ଲକ୍ଷ୍ମୀ ନାରାୟଣ ଡିଗ୍ରୀ ମହାବିଦ୍ୟାଳୟର ପ୍ରଫେସର ବିନୋଦ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ ଦୁର୍ଗା ପ୍ରସାଦ ଦାଶ, ଓଡ଼ିଆ ଅଧ୍ୟାପକ ଡ଼.ଭାସ୍କର ଚନ୍ଦ୍ର ମୁଦୁଲି, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ହେମନ୍ତ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଧ୍ୟାପିକ ରଞ୍ଜିତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।
ମଞ୍ଚାସୀନ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶ୍ନ ଉତ୍ତର କରି ପୁରସ୍କାର ପ୍ରଦାନ କରିଥିଲେ। ଶୁଭସ୍ମିତା ସାହୁ, ସରିତା କୁଣ୍ଡିଆ ଇତିହାସ ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଟି.ଅଲିଶ୍ରୀ ଆଚାରୀ, ଡା.ସାଗରୀକା ମହାପାତ୍ର, ଅଧ୍ୟାପକ ବିପିନ କୁମାର ଦାଶ, ଗଣେଷ ବେହେରା, ଜିତେନ୍ଦ୍ର ପଟ୍ଟନାୟକ, ଗୌରୀ ବଳବନ୍ତରାୟ, ନିରଞ୍ଜନ ମହାନ୍ତି, ବ୍ରଜମୋହନ ପଣ୍ଡା, ଟି.ସ୍ୱାତି ଦେବୀ, ଯୋଗିନ୍ଦ୍ର ସାହୁ ଏବଂ କର୍ମରତ କର୍ମଚାରୀ ସହଯୋଗ କରିଥିଲେ।

# ଲକ୍ଷାଧିକ ଟଙ୍କାର ଶାଳକାଠ ଜବତ

ବୁଗୁଡ଼ା,୨୧।୩ (କାଳିଚରଣ ଦାଶ)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚଭୂତି ସଂରକ୍ଷିତ ଜଙ୍ଗଲରୁ ୯୦.୧୧ ଘନ ଫୁଟ ପରିମାଣର ୫ ଖଣ୍ଡ ଶାଳଗଣ୍ଡି ବନ ବିଭାଗ ପକ୍ଷରୁ ଜବତ କରାଯାଇଛି। ପ୍ରକାଶ ଯେ, ପଞ୍ଚଭୂତି ସଂରକ୍ଷିତ ଜଙ୍ଗଲରୁ କୌଣସି ଦୁର୍ବୃତ୍ତ ମୂଲ୍ୟବାନ ଶାଳ ଗଛ କାଟି ଚୋରା ଚାଲାଣ କରିବାକୁ ଉଦୟପୁର ବିଟ୍ ଅଞ୍ଚଳର ଏକ ଗୁପ୍ତ ସ୍ଥାନରେ ଲୁଚାଇ ରଖିଥିଲେ। ଖବର ପାଇ ଗୁରୁବାର ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ସେଠାରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କାର ୫ଟି ବିରାଟ ଶାଳ ଗଣ୍ଡି ଜବତ କରାଯାଇଥିଲା। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ଉକ୍ତ ଚଢାଉରେ ପଞ୍ଚଭୂତି ବନପାଳ ପଲ୍ଲଭି ନନ୍ଦ, ବୁଗୁଡ଼ା ବନପାଳ ଶୁଭ୍ରାଙ୍ଗ ରଇତ ଓ ରିଙ୍କୁ ସେଠୀଙ୍କ ସମେତ ସ୍କ୍ୱାର୍ଡ କର୍ମଚାରୀ ସାମିଲ ଥିଲେ।

# ଅଷ୍ଟଦଣ୍ଡ ପାଇଁ ପ୍ରସ୍ତୁତି ବୈଠକ

ବେଲଗୁଣ୍ଠା,୨୧।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗୋବରା ଗ୍ରାମରେ ଏପ୍ରିଲ ୮ରୁ ଅଷ୍ଟଶମ୍ଭୁ ମହାମିଳନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର, ଏ.କରଡାବାଡ଼ି, ଡେଙ୍ଗାପଦର, ବେଲଗୁଣ୍ଠା (୧), ବେଲଗୁଣ୍ଠା(୨), ବଣପଲ୍ଲୀ, ଗୋବରା ଏବଂ ଡ଼ାକରାବାଡ଼ିର ଦଣ୍ଡଦଳ ଅଂଶଗ୍ରହଣ କରିବେ। ଏନେଇ ଶୁକ୍ରବାର ଗୋବରା ବୈକୁଣ୍ଠନାଥ ମନ୍ଦିରରେ ସମସ୍ତ ୮ଟି ଦଣ୍ଡ ପରିଚାଳନା କମିଟି ଏବଂ ଗୋବରା ଅଷ୍ଟଦଣ୍ଡ କମିଟିର ଏକ ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋବରା ଅଷ୍ଟଦଣ୍ଡ କମିଟି ତରଫରୁ ପ୍ରସ୍ତୁତ କରାଯାଇଥିବା ସତର ନିୟମ ବିଶିଷ୍ଟ ନିୟମାବଳୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ସମସ୍ତ ଦଣ୍ଡ କମିଟିକୁ ପ୍ରଦାନ କରାଯାଇଥିଲା। ନିୟମାବଳୀ ଅନୁସାରେ ସମସ୍ତ ଦଣ୍ଡଦଳ ନିର୍ଦ୍ଧାରିତ ସମୟରେ ଗୋବରାରେ ପହଞ୍ଚି ସମସ୍ତ କାର୍ଯ୍ୟକ୍ରମ ସମାପନ କରିବା ସହିତ ରାତ୍ରିରେ ଭାରତଲୀଳା ପରିବେଷଣ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୌଣସି ପ୍ରକାର ଅଶ୍ଳୀଳ ଦୃଶ୍ୟ ପ୍ରୟୋଗ କରାଯିବ ନାହିଁ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ପ୍ରରିପ୍ରେକ୍ଷୀରେ ଉପସ୍ଥିତ ଦଣ୍ଡ କମିଟିମାନେ ମଧ୍ୟ ନିଜର ଆବଶ୍ୟକ ସାମଗ୍ରୀ ତାଲିକାକୁ ଅଷ୍ଟଦଣ୍ଡ କମିଟିକୁ ପ୍ରଦାନ କରିଥିଲେ। ଅଷ୍ଟଦଣ୍ଡ କମିଟି ତରଫରୁ ସମସ୍ତ ଦଣ୍ଡ କମିଟିଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଅଷ୍ଟଦଣ୍ଡ କମିଟି ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ବିନା ପ୍ରାଣିଜଗତ ଅସମ୍ଭବ

ଭଞ୍ଜନଗର,୨୧।୩(ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ଶୁକ୍ରବାର ଲାଲସିଂ ନର୍ସରୀ ପରିସରରେ ବନଖଣ୍ଡସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏସିଏଫ୍ ରଶ୍ମି ରଞ୍ଜନ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏସିଏଫ ବିବେକ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ। ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତା ରାଣୀ ପଣ୍ଡା, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ, ସୁରେଶ ସ୍ୱାଇଁ, ପ୍ରଶାନ୍ତ ସାହୁ, ବନ ସୁରକ୍ଷା ସମିତି କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ, ଶରତ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗନେଇ




ସୁରେଶ ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।

ଜଙ୍ଗଲ ବିନା ପ୍ରାଣୀ ଜଗତ ଅସମ୍ଭବ ବୋଲି କହିଥିଲେ। ବର୍ତ୍ତମାନର ପିଢ଼ି ଆଗାମୀ ପିଢି ପାଇଁ ଏବେଠୁ ଚିନ୍ତା କରିବାକୁ ପଡ଼ିବ। ସମ୍ପତ୍ତି ଭଳି ସେମାନଙ୍କ ପାଇଁ ଜଙ୍ଗଲ ମଧ୍ୟ ସୁରକ୍ଷିତ ରଖିବାକୁ ହେବ। ବିଭିନ୍ନ କାରଣ ଯୋଗୁ ଜଙ୍ଗଲ ଧ୍ୱଂସ ହେଉଛି। କଳକାରଖାନା ଯୋଗୁ ବାୟୁ ପ୍ରଦ୍ୟୁଷଣ ବଢୁଛି। ଏହିଭଳି ଅନେକ କାରଣ ଯୋଗୁ ଜଳବାୟୁ ପରିବର୍ତ୍ତନ ହେଉଛ ବୋଲି ବକ୍ତା କହିଥିଲେ। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ କବିତା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ପାଇଁ ନିବେଦନ କରିଥିଲେ। ମୁଜାଗଡ ରେଞ୍ଜର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବନପାଳ ଅନୁପ ବିଷୋୟୀ, ଜୀବନ ତ୍ରିପାଠୀ, ଶରତ ମହାନ୍ତି, ବବୁଲ ସେଠୀ ପ୍ରମୁଖ କାର୍ଯ୍ୟକ୍ରମପରିଚାଳନାରେ ସହଯୋଗ କରିଥିଲେ।

# ଜିଲାପାଳ,ସିଡିପିଓଙ୍କୁ ସ୍ଥଗିତାଦେଶ ପତ୍ର ଦେଲେ ଗ୍ରାମବାସୀ

## ଅଙ୍ଗନୱାଡି କର୍ମୀ ନିଯୁକ୍ତି ଅନିୟମିତତା ଘଟଣା

ଖଜୁରିପଡ଼ା,୨୧।୩ ( ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଆଡାସିପଡ଼ା ପଞ୍ଚାୟତର ପାଣ୍ଡରାବାଡ଼ି ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି କ୍ଷେତ୍ରରେ ପ୍ରଥମରୁ ବିଜ୍ଞାପନ ପ୍ରକାଶରେ ଠିକ୍ ହୋଇ ନ ଥିବା ଏବଂ କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ସରକାର, ବ୍ଲକ୍ ପ୍ରଶାସନ, ଜିଲା ପ୍ରଶାସନକୁ ଜଣାଇଥିଲେ। ଏ ଦିଗରେ କୌଣସି ସୁଫଳ ନ ମିଳିବାରୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ମାମଲା ବିଚାରାଧୀନ ଥିବା ବେଳେ ତତ୍କାଳୀନ ସିଡିପିଓ ଅଙ୍ଗନୱାଡି କର୍ମୀ ନିଯୁକ୍ତ କରିଥିବାରୁ ତାହାକୁ ଗ୍ରାମବାସୀ ବିରୋଧ କରି ନିଯୁକ୍ତି ସ୍ଥଗିତ କରିବାକୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଗ୍ରହଣ କରି ଉଚ୍ଚ ନ୍ୟାୟାଳୟ ଏହି ନିଯୁକ୍ତି ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ସମ୍ପର୍କିତ ନିର୍ଦ୍ଦେଶନାମାକୁ ୱାର୍ଡ ମେମ୍ବର ପ୍ରଶାନ୍ତ ସାହାଣୀଙ୍କ ସମେତ ଗ୍ରାମବାସୀ ସୀମାଞ୍ଚଳ ସାହାଣୀ,କୀର୍ତ୍ତି କୁମାର ବେହେରା ଓ ଅନ୍ୟମାନେ ଜିଲାପାଳ ଓ ଖଜୁରିପଡା ସିଡିପିଓଙ୍କୁ ପ୍ରଦାନ କରିଛନ୍ତି। ଖବରରୁ ଜଣାପଡିଛି, ପାଣ୍ଡରାବାଡ଼ି ଗ୍ରାମରେ ୨୦୨୧ରେ ମିନି ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ହୋଇ ଗୃହନିର୍ମାଣ ପର୍ଯ୍ୟନ୍ତ ଗାଁରେ ଥିବା ଆମ ଗାଁ ଆମ ବିକାଶର ଯୁବକ ସଂଘ ଘରେ ଅସ୍ଥାୟୀ ଭାବେ କେନ୍ଦ୍ର ଚାଲିବାକୁ ନିଷ୍ପତ୍ତି ହୋଇଥିଲା। ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ସିଡିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ୧୧ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ସରକାରୀ ବିଜ୍ଞାପନ ଠିକ୍ ନ ଥିବା ଏବଂ ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ତତ୍କାଳୀନ ସିଡିପିଓ ଗ୍ରାମବାସୀଙ୍କ ଅଭିଯୋଗକୁ ଅବମାନନା କରି ଅଙ୍ଗନୱାଡି କର୍ମୀ ନିଯୁକ୍ତି କରିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ନବନିଯୁକ୍ତ ଅଙ୍ଗନୱାଡି କର୍ମୀଙ୍କୁ ବିରୋଧ କରୁଛନ୍ତି। ତତ୍କାଳୀନ ସିଡିପିଓ ଅନିୟମିତତା କରି ଅଙ୍ଗନୱାଡି କର୍ମୀ ନିଯୁକ୍ତି କରିଥିବା ଗ୍ରାମବାସୀ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ସିଡିପିଓଙ୍କ ନିକଟରେ ଅଭିଯୋଗ କରିବା ସହିତ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନୂତନ ଅଙ୍ଗନୱାଡି କର୍ମୀ ଶୁଭସ୍ମିତା କହଁର ଆସି ଅଙ୍ଗନୱାଡି କେନ୍ଦ୍ର ଚାଲୁ କରିବାରୁ ଗ୍ରାମବାସୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କେନ୍ଦ୍ର ବନ୍ଦ ରଖିଛନ୍ତି। ଯେ ପର୍ଯ୍ୟନ୍ତ ସରକାର କିମ୍ବା ପ୍ରଶାସନ ଆମ ଦାବି ପୁନଃ ବିଚାର କରି ଅଙ୍ଗନୱାଡି କର୍ମୀ ଠିକ୍ ଭାବେ ନିଯୁକ୍ତ କରିନାହାନ୍ତି ସେ ପର୍ଯ୍ୟନ୍ତ କେନ୍ଦ୍ର ବନ୍ଦ ରହିବ ବୋଲି ୱାର୍ଡମେମ୍ବର ସାହାଣୀ କହିଛନ୍ତି। ସୂଚନାଯୋଗ୍ୟ, ପାଣ୍ଡରାବାଡ଼ି ଗ୍ରାମରେ ୭୭ ଅନୁସୂଚିତ ଜାତି (ହରିଜନ) ପରିବାର ବସବାସ କରନ୍ତି। ଅଙ୍ଗନୱାଡି କର୍ମୀ ନିଯୁକ୍ତି ଅନୁସୂଚିତ ଜନଜାତି ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଗ୍ରାମରେ ଅନୁସୂଚିତ ଜନଜାତି ନ ଥିବାରୁ ଗ୍ରାମବାସୀ ଏହାକୁ ଅନୁସୂଚିତ ଜାତି ବର୍ଗରେ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ସରକାର ନ ଶୁଣିବାରୁ ସେମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ତେବେ ଏହାକୁ ଗୁରୁତ୍ୱ ନ ଦେଇ ମାମଲା ଥିବା ସତ୍ତ୍ୱେ ତତ୍କାଳୀନ ସିଡିପିଓ ପ୍ରଧାନପଡା ଗାଁର ଶୁଭସ୍ମିତାଙ୍କୁ ନିଯୁକ୍ତି ଦେଇଥିଲେ। ଏବେ ଏହି ନିଯୁକ୍ତି ଉପରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଛନ୍ତି।

# ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ

ଭୁବନେଶ୍ୱର,୨୧।୩(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାର ୧୧ଦିନ ପୂର୍ବରୁ ୨୫୦ ମେଟ୍ରିକ୍ ଟନ୍ ପଣ୍ୟ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ଏତେ ପରିମାଣର ପଣ୍ୟ ପରିବହନ କରିବାରେ ଏହା ଦେଶର ପ୍ରଥମ ରେଳ ଜୋନ୍ ହୋଇଛି। ଲଗାତାର ଭାବେ ଦ୍ୱିତୀୟ ବର୍ଷ ପାଇଁ ୨୫୦ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ଏହି ସଫଳତା ହାସଲ କରିବା ପାଇଁ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲାବେଳେ ଚଳିତ ବର୍ଷ ୩୫୫ ଦିନରେ ଲକ୍ଷ୍ୟ ହାସଲ କରିଛି। ଏହାସହ ପୂର୍ବତଟ ରେଳପଥ କ୍ରମାଗତ ୬ଷ୍ଠ ଥର ପାଇଁ ୨୦୦ ନିୟୁତ ଟନ ପଣ୍ୟ ପରିବହନ ଅତିକ୍ରମ କରିବାର ଗୌରବ ମଧ୍ୟ ହାସଲ କରିଛି। ଏହା ବ୍ୟତୀତ ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ନିଜ କ୍ଷେତ୍ର ମଧ୍ୟରେ ୨୨୮.୩ ନିୟୁତ ଟନ୍ ମାଲ ପରିବହନ ମୁକ୍ତ/ଅନ୍‌ଲୋଡ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨.୬% ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ମାର୍ଚ୍ଚ ସୁଦ୍ଧା ପୂର୍ବତଟ ରେଳପଥ ୨୨୨.୪ ନିୟୁତ ଟନ୍ ମାଲ ପରିବହନ କରିଥିଲା। ଏହି ଐତିହାସିକ ସଫଳତା ହାସଲ କରିବାରେ ତାଳଚେରରେ ଥିବା ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ)ର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ ଏବଂ ଗୋପାଳପୁର ଆଦି ୫ଟି ପ୍ରମୁଖ ବନ୍ଦର, ବୈଲାଡିଲା (ଛତିଶଗଡ଼) ଏବଂ କେନ୍ଦୁଝର ଜିଲା (ଓଡ଼ିଶା)ରେ ଲୁହା ଖଣି, ପ୍ରମୁଖ ଇସ୍ପାତ ଓ ଆଲୁମିନିୟମ ଶିଳ୍ପ ଏହି ରେକର୍ଡ ସୃଷ୍ଟିରେ ସହାୟକ ହୋଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ରିଅଲ୍‌ମିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୧।୩

ରିଅଲ୍‌ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲମି ପି୩ ସିରିଜ ୫ଜିର ୨ୟ ଶୃଙ୍ଖଳ କୁ ନିକଟରେ ଅନାବରଣ କରାଯାଇଛି। ଏପରିକି ରିଅଲମି ପି୩ ଅଲ୍ଟ୍ରା ୫ଜି ଓ ରିଅଲ୍‌ମି ପି୩ ୫ଜି ନେତୃତ୍ୱରେ ଏହି ଶୃଙ୍ଖଳ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନିର୍ମିତ ହୋଇଛି। ସେହିଭଳି ପି୩ ସିରିଜ ୫ଜି ମିଡ୍ ସେଗ୍‌ମେଣ୍ଟରେ ନୂଆ ବେଂଚମାର୍କ ଧାର୍ଯ୍ୟ କରିବା ସହିତ ସେଗ୍‌ମେଣ୍ଟ ପ୍ରଥମ ଉଦ୍ଭାବନଗୁଡିକୁ ଆଣିଛି। ଏ ସମ୍ପର୍କରେ ରିଅଲ୍‌ମିର ପ୍ରବକ୍ତା କହିଛନ୍ତି, ଆମେ ରିଅଲ୍‌ମି ପି୩ ଅଲ୍ଟ୍ରା ୫ଜି ଓ ରିଅଲ୍‌ମି ପି୩ ୫ଜିକୁ ଅନାବରଣ ସହ ବଜାର ପ୍ରବେଶ କରାଇଛୁ।

# କୋଇଲା ଉତ୍ପାଦନରେ ଭାରତର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୨୧।୩



କ୍ରମାଗତ ଭାବେ କୋଇଲ ଉତ୍ପାଦନ ବୃଦ୍ଧି ଯୋଗୁ ଭାରତ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଦେଶ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ଆକଳନକୁ ମଧ୍ୟ ନିକଟରେ ଅତିକ୍ରମ କରିଛି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି, ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଭଳି ମୋଦି ଏହି ସଫଳତାକୁ ପ୍ରଶଂସାକରି ଏହାକୁ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି ଏବଂ ଏହି କ୍ଷେତ୍ର ସହିତ ଜଡିତ ଲୋକମାନଙ୍କର ନିରନ୍ତର ସମର୍ପଣ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ସେହିପରି କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ମଧ୍ୟ ଏକ ଏକ୍ସ ପୋଷ୍ଟରେ ସୂଚନା ଦେଇ କହିଛନ୍ତି, ଭାରତ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ଆକଳନ ଅତିକ୍ରମ କରିଛି। କେନ୍ଦ୍ର ମନ୍ତ୍ରୀଙ୍କ ଏକ୍ସ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ମୋଦି ଲେଖିଛନ୍ତି, ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ। ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ମାଇଲଖୁଣ୍ଟ ଅତିକ୍ରମ କରିଛି।

# ଉତ୍ସର୍ଗୀକୃତ ମନୋଭାବ ସଫଳତା ଆଣିଦେବ

**୧୯୭୯ ମସିହାରେ ବଲାଙ୍ଗୀରରେ ଯୁବୋଦ୍ୟୋଗୀ ବ୍ରିଜେଶ ମେହେରଙ୍କ ଜନ୍ମ। ବ୍ୟବସାୟ କ୍ଷେତ୍ରରେ ଏକାଗ୍ରତା ଓ କଠିନ ପରିଶ୍ରମ ଉପରେ ଗୁରୁତ୍ୱ ଦେଉଥିବା ବ୍ରିଜେଶ ମିନରବା ଜୁଏଲର୍ସରୁ ତାଙ୍କର ବ୍ୟବସାୟିକ ଜୀବନ ଆରମ୍ଭ କରିଥିଲେ । ପରେ ମିନରବା ଅଟୋମୋବାଇଲ୍ସ ନାଁରେ ଡିଲରଶିପ୍ ନେଇ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପାଲଟିଛନ୍ତି। ଏକ ବହୁରାଷ୍ଟ୍ରୀୟ କମ୍ପାନୀ(ଏମ୍‌ଏନ୍‌ସି)ରେ କାର୍ଯ୍ୟ କରି ଫେରିବା ପରେ ନିଜ ଜନ୍ମମାଟିରେ ସେ କିପରି ବ୍ୟବସାୟ କ୍ଷେତ୍ରରେ ପାଦ ଦେଇଥିଲେ ଏବଂ ସଫଳତା ସାଉଁଟିଥିଲେ ସେନେଇ ବ୍ରିଜେଶଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**




**ପ୍ର- ବ୍ୟବସାୟିକ ଯାତ୍ରା ସମ୍ପର୍କରେ ସଂକ୍ଷେପରେ କହିବେ?**

ଉ- ୨୦୦୪ରେ ବାଙ୍ଗାଲୋରରେ ଏମ୍‌ବିଏ ସାରିବା ପରେ ଏକ ଏମ୍‌ଏନ୍‌ସିରେ ୨ବର୍ଷ କାମ କରିଥିଲି।୨୦୦୬ରେ ଜନ୍ମମାଟି ବଲାଙ୍ଗୀର ଫେରି ମିନରବା ଜୁଏଲର୍ସ ନାମରେ ରିଟେଲ ଜୁଏଲେରି ବ୍ୟବସାୟ ଆରମ୍ଭ କରିଲି। ୨୦୧୨ରେ ପଶ୍ଚିମ ଓଡ଼ିଶାରେ ମହିନ୍ଦ୍ରା ଡିଲରଶିପ୍‌ର ସୁଯୋଗ ପାଇଲି। ୨୦୧୩ରେ ମିନରବା ଅଟୋମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମରେ ମହିନ୍ଦ୍ରା ଡିଲରଶିପ୍ ଆରମ୍ଭ କରିଥିଲି।

**ପ୍ର- ଓଡ଼ିଶାରେ କାର୍ ବଜାର ସ୍ଥିତି କିପରି ରହିଛି?**

ଉ- କୋଭିଡ୍ ସମୟରେ ଇଣ୍ଡଷ୍ଟ୍ରି କ୍ଷତିଗ୍ରସ୍ତ ହୋଇଥିଲା। ମାତ୍ର ଲୋକମାନେ ପ୍ରାଇଭେଟ୍ ଟ୍ରାନ୍ସପୋର୍ଟକୁ ଗୁରୁତ୍ୱ ଦେଉଥିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଏହାର ଚାହିଦା ଖୁବ୍ ବଢ଼ିଛି। ବଜାରରେ ନୂଆ ନୂଆ ମଡେଲ ଉପଲବ୍ଧ ହେଉଛି। ବିଶେଷକରି ଏସ୍‌ୟୁଭି କ୍ଷେତ୍ରରେ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ସାରା ଦେଶରେ କାର ବିକ୍ରି କ୍ଷେତ୍ରରେ ଓଡ଼ିଶା ଖୁବ୍ ଆଗରେ ରହିଛି। ଗତ ୩ରୁ ୪ ବର୍ଷ ମଧ୍ୟରେ ସଡ଼କ ଏବଂ ଉନ୍ନତ ଭିତ୍ତିଭୂମି କାରଣରୁ ଯାନ ବିକ୍ରି ତ୍ୱରାନ୍ୱିତ ହୋଇଛି।

**ପ୍ର- ଏହି ଶିଳ୍ପରେ କେଉଁ ସବୁ ସମସ୍ୟା ଦେଇ ଗତି କରିବାକୁ ପଡ଼େ? ଗ୍ରାହକ ସନ୍ତୁଷ୍ଟୀକରଣ କେତେ ଗୁରୁତ୍ୱ ବହନ କରେ?**

ଉତ୍ତର: ବର୍ତ୍ତମାନ ପର୍ଯ୍ୟନ୍ତ ସେପରି କୌଣସି ବଡ଼ ଆହ୍ୱାନ ଆସିନାହିଁ। ମାତ୍ର ଭାବୁଛି ସୁଧହାରରେ କ୍ରମାଗତ ବୃଦ୍ଧି ଅଟୋମୋବାଇଲ୍ ବିକ୍ରିକୁ ଟିକେ ହତାଶ କରିଛି। ଏଥିସହ ଓଡ଼ିଶାରେ ନୂତନ ସରକାର ଗଠନ ହୋଇଥିବାବେଳେ ଗତ ୯ ମାସ ମଧ୍ୟରେ ଆନୁଷ୍ଠାନିକ ତଥା ସରକାରୀ ବିକ୍ରିକୁ ମନ୍ଥର କରିଦେଇଛି। ସ୍ଥିରତା ଏବଂ ତୀବ୍ର ନୀତି ନିର୍ଦ୍ଧାରଣ କରି ସ୍ଥିତି ନିୟନ୍ତ୍ରଣକୁ ଅଣାଯାଇପାରିବ। ସେହିପରି ପ୍ରତିଯୋଗିତାମୂଳକ ଭାବେ ଏହି ଶିଳ୍ପ ଅଗ୍ରଗତି କରୁଥିବାବେଳେ ଗ୍ରାହକ ସନ୍ତୁଷ୍ଟୀକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହେଉଛି ତେବେ ଗ୍ରାହକ ତାଙ୍କ ନିକଟକୁ ଫେରିବେ ବୋଲି ଆଶା ନ କରିବା ଭଲ।

**ପ୍ର- ସଷ୍ଟେନବଲ୍ ମୋବିଲିଟି କ୍ଷେତ୍ରରେ ବୈଦ୍ୟୁତିକ ଯାନର କ'ଣ ଭୂମିକା ରହିବ?**

ଉ- ବୈଦ୍ୟୁତିକ ଯାନ ଏପର୍ଯ୍ୟନ୍ତ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଚାର୍ଜିଂ ଭିତ୍ତିଭୂମି ଭଳି ଆହ୍ୱାନ ରହିଛି। ମାତ୍ର ଜୀବାଶ୍ମ ଇନ୍ଧନ ପାଇଁ ଏହା ନିଶ୍ଚିତ ଭାବରେ ଏକ ଉତ୍ତମ ବିକଳ୍ପ। କମ୍ପାନୀଗୁଡ଼ିକ ବର୍ତ୍ତମାନ ନୂତନ ମଡେଲ ମଧ୍ୟ ଆଣୁଛନ୍ତି, ଯାହା ବୈଦ୍ୟୁତିକ ଯାନ ବିକ୍ରିରେ ସାହାଯ୍ୟ କରିବ।

**ପ୍ର- ଆପଣ ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଅଭିଜ୍ଞତାକୁ ଆଧାରକରି ଯୁବୋଦ୍ୟୋଗୀଙ୍କୁ ଗୋଟିଏ ପରାମର୍ଶ ଦେବାକୁ ଚାହିଁବି, ପ୍ରଥମତଃ ଆପଣଙ୍କ କର୍ମଚାରୀଙ୍କୁ ଖୁସି ଏବଂ ସନ୍ତୁଷ୍ଟ ରଖିବା ପାଇଁ ଆପଣ ଯାହା କରିପାରିବେ ତାହା କରନ୍ତୁ ଏବଂ ଏହାର ପ୍ରତିବଦଳରେ ସେମାନେ ଆପଣଙ୍କ ଗ୍ରାହକଙ୍କ ଯତ୍ନ ନେବେ। ଦ୍ୱିତୀୟରେ ଆଜିକାଲି ଅଟୋମୋବାଇଲ ଡିଲରଶିପ୍‌ର ବହୁତ ଚାହିଦା ରହିଛି। ଏହି କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ଓ କଠିନ ପରିଶ୍ରମ ସଫଳତା ଆଣିଦେବ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର



ବ୍ରିଜେଶ ମେହେର

# ମୋବାଇଲ ଗେମିଂର ଚାହିଦା ବୃଦ୍ଧି

ନୂଆଦିଲ୍ଲୀ,୨୧।୩

କ୍ରମାଗତ ଭାବେ ମୋବାଇଲ ଗେମିଂର ଚାହିଦା ବୃଦ୍ଧି ପାଉଛି। ଏପରିକି ଭାରତର ଖେଳାଳୀଙ୍କ ସଂଖ୍ୟା ଗତ ୬ବର୍ଷ ମଧ୍ୟରେ ବାର୍ଷିକ ୧୪.୬% ହାରରେ ବୃଦ୍ଧି ପାଇଛି। ଏପରିକି ଆଇଏମଏଆରସି ରିପୋର୍ଟର ଧାରା ଉପରେ ଆଧାରିତ ଖେଳାଳୀଙ୍କ ସଦ୍ୟତମ ଆକଳନ ପ୍ରାୟ ୪୮ କୋଟିରେ ପହଁଚିଛି। ୨୦୨୩ରେ ଏହି ଖେଳାଳୀଙ୍କ ସଂଖ୍ୟା ୪୩.୯ କୋଟି ଥିଲା। ଅପରପକ୍ଷରେ ଆଇକ୍ୟୁଓଓର ଦ୍ରୁତ ବିସ୍ତାରିତ ଗୋଷ୍ଠୀକୁ ଆହୁରି ଜଡ଼ିତ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଓ ଭାରତରେ ମୋବାଇଲ ଗେମିଂର ଭବିଷ୍ୟତକୁ ସୁଦୃଢ କରିବାକୁ ଲକ୍ଷ୍ୟ ରଖିଛି। ଆଇକ୍ୟୁଓଓ ସଂପ୍ରତି ମୋବାଇଲ ଗେମିଂରେ ସବୁଠାରୁ ବଡ଼ ଉଦ୍ୟୋଗ ସୃଷ୍ଟି ଉଦ୍ୟମରେ ରହିଛି। ଭାରତର ସାତଟି ବଡ଼ ଖେଳାଳୀ ଆଇକନ- ଡାଇନାମୋ ଗେମିଂ, ଗେମରଫ୍ଲିଟ, ମର୍ଟେଲ, ପାୟଲ ଗେମିଂ,ସ୍କାଉଟ ପ୍ରଭୃତି ଗେମରଙ୍କ ସହ ମିଳିତ ହୋଇଛି। ଏହି ଶ୍ରେଷ୍ଠ ଖେଳାଳୀମାନେ ଆଇକ୍ୟୁଓଓର ଖେଳାଳୀ ସ୍ମାର୍ଟଫୋନଗୁଡ଼ିକୁ ପରୀକ୍ଷାରେ ରଖିଛନ୍ତି, ପ୍ରକୃତ ସମୟ ମତାମତ ପ୍ରଦାନ ଓ ଡିଭାଇସ ଗୁଡ଼ିକୁ ପ୍ରମାଣିତ କରୁଛନ୍ତି। ୨୦୨୪ ଡିସେମ୍ବରରେ ବ୍ରାଣ୍ଡ ଭାରତରେ ଇ ସ୍ପୋର୍ଟସ ବୃଦ୍ଧିକୁ ଇନ୍ଧନ ଦେବା ଲାଗି ୬ଟି ଶ୍ରେଷ୍ଠ ବିଜିଏମଆଇ ଇସ୍ପୋର୍ଟସ ଦଳ ଓ ୧୦୦ରୁ ଅଧିକ ଖେଳାଳୀଙ୍କ ସହ ମିଶିଥିଲା। ଏ ନେଇ ଆଇକ୍ୟୁଓଓର ସିଇଓ ନିପୁଣ ମାରିଆ କହିଛନ୍ତି, ଆମେ ସର୍ବଦା ଭାରତର ଗେମିଂ ଗୋଷ୍ଠୀ ଶକ୍ତି ଉପରେ ବିଶ୍ୱାସ କରିଆସୁଛୁ। ଏପରିକି ଆମର ପୂର୍ବ ମୁଖ୍ୟ ଗେମିଂ ଅଫିସର (ସିଜିଓ) ହଣ୍ଟରଙ୍କ ଉଲ୍ଲେଖନୀୟ ପ୍ରତିକ୍ରିୟା ଏହାକୁ ପୁନଃନିର୍ମାଣ କରିଛି।

# ବେଦାନ୍ତରେ ୧୬ ବିଲିୟନ ଲିଟର ଜଳ ପୁନଶ୍ଚକ୍ରଣ

ଭୁବନେଶ୍ୱର,୨୧।୩



ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବେଦାନ୍ତ ଆଲୁମିନିୟମ ପ୍ରାୟ ୧୬ ବିଲିୟନ ଲିଟର ଜଳ କାର୍ଯ୍ୟ ପରିସରରେ ପୁନଶ୍ଚକ୍ରଣ କରିଛି, ଯାହା ଏହାର ସ୍ଥାୟିତ୍ୱ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି। ସନ୍ଦର୍ଭରେ ଏହି ପରିମାଣ ପ୍ରାୟ ୬,୪୦୦ ଅଲିମ୍ପିକ୍ ଆକାରର ସୁଇମିଂ ପୁଲ୍ ସହିତ ସମାନ ଏବଂ ୧୫% ଜଳ ପୁନଃ ଚକ୍ରଣ ହାର ସହ କମ୍ପାନୀ ଏହାର କାର୍ଯ୍ୟରେ ଜଳ ସଂରକ୍ଷଣରେ ଉଲ୍ଲେଖନୀୟ ଅଗ୍ରଗତି ଜାରି ରଖିଛି। ଗତ ବର୍ଷ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ବେଦାନ୍ତ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ପାଇଁ ୮୧ଟି ସାମୁଦାୟିକ ପୋଖରୀର ନବୀକରଣ କରିଛି ଏବଂ ସ୍ଥାନୀୟ ଜଳ ସଂରକ୍ଷଣରେ ଅତିରିକ୍ତ ୧୦,୦୦୦ ଘନ ମିଟର ଯୋଗଦାନକରି ଅତିକମ୍‌ରେ ୨୦ଟି ଅତିରିକ୍ତ ଫାର୍ମ ପୋଖରୀ ନିର୍ମାଣ କରିବାକୁ ଯୋଜନା କରିଛି। ଏହି ବର୍ଷ 'ହିଂଶାବଳୀ ସଂରକ୍ଷଣ' ବିଷୟବସ୍ତୁ ଅନୁଯାୟୀ ବେଦାନ୍ତ ମଧୁର ଜଳ ସମ୍ପଦର ସ୍ଥାୟୀ ପରିଚାଳନା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ସ୍ୱୀକାର କରୁଛୁ ଯେ ଜଳ ହିଁ ଜୀବନ, ସମ୍ପ୍ରଦାୟ ଏବଂ ଶିଳ୍ପକୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ ମୂଲ୍ୟବାନ୍ ଏବଂ ସହଭାଗୀ ସମ୍ପଦ। ଏହି ବିଶ୍ୱ ଜଳ ଦିବସରେ ଆମେ ଅଭିନବ ପ୍ରଯୁକ୍ତିବିଦ୍ୟା, ଦକ୍ଷ ଜଳ ପରିଚାଳନା ଅଭ୍ୟାସ ଏବଂ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବଣ୍ଟନ ଅଧିବେଶନ ଭଳି ସମ୍ପ୍ରଦାୟଚାଳିତ ପଦକ୍ଷେପ ମାଧ୍ୟମରେ ୨୦୩୦ ସୁଦ୍ଧା ନେଟ୍ ୱାଟର ପଜିଟିଭ୍ ସ୍ଥିତି ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ସ୍ଥାପନ କରୁଛୁ। ସଚେତନତା ବୃଦ୍ଧି ଏବଂ ସ୍ଥାୟୀ ସମାଧାନ କାର୍ଯ୍ୟକାରୀ କରି ଆମେ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ ଯେ ଆମର କାର୍ଯ୍ୟଗୁଡ଼ିକ କେବଳ ଜଳ ସଂରକ୍ଷଣ କରିବ ନାହିଁ ବରଂ ଆମ ଚାରିପାଖରେ ଥିବା ପରିବେଶ ଏବଂ ସମ୍ପ୍ରଦାୟର କଲ୍ୟାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

# ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୨୧।୩

ଆମାଜନ୍.ଇନ୍‌ର ବହୁ ପ୍ରତୀକ୍ଷିତ ତଥା ପ୍ରଥମ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଯେଉଁଥିରେ ସ୍ମାର୍ଟଫୋନ୍, ବଡ଼ ଉପକରଣ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଟେଲିଭିଜନର ବିଭିନ୍ନ ବ୍ରାଣ୍ଡ ଚୟନ ଉପରେ ଆକର୍ଷଣୀୟ ଡିଲ୍ ଏବଂ ଅଫର ରହିଛି। ଏପରିକି ଅତ୍ୟାଧୁନିକ ସ୍ମାର୍ଟଫୋନ୍ ଏବଂ ଅତ୍ୟାଧୁନିକ ଲାପ୍‌ଟପ୍‌ଠାରୁ ଆରମ୍ଭକରି ପ୍ରିମିୟମ୍ ସ୍ମାର୍ଟୱାଚ୍, ହେଡ୍‌ଫୋନ୍, ଟେଲିଭିଜନ ଆଦି ଗ୍ୟାଜେଟ୍ ପ୍ରେମୀମାନେ ଏହାକୁ ଅନୁସନ୍ଧାନ କରିପାରିବେ। ଏହାବ୍ୟତୀତ ଗ୍ରାହକମାନେ ନୋ କଷ୍ଟ ଇଏମ୍‌ଆଇ, ଇନ୍‌ଷ୍ଟାଣ୍ଟ ବ୍ୟାଙ୍କ ରିହାତି, ଏକ୍ସଚେଞ୍ଜ ବୋନସ ଏବଂ ଅନ୍ୟାନ୍ୟ ସୁଲଭ ବିକଳ୍ପ ସହିତ ଏହି ମାସରେ ନିଜର ଟେକ୍ ଗେମ୍ ଅପ୍‌ଗ୍ରେଡ୍ କରିପାରିବେ। ଏହି ଅଫର ୨୦୨୫ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ଲାଇଭ୍ ରହିଛି। ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍/ଡେବିଟ୍ କାର୍ଡ ଏବଂ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ କାରବାର ଉପରେ ୭.୫% ସଞ୍ଚୟ ସୁବିଧା ରହିଛି। ସ୍ମାର୍ଟଫୋନ୍ ଏବଂ ଆକ୍ସେସରିଜ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଏବଂ ଫ୍ଲାଗ୍‌ଶିପ୍ ସ୍ମାର୍ଟଫୋନଗୁଡ଼ିକ ୧୯୯୯ ଟଙ୍କା/ମାସରୁ ନୋ କଷ୍ଟ ଇଏମ୍‌ଆଇ ସହିତ ଉପଲବ୍ଧ ହେବ। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସର ନିର୍ଦ୍ଦେଶକ ଲଜବା ଖାନ୍ କହିଛନ୍ତି, ଏହି କ୍ରିକେଟ ଉତ୍ସାହକୁ ପାଳନ କରିବା ପାଇଁ ଆମେ ମାର୍ଚ୍ଚ ୨୧ରୁ ଆମାଜନ ଇଣ୍ଡିଆରେ ଇଲେକ୍ଟ୍ରୋନିକ୍ସ ପ୍ରିମିୟର ଲିଗ୍ ଆରମ୍ଭକରି ବେଶ୍ ଉତ୍ସାହିତ ଅଛୁ।

# ଶେୟାର ବଜାରରେ ଉତ୍ସାହ



ମୁମ୍ବାଇ,୨୧।୩

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୫୭ (୫୫୭.୪୫) ପଏଣ୍ଟ ବୃଦ୍ଧି ଘଟି ୭୬,୯୦୫ (୭୬,୯୦୫.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬୦ (୧୫୯.୭୫) ପଏଣ୍ଟ ବଢି ୨୩,୩୫୦ (୨୩,୩୫୦.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବଜାରରେ ଅଲ୍ ନ୍ୟୁ ହୋଣ୍ଡା ସାଇନ୍ ୧୦୦

ନୂଆଦିଲ୍ଲୀ,୨୧।୩ (ଅଭୟ ଦାଶ)




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ଅଲ୍ ନ୍ୟୁ ହୋଣ୍ଡା ସାଇନ୍ ୧୦୦ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏଚ୍‌ଏମ୍‌ଏସ୍‌ଆଇର ଅପ୍‌ଡେଟେଡ୍ ଓବିଡି୨ବି ନିୟାମକ ଅନୁରୂପ ସାଇନ୍ ୧୦୦ ସହ ବର୍ଦ୍ଧିତ ଷ୍ଟାଇଲିଂରେ ଏହାକୁ ଉପସ୍ଥାପନ କରାଯାଇଛି। ସେହିଭଳି ଏହି ନୂତନ ୨୦୨୫ ସାଇନ୍ ହୋଣ୍ଡା ସାଇନ୍ ୧୦୦ର (ଏକ୍ସ ଶୋ'ରୁମ୍ ଦିଲ୍ଲୀ) ମୂଲ୍ୟ ୬୮,୭୬୭ ଟଙ୍କାରୁ ଆରମ୍ଭ ହେଉଛି। ବର୍ତ୍ତମାନ ଏହି ସାଇନ ୧୦୦ ଭାରତୀୟ ବଜାରରେ ଏଚ୍‌ଏମ୍‌ଏସ୍‌ଆଇର ଅଧିକୃତ ବିକ୍ରେତାମାନଙ୍କ ନିକଟରେ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି, ସଭାପତି ତଥା ସିଇଓ ସୁତ୍ସୁସୁମୁ ଓଟାନୀ କହିଛନ୍ତି, ଆମେ ଆମର ନୂତନ ମଡେଲ ଅଲ୍ ନ୍ୟୁ ହୋଣ୍ଡା ସାଇନ ୧୦୦କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଓବିଡି୨ବି ନିୟାମକ ଅନୁରୂପ ସାଇନ ୧୦୦କୁ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇ ଅତ୍ୟନ୍ତ ଖୁସିବ୍ୟକ୍ତ କରୁଛୁ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲସ୍ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଆମେ ଆମର ବର୍ଦ୍ଧିତ ଶୈଳୀ ତଥା ନିୟାମକ ଅନୁରୂପ ସାଇନ ୧୦୦ ହୋଣ୍ଡା ଗ୍ରାହକମାନଙ୍କୁ ଅଧିକରୁ ଅଧିକ ଆକର୍ଷଣ ନିଶ୍ଚିତ ଭାବେ ବଜାୟ ରଖିବ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ହୋଣ୍ଡା ସାଇନ୍ ୧୦୦ ରେ ସମସ୍ତ ପ୍ରକାର ସୁରକ୍ଷା ଫିଚର ସାମିଲ ରହିଛି। ଏପରିକି ଏକ ଆକର୍ଷଣୀୟ ଗଠନ ତଥା ବୈଶିଷ୍ଟ୍ୟଯୁକ୍ତ ଶୈଳୀକୁ ନେଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିବା ସାଇନ ୧୨୫ ଦ୍ୱାରା ଅନୁପ୍ରାଣିତ ହୋଇପାରିଛି। ବର୍ତ୍ତମାନ ଏହା ନୂତନ ରଙ୍ଗର ଯୋଜନା ତଥା ଏକ ସତେଜଭରା ଚମକ ସହିତ ଆସିଅଛି। ଏଥିରେ ରହିଥିବା ବୈଶିଷ୍ଟ୍ୟତା ମଧ୍ୟରେ ସମ୍ମୁଖ ଭାଗ କାଓଲ, କଳା ରଙ୍ଗରେ ସଜ୍ଜିତ ଆଲଏ ହ୍ୱିଲସ, ଆଲୁମିନିୟମ ଗ୍ରାବାଲ, ଲମ୍ବା ଆରାମଦାୟକ ଏକକ ସିଟ୍ ତଥା ପତଳା ସ୍ମୁଥ୍ ଷ୍ଟାଇଲଯୁକ୍ତ ମୋଟରସାଇକେଲ ଆଦି ସାମିଲ ରହିଛି, ଯାହାକି ଦୈନନ୍ଦିନ ଚାଳନାରେ ସମସ୍ତ ପ୍ରକାର ବର୍ଦ୍ଧିତ ସୁବିଧା ପ୍ରଦାନ କରୁଅଛି। ସାଇନ୍ ୧୦୦ ୫ଟି ବିବିଧ ରଙ୍ଗର ବିକଳ୍ପ ସହିତ ବିବିଧ ପ୍ରକାର ଚାଳନାର ସୁବିଧା ଏଥିରେ ରହିଛି। ଏହା ମଧ୍ୟରେ ରେଡ୍, ବ୍ଲାକ୍ ୱିଥ୍ ବ୍ଲୁ, ବ୍ଲାକ୍ ୱିଥ୍ ଅରେଞ୍ଜ, ବ୍ଲାକ୍ ୱିଥ୍ ଗ୍ରେ ଏବଂ ବ୍ଲାକ୍ ୱିଥ ଗ୍ରୀନ୍ ଆଦି କଲର ସାମିଲ ରହିଛି। ଅତି ହାଲୁକା ଓଜନ ସହିତ ସ୍ଥାୟୀ ଡାଇମଣ୍ଡ ଫ୍ରେମ୍ ଆକାରରେ ପ୍ରସ୍ତୁତ ହୋଇଥିବା ଏହି ସାଇନ ୧୦୦ ଅତ୍ୟନ୍ତ ଉନ୍ନତମାନର ଚାଳନାର ଆରାମଦାୟକତା ପାଇଁ ଡିଜାଇନ କରାଯାଇଛି। ଏହା ଟେଲିସ୍କୋପି ସମ୍ମୁଖ ଭାଗ ଫର୍କ, ଦୁଇଟି ପଛପାର୍ଶ୍ୱ ସକ୍ ଆବଜରଭର ଏବଂ ସ୍ଥିରତା ତଥା ସଡ଼କର ବିଭିନ୍ନ ଅବସ୍ଥାକୁ ସୁହାଇଲା ଭଳି ପରିସ୍ଥିତିକୁ ନେଇ ସଜ୍ଜିତ ହୋଇଆସିଛି।


ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ,
୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫,
ଆଇ.ଏମ୍.ଟି. ମାନେସର,
ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

**ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୮୫୭** **ତାରିଖ:- ୦୬।୦୩।୨୦୨୫**

**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୧୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୬୮୭୩୦୯ | ୟୁ୯୩୦୯୦ଓଆର୍୨୦୧୭ପିଟିସି୦୨୭୨୪୮ | ଇନ୍‌ସର୍ଭିଆ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୨୫୮୨୦୩୬ | ୟୁ୭୪୯୯୯ଓଆର୍୨୦୧୮ପିଟିସି୦୨୯୨୬୧ | ମାୟାପା ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୨୬୬୭୮୦୧ | ୟୁ୨୨୨୧୯ଓଆର୍୨୦୨୨ପିଟିସି୦୪୦୨୨୦ | ଭୁବନେଶ୍ୱର ପ୍ରିଣ୍ଟିଂ ଇଣ୍ଡଷ୍ଟ୍ରୀଜ୍ ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏବି୨୪୪୯୯୬୭ | ୟୁ୭୨୨୦୦ଓଆର୍୧୯୯୯ପିଟିସି୦୦୫୯୧୫ | ଆଇଭିଏଫ୍ ନେଟ୍ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏବି୨୫୧୪୭୨୨ | ୟୁ୦୫୦୦୪ଓଆର୍୧୯୯୪ପିଟିସି୦୦୩୭୫୯ | ଜଗନ୍ନାଥ ଆଗ୍ରୋ-ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍ |
| ୬ | ଏବି୨୫୫୮୧୪୫ | ୟୁ୫୨୩୩୪ଓଆର୍୨୦୧୫ଓପିସି୦୧୯୭୩୧ | ରେଡି ରେସ୍‌ପଣ୍ଡ ସଲ୍ୟୁସନ୍ ପ୍ରୋଭାଇଡର୍ସ ପ୍ରାଇଭେଟ୍ ଲିମିଟେଡ୍ (ଓପିସି) |
| ୭ | ଏବି୨୪୨୫୮୧୪ | ୟୁ୭୨୪୦୦ଓଆର୍୨୦୧୩ପିଟିସି୦୧୭୪୬୯ | ଗୋ ୱାଇଫାଇ ନେଟ୍‌ୱର୍କିଂ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୮ | ଏବି୨୪୬୫୪୬ | ୟୁ୮୫୩୨୦ଓଆର୍୨୦୧୮ପିଟିସି୦୨୯୭୩୭ | ଏୟୁଏମ୍‌ଜେନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୯ | ଏବି୨୬୧୬୨୭୧ | ୟୁ୫୧୯୦୯ଓଆର୍୨୦୨୨ପିଟିସି୦୩୮୭୨୯ | ଓମିଲାଇଫ୍ ହେଲ୍‌ଥକେୟାର୍ ପ୍ରାଇଭେଟ୍ ଲିମିଟେଡ୍ |
| ୧୦ | ଏବି୨୪୯୫୪୨୪ | ୟୁ୧୩୨୦୦ଓଆର୍୨୦୨୨ପିଟିସି୦୪୦୪୭୭ | ମହାପ୍ରଭୁ ନାଚୁରାଲ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୧୧ | ଏବି୨୪୯୫୫୨୦ | ୟୁ୧୩୨୦୯ଓଆର୍୨୦୨୨ପିଟିସି୦୪୧୦୯୫ | ମହାପ୍ରଭୁ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୧୨ | ଏବି୨୬୪୫୪୩୩ | ୟୁ୭୪୯୯୯ଓଆର୍୨୦୧୮ପିଟିସି୦୨୯୩୩୦ | ଅଦୀପ ଟେକ୍ ଆଣ୍ଡ ସ୍ମାର୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୧୩ | ଏବି୨୬୮୮୫୧୬ | ୟୁ୬୫୯୯୦ଓଆର୍୨୦୨୧ପିଏଲ୍‌ଏନ୍୦୩୫୪୫୫ | ଧନମ୍ ବିନିୟୋଜନ୍ ନିଧି ଲିମିଟେଡ୍ |


(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।

(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।

(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

**ଇର୍କନ ତିର୍କୀ, ସହକାରୀ ନିବନ୍ଧକ**
**ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର**

CBC 07123/11/0790/2425



ଚେନ୍ନାଇଠାରେ ଶନିବାର ହେବାକୁ ଥିବା ଡେଲିମିଟେଶନ ଜଏଣ୍ଟ ଆକ୍ସନ୍ କମିଟି ବୈଠକରେ ଯୋଗଦେବାକୁ ଆସିଥିବା କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ସହ ଡିଏମ୍‌କେ ଏମ୍‌ପି କାନିମୋଝି ଆଲୋଚନା କରୁଛନ୍ତି।

# ସୌରଭଙ୍କୁ ଦିଲ୍ଲୀ, ସିସୋଡିଆଙ୍କୁ ପଞ୍ଜାବ ଆପ୍ ଦାୟିତ୍ୱ

**ନୂଆଦିଲ୍ଲୀ,୨୧।୩**

ଦିଲ୍ଲୀ ବିଧାନସଭା ନିର୍ବାଚନ ହାରିଯିବା ପରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏହାର ସାଂଗଠନିକ ସ୍ତରରେ ବଡ଼ ପରିବର୍ତ୍ତନ କରିଛି। ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କୁ ଆପ୍ ଦିଲ୍ଲୀ ଶାଖାର ନୂଆ ସଭାପତି ନିଯୁକ୍ତ କରାଯାଇଥିବାବେଳେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ମନୀଷ ସିସୋଡିଆଙ୍କୁ ପଞ୍ଜାବରେ ଦଳର ଦାୟିତ୍ୱ ଦିଆଯାଇଛି। ଗୋପାଳ ରାୟଙ୍କ ସ୍ଥାନରେ ଭରଦ୍ୱାଜ ଦିଲ୍ଲୀ ଭାଜପାର ମଙ୍ଗ ଧରିଛନ୍ତି। ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ବାସଭବନରେ ଆପ୍ ରାଜନୈତିକ ବ୍ୟାପାର କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଗୋପାଳ ରାୟ ଏଣିକି ଗୁଜରାଟ ଦାୟିତ୍ୱରେ ରହିବେ ବୋଲି ବୈଠକ ଶେଷରେ ଦଳର ସାଧାରଣ ସମ୍ପାଦକ ସନ୍ଦୀପ୍ ପାଠକ ଗଣମାଧ୍ୟମକୁ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ଥିବା ପାଂକଙ୍କୁ ଆପ୍ ଛତିଶଗଡ଼ ଶାଖାର ଦାୟିତ୍ୱ ଦିଆଯାଇଥିବାବେଳେ ପଙ୍କଜ ଗୁପ୍ତା ଗୋଆରେ ଦଳର ଦାୟିତ୍ୱ ନେବେ। ସେହିପରି ମେହରାଜ ମଲିଭଙ୍କ ଜମ୍ମୁ-କଶ୍ମୀରେ ଦଳର ନୂଆ ସଭାପତି ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ସତ୍ୟେନ୍ଦ୍ର ଜୈନଙ୍କୁ ପଞ୍ଜାବର ସହପ୍ରଭାରୀ କରାଯାଇଥିବାବେଳେ ଦୁର୍ଗେଶ ପାଠକଙ୍କୁ ଗୁଜରାଟ ଏବଂ ଅଙ୍କୁଶ ନାରଙ୍ଗ, ଆଭାଷ ଚାଣ୍ଡେଲା ଓ ଦୀପକ ସିଙ୍ଗଲାଙ୍କୁ ଗୋଆ ସହପ୍ରଭାରୀ କରାଯାଇଛି।



ସୌରଭ ଭରଦ୍ୱାଜ ଓ ମନୀଷ ସିସୋଡିଆ।

# ଭାଜପା ଜିଲା ସଭାପତିଙ୍କ ଗିରଫ ଦାବିକଲେ କଂଗ୍ରେସ ବିଧାୟକ

**ରାୟଗଡ଼ା,୨୧।୩(ଆଶିଷ ରଞ୍ଜନ ପଣ୍ଡା)**

## ଏଡିଏମ୍‌ଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ରାୟଗଡ଼ା ଜିଲାରେ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ ଓ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଘନେଇବାରେ ଲାଗିଛି। ଏହି ବିବାଦ ଏବେ ରାଜନୈତିକ ମୋଡ଼ ନେଲାଣି। ଏନେଇ ରାୟଗଡ଼ା ଜିଲାର ୩ କଂଗ୍ରେସ ବିଧାୟକ ଶୁକ୍ରବାର ଭୁବନେଶ୍ୱରଠାରେ ଖବରଦାତା ସମ୍ମିଳନୀ କରି ଭାଜପା ଜିଲା ସଭାପତି ଗୋପୀ ଆନନ୍ଦଙ୍କ ଗିରଫ ଦାବି କରିଛନ୍ତି। ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ଓ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତିଙ୍କ ଉପରେ ବର୍ଷିଛନ୍ତି। ସେମାନେ କହିଛନ୍ତି, ଜଣେ ସରକାରୀ କର୍ମଚାରୀ ଜିଲାର ବିକାଶ ଓ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବେଳେ ଶାସକ ଦଳର ଜିଲା ସଭାପତି ଗୋପୀ ତାଙ୍କ ପ୍ରତି କରିଥିବା ଖରାପ ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ଜଣେ ଅତିରିକ୍ତ ଜିଲାପାଳଙ୍କୁ ଏଭଳି ବ୍ୟବହାର କରିବା ଦ୍ୱାରା ଜିଲାର ବିକାଶରେ ଅନ୍ତରାୟ ସୃଷ୍ଟିହେବ। ଏହାବ୍ୟତୀତ ଅତିରିକ୍ତ ଜିଲାପାଳ କହଁର ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ଡରାଇ କାମ ହାସଲ କରିବା ପାଇଁ ଭାଜପା ଜିଲା ସଭାପତି ଚେଷ୍ଟା କରୁଛନ୍ତି। ଏହା ଏକ ଅପରାଧ। ତେଣୁ ପୋଲିସ ଗୋପୀଙ୍କୁ ଗିରଫ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବିଧାୟକ ହିକ୍‌କା,ବିଧାୟକ ଗମାଙ୍ଗ କହିଛନ୍ତି। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମଧ୍ୟ ଘଟଣାର ନିନ୍ଦା କରିଛନ୍ତି। ତେବେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଗୁରୁବାର ଅଭିଯୋଗ କରିବା ପରେ ରାୟଗଡ଼ା ଟାଉନ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରୁଥିବା ଆଇଆଇସି କେକେବିକେ କହଁର କହିଛନ୍ତି। ବିଜେଡି ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରିବା ସହ କିଛି ବଡ଼ ପଦକ୍ଷେପ ନେବ ବୋଲି ଚର୍ଚ୍ଚା ଚାଲିଛି।

# ହାଇକୋର୍ଟରେ ଟଙ୍କଧରଙ୍କ ଆବେଦନ ଖାରଜ

**କଟକ,୨୧।୩(କାର୍ତ୍ତିକ ସାହୁ)**

## ଝାରସୁଗୁଡ଼ା ନିର୍ବାଚନ ମାମଲା

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମାମଲାରେ ବିଜୟୀ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପକ୍ଷରୁ ବିନା ଶୁଣାଣିରେ ବିଜେଡିର ପରାଜିତ ପ୍ରାର୍ଥୀ ଦୀପାଳି ଦାସଙ୍କ ଆବେଦନ ଖାରଜ କରିବାକୁ ହୋଇଥିବା ଆବେଦନକୁ ଶୁକ୍ରବାର ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପକ୍ଷରେ ଟଙ୍କଧରଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ଟଙ୍କଧରଙ୍କ ବିରୋଧରେ ଥିବା ଆପରାଧିକ ମାମଲା ସମ୍ପର୍କରେ ତଥ୍ୟ ଦାଖଲ କରିବା ପାଇଁ ହାଇକୋର୍ଟ ଦୀପାଳି ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୨୪ରେ ହେବ ବୋଲି ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ୨୦୨୪ ସାଧାରଣ ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ପରାଜିତ ହୋଇଥିବା ବିଜେଡି ପ୍ରାର୍ଥୀ ଦୀପାଳି ଦାସ ବିଜୟୀ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନାମରେ ନିର୍ବାଚନ ଅନିୟମିତତା ନେଇ ଆବେଦନ କରିଛନ୍ତି। ଟଙ୍କଧର ପ୍ରାର୍ଥିପତ୍ର ଦାଖଲ କରିବାବେଳେ ସତ୍ୟପାଠରେ ତଥ୍ୟ ଲୁଚାଇବା ସହିତ ଏହି ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ କରିଥିବା ଦୀପାଳି ଆବେଦନରେ ଦର୍ଶାଇଛନ୍ତି। ତେଣୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସେ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ନାମାଙ୍କନପତ୍ର ଦାଖଲ କଲାବେଳେ ବିଧାୟକ ଟଙ୍କଧର ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ଏବଂ ଏହା ଅସତ୍ୟ ତଥ୍ୟ ଉପରେ ଆଧାରିତ ବୋଲି ଦୀପାଳି ଦର୍ଶାଇଛନ୍ତି।

# ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଅ: ଅଜୟ ଲଲ୍ଲୁ

**ଭଦ୍ରକ,୨୧।୩(ସନାତନ ରାଉତ)**

କଂଗ୍ରେସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଶୁକ୍ରବାର ଅପରାହ୍ନ ୧ଟାରେ ଭଦ୍ରକ ଗସ୍ତରେ ଆସି ଦଳୀୟ ସଂଗଠନ ଶକ୍ତି ବୃଦ୍ଧି ପାଇଁ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ବିଫଳତାକୁ ନେଇ ଲୋକଙ୍କୁ ପାଖକୁ ଯାଇ ଜଣାବାକୁ କର୍ମୀମାନଙ୍କୁ କହିଛନ୍ତି। ଭଦ୍ରକ ଆରଡ଼ିଛକରେ ପହଞ୍ଚିବା ପରେ କଂଗ୍ରେସ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ସହ ଭଦ୍ରକ ଟାଉନ ହଲ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆଣିଥିଲେ।

ଅନୁଷ୍ଠିତ ବୈଠକରେ ଲଲ୍ଲୁ କହିଛନ୍ତି,ଏରାଜ୍ୟରେ ମହିଳା ଅସୁରକ୍ଷିତ ଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚାଷୀଙ୍କୁ ଉଚିତ୍ ନ୍ୟାୟ ମିଳୁନାହିଁ। ତେବେ ଭଦ୍ରକ ଏବଂ ଓଡ଼ିଶାରେ ଦଳକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହାସହ ପ୍ରତି ନିର୍ବାଚନ ମଣ୍ଡଳୀର ନେତାଙ୍କ ସହ ଗୁପ୍ତ ଆଲୋଚନା କରି ସ୍ଥିତି ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଯୁବନେତା ଅସିତ୍ ପଟ୍ଟନାୟକ, ନଳିନୀକାନ୍ତ ମହାନ୍ତି, ନବଜ୍ୟୋତି ପଟ୍ଟନାୟକ, ଶୁଭେନ୍ଦୁ ରାୟ ମହାପାତ୍ର, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, କାଉନ୍‌ସିଲର ହେମନ୍ତ ସାହୁ, ଜିଲା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ରଞ୍ଜନ ବେହେରା, ଅମୀୟ ମହାପାତ୍ର, ଦିଗମ୍ବର ଦାସ, ଦେବେନ୍ଦ୍ର ମହାନ୍ତି, ବଳରାମ ରାଉତ, ଜିଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, ବରିଷ୍ଠ ନେତ୍ରୀ ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।



ଅଜୟ କୁମାର ଲଲ୍ଲୁ(ଡାହାଣରୁ ଦ୍ୱିତୀୟ)ଙ୍କୁ ଦଳୀୟ ନେତା ସ୍ୱାଗତ କରି ଆଣୁଛନ୍ତି।

## ବିଧାନସଭା ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଟିଙ୍ଗାଳି କଥା**
**ଟାଣୁଆ ପାଇଲେ ନୁଆଁଏ ମଥା।**

ସାଧାରଣତଃ ଟିଙ୍ଗା ବା କ୍ଷଣକୋପି ବ୍ୟକ୍ତି ଟିକେ ଟିକେ କଥାରେ ରାଗି ଯାଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ସମ୍ମୁଖରେ କଥା କହିବା ଲାଗି ଅନେକେ ସାହସ କରିପାରି ନ ଥାନ୍ତି। କିନ୍ତୁ ଏପରି ଟିଙ୍ଗା ଲୋକ ଆଗରେ କେହି ଟାଣୁଆ ଲୋକ ପଡ଼ିଲେ ତା'ର ଟାଣ କଥା ଆଗରେ ସେ ମୁଣ୍ଡ ନୁଆଁଇ ଥାଏ। ତେଣୁ ଟିଙ୍ଗା ଲୋକକୁ ସବୁବେଳେ ଡରିବା ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଟାଙ୍ଗରା ମୁଣ୍ଡରେ ମହଣ ପାଡିଆ**
**ଉଞ୍ଚୁ କପାଳରେ ଟିକିଲି**
**ଟାକୁଆ ଗାଲକୁ ବାହାଡ଼ା ଦାନ୍ତ**
**ନାକ ଛିଣ୍ଡିଠେଇଁ ରସିଲି।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ, ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ତାରା-ଜୟଙ୍କ ବାକ୍ ଯୁଦ୍ଧ

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା)**

ଦୀର୍ଘଦିନ ଧରି ଗୃହରେ କଂଗ୍ରେସର ପ୍ରତିବାଦକୁ ନେଇ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ବିସ୍ଫୋରକ ବୟାନ ଦେଇଛନ୍ତି।

ଜୟନାରାୟଣ କହିଛନ୍ତି, ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ଗୃହ ଅଚଳ ହେଉଛି। ସର୍ବଦଳୀୟ ବୈଠକରେ ଖୋଦ୍ ଏକଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀ ପତି କହିଛନ୍ତି। ବୈଠକରେ କଂଗ୍ରେସ ସ୍ୱୀକାର କଲା, ଇଚ୍ଛା ନ ଥାଇ ବି ସେମାନେ ଗୃହରେ ପ୍ରତିବାଦ କରୁଛନ୍ତି। କାରଣ ନୂଆ ସଭାପତି ଏପରି କରି ମାଇଲେଜ ନେବାକୁ ନିର୍ଦ୍ଦେଶ ଦେଇଥିବା ଜୟନାରାୟଣ କହିଛନ୍ତି।

ଏହାର ଜବାବ ରଖିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସେ କହିଛନ୍ତି, ଭାଜପା ବିଧାୟକ ଜୟ ନାରାୟଣ ମିଶ୍ର ମିଛ କହୁଛନ୍ତି। ତାରା କହିଲେ, ସର୍ବଦଳୀୟ ବୈଠକରେ କଂଗ୍ରେସ କହିଲା ପିସିସି ସଭାପତି ନାରୀ ସୁରକ୍ଷା ପାଇଁ ଲଢୁଛନ୍ତି। ହେଲେ ଏହାକୁ ନେଇ ଜୟ ନାରାୟଣଙ୍କ ପରି ବରିଷ୍ଠ ବିଧାୟକ ମିଛ କହିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଆମେ ମହିଳାଙ୍କ ସୁରକ୍ଷା ପାଇଁ ଲଢୁଛୁ, ହେଲେ ସରକାରଙ୍କ ନିରବତା ପାଇଁ ନାରୀ ନିର୍ଯାତନା ରାଜ୍ୟରେ ବଢ଼ି ଚାଲିଛି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ମନ୍ତ୍ରୀ ପଦ ପାଇବା ପାଇଁ ମିଶ୍ରବାବୁ ଏଭଳି ନାଟକବାଜି କରୁଛନ୍ତି। କେତେବେଳେ କୋଶଳ ପ୍ରସଙ୍ଗ ଉଠାଇ ନିଜ ଦଳକୁ ସମସ୍ୟା ଘେରକୁ ଠେଲୁଛନ୍ତି ତ ଆଉ କେତେବେଳେ ନିଜେ ମିଡିଆ ଚର୍ଚ୍ଚାରେ ରହିବା ପାଇଁ ମନଗଢ଼ା କାହାଣୀ କହୁଛନ୍ତି।

# କଳା ପୋଷାକ ପିନ୍ଧି ଘଣ୍ଟ, ତୂରୀ, ବଂଶୀ ବଜାଇଲେ



କଂଗ୍ରେସ ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ୍ ଆଗରେ ଘଣ୍ଟ ବଜାଉଛନ୍ତି।

**ଭୁବନେଶ୍ୱର,୨୧।୩**
**(ରବିନାରାୟଣ ଜେନା)**

## ବିଧାନସଭାରେ କଂଗ୍ରେସର ଅଭିନବ ପ୍ରତିବାଦ

- ଗୃହ କମିଟି ଗଠନ ଦାବିରେ ପ୍ରଥମାର୍ଦ୍ଧ ଅଚଳ
- ବସିଲା ସର୍ବଦଳୀୟ ବୈଠକ, ବାହାରିଲାନି ନିଷ୍କର୍ଷ

ବିଧାନସଭାରେ ଶୁକ୍ରବାର କଂଗ୍ରେସ ସଦସ୍ୟମାନେ କଳା ପୋଷାକ ପିନ୍ଧି ଘଣ୍ଟ, ତୂରୀ, ବଂଶୀ ବଜାଇ ପ୍ରତିବାଦ କରିଛନ୍ତି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ପାଇଁ ବିଧାନସଭା ଗୃହ କମିଟି ଗଠନ ଦାବିରେ ଅଟଳ ଥିବା କଂଗ୍ରେସ ଆଜି ପୁଣିଥରେ ତା'ର ପ୍ରତିବାଦକୁ ଶାଣିତ କରିଛି। ଘଣ୍ଟ, ତୂରୀ ଓ ବଂଶୀର ନାଦ ଏଭଳି ଥିଲା ଯେ ଗୃହ ୫ମିନିଟ୍ ବି ଚାଲିପାରି ନ ଥିଲା। ଗୃହରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଲାଗି ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର କଂଗ୍ରେସ ଓ ବିଜେଡି ସଦସ୍ୟଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଥିଲେ, ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ଏମିତି କି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଫଳରେ ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ସହିତ କୌଣସି ଆଲୋଚନା ସମ୍ଭବ ହୋଇ ନ ଥିଲା। ୪ଟି ପର୍ଯ୍ୟାୟରେ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସର ସମସ୍ତ ସଦସ୍ୟ କଳା ପୋଷାକ ପିନ୍ଧି ଓ ମୁଣ୍ଡରେ କପଡ଼ା ବାନ୍ଧି ଗୃହକୁ ପ୍ରବେଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କଳାକପଡ଼ା ଘୋଡ଼େଇ ହୋଇ ଆସିଥିବା ବେଳେ ସଦସ୍ୟା ସୋଫିଆ ଫିରଦୋସ କଳାଶାଢ଼ି ପିନ୍ଧିଥିଲେ। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିବା ସହ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଲାଗି ଗୃହ କମିଟି ଗଠନ କରାଯାଉ ବୋଲି ଅଡ଼ି ବସିଥିଲେ।

ବାଚସ୍ପତିଙ୍କ ପୋଡିୟମ ତଳେ ଗୃହ କମିଟି ଦାବିରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ପବିତ୍ର ସାଉନ୍ତା, ଦାଶରଥି ଗମାଙ୍ଗ, କାଡ୍ରାକା ଆପଲସ୍ୱାମୀ, ନୀଳମାଧବ ହିକ୍‌କା ପ୍ରମୁଖ ଘଣ୍ଟ ବଜାଇ ପ୍ରତିବାଦ କରିଥିଲେ। ସେହିଭଳି କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ ତୂରୀ ବଜାଉଥିବା ଦେଖିବାକୁ ମିଳିଥିଲା। ବିଜେଡି ସଦସ୍ୟମାନେ ସରକାର ଗଣତନ୍ତ୍ରର କଣ୍ଠରୋଧ କରୁଥିବା ଅଭିଯୋଗ କରି ପ୍ରତିବାଦ କରିଥିଲେ। ବିରୋଧୀଙ୍କ ପ୍ରତିବାଦ କାରଣରୁ ବାଚସ୍ପତି ଗୃହକୁ ପ୍ରଥମେ ପୂର୍ବାହ୍ନ ୧୦ଟା ୩୨ରୁ ୧୧ଟା ୩୦ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ମଧ୍ୟ କଂଗ୍ରେସ ସଦସ୍ୟ ସମାନ ଭାବେ ଗୃହ ମଧ୍ୟରେ ନିଜ ପ୍ରତିବାଦ ଜାରି ରଖିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୧ରୁ ୧୨ଟା ୦୧ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ। ବାଚସ୍ପତି ବିରୋଧୀ ଦଳ ନେତା, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭାଜପା ସଦସ୍ୟ ଜୟ ନାରାୟଣ ମିଶ୍ରଙ୍କ ସହ ସର୍ବଦଳୀୟ ବୈଠକରେ ଆଲୋଚନା କରିଥିଲେ। ଦୀର୍ଘ ଦେଢ଼ଘଣ୍ଟା ଧରି ସର୍ବଦଳୀୟ ବୈଠକ ବସିଥିଲେ ହେଁ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ଉପବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ ମୁଲତବୀ ହେବା ପରେ କଂଗ୍ରେସ ସଦସ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଏହି ଅବସରରେ ୭ଦିନ ପରେ ନିଲମ୍ବନରୁ ଫେରିଥିବା କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ରାଜ୍ୟରେ ଗଣତନ୍ତ୍ର ନାହିଁ। ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଏହାର ପ୍ରତିବାଦ କରିବାରୁ ମୁଁ ୭ଦିନ ନିଲମ୍ବନ ହେଲି। ମାତ୍ର ସରକାର ନୀରବ। ଗୃହ କମିଟି ଗଠନ କରାଯାଉ ନାହିଁ। ତେଣୁ କଂଗ୍ରେସ ପକ୍ଷରୁ ଆଜି କଳାପୋଷାକ ପିନ୍ଧି ପ୍ରତିବାଦ କରାଯାଇଛି।

ଏନେଇ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, କଂଗ୍ରେସ ଗୃହକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛି। କଂଗ୍ରେସ ପାଖରେ କୌଣସି ଗଠନମୂଳକ ପ୍ରସ୍ତାବ ନ ଥିବାରୁ ସେ ଏଭଳି ନାଟକବାଜି କରୁଛି। ରାଜ୍ୟବାସୀ ସବୁ ଦେଖୁଛନ୍ତି, ଉଚିତ ସମୟରେ ଠିକଣା ଜବାବ ଦେବେ।

# ରାଜ୍ୟର ୩୩.୬୭ ଭାଗ ଜଙ୍ଗଲ: ମନ୍ତ୍ରୀ

ଭୁବନେଶ୍ୱର,୨୧।୩(ବନ୍ଦନା ସେଠୀ)

■ ଚଳିତ ବର୍ଷ ୩୦,୭୧୯ ହେକ୍ଟର ଅଞ୍ଚଳରେ ବନୀକରଣ କରାଯାଇଛି
■ ଓଡ଼ିଶା ଉପକୂଳ ୫୭୬ କି.ମି.କୁ ବୃଦ୍ଧି ପାଇଛି

ମାନବ ଜାତି ଓ ସୁସ୍ଥ ପରିବେଶ ପାଇଁ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ। ଏହା ସମଗ୍ର ବିଶ୍ୱ ପାଇଁ ପ୍ରକୃତିର ଏକ ବରଦାନ, ଯେଉଁଥିପାଇଁ ଜଙ୍ଗଲକୁ ପୃଥିବୀର ଫୁସ୍‌ଫୁସ୍ ବୋଲି କୁହାଯାଏ। ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମନୁଷ୍ୟ ସମାଜ ପାଇଁ ବହୁମୂଲ୍ୟ ଜୈବବିବିଧତାର ମୂଳ ଉତ୍ସ ହେଉଛି ଜଙ୍ଗଲ। ଏହାର ଶ୍ରୀବୃଦ୍ଧି ଓ ସମୃଦ୍ଧି ଉପରେ ମାନବ ଜାତିର ଭବିଷ୍ୟତ ନିର୍ଭର କରିଥାଏ। ତେଣୁ ଜଙ୍ଗଲ ସମ୍ପଦର ପୋଷଣୀୟ ବ୍ୟବହାର, ପରିବେଶ ଅବକ୍ଷୟ ଓ ପ୍ରଦୂଷଣର ମାତ୍ରା ହ୍ରାସ କରିବା ଦିଗରେ ସମସ୍ତଙ୍କ ସଙ୍କଳ୍ପବଦ୍ଧ ଉଦ୍ୟମ ଲୋଡା ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ମନ୍ତ୍ରୀ କହିଲେ, ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଡେରାଡୁନ ଦ୍ୱାରା ଉପଗ୍ରହ ମାଧ୍ୟମରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୩ରେ ଓଡ଼ିଶାରେ ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ପରିମାଣ ୫୨,୪୩୩.୫୬ ବର୍ଗ କି.ମି.। ଏହା ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩୩.୬୭ ଭାଗ। ଜଙ୍ଗଲର ପୁନରୁଦ୍ଧାର, ପୁନଃସ୍ଥାପନ, ନୂତନ ଜଙ୍ଗଲ ସୃଷ୍ଟି ସହିତ ସ୍ଥାୟୀ ଜଙ୍ଗଲ ପରିଚାଳନା ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନା ପ୍ରଣୟନ କରିଛନ୍ତି। ଚଳିତ ବର୍ଷ ଏହିସବୁ କାର୍ଯ୍ୟକ୍ରମରେ ସମୁଦାୟ ୧.୯୫ କୋଟି ଚାରା ରୋପଣ କରାଯିବା ସହିତ ୨.୩୩ କୋଟି ବୃକ୍ଷ ଚାରା ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ବିତରଣ କରାଯାଇଛି। ୩୦,୭୧୯ ହେକ୍ଟର ଅଞ୍ଚଳରେ ବନୀକରଣ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଲେ, ରାଜ୍ୟର ୪୮୦ କିଲୋମିଟର ସୁଦୀର୍ଘ ଉପକୂଳ ଏବେ ବୃଦ୍ଧି ପାଇ ୫୭୬ କିମି ହୋଇଛି। ନିକଟରେ ଋଷିକୁଲ୍ୟା ମୁହାଣକୁ ୭ଲକ୍ଷ ଓ ଗହୀରମଥାକୁ ୭ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ଆସିବା ରାଜ୍ୟ ଜଙ୍ଗଲ ବିଭାଗ ଲାଗି ଗୌରବର ବିଷୟ। ଶିମିଳିପାଳକୁ ୟୁନେସ୍କୋ ହେରିଟେଜ୍ ସାଇଟ୍ ହିସାବରେ ସ୍ଥାନିତ କରିବା ପାଇଁ ଚିନ୍ତା କରାଯାଉଛି।

ଏହି ଅବସରରେ ଜଙ୍ଗଲ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪ଟି ବନଖଣ୍ଡକୁ ସମ୍ମାନିତ କରାଯାଇଥିଲା। ସେହିପରି ବନରକ୍ଷୀ, ବନପାଳ ଏବଂ ବନ ରେଞ୍ଜ ଅଧିକାରୀଙ୍କୁ ମିଶାଇ ମୋଟ ୪୦ଜଣ କ୍ଷେତ୍ରୀୟ କର୍ମଚାରୀଙ୍କୁ 'ରାଜ୍ୟ ବନୀକରଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ 'ହାଇଲାଇଟ୍ସ ଅଫ୍ ଓଡ଼ିଶା ଫରେଷ୍ଟ୍ରି ସେକ୍ଟର ୨୦୨୫' ଶୀର୍ଷକ ଏକ ତଥ୍ୟଭିତ୍ତିକ ବାର୍ଷିକ ସଂକଳନ, ଗୁଗଲ୍ ଆର୍ଥ ଇଞ୍ଜିନ୍ ଫର୍ ଫରେଷ୍ଟ୍ରି ଇନ୍‌ସାଇଟ୍ସ ଫ୍ରମ୍ ଓଡ଼ିଶା, ମାମାଲ୍ସ ଆଣ୍ଡ ବାର୍ଡ୍ସ ଅଫ୍ ବଣାଇ ଫରେଷ୍ଟ ଡିଭିଜନ୍ ଏବଂ 'ବଣାଇ ଅଞ୍ଚଳର ପାରମ୍ପରିକ ଉପକରଣ ଏବଂ ତା'ର ବ୍ୟବହାର' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଡ. କେ. ମୁରୁଗସେନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।

# ୨୭ ଜିଲ୍ଲାକୁ କାଳବୈଶାଖୀ ସତର୍କତା

ଭୁବନେଶ୍ୱର,୨୧।୩(ଅନୁରାଧା ମହାରଣା)

ରାଜ୍ୟରେ ବେଶ୍ କିଛିଦିନ ପ୍ରବଳ ଖରା ଓ ଗୁଳୁଗୁଳି ଅନୁଭୂତ ହେବା ପରେ ଏବେ ପାଗ ବଦଳୁଛି। ରାଜ୍ୟରେ ତାପମାତ୍ରା ହ୍ରାସ ପାଉଥିବାବେଳେ କାଳବୈଶାଖୀ ତାଣ୍ଡବ ରଚୁଛି। ଶୁକ୍ରବାର ଉତ୍ତର ଓଡ଼ିଶାରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି ଘଟାଇଥିବାବେଳେ ଶନିବାର ପାଇଁ ୨୭ ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଉତ୍ତର ପଶ୍ଚିମ ଓଡ଼ିଶାର ୯ ଜିଲ୍ଲାରେ ଘଡ଼ଘଡ଼ି ବିଜୁଳି ସହ କୁଆପଥର ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାସହ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ରହିବ। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବା ସହ ସାରା ରାଜ୍ୟରେ କାଳବୈଶାଖୀ ପ୍ରଭାବ ପଡ଼ିବ। ଏଥିପାଇଁ କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ସମେତ ୧୮ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ତେବେ ଆସନ୍ତା ୨୪ ତାରିଖ ଯାଏ ଏଭଳି ପାଗ ରହିବ। ଏହାପରେ ପାଗ ପୁଣି ବଦଳିପାରେ ବୋଲି ପୂର୍ବାନୁମାନ କରାଯାଇଛି।


**DISTRICT OFFICE, SUNDARGARH**
(Social Welfare Section)
No 1378/Dt. 19-03-2025

**TENDER CALL NOTICE**

**No.g-195** : Sealed Tenders in the prescribed format are invited from interested Firms/agents for supply of design of packaging material for Take Home Ration (THR) provided under MSPY in Sundargarh District.

The Tender notice along with Terms & conditions and other details for the above purpose can be downloaded from District Websites (https://sundargarh.odisha.gov.in/) or can be seen in the Tender Notice displayed in the notice board of DSWO, Sundargarh.

Sd./- District Social Welfare Officer
Sundargarh

OIPR-24400/11/0009/2425

**OFFICE OF THE PANCHAYAT SAMITI, PAIKMAL**
At/P.O./PS: Gaisilet, Dist.: Bargarh (Odisha), PIN - 768039
E-mail ID: ori-paikmal@nic.in

No. 760 "e" - Procurement Notice Dt.18.03.25

**Bid Identification No. BDO/Paikmal/04/2024-25**

No. i-570: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nature of work : Civil Works
2. No. of Works : 1
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 21.03.2025, 11.00 A.M. to 31.03.2025, 5.00 P.M.
6. Last date/time for receipt of Bids in the portal : Dt.31.03.2025 upto 5.00 P.M.
7. Bids received online shall be opened on : Dt.02.04.2025 at 11 A.M.
8. Name and address of the Officer Inviting Bid : Block Development Officer, Paikmal

Further, the details can be seen from the procurement portal **www.tendersodisha.gov.in.**

OIPR-19175/11/0004/2425 Sd./- Block Development Officer, Paikmal

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, PURI (R&B) DIVISION, PURI**
WORKS DEPARTMENT

**Short Tender Call Notice**

E-mail: eerbpuri@yahoo.co.in
Bid Identification No. SE (R&B) Puri-57/2024-25

**No.B-1092:**The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in single cover system in ONLINF, MODE from the eligible class of contractors registered with the State Governments and contractors of equivalent Grade/Class registered with Central Government/Railways:

1. Nature of Work : Civil Work.
2. No of Work : 2 Nos
3. Tender Cost : Rs. 6000.00/ each (On-Line)
4. Class of bidders : 'D' & C'/ 'B' Class
5. Available of Bid document in in th website : From 10.00 AM of Dt.24.03.2025 05.00 PM of Dt.02.04.2025
6. Last Date of receipt of tender : Dt.02.04.2025 upto 05.00 PM
7. Date of opening of Bid : Dt.03.04.2025 at 11:00 AM

The Bidders have to participate in ONLINE bidding only. Further details can be seen from the Website:https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

Sd./- Superintending Engineer
Puri (R&B) Division, Puri

OIPR-34064/11/0024/2425

**GOVERNMENT OF ODISHA** No.B-1094:
**OFFICE OF THE SUPERINTENDING ENGINEER JHARSUGUDA (R&B) DIVISION, JHARSUGUDA**
ଓଡ଼ିଶା ସରକାର
E-mail ID: eepwdjsg2014@gmail.com
Telephone:06645-271242, Kalimandir Road, Jharsuguda, 768202

"e" Procurement Notice
**Bid Identification No.S.E. R&B-JSG-26 of 2024-25**

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Double & Single Cover system on ONLINE mode from eligible contractors for Construction of Civil Work (Civil+EI) Works as detailed in DTCN. | | |
| 2. | Nature of Work | :- | Civil Works (Civil+EI) Works |
| 3. | Estimated Cost | :- | Rs.26.19 Lakhs, to Rs.55.41 Lakhs |
| 4. | No. of Work | :- | 03 (Three) Nos. |
| 5. | Tender Cost | :- | Rs.10000/- & Rs.6000.00 (as per DTCN) |
| 6. | Class of Contractor | :- | Sl.No.-1 & 2 - "B" Class, Sl.No.3- "C & B" |
| 7. | Availability of bid document in the website | :- | 10.00 A.M. of 25.03.2025 to 05.00 P.M. of 10.04.2025 |
| 8. | Date of Opening of Technical Bid (Cover-I) | :- | 11.00 AM on Dt.11.04.2025 |
| 9. | The bidders have to participate in ONLINE bidding only. Further details can be seen from the website https://tendersodisha.gov.in). Any addendum/ Corrigendum/Cancellation of tender can also be seen in the said website. | | |

Sd./- Superintending Engineer
Jharsuguda (R&B) Division

OIPR-34094/11/0022/2425

**OFFICE OF THE NOTIFIED AREA COUNCIL: G.UDAYAGIRI**

**E-Procurement Notice**

Bid Identification No:GUDR-NAC-02/2024-25
Letter No.991, Date:18.03.2025

**No.C-1925:**Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. **1 to 13** of G UDAYAGIRI NAC area for the F.Y. 2025-26.

1. Estimated cost of work (Annually) - **Rs.1,48,27,956 /-**
2. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.O having similar nature of work experience of at least Five years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e http://www.tendersodisha.gov.in from **11.00 A.M of 19.03.2025 to 5.00 P.M of 28/03/2025** for online bidding.
4. Bid identification No: GUDR-NAC-02/2024-25
5. Last date & time of receipt of Bid through online: **28/03/2025 of 5.00 P.M**
6. Deposit original financial documents online: **11.00 A.M of 19/03/2025 up to 28/03/2025 of 5 P.M**
7. Opening of Bid on **29/03/2025 at 11.00 Hrs.** at G UDAYAGIRI NAC.
8. The bidder has to participate in online bidding only.
9. For further detail information any one can visit the-procurement portal of the Govt. of Odisha i.e. http://www.tendersodisha.gov.in.

Sd./- Executive Officer
G UDAYAGIRI NAC

OIPR-13072/11/0011/2425

**OFFICE OF THE SUPERINTENDING ENGINEER KENDRAPARA (R&B) DIVISION No.II, KENDRAPARA**
No.B-1093 E-mail:eerandbdivn2kpd@gmail.com, Tel.No.06727-220408
GOVERNMENT OF ODISHA "e" Procurement Notice

**E-Procurement Notice for Electrical Work**

**Bid Identification No.S.E. (RnB) KPD-II-19/2024-25**

1. No. of Works : 3 Nos. of Electrical Work
2. Estimated Cost : Rs.48,19,060.00, Rs.14,91,259.00 Rs.12,02,633.00
3. Period of Completion : 01 (One) Calendar Month to 03 (Three) Calendar Month
4. Date & Time of Sale & Receipt of Bid Document : From 10.00 AM of 26.03.2025 to 5.00 PM of 07.04.2025
5. Last Date/Time of receipt of Bids : 5.00 P.M. of 07.04.2025
6. Date & Time of opening of Bids : 11.00 A.M. of 08.04.2025
7. Name and Address of the Inviting Bid : Superintending Engineer, Kendrapara (R&B) Division-II, Kendrapara.

Further details with any addendum, corrigendum, cancellation can be seen from the State Govt. Portal **"https://tendersorissa.gov.in."**

Sd./- Superintending Engineer
OIPR-34158/11/0011/2425 Kendrapara (R&B) Division-II, Kendrapara

**OFFICE OF THE NOTIFIED AREA COUNCIL REMUNA, BALASORE**
e-mail: remuna-nac@gov.in, Tel. No.: 06782-291978

**BID Identification No. RN_08_2024-25**

Letter No. 332 Date: 19.03.2025

No. C-1932: The Executive Officer on behalf of Notified Area Council, Remuna invites tenders in Double Cover System. Bid documents consisting of specification the Schedule of quantities and the set of terms and conditions of contrat and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil Works : 01 (One) Number
2. Estimated Costs : 85.57 lakhs
3. Period of Completion : As per NIT
4. Date and time of availability of the bid documents in the portal : From 10.00 A.M. on Dt.21.03.2025 upto 05.00 P.M. of 07.04.2025
5. Last date/time for receipt of bids in the portal : Upto 05.00 P.M. on 07.04.2025
6. Bids will be opened on : 11.00 A.M. on Dt.08.04.2025
7. Name and address of the Officer Inviting Bid : Executive Officer, Remuna NAC

Sd./- Executive Officer, Remuna NAC
OIPR-13204/11/0011/2425



See Career Appointment on every Wednesday & Saturday



**GOVERNMENT OF ODISHA** No. O-1640
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

**Corrigendum**

No. 1090 Date: 18.03.2025

**1st Corrigendum to Bid Identification No. Tender-Online-C.C. 05 of 2025, Dated 01.03.2025 invited vide this office Lr. No. 936 dated 01.03.2025**

The date of availability of tender, date of opening of Technical Bid & Financial Bid invited vide this office N.I.T No. Tender-Online-C.C.-05 of 2025 Dt.01.03.2025 issued vide this office Lr. No. 936 Dt.01.03.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for Bidding | Date & Time of opening of tender | |
|---|---|---|---|---|
| | | Upto | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender Online - C.C. 05 of 2025 | 15.04.2025 upto 5.00 P.M. | 16.04.2025 at 11.00 A.M. | To be intimated later on |

All other conditions remain unaltered.

OIPR-25194/11/0032/2425 Sd./- Chief Construction Engineer, Central Rural Works Circle, Bhubaneswar

**OFFICE OF THE MUNICIPAL COUNCIL, CHOUDWAR** No.C-1934
Cuttack, Odisha, Pin - 754071
Phone No. - 0671-2394272(O)
E-mail : choudwarmunicipality@gmail.com

Letter No. : 427 Date : 19.03.2025

**Quotation Call Notice**

1. Name of the Work : Engagement of 01 No Four-Wheeler Vehicle for Official Use
2. Period of Completion : (01) One Year
3. Date and Time of availability of the bid documents in the Portal : 19.03.2025 to 09.04.2025 www.choudwarmunicipality.in
4 Last Date / Time for receipt of bid document : 09.04.2025 at 01.00 P.M.
5. Bids received through Office Drop Box, shall be opened on dt.09.04.2025 at 04.00 P.M.
6. Name and address of the officer inviting Bid : Executive Officer, Choudwar Municipality, Choudwar

Further details for any Corrigendum/Cancellation/Addendum can be seen from www.choudwarmunicipality.in

Sd./- Executive Officer
Choudwar Municipality

OIPR-13138/11/0019/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
No.810/ WE, Dt.19.03.25

**e-Procurement Notice**

**No.O-1642:** Name of the Work : "Building Works", 2. Estimated Cost:- As per Annexure. 3. Time for Completion:- As per Annexure. 4. No. of Work:- As per Annexure. 5.Summary for key dates is provided below:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-27 of 2024-25 | Dt.27.03.2025 at 11.00 A.M. | Dt.16.04.2025 upto 5.00 P.M. | Dt.15.04.2025 upto 5.00 P.M. | Dt.17.04.2025 at 11.00 A.M. | Will be intimated latter |

Further details can be seen from the website www.tendersodisha.gov.in
Any other changes/Corrigendums may be seen only in website www.tendersodisha.gov.in

Sd./- Er. Duryodhan Behera
Chief Construction Engineer, Rural Works Circle, Balasore

OIPR-25105/11/0039/2425

**GOVT. OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR**
1st Corrigendum
Letter No.1612, Dtd.19.03.2025

**No.O-1647:** In continuation to this office tender identification No. SNPR/Online 18 of 2024-25 invited vide this office letter No.1327 dtd.05.03.2025, under unavoidable circumstances partial modification Date & Time of TCN has been made as follows.

| Sl. No. | Tender Identification No. | Items | Date & Time Schedule as per original TCN | Date & Time Schedule as per 1st Corrigendum Notice |
|---|---|---|---|---|
| 1 | 2 | 3 | 4 | 5 |
| 1 | Bid Identification SNPR/Online-18 of 2024-25 | Availability of Tender On-line for bidding | 12.03.2025 at 11.00 A.M. to 25.03.2025 upto 5.00 P.M. | 12.03.2025 at 11.00 A.M. to 29.03.2025 upto 5.00 P.M. |
| 2 | | Date & Time of seeking tender clarification | 24.03.2025 upto 4.00 P.M. | 28.03.2025 upto 4.00 P.M. |
| 3 | | Date & Time of opening of tender | 26.03.2025 at 11.00 A.M. | 02.04.2025 at 11.00 A.M. |

OIPR-25054/11/0026/2425 Sd./- Executive Engineer, Rural Works Division, Sonepur

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 5144 IND–II–PH–୧୨୬୦ ତା.18.03.2025
No. CAD-2896

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ଜଳଡିହି ଏବଂ କେନସର ଗ୍ରାମରେ ୧୦୦.୪୩୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କେଡେସଲ ନର୍ଥ ଇଷ୍ଟ ଲୌହ ଖଣିଜ ବ୍ଲକରୁ ୧.୨୧ ଏମଟିପିଏ ଆରଓଏମ ଲୌହ ଖଣିଜ (ସମୁଦାୟ ୧୯୯୧୧୨୦ ଟିପିଏ ଉତ୍ତୋଳନ: ଆରଓଏମ ଲୌହ ଖଣିଜ ୧୨୧୦୦୦୦ ଟିପିଏ+ଓବି/ବର୍ଜ୍ୟ ୭୮୧୧୨୦ ଟିପିଏ) ଉତ୍ପାଦନ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି ।ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୩.୦୪.୨୦୨୫ ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କେନସର ଗ୍ରାମର ଫୁଟବଲ ଖେଳପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./– ସଦସ୍ୟ ସଚିବ

OSPCB-PH-MISC-0018-2025/5/2025 OIPR-08012/11/0223/2425

**ODISHA JOINT ENTRANCE EXAMINATION - 2025 (OJEE-2025)**

**No. OJEE/0097 Date: 20.03.2025**

**NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE-2025**

No. h-21: This is for the information of all candidates, interested to apply for **Odisha Joint Entrance Examination (OJEE) - 2025**, that the **last date for registration and final submission of online application forms for OJEE-2025, which was earlier notified as 20.03.2025, is extended upto 25.03.2025 (till 05.00 P.M.).**

Candidates are advised to visit OJEE websites **(www.ojee.nic.in/www.odishajee.com)**, read the **'Information Brochure'** and the **'Instructions to fill Online Application Form'**, which are available in the OJEE websites and submit their online Application Forms as soon as possible, without waiting till the last date.

Further, another three days, i.e. **26.03.2025, 27.03.2025 and 28.03.2025 (till 11.59 P.M.)** will be provided to the candidates for correction(s), if necessary, as filled earlier by the candidates. The fee payment option will remain open till **28.03.2025 (11.59 P.M.)**.

For other details please visit OJEE website: **https://ojee.nic.in**.


**It may be noted that there will be no further extension of the registration/application period beyond this date.**

**Sd./- Chairman, OJEE, Odisha**
OIPR-44026/11/0017/2425

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)

ପତ୍ରସଂଖ୍ୟା:– 234//ଡି.ସି.ପି.ୟୁ/୨୫ ତାରିଖ:–19.3.25

No.g–196:ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି,ବ୍ରହ୍ମପୁରଙ୍କ ନିର୍ଦ୍ଦେଶକ୍ରମେ ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ, ଗଞ୍ଜାମଠାରେ ନିମ୍ନଲିଖିତ ଶିଶୁମାନେ ରହିଆସୁଛନ୍ତି । ପ୍ରକାଶଥାଉକି, ଉକ୍ତ ଶିଶୁମାନଙ୍କର କେହି ଯଦି ଜନ୍ମିତ ପିତା,ମାତା ଅଭିଭାବକ ଓ ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁରଙ୍କ ଫୋନ ନଂ–୯୪୩୯୪୫୮୭୭୩ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ, ଗଞ୍ଜାମ, ବ୍ରହ୍ମପୁରଙ୍କ ଫୋନ ନଂ.–୯୪୩୭୩୨୩୧୨୮ କିମ୍ବା ସଦସ୍ୟଙ୍କ ଫୋନ ନଂ–୯୦୪୦୩୪୫୯୯୯ କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ନେଇଯିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନା ନକରନ୍ତି ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ ।

| କ୍ର.ନଂ. | ନାମ | ଲିଙ୍ଗ | CWC Case ନମ୍ବର | ଗ୍ରାମ | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | କ୍ରିଷ୍ଣା ମଣ୍ଡଳ, ପିତା–ସ୍ୱର୍ଗତ ଜତୁ ମଣ୍ଡଳ, ମାତା–ଲଳିତା ମଣ୍ଡଳ | ପୁଅ | ୧୫୨୧/୨୦୧୭ | ତନ୍ତୀ ସାହି ପୁରୀ | ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ |  |
| ୨ | ରଫିକ ଶେଖ, ପିତା–ରାଜୁ ଶେଖ, ମାତା–ନାଶୁ ଶେଖ | ପୁଅ | ୧୧୮୧/୨୦୧୮ | ମୁର୍ଶିଦାବାଦ ବେରହମପୁର, ବେଷ୍ଟବେଙ୍ଗଲ | ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ |  |
| ୩ | ଚନ୍ଦନ କୁମାର, ପିତା–ଦିଲ୍ଲୀପ | ପୁଅ | ୧୪୪୭/୨୦୧୮ | G.C.H.B ଡାଇରୀ ଫାର୍ମ ବିଶାଖାଭେଲି ସ୍କୁଲ ନିକଟ, ବିଶାଖାପାଟମ | ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ଧରାକୋଟ |  |

OIPR-33041/11/0007/2425 ସ୍ୱା./– ଜିଲ୍ଲାପାଳ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧାନ ବ୍ୟବସାୟୀଙ୍କଠାରୁ ୨.୩ ଲକ୍ଷ ଲୁଟ୍

**ଢେଙ୍କିକୋଟ,୨୧।୩(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳୀ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନ ନୂଆଗାଁରେ ଦୁର୍ବୃତ୍ତମାନେ ଜଣେ ଧାନ ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ୩୦ ହଜାର ଲୁଟି ନେଇଛନ୍ତି। ଏ ନେଇ ବ୍ୟବସାୟୀ ଶରତ ଚନ୍ଦ୍ର ସାହୁ ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ୍‌ରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। କିଛିଦିନ ବ୍ୟବଧାନରେ ଏହା ଦ୍ୱିତୀୟ ଲୁଟ୍ ହୋଇଥିବାରୁ ଦୁର୍ବୃତ୍ତମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଥିବା ଆଲୋଚନା ହେଉଛି।

ଶରତ ଢେଙ୍କିକୋଟ ବଜାରରେ ଥିବା ତାଙ୍କ ଦୋକାନକୁ ଆସୁଥିଲେ। ୨୦ ନମ୍ବର ଜାତୀୟ ରାଜପଥଠାରୁ ମାତ୍ର ୫୦ ମିଟର ଦୂର ନୂଆଗାଁ ରାସ୍ତାରେ ୩ ବାଇକ୍‌ରେ ୪ଜଣ ଆସି ତାଙ୍କୁ ଅଟକାଇ ଟଙ୍କା କାଢ଼ିବାକୁ କହିଥିଲେ। ସ୍କୁଟି ଚାବି ନେଇ ଡିକିରେ ଥିବା ୨ ଲକ୍ଷ ୨୦ ହଜାର ଓ ପକେଟ୍‌ରେ ଥିବା ୧୦ ହଜାର ଟଙ୍କା ନେଇ ସେମାନେ ବଡ଼ ମସିଣାବିଲା ଗ୍ରାମ ଦେଇ ପଳାଇଥିଲେ। ଶରତଙ୍କ ଅଭିଯୋଗ ଆଧାରରେ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ, ଘଟଗାଁ ଥାନା ଆଇଆଇସି ପ୍ରଶାନ୍ତ ସାମଲ, ଘଟଗାଁ ଏସ୍‌ଡିପିଓ ବିଜୟ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏ ନେଇ ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ୪ ଦିନ ପୂର୍ବେ ଘଟଗାଁଠାରେ ଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାର ମହିଳା କର୍ମଚାରୀ ଅନିତା ଦାସ ଲୁଟ୍‌ର ଶିକାର ହୋଇଥିଲେ। ଋଣ ପରିଶୋଧ କରି ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ପ୍ରଥମେ ବ୍ଲାଙ୍କ୍ ଫାୟରିଂ କରିଥିଲେ। ପରେ ପାଟିରେ ବନ୍ଧୁକ ପୂରାଇ ବ୍ୟାଗ୍ ନେଇଯାଇଥିଲେ।


### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



Rudranshi Beura (Ridhi)
FM, ବାଙ୍କୀ, ନିସ୍ତିପୁର
ପ୍ରଥମ ଜନ୍ମବାର୍ଷିକର ହାର୍ଦ୍ଦିକ ଶୁଭେଚ୍ଛା ସହ, ବାବା, ମାମା, ଦିଦି, ଓ ବେଉରା ପରିବାର ବର୍ଗ ।
ଧ-୭୬୮୦୨

### ୨୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା



ବିଶ୍ୱଜିତ୍ ନାୟକ
ଓ
ଜ୍ୟୋସ୍ନା ମହାନ୍ତି
ଜଗତ୍‌ସିଂହପୁର
ତୁମ ଦୁହିଁଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା ସହ: ପରିବାର ଓ ବନ୍ଧୁବର୍ଗ ।
ଧ-୭୩୫୮୩


# ଜାହାଜରେ ବିଦେଶୀଙ୍କୁ ବେଆଇନ ସିମ୍ ବିକ୍ରି

## ଗୋପାଳପୁର ପୋର୍ଟ କର୍ମଚାରୀ ସମେତ ୨ ଗିରଫ

**ଛତ୍ରପୁର,୨୧।୩(ସନ୍ତୋଷ ପାଢ଼ୀ/ଦିଲ୍ଲିପ ସାମଲ)**

ଗଞ୍ଜାମ ଜିଲା ଗୋପାଳପୁର ପୋର୍ଟକୁ ଆସୁଥିବା ଜାହାଜର ବିଦେଶୀମାନଙ୍କୁ ବେଆଇନ ମୋବାଇଲ ସିମ୍ ବିକ୍ରି କରୁଥିବା ଏକ ରାକେଟକୁ ଆର୍ଯ୍ୟପଲି ମେରାଇନ ଥାନା ପୋଲିସ ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆର୍ଯ୍ୟପଲି ମେରାଇନ ଥାନା ଅନ୍ତର୍ଗତ କତୁରୁ ଗ୍ରାମର ଜି. ଶାମ୍ଭା (୫୪) ଓ ଏମ୍. କାମେୟା (୩୫)। ଶାମ୍ଭା ହେଉଛନ୍ତି ଗୋପାଳପୁର ପୋର୍ଟର ଫୋରମ୍ୟାନ୍। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ରାକେଟ ବହୁ ଦିନ ଧରି ଜାହାଜରେ ବିଦେଶୀଙ୍କୁ ସିମ୍ ବିକ୍ରି କରୁଥିଲା। ଏ ସମ୍ପର୍କରେ ସୂଚନାପାଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇଙ୍କ ନେତୃତ୍ୱରେ ଏକ ଟିମ୍ ଶାମ୍ଭାଙ୍କ ଉପରେ ନଜର ରଖିଥିଲା। ଗୋପାଳପୁର ପୋର୍ଟରେ ଲାଗିଥିବା ଦୁବାଇର ଏକ ଜାହାଜରେ ଥିବା ବିଦେଶୀମାନଙ୍କୁ ଶାମ୍ଭା ସିମ୍ ବିକ୍ରି କରିବାକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଶାମ୍ଭାଙ୍କଠାରୁ ୩୪ଟି ସିମ୍ ଓ ୨୨ ଡଲାର ଜବତ ହୋଇଛି। ପରେ ଏଥିରେ ସମ୍ପୃକ୍ତ ତଥା ମୋବାଇଲ ସିମ୍ ଦୋକାନୀ କାମେୟାଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ୩୬ଟି ସିମ୍ ଜବତ କରିଥିଲା। ଗୋପାଳପୁର ପୋର୍ଟକୁ ଆସୁଥିବା ଜାହାଜରେ ବିଦେଶୀ ଅଫିସର ଓ କର୍ମଚାରୀ ଥାନ୍ତି। ସେମାନଙ୍କୁ ଗୋଟିଏ ସିମ୍ ପିଛା ୨ ହଜାର ଟଙ୍କାରେ ଶାମ୍ଭା ବିକ୍ରି କରୁଥିଲେ। ତାଙ୍କ ଗ୍ରାମର ମୋବାଇଲ ସିମ୍ ଦୋକାନୀ କାମେୟାଙ୍କଠାରୁ ଗୋଟିଏ ସିମ୍‌କୁ ୪୦୦ ଟଙ୍କାରେ ସେ କିଣୁଥିଲେ। ବିଭିନ୍ନ ଲୋକଙ୍କ ଡକ୍ୟୁମେଣ୍ଟ ଓ ଫିଙ୍ଗର ପ୍ରିଣ୍ଟ ନେଇ ଶାମ୍ଭା ସିମ୍ କିଣୁଥିଲେ। ବିଦେଶୀମାନେ ଉକ୍ତ ସିମ୍ ଦ୍ୱାରା ବିଭିନ୍ନ ବିଦେଶର ଲୋକଙ୍କୁ ହ୍ୱାଟ୍‌ସ ଆପ କଲ୍ କରି କଥା ହେଉଥିଲେ ବୋଲି ଏସ୍‌ଡିପିଓ କହିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଦେଶର ସୁରକ୍ଷା ପ୍ରତି ବିପଦ ଆଶଙ୍କା ରହୁଥିବା ମତ ପ୍ରକାଶ ପାଉଛି। ଟିମ୍‌ରେ ଚମାଖଣ୍ଡି ଓ ମେରାଇନ୍ ଥାନା ଆଇଆଇସି ସାମିଲ ହୋଇଥିଲେ ।

# ଗଞ୍ଜେଇ ଜବତ ପରେ ପୋଲିସକୁ ଆକ୍ରମଣ, ୨୬ ଆହତ

**ମୋହନା,୨୧।୩(ମନ୍ମଥ ମିଶ୍ର)**

ଗଞ୍ଜେଇ ଜବତ କରି ଫେରୁଥିବା ପୋଲିସ ଟିମ୍‌କୁ ଗୁରୁବାର ବିଳମ୍ବିତ ରାତିରେ ଅତର୍କିତ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏଥିରେ ଆର୍.ଉଦୟଗିରି ଏସ୍‌ଡିପିଓଙ୍କ ସମେତ ୨୬ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ୫ଟି ପୋଲିସ ଗାଡ଼ି ଭଙ୍ଗାରୁଜା ହୋଇଛି। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଯୁବ ପଞ୍ଚାୟତର ପିଡିଆରି ଗ୍ରାମରେ ଏଭଳି ଘଟଣା ଘଟିଛି। ପିଡିଆରରେ ଗଞ୍ଜେଇ ଚୋରାଚାଲାଣ ଲାଗି ରଖାଯାଇଥିବା ପୋଲିସ ସୂଚନା ପାଇ ବିଳମ୍ବିତ ରାତିରେ ଆର୍.ଉଦୟଗିରି ଏସ୍‌ଡିପିଓ, ମୋହନା ଓ ଅଡବା ଥାନା ପୋଲିସ ଟିମ୍ ଚଢାଉ କରିଥିଲେ। ଏହି ସମୟରେ ପ୍ରାୟ ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। କର୍ମଚାରୀମାନେ ଗଞ୍ଜେଇ ଜବତ କରି ଫେରୁଥିବା ବେଳେ ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ହୋଇ ପୋଲିସକୁ ଘେରି ଆକ୍ରମଣ କରିଥିଲେ। ଫଳରେ ଏସ୍‌ଡିପିଓଙ୍କ ସମେତ ୨୬ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଭୋର୍ ୪ଟାରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାଯାଏ ଉତ୍ତକ୍ତ ଲୋକେ ସମସ୍ତ ପୋଲିସଙ୍କୁ ଅଟକ ରଖିଥିଲେ। ପରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ବୁଝାଶୁଝା ପରେ ସେମାନେ ଅଟକ ପୋଲିସଙ୍କୁ ଛାଡ଼ିଥିଲେ। ସେମାନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି । ଘଟଣା ପରେ ଗଜପତି ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।



ଗ୍ରାମବାସୀ ଭଙ୍ଗାରୁଜା କରିଥିବା ପୋଲିସ ଗାଡ଼ି।

# ହଡ଼ପ ୪୩ ଲକ୍ଷ ସରକାରୀ ଟଙ୍କାରେ ବେଟିଂ

## ଜେଲ ଗଲେ ରାଧାଦେଈପୁର ପିଇଓ



**ବ୍ରହ୍ମପୁର,୨୧।୩(ସୁବାସ ଚନ୍ଦ୍ର ପାଢ଼ୀ):** ଜଣେ ସରକାରୀ ଚାକିରିଆ ଜୁଆଖେଳ ନିଶାରେ ପଡ଼ି ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ହିତାଧିକାରୀଙ୍କ ଟଙ୍କା ହଡ଼ପ କରିବାକୁ ପଛାଇ ନାହାନ୍ତି। ପଞ୍ଚାୟତକୁ ଆସିଥିବା ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ସେ କ୍ରିକେଟ ବେଟିଂ ଓ ବିଭିନ୍ନ ଗେମିଂ ଆପ୍‌ରେ ଲଗାଇ ସବୁ ହାରି ସର୍ବସ୍ୱାନ୍ତ ହୋଇଛନ୍ତି। ଚାକିରି ବର୍ଷେ ପୂରଣ କରି ନ ଥିବା ଏହି ବାବୁ ଜଣଙ୍କୁ ଗୁରୁବାର ଭିଜିଲାନ୍ସ ଟିମ୍ ଉଠାଇ ନେଇଥିଲା। ଶୁକ୍ରବାର ଗିରଫ ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସେ ହେଲେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାଧାଦେଈପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) କ୍ଷେତ୍ରମୋହନ ନାୟକ। ଏହାର ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି।


୨୦୨୪ ଜୁଲାଇରେ କ୍ଷେତ୍ରମୋହନ ରଧାଦେଈପୁର ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଏହାପରଠୁ ସେ ବିଭିନ୍ନ ଉପାୟରେ ସରକାରୀ ଅର୍ଥ ହେରଫେର୍ କରିବା ଆରମ୍ଭ କରି ଦେଇଥିଲେ। ସରପଞ୍ଚ ଡି.ରାକେଶ କୁମାର ପାତ୍ରଙ୍କ ଜାଲ ଦସ୍ତଖତ କରି ପଞ୍ଚାୟତର ଦିଗପହଣ୍ଡି ଆକ୍ସିସ ବ୍ୟାଙ୍କ ଏବଂ ପାଟପୁର କାନାରା ବ୍ୟାଙ୍କ ଶାଖାରେ ଥିବା ୪ଟି ଆକାଉଣ୍ଟରୁ ସେ ପର୍ଯ୍ୟାୟକ୍ରମେ ୩୮ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ସେହିପରି ବାର୍ଦ୍ଧକ୍ୟ ଭତ୍ତାଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାର ଭତ୍ତା ଓ ଅନ୍ୟ ଟଙ୍କା ହିତାଧିକାରୀଙ୍କୁ ନ ଦେଇ ପିଇଓ କ୍ଷେତ୍ରମୋହନ ନିଜେ ହଡ଼ପ କରିଥିଲେ। ହିତାଧିକାରୀ ତାଙ୍କର ପ୍ରାପ୍ୟ ନ ପାଇବାରୁ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ସରପଞ୍ଚ ଏ ନେଇ ବ୍ଲକ ପ୍ରଶାସନକୁ ଅବଗତ କରିଥିଲେ। ତଦନ୍ତ ପରେ ପିଇଓ କ୍ଷେତ୍ରମୋହନ ଟଙ୍କା ଉଠାଇଥିବା ଜଣାପଡ଼ିଥିଲା। ଏ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଏକ ଟିମ୍ ରାଧାଦେଈପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସହିତ କ୍ଷେତ୍ରମୋହନଙ୍କୁ ଉଠାଇ ଆଣିଥିଲା।

# ୩ ଯୁବକ, ଅଣଓଡ଼ିଆ ଯୁବତୀ ଅଟକ

## ସେକ୍ସ ରାକେଟ ଚାଲିଥିବା ସନ୍ଦେହ

**ଅନୁଗୋଳ,୨୧।୩(ଜ୍ୟୋତିରଞ୍ଜନ ସାହୁ):** ଅନୁଗୋଳ ଟାଉନ ଥାନା ଦୁର୍ଗାବିହାରସ୍ଥିତ ଏକ ଘରେ ସେକ୍ସ ରାକେଟ ଚାଲିଥିବା ସନ୍ଦେହ କରି ପୋଲିସ ଶୁକ୍ରବାର ୩ ଯୁବକ ଓ ଜଣେ ଅଣଓଡ଼ିଆ ଯୁବତୀଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଉକ୍ତ ଘର ସମ୍ମୁଖରେ ଗୁରୁବାର ରାତି ପ୍ରାୟ ୩ଟାରେ ୩ଜଣ ଯୁବକ ଓ ସମ୍ପୃକ୍ତା ଯୁବତୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସକାଳେ ସେହି ଘର ସମ୍ମୁଖରେ ସମ୍ପୃକ୍ତା ଯୁବତୀ ରକ୍ତାକ୍ତ ଅବସ୍ଥାରେ ବସିଥିବା ଦେଖି ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସରପଞ୍ଚ ପହଞ୍ଚି ପୋଲିସକୁ ଖବର କରିଥିଲେ। ପରେ ପୋଲିସ ପହଞ୍ଚି ସମ୍ପୃକ୍ତା ଅଣଓଡ଼ିଆ ଯୁବତୀକୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲା। ଉକ୍ତ ଘରେ ସେକ୍ସ ରାକେଟ ଚାଲିଥିବା ସାଧାରଣରେ ସନ୍ଦେହ କରାଯାଉଥିବାରୁ ପୋଲିସ ସେଠାରେ ଯାଞ୍ଚ ଚଳାଇଛି।


# Classified Everyday
0674-2580101, 9692975378



**AUTOMOBILE SALE**

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339



**REAL ESTATE SALE**

**ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି– 7978676652, 9439087845.** D-76249

Gharabari, Boundary Full plot sale at Bankuala (Tankapani Road). 7008492511. D-3380

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**Duplex sale with gated society near AIIMS Hospital, Bhubaneswar. 9777433701.** D-76248

Contact for complete House Construction (Simplex/ Duplex/ Apartment) and Interior design (Modular Kitchen/ TV Unit/ Wardrobe) by experts. 7008550473. D-3372



**6000sqft. vacant plot for rent in Palasuni (200meter from NH) for commercial purpose. Contact- 9338694855, 9439492831.** D-3363



All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

Newly open Jyoti SPA positively health benefits (Expert therapist). 8458067955. D-76904


**AFFIDAVIT**

By virtue of an affidavit sworn before Executive Magistrate, Cuttack, dated 17.03.2025, I, Sailabala Baral, Address: At- Kantapanhara, P.O.- Gholapur, P.S.- Banki, Dist- Cuttack, PIN- 754029, declare that I have changed my name from Saila Baral to Sailabala Baral. Henceforth, I shall be known as Sailabala Baral for all purposes.
Sailabala Baral
D- 3369

By virtue of an affidavit sworn before the Executive Magistrate, Muniguda, on dated 19.02.2025 (Sl No. 215/ 25) I, Puda Bagsing, Father of Prince Bagsing, Village- Kutama, P.O./ P.S.- Chandrapur, Dist.- Rayagada, declare that I have changed my son's name who is Minor (9 years) name Pnish Bagsing to Prince Bagsing. Henceforth, he shall be known as Prince Bagsing for all purpose.
D-3370

By virtue of an affidavit sworn before Executive Magistrate, Nayagarh, I, Jharana Naik, C/o- Abhimanyu Naik, At- Ekatal. P.O.- Durudura, P.S.- Nuagaon, Dist.- Nayagarh. That declared I have changed my name from Jamuna Naik to Jharana Naik. Henceforth, I shall be known as Jharana Naik for all purposes.
D-3378

By virtue of an affidavit sworn before the Executive Magistrate, Bhubaneswar, dated 19.03.2025, I, Manaswini Panda, Address: W/o- Sambit Kumar Pani, permanent resident of At- Binatara, Gp- Baligan, P.O.- Goladia, P.S.- Chandabali, Dist.- Bhadrak- 756133 Odisha, currently residing at At- Flat No.- 304, Block- A, Kalyani Heights, Bhimpur, Bhubaneswar, Dist.- Khordha, Odisha- 752101, declare that I have changed my name from Manaswini Pani to Manaswini Panda. Henceforth, I shall be known as Manaswini Panda for all purposes.
Manaswini Panda
D- 3379

Before Executive Magistrate, Digapahandi, A/ 133/ 20.03.2025, I, Smrutimayi Kanyari (19), D/o- Sameer Kumar Kanyari, Vill- Khairapanka, P.O.- Mundapota, P.S.- K.Nuagam, Ganjam, State that my name Smrutimayi Kanyari as per my HSC Certificate but my Aadhaar Card wrongly mentioned as Surati Kanyari. Henceforth, I shall be known as Smrutimayi Kanyari for all future purposes.
D-3376

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, Bhubaneswar, dated 19.03.2025, I Noorjahan Bibi, Address: At- Plot No. 150, Durgamandap Basti, P.O.- Satya Nagar, P.S.- Kharvel Nagar, Bhubaneswar, Dist.- Khordha, PIN- 751007, declare that I have changed my daughter's name from Rehmatun Nessa to Rehamatun Nessa. Henceforth, she shall be known as Rehamatun Nessa for all purposes.
Noorjahan Bibi
D-3374

By virtue of an affidavit sworn before Notary Public, Bhubaneswar, dated 19.03.25, I Noorjahan Bibi, Address: At- Plot No.- 150, Durgamandap Basti, P.O.- Satya Nagar, P.S.- Kharvel Nagar, Bhubaneswar, Dist.- Khorda, PIN- 751007, declare that I have changed my name from Nurjahan Begum to Noorjahan Bibi. Henceforth, I shall be known as Noorjahan Bibi for all purposes.
Noorjahan Bibi
D-3375

I, Mamuni Sethi, W/o- Gangadhar Sethi, permanent resident of AL- Ghodapada, P.O.- Balipadar, P.S.- Buguda, Dist.- Ganjam, PIN- 761117, declare that I have changed my name from Mamini Sethi to Mamuni Sethi. Henceforth, I shall be known as Mamuni Sethi.
D-3377

**LEGAL NOTICE**

ମାନ୍ୟବର ଜିଲ୍ଲାଜଜ୍ ଓ ଫାଷ୍ଟ ଏମ୍.ଏ.ସି.ଟି., ସୋନପୁର
ଏମ୍.ଏ.ସି.ଟି. କେସ୍ ନମ୍ବର– ୧୫/୨୦୧୫
ଖେଡୁ ମେହେର ଓ ଅନ୍ୟମାନେ... ଆବେଦନକାରୀ
ବନାମ
ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ ଓ ଅନ୍ୟମାନେ.... ପ୍ରତିବାଦୀ
ଅଡର, ୫ ରୁଲ– ୨୦ (୧) ସି.ପି.ସି. ଅନୁସାରେ ନୋଟିସ୍

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ମକଦ୍ଦମାରେ ବାଦୀ ଖେଡୁ ମେହେର ଓ ଅନ୍ୟମାନେ, ପିତା– ଖେଡୁ ମେହେର, ଗ୍ରାମ– କେନ୍ଦୁପାଲି, ଥାନା– ବୀରମହାରାଜପୁର, ଜିଲ୍ଲା– ସୁବର୍ଣ୍ଣପୁର, ପ୍ରତିବାଦୀ– ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ପିତା– ଲବଣିଧର ଆଚାର୍ଯ୍ୟ, ଗ୍ରାମ– ଟିକରାପଡା, ଥାନା– ଜିଲ୍ଲା– ବଲାଙ୍ଗୀରଙ୍କ ନାମରେ ଅର୍ଜୁନପୁର ଛକ, ସୋନପୁର ଠାରେ ତା୧୯।୦୨।୨୦୧୪ ତାରିଖରେ ହୋଇଥିବା ଦୁର୍ଘଟଣା ଉପରେ ବୀମାରାଶି କ୍ଷତିପୂରଣ ପାଇବା ସକାଶେ ମକଦ୍ଦମା ଦାୟର କରିଛନ୍ତି। ଏଣୁ ଖବରକାଗଜ ନୋଟିସ୍ ମାଧ୍ୟମରେ ଆପଣଙ୍କୁ ଜଣେଇ ଦିଆଯାଉଛି ଯେ, ଉପରବର୍ଣ୍ଣିତ ମକଦ୍ଦମା ଆସନ୍ତା ୧୮।୦୪।୨୦୨୫ରେ ଧାର୍ଯ୍ୟ ଅଛି। ଏହି ତାରିଖରେ ଆପଣ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖି ଭାଗ ନେଇପାରନ୍ତି, ଅନ୍ୟଥା ମକଦ୍ଦମା ଆଇନ ଅନୁସାରେ ବିଚାର କରାଯିବ ।

ସ୍ୱା./– ମାନ୍ୟବର ଜିଲ୍ଲାଜଜ୍ ଓ ଫାଷ୍ଟ ଏମ୍.ଏ.ସି.ଟି., ସୋନପୁର
D-3371


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୌଦାମିନୀ ପଣ୍ଡା**
ସଙ୍ଗଲାଇ ଶାସନ, ପିପିଲି, ପୁରୀ
ଆବିର୍ଭାବ: ୦୨।୦୪।୧୯୬୭
ତିରୋଧାନ: ୦୨।୦୪।୨୦୨୪
ଆପଣଙ୍କ ଆବର୍ତ୍ତମାନ ଆମ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ପୁରଣ କରିଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:- ସ୍ୱାମୀ: ପ୍ରମୋଦ କୁମାର ଉପାଧ୍ୟାୟ, ପୁତ୍ର: ମହେଶ ପ୍ରସାଦ ଉପାଧ୍ୟାୟ, ଝିଅ: ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ, ଜ୍ୱାଇଁ: ବିଶ୍ୱଜିତ୍ ସେନ୍, ବନ୍ଧୁ ଓ ପରିବାରବର୍ଗ ।
ଧ-୩୩୮୧


**3rd Death Anniversary**



**PABITRA KUMAR PRADHAN (Pagala)**
1959- 2022
MANGALPUR, CHHOTI, KENDRAPARA
Not a single moment goes by without you in our thoughts. Life only gets liveable knowing and believing you are watching over us always. Forever in our hearts.
Deeply mourned by family, friends & relatives.
D-3368

ଶ୍ରଦ୍ଧାଞ୍ଜଳି: ରମାକାନ୍ତ ରଥ

# ତମେ ଆଉ ନାହଁ ବୋଲି...



୧୩ ଡିସେମ୍ବର ୧୯୩୪ - ୧୬ ମାର୍ଚ୍ଚ ୨୦୨୫

୧୬ ମାର୍ଚ୍ଚ ରବିବାର ପ୍ରତ୍ୟୁଷରେ ଭାରତୀୟ କବିତାର କିମ୍ବଦନ୍ତୀପ୍ରତିମ କବି ରମାକାନ୍ତ ରଥ ଇହଲୀଳା ସାଙ୍ଗ କଲେ। ଓଡ଼ିଆ ଭାଷାରେ ସେ ଯେପରି ଥିଲେ ଭାରତୀୟ କବିତାର ନେତୃସ୍ଥାନୀୟ କବି, ଗଦ୍ୟରେ ବି ଥିଲେ ସେହିପରି ଅନତିକ୍ରମଣୀୟ। ସଚ୍ଚି ରାଉତରାୟ ଓ ଗୁରୁ ପ୍ରସାଦଙ୍କ କବିତାରୁ ଧୀରେ ବାଟ ଭାଙ୍ଗି ଓଡ଼ିଆ କବିତାକୁ ଏକ ଅଭାବନୀୟ ଉଚ୍ଚତାକୁ ଘେନି ଯାଇଥିଲେ ସେ। କେନ୍ଦ୍ର ସାହିତ୍ୟ ଏକାଡେମୀ, ଶାରଳା, ସାହିତ୍ୟ-ଭାରତୀ, କବୀର, ସରସ୍ୱତୀ ଓ ପଦ୍ମ ଭୂଷଣରେ ବିଭୂଷିତ ଏହି କବି ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ' ସାଙ୍ଗକୁ କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରମୁଖ ମାନ୍ୟତା 'ମହତ୍ତର ସଦସ୍ୟ' ପଦ ପ୍ରାପ୍ତ ହୋଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଓ ସଭାପତି ପଦ ମଣ୍ଡନ କରିଥିଲେ। ୧୯୭୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣାନ୍ତେ ଭାରତୀୟ ବିଦ୍ୟାଭବନରେ ଏକାଡେମୀର ସଭାପତି ଡ. ଉମାଶଙ୍କର ଯୋଷୀଙ୍କ ଉପସ୍ଥିତିରେ ପୁରସ୍କୃତ ସମସ୍ତ ଭାରତୀୟ ସାହିତ୍ୟିକଙ୍କ ସହ 'ଧରିତ୍ରୀ' ପକ୍ଷରୁ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ଯାହାର ସ୍ମୃତି ଆଜି ବି ଜୀବିତ। ଭାରତୀୟ କବିତାର ଅତୁଳନୀୟ ମାର୍ଗଦ୍ରଷ୍ଟା ଏହି କବିଙ୍କୁ ବିନମ୍ର ଶ୍ରଦ୍ଧା ଜଣାଇ ଧରିତ୍ରୀର ପାଠିକାପାଠକଙ୍କୁ ନିବେଦିତ ହେଲା ଆଜିର 'ସାହିତ୍ୟାୟନ'...

## 'ଶ୍ରୀରାଧା'ର ରାଧା

**ହୃଷୀକେଶ ମଲ୍ଲିକ**

''ସଖୀ ଜଣେ ପଚାରିଲା
ତମକୁ କାହିଁକି ଏତେ ଭଲପାଏ ବୋଲି।
ତାକୁ କ'ଣ କହିଥାନ୍ତି ? ଖାଲି ତାରା ଖୁନ୍ଦି ହୋଇଥିବା
ଆକାଶକୁ ମୁଁ ଚାହିଁ ରହିଲି।
ହଠାତ୍ କାହିଁକି ହାଡ଼ ଭିତରେ ଭିତରେ
ଖୁବ୍ ଥଣ୍ଡା ଲାଗିଲା ଓ ହଠାତ୍ କାହିଁକି
ଗୋଟାପଣେ ଥରିଗଲି, ପାଟି ପଡ଼ିଗଲା।
କାକର ପବନ ଯୋଗୁଁ ଜମା ନୁହେଁ, ମତେ ଲାଗିଲା ଯେ
ତା' ହେଲେ ଅସଂଖ୍ୟ ରାତି ଆଗରୁ ଏପରି
ରାତିଟିଏ ଆସିବ ଯେ ମୁଁ ଆଉ ନ ଥିବି।
ତାରାମାନେ ଥିବେ କିନ୍ତୁ ଠିକ୍ ଆଜି ପରି।
କିପରି ବୁଝାଇଥାନ୍ତି ଏଥିପାଇଁ, ଖାଲି ଏଥିପାଇଁ
ତମେ ଏତେ ପ୍ରିୟତମ ମୋର।
କାହାକୁ ବୁଝାଇ ହେବ ପ୍ରକୃତ କାରଣ
ଆତଙ୍କର, ଭଲ ପାଇବାର ?''
(ଶ୍ରୀରାଧା/୧୩)

କବି ରମାକାନ୍ତଙ୍କ ଯେଉଁ 'ଶ୍ରୀରାଧା'କୁ ନେଇ ଏତେ ଚର୍ଚ୍ଚା, ଏତେ ବିତର୍କ– ସେହି 'ଶ୍ରୀରାଧା'ର ଯେଉଁ ଅଂଶଟିକୁ କବି ପ୍ରଥମେ ଲେଖିଥିଲେ, ସେଇଟି ହେଉଛି ଗ୍ରନ୍ଥର ୧୩ ନମ୍ବର କବିତା। ପୁଣି ଏହି ୧୩ ନମ୍ବର କବିତାର ଯେଉଁ ଧାଡ଼ି କେଇଟିକୁ ସବା ଆଗ ସେ ଲେଖିଥିଲେ, ସେ ଧାଡ଼ିକେଇଟି ହେଲା– ''...ମତେ ଲାଗିଲା ଯେ/ ତା'ହେଲେ ଅସଂଖ୍ୟ ରାତି ଆଗରୁ ଏପରି/ ରାତିଟିଏ ଆସିବ ଯେ ମୁଁ ଆଉ ନ ଥିବି/ ତାରାମାନେ ଥିବେ କିନ୍ତୁ ଠିକ୍ ଆଜି ପରି।'' ୧୬ ମାର୍ଚ୍ଚ ସକାଳେ ରମାକାନ୍ତ ତାଙ୍କ ମରଶରୀରରୁ ଅମରଲୋକ ଆଡ଼େ ବାହାରିଗଲେ। ଅର୍ଥାତ୍ ସେ ଯିବା ପରେ ଯେଉଁ ରାତିଟି ଆସିଲା, ସେତେବେଳକୁ ସେ ନ ଥିଲେ। ଆଗକୁ ଆହୁରି ବହୁ ରାତି ଆସିବାକୁ ବାକିଥିଲା। ତାରାମାନେ ଆକାଶରେ ଯେପରି ଥିଲେ ସେ ଥିବାବେଳେ, ସେପରି ଥିଲେ, ଆଗକୁ ବି ରହିଥିବେ। 'ଶ୍ରୀରାଧା'ଙ୍କ ସର୍ଜନ ଲଗ୍ନରେ 'ମୃତ୍ୟୁ'ର ଯେଉଁ ଅନତିକ୍ରମଣୀୟ ରୂପଟିକୁ ରମାକାନ୍ତ ପ୍ରତ୍ୟକ୍ଷ କରିଥିଲେ, ତାହାହିଁ ଥିଲା 'ମୃତ୍ୟୁ–ଆତଙ୍କିତ' ଜୀବନଚକ୍ରରୁ ଅନନ୍ତ ଭଲପାଇବା ଆଡ଼କୁ ରାଧାଙ୍କର ଅଭିସାର–ଯାତ୍ରା। ସୁତରାଂ 'ମୃତ୍ୟୁ–ଆତଙ୍କ' ଓ 'ଭଲପାଇବା'ର ଅସମାହିତ ଦ୍ୱନ୍ଦ୍ୱ ହିଁ ଯେ 'ଶ୍ରୀରାଧା' କବିତାର ସୃଜନ ହେତୁ– ଏଥିରେ ନିଃସନ୍ଦେହ ରହିବାକୁ ହୁଏ। 'ଶ୍ରୀରାଧା'ର ୧୩ ନମ୍ବର କବିତାରେ ଯେତିକି ଦୃଶ୍ୟମାନ ରାଧା, ସେତିକି ବି ଦୃଶ୍ୟମାନ ଖୋଦ୍ କବି। 'ସାବିତ୍ରୀ' ମହାକାବ୍ୟରେ ଶ୍ରୀଅରବିନ୍ଦଙ୍କ ଦୃଶ୍ୟମାନତାଠୁଁ ଖୁବ୍ ବେଶୀ ଦୂରବର୍ତ୍ତୀ ନୁହେଁ ରମାକାନ୍ତଙ୍କର ଏ ଦୃଶ୍ୟମାନତା– ଏପରି ମନେହୁଏ କେବେକେବେ।





୧୯୮୫ରେ ପ୍ରକାଶ ପାଏ 'ଶ୍ରୀରାଧା', ଯାହାର ପ୍ରଚ୍ଛଦଚିତ୍ର ଆଙ୍କନ୍ତି ଅସିତ୍ ମୁଖାର୍ଜୀ। ଚିରାଚରିତ ଭାବେ ଏହାର ପ୍ରକାଶ ଦାୟିତ୍ୱ ନିଅନ୍ତି 'ଲାର୍କ ବୁକ୍ସ'। କବିତାଗ୍ରନ୍ଥଟିକୁ ଟେକି ଦିଅନ୍ତି କବି ପତ୍ନୀ ଶାନ୍ତିଙ୍କର 'କେବେହେଲେ କିଛି ହେଲେ ନ ମାଗିଥିବା ହାତରେ।' ରମାକାନ୍ତଙ୍କ ଅବର୍ତ୍ତମାନରେ ଆଜି ମନେହୁଏ, ପତ୍ନୀଙ୍କୁ ଯେପରି 'ଶ୍ରୀରାଧା' କାବ୍ୟଗ୍ରନ୍ଥ ହିଁ ଥିଲା ତାଙ୍କର ପ୍ରଥମ ଓ ଶେଷ ସବିଶେଷ ଭେଟି। ସେହି ବହିଟିକୁ ହାତରେ ଧରି ପତ୍ନୀ ଶାନ୍ତି ଏଣିକି ଉଭା ରହିବେ ତାଙ୍କର ଅବଶିଷ୍ଟ ଆୟୁଷ୍କାଳ ସେଇଠି, ଯେଉଁଠୁ ଏଇ ଏଇ ଉଠିଗଲା କବିଙ୍କ ଶବାଧାର।

'ଶ୍ରୀରାଧା' ପୂରାପୂରି ପୁରାଣର ନୁହନ୍ତି। ପୁରାଣରେ ତାଙ୍କର ପାଦେ ତ ପୁରାଣ ବାହାରେ ଆଉ ପାଦେ। ୧୯୯୨ରେ କେ. କେ. ବିରଳା ଫାଉଣ୍ଡେଶନ୍ ଯେତେବେଳେ 'ଶ୍ରୀରାଧା'କୁ 'ସରସ୍ୱତୀ' ସମ୍ମାନ ପାଇଁ ଚୟନ କଲେ, ମତ ରଖିଥିଲେ– "Radha in Ramakant's 'Sriradha' is an indivisual, glorified in her own individuality." ସମୟର ସାମ୍ବତ୍ସରିକ ଆବର୍ତ୍ତନ (ଯାହାର ଗତି କେବଳ ଆଗକୁ) ରାଧାଙ୍କ ପାଇଁ ଏକମାତ୍ର ସତ୍ୟ ନୁହେଁ, ଆଗ ଓ ପଛ– ଉଭୟ ଦିଗକୁ ତା'ର ଗତି ଏକସଙ୍ଗେ ଉନ୍ମୁଖ। ସୁତରାଂ କାହାର ମୃତ୍ୟୁ ଆଗ– ରାଧାଙ୍କର ନା କୃଷ୍ଣଙ୍କର ?– ଏ ପ୍ରଶ୍ନ ଅବାନ୍ତର।

ରାଧା ଉପାଖ୍ୟାନଟି ମିଥ୍‌ରେ ମଧ୍ୟ ଭିନ୍ନ ଭିନ୍ନ। ପୁରାଣରେ ରାଧା ରାୟାଣ– ପତ୍ନୀ (ମତାନ୍ତରେ ଚନ୍ଦ୍ରସେନ ବା ଚନ୍ଦ୍ରସେଣା)। ରାଧାଙ୍କୁ ପ୍ରଥମେ ଆମେ ଭେଟୁ 'ବ୍ରହ୍ମ ବୈବର୍ତ୍ତ' ପୁରାଣରେ, ଯେଉଁଠି ରାଧା ହେଉଛନ୍ତି କୃଷ୍ଣଙ୍କର ବିଧିସମର୍ଥିତା ପତ୍ନୀ। ବ୍ରହ୍ମା କନ୍ୟାକର୍ତ୍ତା ହୋଇ ରାଧାଙ୍କୁ କୃଷ୍ଣଙ୍କ ହସ୍ତରେ ଅର୍ପଣ କରିଛନ୍ତି। ଗୋଲୋକବାସିନୀ ବିରଜା, ଯିଏ ରାଧାଙ୍କର ପ୍ରେମ ପ୍ରତିଯୋଗିନୀ– 'ମାନଭଞ୍ଜନ' ଯାତ୍ରାରେ ସେ ଚନ୍ଦ୍ରାବଳୀରେ ରୂପାନ୍ତରିତା। ସୁତରାଂ ଚନ୍ଦ୍ରାବଳୀ ବା ରାଧା କାହାରି ସ୍ଥିର ଚେହେରା ପୁରାଣରେ ଦେଖିବାକୁ ମିଳେ ନାହିଁ।

କେତେକ ଲୋକକଥାରେ ପୁଣି ରାଧାଙ୍କର ସ୍ୱାମୀ ରାୟାଣ ନୁହନ୍ତି, ଗୋବର୍ଦ୍ଧନ। କୃଷ୍ଣଙ୍କ ସହ ପତ୍ନୀ ରାଧାଙ୍କର ପରକୀୟାକୁ ଲୁଚି ଲୁଚି ଦେଖୁଥିବା ଗୋବର୍ଦ୍ଧନ ରାଧାଙ୍କ କୋପଦୃଷ୍ଟିରେ ପଡ଼ି ନିସ୍ତୁକ ମାଡ଼ ଖାଆନ୍ତି ଓ ପରିଣତିରେ ତାଙ୍କର ତତ୍କାଳ ମୃତ୍ୟୁ ଘଟେ। ଅନୁତପ୍ତା ରାଧା ପରେ ପ୍ରାର୍ଥନା ଦ୍ୱାରା ତାଙ୍କୁ ବଞ୍ଚାଇ ଦିଅନ୍ତି। ରାଧା ଉପାଖ୍ୟାନର ଏ ବିବିଧତାକୁ ଲକ୍ଷ୍ୟ କଲେ ସହଜରେ ବୁଝିହୁଏ ଯେ 'ମିଥ୍' କଦାପି ବେଦର ଗାର ନୁହେଁ, ଏହା ବଦଳେ।


ରାଧାଙ୍କ ବିବାହ ପରି ତାଙ୍କ ମୃତ୍ୟୁ ମଧ୍ୟ 'ମିଥ୍'ରେ ରହସ୍ୟାଚ୍ଛନ୍ନ। ପ୍ରଭାସରେ କୃଷ୍ଣ କର୍ତ୍ତୃକ ଉପେକ୍ଷିତା ହୋଇ ରାଧା ଯମୁନାରେ ଝାସ ଦେଲେ ନା କୃଷ୍ଣଙ୍କ ଦେହାନ୍ତ ପରେ ବ୍ୟଥିତା ହୋଇ ଅଗ୍ନିରେ ଆତ୍ମାହୁତି ଦେଲେ, ତାହା ଏବେ ବି ସଂଶୟାଚ୍ଛନ୍ନ। କୃଷ୍ଣ ବା ରାଧା ଯେଣୁ ଐତିହାସିକ ଚରିତ୍ର ନୁହନ୍ତି, ତେଣୁ ଉଭୟଙ୍କୁ ନେଇ ପୃଥକ୍ ପୃଥକ୍ ସମୟରେ ପୃଥକ୍ ପୃଥକ୍ କାହାଣୀ ଗଢ଼ିଉଠିଛି ଓ ସେସବୁ କାହାଣୀ 'ସମୂହ–ଜନସ୍ମୃତି'ରେ ସ୍ଥିର ହୋଇଯାଇଛି। 'ଶ୍ରୀରାଧା'ରେ ରାଧାଙ୍କ ମୃତ୍ୟୁ ଆଗରୁ କୃଷ୍ଣଙ୍କ ମୃତ୍ୟୁ କଳ୍ପନା ପାଇଁ ରମାକାନ୍ତଙ୍କୁ ଦାୟୀ କରିହେବ ନାହିଁ। କାରଣ 'ମିଥ୍'ର ପୁନର୍ନ୍ୟାସ ଓ ବିକଳ୍ପ ସୃଷ୍ଟି ହିଁ ଯୁଗନ୍ଧର କବିଙ୍କ କାମ ଓ ରମାକାନ୍ତ 'ଶ୍ରୀରାଧା'ରେ କେବଳ ତାହାହିଁ କରିଛନ୍ତି। ରମାକାନ୍ତଙ୍କ ଲେଖନୀରେ ରାଧା ଯେପରି ରୂପ ଧାରଣ କରିବାକୁ ଇଚ୍ଛା କରିଛନ୍ତି, ରମାକାନ୍ତ ସେଇ ଇଚ୍ଛାର କେବଳ ନିମିତ୍ତମାତ୍ର ହୋଇଛନ୍ତି। 'ଶ୍ରୀରାଧା'ର କିଛି ଧାଡ଼ି ସେ ନୁହନ୍ତି, ତାଙ୍କ ଅଗୋଚରରେ ଆଉ କିଏ ଲେଖିଛି ବୋଲି ବି ସେ କହିଛନ୍ତି।

ପ୍ରଗାଢ଼ ଭଲ ପାଇବାରେ ବ୍ୟକ୍ତି–ନଶ୍ୱରତାର ଯେଉଁ ଆତଙ୍କ ବିଦ୍ୟମାନ, ତା'ରି ଶବ୍ଦରୂପ 'ଶ୍ରୀରାଧା'। କେବଳ ଭାରତୀୟ ସାହିତ୍ୟରେ ନୁହେଁ, ବିଶ୍ୱ ସାହିତ୍ୟରେ ଏ କାବ୍ୟର ମୃତ୍ୟୁ ନାହିଁ। ଜୀବନର ମର୍ମନ୍ତୁଦ ନିଃସଙ୍ଗତାକୁ ଯେପରି ଚିହ୍ନି ହୁଏ 'ଶ୍ରୀରାଧା'ରେ, ତା'ର ବିକଳ୍ପ ମିଳେ କ୍ୱଚିତ୍।

ମୋ: ୯୮୫୩୨୮୭୬୫୫

## ରମାକାନ୍ତଙ୍କ ଅନୁବାଦରେ କବୀରଙ୍କର ଏକ କବିତା

''ଜିଇ ଥାଉ ଥାଉ ମରିପାର ଯଦି
ମଲା ପରେ ଜିଇ ରହିବ,
କଲୁଷ ଭିତରେ ନିର୍ମଳ ରହିଲେ
ଭବ ସାଗରୁ ତରିବ।
ଦୁଗ୍ଧ ମନ୍ଥି ହେଲା ପରି ଚିତ୍ତ ମୋର
ମନ୍ଥି ହେଉ ତମ ପ୍ରେମରେ,
ପ୍ରାଣର ପିପାସା ମେଣ୍ଟିବ ଗୁରୁଙ୍କ
ବଚନାମୃତ ପାନରେ।
ଧନୁରେ ନ ଯୋଖି ଶର ଭେଦିଦେଲେ
ଗୁରୁ ସାରା ସଂସାରକୁ,
ପବନ ଉଡ଼ାଇ ନେଉଥିବା ଗୁଡ଼ି
ଛାଡ଼େ କି ପ୍ରୀତି ଡୋରକୁ ?''





## ମୁଁ ନୁହେଁ, ତୁମେ ହିଁ ରକ୍ତରେ ବୁଡ଼ିଥାଅ

**ଦିଲୀପ କୁମାର ସ୍ୱାଇଁ**

ଓଡ଼ିଆ କାବ୍ୟ ସାହିତ୍ୟକୁ ଜାତୀୟସ୍ତରରେ ଉଚ୍ଚତମ ସୋପାନରେ ସ୍ଥାପନା କରିବାରେ କବି ରମାକାନ୍ତ ରଥଙ୍କ କବିତ୍ୱ ଓ କୃତିତ୍ୱ ପ୍ରଣିଧାନଯୋଗ୍ୟ। 'କେତେ ଦିନର' କଥା କହିବା ପାଇଁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାକୁ ପ୍ରବେଶ କରିଥିବା ରମାକାନ୍ତ କାଳକ୍ରମେ 'ଅନେକ କୋଠରୀ' ଅତିକ୍ରମ କରି ପହଞ୍ଚିଯାଆନ୍ତି 'ସନ୍ଦିଗ୍ଧ ମୃଗୟା' ପାଖରେ। ପ୍ରୟୋଗବାଦୀ କବିତାର ପ୍ରଚଣ୍ଡ କାଳରେ ରମାକାନ୍ତ ହିଁ ପାଲଟିଯାଆନ୍ତି ଏ କବିତାର ମାର୍ଗ ଓ ଆଦର୍ଶ। ଜୀବନର ସାମଗ୍ରିକ ବିଫଳତାକୁ ମୃତ୍ୟୁ ଓ ମହାକାଳ ପାଖରେ ସମର୍ପି ଦେବା ବେଳେ ବାତ୍ସଲ୍ୟ କାରୁଣ୍ୟରେ ଛଳଛଳ ଦିଶେ କବିତାର ପୃଷ୍ଠା। ତମାମ ଜୀବନ କାବ୍ୟ ନାୟକ ବସ୍ତୁ ବିଡ଼ମ୍ବନାରୁ ବାହାରିବାକୁ ଚାହୁଁଥିଲେ ମଧ୍ୟ ଅଟକିଯାଏ ଇନ୍ଦ୍ରିୟର ଆଲିଙ୍ଗନ ପାଖରେ। ଉଜୁଡ଼ିଯାଏ ବୁନିଆଦି। ଜଳିଯାଏ ଶୋଇବା ଘର। ମନ୍ଦିରର ଦଧିନଉତି ଭାଙ୍ଗିପଡ଼େ ଦେହର ଚଟାଣରେ। ଏକ ଧୂଆଁଳିଆ ସନ୍ଦିଗ୍ଧତା ଭିତରେ ଧଇଁସଇଁ ହେଉଥିବା ଜୀବନକୁ କବି ମୁହାଁଇ ଦିଅନ୍ତି ସପ୍ତମ ଋତୁ ଆଡ଼କୁ। ଏ କେଉଁ ଋତୁ ? ଯେଉଁଠି ବର୍ଷ, ମାସ, ଦିନ, ଦଣ୍ଡ ମୂକ ଓ ବଧିର। ଯେଉଁଠି ଜନ୍ମ ଅର୍ଥ ମୃତ୍ୟୁ ଓ ମୃତ୍ୟୁରେ ହିଁ ଅମୃତର ଉପଲବ୍ଧି। ବାସ୍ନାହୀନ, ରୂପହୀନ, ରଙ୍ଗହୀନ ଋତୁର ନାମ ସପ୍ତମ ଋତୁ।

ଓଡ଼ିଆ କବିତା ୧୯୭୦ ମସିହା ବେଳକୁ କବି ଗୁରୁପ୍ରସାଦ ମହାନ୍ତିଙ୍କ ହାତ ଧରି 'ସମୁଦ୍ର ସ୍ନାନ' କରିସାରିଥିଲା। ଅକ୍ରୂର ଓ ଉଦ୍ଧବଙ୍କୁ କାତର ପ୍ରାର୍ଥନା କରି ମଧ୍ୟ ମୋକ୍ଷ ମିଳିନଥିଲା। ୧୯୭୭ ମସିହାରେ ରମାକାନ୍ତ ଜୀବନବିମୁଖ ମଣିଷମାନଙ୍କ ପାଇଁ ଏକ ବିକଳ୍ପ ଉପଲବ୍ଧି ପ୍ରକାଶ କଲେ 'ସପ୍ତମ ଋତୁ' ମାଧ୍ୟମରେ। ପ୍ରୟୋଗବାଦୀ ଓଡ଼ିଆ କବିତାର ଉତ୍କର୍ଷବିନ୍ଦୁ କହିଲେ 'ସପ୍ତମ ଋତୁ'କୁ ହିଁ ବୁଝାଏ। ଯେଉଁଠି ପହଞ୍ଚିଗଲେ କେବଳ ସନ୍ନ୍ୟାସୀର ସ୍ୱର ଶୁଭେ। ବାସ ରାତିର ଦୀପନିଆଁ ଅପେକ୍ଷା ଜୁଇ ନିଆଁର ପ୍ରଖରତା ଦିଶେ। ଜ୍ଞାତିକୁଟୁମ୍ବଙ୍କ ଶବପୋଡ଼ାର ବାସ୍ନା ଆସେ। ଶବପୋଡ଼ା ପାଉଁଶକୁ ବିଭୂତି କରି, ଦେହରେ ଭସ୍ମ ବୋଳି କେଉଁ ଅଘୋରୀ ପୁରୁଷ ନୃତ୍ୟ ଆରମ୍ଭ କରେ। ଥରେ ସପ୍ତମ ଋତୁକୁ ଅନୁଭବ କଲେ ଜୀବନ ଚିତ୍ରମୟ ହୋଇଯାଏ। ଅନ୍ଧାର ଅପସରିଯାଏ। ଦିଗ୍‌ବଳୟରେ ଧୁନି ଜଳେ। ଜୀବନ ହୁଏ ଚିତ୍ରଖାତା–ଗୀତଖାତା। ଅନ୍ଧାରହୁଏ ସଚିତ୍ର। ସଚିତ୍ର ଅନ୍ଧାର ହୁଏ ପ୍ରେମ ଓ ଲୋଡ଼ିବାପଣର। ନୀରବତାର ପୁଣି ପ୍ରତିବାଦର। ମଗ୍ନ ନୈରାଶ୍ୟରୁ ଧ୍ରୁପଦ ଧୂସର।

କୁହାଯାଏ ୧୯୮୦–୮୧ ମସିହାରେ ଓଡ଼ିଆ କବିତାର ଧାରା ବଦଳିଗଲା। ଏହି ପରିବର୍ତ୍ତନର ଅନ୍ୟତମ ମଙ୍ଗୁଆଳ ହେଉଛନ୍ତି କବି ରମାକାନ୍ତ ରଥ। ଯେଉଁ ପରିବର୍ତ୍ତନର ସ୍ୱର 'ସଚିତ୍ର ଅନ୍ଧାର' ସୂଚିତ କରିଥିଲା, ତା'ର ବ୍ୟାପକତା 'ଶ୍ରୀରାଧା'ରେ ପ୍ରକାଶ ପାଇଲା। ମନେହେଲା ଯେମିତି 'ଶ୍ରୀରାଧା' ଲେଖିବା ପାଇଁ ଅନ୍ୟସବୁ କବିତା କେବଳ ପ୍ରସ୍ତୁତି ହିଁ ଥିଲା। 'ବିମାନ ଦୁର୍ଘଟଣାରେ ମୃତ୍ୟୁ' ଭୋଗିଥିବା କାବ୍ୟପୁରୁଷ 'ଅନନ୍ତଶୟନ' ଛାଡ଼ି କାହିଁକି ଯମୁନାର ନୀଳ ଜଳରେ ନିଜର ବଂଶୀ ଭସେଇଦେଲା। ଓଡ଼ିଆ କବିତାକୁ କେବଳ ରାଧା, ଯମୁନା ଓ କୃଷ୍ଣ ଭାବନା ଫେରିଲାନି, ଫେରିଲା ପ୍ରେମ, ଛନ୍ଦ, ଲୋଡ଼ିବାପଣ, ପ୍ରତିବଦ୍ଧତା, ସମ୍ପ୍ରସାରଣଶୀଳତା, ଶୁଦ୍ଧତା, ବିନୟ ଓ ପବିତ୍ରତା। ଶ୍ରୀମତୀ ରାଧାଙ୍କର ନିଜ ପ୍ରେମ ଜୀବନ ପ୍ରତି ଶୁଦ୍ଧ ଅଙ୍ଗୀକାର ଗଦା ଗଦା ଓଡ଼ିଆ ପ୍ରେମ ପ୍ରଣୟ କବିତାର କବର ଉପରେ ତୁଳସୀପତ୍ର ପରି ମହକି ଉଠିଲା। 'ହରେଇବାରେ ଆନନ୍ଦ', 'ଅପ୍ରାପ୍ତିରେ ପୂର୍ଣ୍ଣତା' ଆଦି ଭାବକଳ୍ପ ଯେ କବିତାର କେନ୍ଦ୍ର ହୋଇପାରେ, ଏହା ପ୍ରମାଣ କରିଦେଲେ କବି ରମାକାନ୍ତ। ସର୍ବକାଳୀନ ଶ୍ରେଷ୍ଠ କବିତା ରଚନା କରିବା ପାଇଁ କବିଙ୍କୁ କିପରି ଜଳିବାକୁ ପଡ଼େ, ତପସ୍ୟା କରିବାକୁ ହୁଏ, ତାହା ପ୍ରମାଣ କଲେ ରମାକାନ୍ତ।

ମୋ: ୭୦୦୮୩୮୭୪୦୮

## ମୁଁ କାହିଁକି ବୁନ୍ଦେ ଲୁହ ହୋଇ ବୋହି ଆସେ...

**ପ୍ରସନ୍ନ କୁମାର ମହାନ୍ତି**

କବି ରମାକାନ୍ତ ରଥ। ଗତ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଓଡ଼ିଶାର କବି, ସାହିତ୍ୟିକ, ସାହିତ୍ୟର ଛାତ୍ର, ଅଧ୍ୟାପକ ଓ କବିତାପ୍ରେମୀ ପାଠକଙ୍କ ହୃଦୟରେ ଏଇ ଛୋଟିଆ ନାଆଁଟି ଏମିତି ଏକ ବଡ଼ ସାମ୍ରାଜ୍ୟ ସୃଷ୍ଟି କରିଥିଲା ଯେ, ସେ ସାମ୍ରାଜ୍ୟର ଜନସଂଖ୍ୟା ନିରନ୍ତର ବଢ଼ି ଚାଲିଥିଲା।

ରମାକାନ୍ତଙ୍କର କାବ୍ୟିକ ଯାଦୁ କୌଣସି ପ୍ରକାର ଚକ୍ଷୁ ବନ୍ଧନ ନ ଥିଲା। କୌଣସି ପ୍ରକାର ପ୍ରଚାର ବା ବିଜ୍ଞାପନରୁ ଏ ପ୍ରକାର କିମିଆର ଜନ୍ମ ହୋଇ ନ ଥିଲା। ତାଙ୍କ ଚେତନା ଓ କଲମରୁ ହିଁ ଝଲସୁଥିଲା କାବ୍ୟିକ କଳା ଓ କାରିଗରିର ଏଭଳି ଅପାର୍ଥିବ ସମ୍ମୋହନ।

ଗତ ଶତାବ୍ଦୀର ଷାଠିଏ ଦଶକର ମଧ୍ୟଭାଗ ବେଳକୁ କବିତାର ବିଦଗ୍ଧ ପାଠକମାନେ ଓଡ଼ିଆ କବିତାରେ ଆଉ ଏକ ନୂଆ ସ୍ପର୍ଶ ଓ ସ୍ୱାଦର ସନ୍ଦିଗ୍ଧ ଅପେକ୍ଷାରେ ଥାଆନ୍ତି। କେତେକ କବି ଭଲ କବିତା ଲେଖୁଥାନ୍ତି, ହେଲେ କାବ୍ୟିକତାରେ ଏକ ପରିବର୍ତ୍ତନ ପାଇଁ ମଧ୍ୟ ପାଠକୀୟ ପ୍ରତୀକ୍ଷା ଓ କୌତୂହଳ ଛାଇ ନିଦ ପରି ବେଳେବେଳେ ଚେତନାକୁ ଚହଲାଇ ଦେଉଥାଏ।

ଏହି ସମୟରେ ହିଁ କବି ରମାକାନ୍ତ ରଥ ଓଡ଼ିଆ ପାଠକମାନଙ୍କର କାବ୍ୟାକାଂକ୍ଷାକୁ ପୂର୍ଣ୍ଣ କରି ନୂଆ କବିତାର ନୂଆ ମାନଚିତ୍ର ଧରି ଆବିର୍ଭୂତ ହୁଅନ୍ତି। ତାଙ୍କ କବିତାର ବ୍ୟଞ୍ଜନାତ୍ମକ ଆଙ୍ଗିକରେ ଏଭଳି ଏକ ରମାକାନ୍ତୀୟ ଟ୍ରେଡ୍‌ମାର୍କ ଥିଲା, ଯାହା ଫଳରେ ନାମଟି ଲୁଚାଇଦେଲେ ବି ତାହା ରମାକାନ୍ତ ରଥଙ୍କ କବିତା ବୋଲି ଯେକୌଣସି ପାଠକ ସହଜରେ ଜାଣିଯାଉଥିଲା। ଅନ୍ୟପକ୍ଷରେ ତାଙ୍କ କବିତାର ଭାବବସ୍ତୁ ଭାବରେ ସଚରାଚର ସ୍ଥିତିଶୀଳ ରହୁଥିଲା ଏକ ଅତ୍ୟନ୍ତ ସୂକ୍ଷ୍ମ, ସମ୍ବେଦନଶୀଳ ଓ ସୁଗଭୀର ଅନୁଭୂତିବୋଧ।

କବିର କଳ୍ପନାଶକ୍ତି ବ୍ୟାପ୍ତ ଓ ମାର୍ଜିତ ହୋଇପାରିଲେ ତା'ର ଯନ୍ତ୍ରଣାବୋଧ ତାକୁ ଏପରି ଏକ ସ୍ଥାନକୁ ନେଇଯିବ ଯେଉଁଠାରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକୀଭୂତ ଭାବେ ମିଳିବେ ଏବଂ ମଣିଷର ଭାଗ୍ୟ ହିଁ ସେଠାରେ ଥିବ ଏକମାତ୍ର ପ୍ରସଙ୍ଗ। ଏଇଭଳି ସ୍ଥିତିରେ ପହଞ୍ଚି ସେ କବିତା ଲେଖନ୍ତି ବୋଲି କବି ଏକ ସଂକଳନର ପୃଷ୍ଠବନ୍ଧରେ ସୂଚାଇଛନ୍ତି। ସେ ପୁଣି କହନ୍ତି– ''ସାହିତ୍ୟରେ ଏ ଯନ୍ତ୍ରଣାବୋଧ ଯେଉଁ ଭାଷା ମାଧ୍ୟମରେ ପ୍ରକାଶିତ ହୁଏ; ତାହା ବ୍ୟଞ୍ଜନାତ୍ମକ, ବର୍ଣ୍ଣନାତ୍ମକ ନୁହେଁ। ଯନ୍ତ୍ରଣାନୁଭୂତି ଚେତନାକୁ ଏପରି ଏକ ସ୍ତରକୁ ନେଇଯାଏ, ଯେଉଁଠାରେ ଭାଷାର ଭୂମିକା ଅତି ଗୌଣ ଏବଂ ଯେଉଁଠାରେ ଆମର ପରିଚିତ ଭାଷା ବାସ୍ତବତାର ସଂଜ୍ଞା ଜ୍ଞାପନ କରିବାକୁ ଅସମର୍ଥ। ଖୁବ୍‌ବେଶିରେ ଭାଷା ଚେତନାର ଏ ରାଜ୍ୟ ବିଷୟରେ କିଛି ଇଙ୍ଗିତ ଦେଇପାରେ।'' (ପୃଷ୍ଠବନ୍ଧ– 'ସପ୍ତମ ଋତୁ')

ବାସ୍ତବତାର ଅନୁଭୂତି ପାଠକର ପ୍ରତ୍ୟକ୍ଷ ହେବା ଆବଶ୍ୟକ। ଅନ୍ୟ ଭାଷାରେ ଯାହାକୁ ଆମେ କବି ଓ ପାଠକର 'ଭାବସାମ୍ୟ' ବୋଲି କହିପାରିବା। ବେଳେବେଳେ ରମାକାନ୍ତଙ୍କ ଭାବଭୂମିଟି ଏଭଳି ଉତ୍ତୁଙ୍ଗ ଶିଖରରେ ଆବିଷ୍କୃତ ହୁଏ ଯେ, ସେଠି ପହଞ୍ଚିବାର ପ୍ରୟାସ ଭିତରେ ହିଁ ପାଠକ ଯୁଗପତ୍ ଏକ ଆହ୍ୱାନ ଓ ଶିହରଣର ଆଚ୍ଛନ୍ନତାକୁ ସାମ୍ନା କରେ।

ମୋ: ୯୪୩୭୩୫୭୦୫୦

## କବି ପାଇଁ କବିତା ଆଶ୍ରୟ

**ତୁହିନାଂଶୁ ରଥ**

ଯେଉଁ ସମୟରେ ଆଧୁନିକ କବିତାର ଦୁର୍ବୋଧତାକୁ ନେଇ ପାଠକ ମହଲରେ ତୋଫାନ ଉଠୁଥିଲା, ସେତିକିବେଳେ କବି ଦୀପକ ମିଶ୍ର ଆମକୁ ପଢ଼ି ଶୁଣାଉଥିଲେ ଚନ୍ଦ୍ରମାର ଚୁଡ଼ି କବିତା। ଗୋଟିଏ ଝୁଙ୍କ୍‌ରେ ଆମେ ରମାକାନ୍ତଙ୍କୁ ପଢୁଥିଲୁ। ଦେଖୁଥିଲୁ ଜଣେ କବି କେମିତି ଲଣ୍ଠନ ହୋଇ ଅନ୍ତର୍ଦାହରେ ଜଳେ। ନିଜ ଭିତରେ ନ ଜଳିଲେ କେଉଁ କବି ଅନ୍ୟକୁ ଆଲୋକ ଦେଇପାରନ୍ତା! ସେଦିନ ଭୀମ ଭୋଇ ଲେଖିଥିଲେ, 'ହୁତାଶନରୁ ଜଳ ବୁନ୍ଦେ ହେଲା ପ୍ରକାଶ'। କବି ରମାକାନ୍ତଙ୍କୁ ପଢ଼ିଲାବେଳେ ଲାଗେ ଅନ୍ତର୍ଦାହର ହୁତାଶନରୁ ସେ ପାଠକକୁ ଶୁଦ୍ଧ, ଶୀତଳ ପ୍ରେମର ଜଳ ବୁନ୍ଦେ ଦେଉଛନ୍ତି ଶୋଷ ମେଣ୍ଟେଇବାକୁ।

କବିତା ସମ୍ପର୍କରେ ରମାକାନ୍ତଙ୍କ ଭାବଭୂମି ବେଶ୍ ଚିତ୍ତ ଉଦ୍‌ବୋଧକ, ତାତ୍ପର୍ଯ୍ୟପୂର୍ଣ୍ଣ। ''ସାହିତ୍ୟରେ କୌଣସି ଚୂଡ଼ାନ୍ତ ସତ୍ୟ ନାହିଁ, ଏପରି କୌଣସି ମୁଖ୍ୟ ଘଟଣା ନାହିଁ ଯାହା ମୂଳରୁ ସ୍ୱୟଂ ସଂପୂର୍ଣ୍ଣ ଓ ଯାହାର ସ୍ୱତଃସିଦ୍ଧ ବାସ୍ତବତା ଅନ୍ୟ କିଛି ଉପରେ ନିର୍ଭର କରେନାହିଁ।'' (ପୃ–୧୫୯, ସଚିତ୍ର ଅନ୍ଧାର) ଏହି ଆପେକ୍ଷିକତା ହିଁ ଅନ୍ତର୍ଦାହର ଝକମକି ପଥର। ଏହି ଆପେକ୍ଷିକତା ହିଁ ସୃଷ୍ଟିର ଅନିଶ୍ଚିତତା, ଆକୃତିର ତରଳତା ଓ ଗତିର ଇତସ୍ତତଃତାକୁ ଜନ୍ମ ଦିଏ। ଜୀବନର ଅଭିଜ୍ଞତାର ତାତ୍ପର୍ଯ୍ୟର ସ୍ତର ଅନେକ, ସମ୍ଭାବନା ବି ଅନେକ। ଜୀବନର ଅଭିଜ୍ଞତା ଠାରୁ ଜୀବନ ବୃହତ୍ତର– ଏକଥାକୁ ରମାକାନ୍ତ ବୁଝି ପାରିଥିଲେ। ତେଣୁ ସେ ବୁଦ୍ଧିପ୍ରବଣ ମନୋବୃତ୍ତି ଦ୍ୱାରା ପରିଚାଳିତ ନ ହୋଇ ଆବେଗପ୍ରବଣ ଚିତ୍ତବୃତ୍ତି ଦ୍ୱାରା ଜୀବନକୁ ଚିହ୍ନିବାକୁ ପ୍ରୟାସ ମଗ୍ନ ଥିଲେ। ବ୍ୟକ୍ତିର ଆବେଗଶୀଳ ଚେତନା ଦ୍ୱାରା ଜୀବନର ବାସ୍ତବତାକୁ ହୃଦୟଙ୍ଗମ କରିହେବ– ଏ ବିଶ୍ୱାସରେ ସମ୍ଭବତଃ ଜୀବନର ବାଟ ଚାଲିବାକୁ କବି ରମାକାନ୍ତ ଆମକୁ ପ୍ରେରଣା ଦେଇଛନ୍ତି।

ବିଶ୍ୱାତ୍ମା ହୋଇଯିବାର ଅନୁଭବ ରମାକାନ୍ତଙ୍କ କବିତାକୁ ଦିଏ ଏକ ଚିରହରିତ ମୂଲ୍ୟବୋଧ, ଆତ୍ମିକ ବିସ୍ତୃତି। ଶବ୍ଦର ବ୍ୟଞ୍ଜନାର୍ଥକୁ ନେଇ ଏକ ବ୍ୟାପକ ଚେତନାକୁ ସରଳ ଢଙ୍ଗରେ ପ୍ରକାଶ କରିବାର କଳା କବି ରମାକାନ୍ତଙ୍କ ଚମତ୍କାର। ଆତ୍ମୀୟତାର ତିନୋଟି ପର୍ଯ୍ୟାୟ କବିତାରେ କେତୋଟି ପଦକୁ ଦେଖାଯାଉ। ''ଯାଆରେ ଚଢ଼େଇ ଯାଆ/ ତିନିଟି କୁଟାରେ/ ତିଆରି ବସାରୁ ଉଡ଼ି/ ଗଛ ପତ୍ର ଶୂନ୍ୟ ଆକାଶରେ।/ ସୂର୍ଯ୍ୟ ଚନ୍ଦ୍ର ହୁଅନ୍ତୁ ତୋ/ କାନର ଝୁମୁକା,/ ନିଶ୍ଚଳ ପବନେ ଉଡୁ / ତୋ ଉଡ଼ନ୍ତା ନାଆର ପତାକା।/ × × ତୋ ଉଡ଼ିବା ହେଉ ଫେରିବାର/ ମହାସୁଖ, ତୁ କାହାର ନୋହୁଁ/ କିଛି ନୁହେଁ ତୋର, ତୁ କେବଳ/ ନିର୍ମାୟା ଚଢ଼େଇଟିଏ,/ ଅତିକ୍ରମ କରି ତିନିକାଳ (ପୃ–୩୭୭, ସଚିତ୍ର ଅନ୍ଧାର)/ କେତେ ସହଜ ଭାଷାରେ ସତ୍ତାର ମୁକ୍ତି ପାଇଁ ଆତ୍ମୀୟତାର ଲୁହ ବୁନ୍ଦେ ଝରାଇ ଦେଇଛନ୍ତି କବି!

ରମାକାନ୍ତ ଶରୀରରେ ଆଜି ନାହାନ୍ତି, ଆତ୍ମାର କବିତା ଲେଖି ଦେଇଛନ୍ତି ପାଠକ ପାଇଁ। ତାଙ୍କ ଭାଷାରେ ''କବି ପାଇଁ କବିତା ଆଶ୍ରୟ, ଯେପରି ଝଡ଼ବର୍ଷାର ଅନ୍ଧାର ରାତିରେ ବାଟୋଇ ଜଣେ ବାଟରେ ଥିବା କୁଡ଼ିଆ ଘର ପିଣ୍ଡାରେ ଆଶ୍ରୟ ଟିକିଏ ଖୋଜେ। ସେ ଆଶ୍ରୟ ସ୍ଥଳ ମନ ମୁତାବକ ନ ହେଉ ପଛେ, ସେଠାରେ ନ ରହି ତା'ର ଉପାୟ ନାହିଁ।''

ମୋ: ୯୮୬୧୨୪୫୧୦୯



ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ଗ୍ରହଣ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୨/୨୦୨୫ Bhubaneswar, Saturday, March 22/ 2025

# ଆରସିବି-କେକେଆର୍ ଉଦ୍‌ଘାଟନୀ ମୁକାବିଲା

**କୋଲକାତା, ୨୧।୩ (ପିଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶନିବାର ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ। ଗତଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ନୂଆ ନିୟମ ଲାଗୁ ହେବାକୁ ଯାଉଥିବାବେଳେ ଦୁଇ ଦଳରେ ନୂଆ ଅଧିନାୟକଙ୍କୁ ଦେଖିବାକୁ ମିଳିବ। ଅଜିଙ୍କ୍ୟ ରାହାନେ କେକେଆର ଓ ରଜତ ପଟିଦାର ଆରସିବି ଦଳର ନେତୃତ୍ୱ ନେବେ। କୋଭିଡ୍-୧୯ ମହାମାରୀଠାରୁ ଆଇପିଏଲ୍‌ରେ ସାଲିଭା(ଛେପ/ଲାଳ) ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। ମାତ୍ର ଗୁରୁବାର ଅନୁଷ୍ଠିତ ଅଧିନାୟକଙ୍କ ବୈଠକରେ ଆଲୋଚନା ହେବାପରେ ଏହାକୁ ଉଠାଇ

## ଆଜିଠୁ ଆଇପିଏଲ୍

ଦିଆଯାଇଛି। ଫଳରେ ବୋଲରଙ୍କୁ କିଛି ପରିମାଣରେ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ୨୦୨୨ଠାରୁ ସାଲିଭା ବ୍ୟବହାରକୁ ନିଷିଦ୍ଧ କରିଛି। ମାତ୍ର ଆଇପିଏଲ୍ ନିଜସ୍ୱ ନିୟମରେ ପରିଚାଳିତ ହେଉଥିବାରୁ ଏହି ନିୟମକୁ ଉଠାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଲିଗ୍‌ର ଏହି ୧୮ଶ ସିଜନରେ ଆହୁରି ମଧ୍ୟ କେତେକ ନୂଆ ନିୟମ ଲାଗୁ କରାଯିବ। କାକରର ପ୍ରଭାବକୁ ରୋକିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ସନ୍ଧ୍ୟାରେ ଆରମ୍ଭ ହେଉଥିବା ମ୍ୟାଚର ଦ୍ୱିତୀୟ ଇନିଂସର ୧୧ତମ ଓଭରରେ ନୂଆ ବଲ୍ ବ୍ୟବହାର ହୋଇପାରିବ। ଏହା ଫଳରେ ହାଇସ୍କୋରିଂ ମ୍ୟାଚ ଟ୍ରେଣ୍ଡ ବଳବତ୍ତର ରହିବ। ମାତ୍ର ଅପରାହ୍ନ ମ୍ୟାଚରେ ଏହି ନିୟମ ଲାଗୁ ହେବନାହିଁ। ଆଇପିଏଲ୍ ୨୦୨୫ରେ ୭ଟି ଦଳରେ ନୂଆ ଅଧିନାୟକଙ୍କୁ ଦେଖିବାକୁ ମିଳିବ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି





ଅଭ୍ୟାସ ଅବସରରେ ଦୁଇ ଦଳର ଅଧିନାୟକ ରଜତ ପଟିଦାର ଓ ଅଜିଙ୍କ୍ୟ ରାହାନେ।

ବିରାଟ କୋହଲିଙ୍କ ଉପସ୍ଥିତି ସତ୍ତ୍ୱେ ଏପର୍ଯ୍ୟନ୍ତ ଭାରତ ପାଇଁ ଗୋଟିଏ ହେଲେ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ସୁଯୋଗ ପାଇ ନ ଥିବା ରଜତ ପଟିଦାର ଆରସିବି ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ସେହିପରି ଲୋକେଶ ରାହୁଲ ସାମିଲ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଅକ୍ଷର ପଟେଲଙ୍କୁ ଅଧିନାୟକ କରାଯାଇଛି। ୨୦୨୪ରେ କେକେଆରକୁ ଚାମ୍ପିୟନ କରାଇଥିବା ଶ୍ରେୟସ ଆୟର ଏବେ ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେବାକୁ ଯାଉଥିବାବେଳେ ଅଜିଙ୍କ୍ୟ ରାହାନେଙ୍କୁ ନାଇଟ ରାଇଡର୍ସ ଦାୟିତ୍ୱ ଦିଆଯାଇଛି। ଉଦ୍‌ଘାଟନୀ ମ୍ୟାଚରେ କେକେଆର ଓ ଆରସିବି ହେଉଛନ୍ତି ପୁରୁଣା ପ୍ରତିଦ୍ୱନ୍ଦ୍ୱୀ। ୧୭ ବର୍ଷ ତଳେ ୨୦୦୮ରେ ସର୍ବପ୍ରଥମ ଆଇପିଏଲ୍‌ର ଉଦ୍‌ଘାଟନୀରେ ଏହି ଦୁଇଦଳ ପରସ୍ପରକୁ ଭେଟିଥିଲେ। ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ବିସ୍ଫୋରକ ୧୫୮ ରନ ସହାୟତାରେ ବୃହତ୍ ସ୍କୋର କରିଥିବା କେକେଆର ଏହି ମ୍ୟାଚକୁ ୧୪୦ ରନରେ ଜିତି ନେଇଥିଲା। ସେବେଠାରୁ ଦେଖିବାକୁ ଗଲେ କେକେଆର ୩ ଥର ଟାଇଟଲ ଜିତି ସାରିଥିବାବେଳେ ଆରସିବି ଏବେ ମଧ୍ୟ ଟ୍ରଫି ଅପେକ୍ଷାରେ ରହିଛି। ରାହାନେଙ୍କ ନେତୃତ୍ୱରେ କେକେଆର ଏଥର ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଭାରତକୁ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ବିରାଟ କୋହଲିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ୩୬ ବର୍ଷରେ ମଧ୍ୟ ସୁନୀଲ ନାରିନ କେକେଆର୍‌ର ମ୍ୟାଚ ବିଜେତା ସାବ୍ୟସ୍ତ ହେବା ଦକ୍ଷତା ରଖିଛନ୍ତି। ଆରସିବି କଥା ଦେଖିବାକୁ ଗଲେ ଟପ୍ ଅର୍ଡରରେ ଫିଲ୍ ସଲ୍ଟ ଓ କୋହଲି ରହିଥିବାବେଳେ ଜୀତଶେ ଶର୍ମା ଓ ଲିଆମ ଲିଭିଂଷ୍ଟୋନ ଫିନିଶର ଭୂମିକା ତୁଲାଇବେ। ମାତ୍ର ଦଳର ବୋଲିଂ ବିଭାଗ ଅତ୍ୟନ୍ତ ଦୁର୍ବଳ ମନେ ହେଉଛି। ଭେଟେରାନ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଜୋଶ ହାଜେଲଉଡ୍ ଇଡେନର ସ୍ପିନ୍ ଫ୍ରେଣ୍ଡଲି ପିଚ୍‌ରେ କିପରି ପ୍ରଭାବୀ ରହୁଛନ୍ତି ତା' ଉପରେ ନଜର ରହିବ।

**ସମ୍ଭାବ୍ୟ କେକେଆର ଏକାଦଶ:** ସୁନୀଲ ନାରିନ, କ୍ୱିଣ୍ଟନ ଡି'କକ୍, ଅଜିଙ୍କ୍ୟ ରାହାନେ (ଅଧିନାୟକ), ଅଙ୍ଗକ୍ରିଶ ରଘୁବଂଶୀ, ଭେଙ୍କଟେଶ ଆୟର, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ରମଣଦୀପ ସିଂ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ସ୍ପେନସର ଜନସନ/ଏନରିଚ ନର୍ଜେ, ବୈଭବ ଆରୋରା।

**ସମ୍ଭାବ୍ୟ ଆରସିବି ଦଳ:** ଫିଲ୍ ସଲ୍ଟ, ବିରାଟ କୋହଲି, ଦେବଦତ୍ତ ପଡିକଲ, ରଜତ ପଟିଦାର (ଅଧିନାୟକ), ଲିଆମ ଲିଭିଂଷ୍ଟୋନ, ଜୀତେଶ ଶର୍ମା, ଟିମ୍ ଡାଭିଡ, କୃନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଜୋଶ ହାଜେଲଉଡ, ୟଶ ଦୟାଲ, ସ୍ୱପ୍ନିଲ ସିଂ/ମୋହିତ ରାଠି/ରସିଖ ସଲାମ।

### ବର୍ଷା ସମ୍ଭାବନା

ଆଇପିଏଲ୍-୧୮ ଉଦ୍‌ଘାଟନୀ ମ୍ୟାଚ ବର୍ଷାଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଉକ୍ତ ଅଞ୍ଚଳରେ ବର୍ଷା ହେବାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପ କିମ୍ବା ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ସମାନ କାରଣରୁ କୋଲକାତା ନାଇଟ ରାଇଡର୍ସର ଇଣ୍ଟର ସ୍କ୍ୱାଡ୍ ମ୍ୟାଚ ବାଧାପ୍ରାପ୍ତ ହୋଇଥିଲା। ବୁଧବାର ଓ ଗୁରୁବାର ବର୍ଷା ହେବାରୁ କେବଳ ଗୋଟିଏ ଇନିଂସ ଖେଳ ସମ୍ଭବ ହୋଇଥିଲା। ଶନିବାର ତା'ଠାରୁ ଅଧିକ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

# ଜୟନ୍ତୀଙ୍କୁ ସ୍ୱର୍ଣ୍ଣ, ଜାନକୀଙ୍କୁ ରୌପ୍ୟ



ଜୟନ୍ତୀ ବେହେରା



ଜାନକୀ ଓରାମ

## ଖେଲୋ ଇଣ୍ଡିଆ ପାରା ଗେମ୍ସ

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ଓ ଜାନକୀ ଓରାମ ରୌପ୍ୟ ପଦକ ହାସଲ କରିଛନ୍ତି। ଜୟନ୍ତୀ ମହିଳା ୧୦୦ ମିଟର ଟି-୪୭ ବର୍ଗରେ ୧୩.୭୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର ଏହା ପ୍ରଥମ ପଦକ। ଆନ୍ଧ୍ର ପ୍ରଦେଶର ଭବାନୀ ଭାଲାସାମଗାରି (୧୩.୯୬) ରୌପ୍ୟ ଓ ପଞ୍ଜାବର ନିଶୁ (୧୫.୧୪) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା ୧୦୦ ମିଟର ଟି-୧୨ ବର୍ଗରେ ଜାନକୀ ୧୪.୭୯ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି। ଟି-୧୩ ବର୍ଗର ପ୍ରତିଯୋଗୀ ଗୋଆର ସାକ୍ଷୀ କାଲେ (୧୪.୪୭) ସ୍ୱର୍ଣ୍ଣ ଓ ଦିଲ୍ଲୀର ସୁଧା ମୁସ୍କା (୧୫.୨୦) ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଜାନକି ଓରାମଙ୍କ ଗାଇଡ ରନର ଥିଲେ ଲୁକୁ ବଡ଼ନାୟକ। ଉଭୟ ଜୟନ୍ତୀ ଓ ଜାନକୀ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି।

### ଆଇପିଏଲ୍-୧୮

(ଆଜିର ମ୍ୟାଚ)
**କେକେଆର ବନାମ ଆରସିବି**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଜିଓହଟଷ୍ଟାର

# ଅଶ୍ୱିନଙ୍କ ନାମରେ ରାସ୍ତା

**ଚେନ୍ନାଇ,୨୧।୩:** ଭାରତର କିମ୍ବଦନ୍ତୀ ସ୍ପିନ ବୋଲର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗ୍ରେଟର ଚେନ୍ନାଇ କର୍ପୋରେଶନ (ଜିସିସି) ଦ୍ୱାରା ସମ୍ମାନିତ କରାଯିବ। ଜିସିସି ସର୍ବସମ୍ମତି କ୍ରମେ ୱେଷ୍ଟ ମାମ୍ବାଲାମସ୍ଥିତ ରାମାକ୍ରୀଷ୍ଣପୁରମ୍ ପ୍ରଥମ ଷ୍ଟ୍ରିଟର ନାମକୁ ଅଶ୍ୱିନଙ୍କ ନାମରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି, ଯେଉଁଠାରେ ଅଶ୍ୱିନ ରୁହନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶିତ ରିପୋର୍ଟ ମୁତାବକ, କ୍ୟାରମ ବଲ ଇଭେଣ୍ଟ ଓ ମାର୍କେଟିଂ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ଏସ୍ କାର୍ତ୍ତିକଙ୍କ ଅନୁରୋଧ କ୍ରମେ ରାସ୍ତାର ନାମ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି।

# ଆଇପିଏଲ୍ ଉଦ୍‌ଘାଟନୀରେ ଦିଶା, ଶ୍ରେୟା, କରନ ଆକର୍ଷଣରେ ରହିବେ



ଦିଶା ପଟାନୀ



ଶ୍ରେୟା ଘୋଷାଲ

**କୋଲକାତା,୨୧।୩**

ଇଣ୍ଡିଆନ୍ ପ୍ରିମିୟର ଲିଗ (ଆଇପିଏଲ୍)ର ୧୮ତମ ସଂସ୍କରଣ ଏକ ବଡ଼ ଉଦ୍‌ଘାଟନୀ ଉତ୍ସବ ସହିତ ଆଜି ଆରମ୍ଭ ହେବାକୁ ଯାଉଛି। ଇଡେନ ଗାର୍ଡେନ୍ସରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ୩୫ ମିନିଟ ଧରି ଚାଲିବ। ଏ ସମ୍ପର୍କରେ କ୍ରିକେଟ ଆସୋସିଏଶନ ଅଫ ବେଙ୍ଗଲ (ସିଏବି) ସଭାପତି ସ୍ନେହାଶିଷ ଗାଙ୍ଗୁଲି କହିଛନ୍ତି, ଉଦ୍‌ଘାଟନୀ ଉତ୍ସବ ଲାଗି ବିସିସିଆଇ ପକ୍ଷରୁ ୩୫ ମିନିଟ୍ ସମୟ ଦିଆଯାଇଛି। ଏଣୁ ଏହି ସମୟ ମଧ୍ୟରେ ପୂରା କାର୍ଯ୍ୟକ୍ରମ ଶେଷ କରିବାକୁ ପଡ଼ିବ। ଟସ୍ ପଡ଼ିବାର ୧ ଘଣ୍ଟା ପୂର୍ବରୁ ତଥା ୬ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ଏବଂ ଏଥିରେ ବଲିଉଡ ଅଭିନେତ୍ରୀ ଦିଶା ପଟାନୀ, ଗାୟିକା ଶ୍ରେୟା ଘୋଷାଲ ଓ ଅନ୍ତର୍ଜାତୀୟ ର୍‍ୟାପର କରନ ଆଉଜଲା ପ୍ରଦର୍ଶନ କରିବେ।

# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ୨୭ରୁ

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ):** କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ଚଳିତ ମାସ ୨୭ରୁ ଆରମ୍ଭ ହେବ। ରାଜ୍ୟ କ୍ରୀଡ଼ା ବିଭାଗ ଓ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ ସହଯୋଗରେ ଓଡ଼ିଶା ଫେନ୍‌ସିଂ ଆସୋସିଏଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରିବ। ପ୍ରତିଯୋଗିତା ପାଇଁ ୩୨ ଲକ୍ଷ ଟଙ୍କାର ବଜେଟ ରଖାଯାଇଛି ବୋଲି ଶୁକ୍ରବାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ଭଲିବଲ ଚାମ୍ପିୟନଶିପ୍

# କିଟ୍, କଟକ ବିଜୟୀ

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ):** ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଭଲିବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ୧୩ଟି ପୁରୁଷ ବିଭାଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ୨-୦ରେ କେନ୍ଦୁଝର, କଟକ ୨-୦ରେ ବଲାଙ୍ଗୀର, ସୁନ୍ଦରଗଡ଼ ୨-୦ରେ କନ୍ଧମାଳ, କେନ୍ଦ୍ରାପଡ଼ା ୨-୦ରେ ବଲାଙ୍ଗୀର, ଇଷ୍ଟ କୋଷ୍ଟ ରେଲୱେ ୨-୦ରେ କୋରାପୁଟ ଓ ୨-୦ରେ ଭଦ୍ରକ, ଢେଙ୍କାନାଳ ୨-୦ରେ କଳାହାଣ୍ଡି, ଜଗତ୍‌ସିଂହପୁର ୨-୧ରେ ଭଦ୍ରକ, ଝାରସୁଗୁଡ଼ା ୨-୦ରେ ଗଜପତି, ଗଞ୍ଜାମ ୨-୧ରେ ସୁନ୍ଦରଗଡ଼, କଳାହାଣ୍ଡି ୨-୦ରେ କନ୍ଧମାଳ, କୋରାପୁଟ ୨-୦ରେ ଗଜପତିକୁ ପରାସ୍ତ କରିଛି। ସେହିପରି ମହିଳା ବିଭାଗରେ କେନ୍ଦ୍ରାପଡ଼ା ୨-୦ରେ କୋରାପୁଟ, ଜଗତ୍‌ସିଂହପୁର ୨-୦ରେ ଢେଙ୍କାନାଳ, ଭଦ୍ରକ ୨-୦ରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୨-୦ରେ ଭୁବନେଶ୍ୱରକୁ ହରାଇ ଦେଇଛି।

# ଟିମ୍ 'ସି'ରେ ସୁଶ୍ରୀ ଦିବ୍ୟଦର୍ଶିନୀ

## ଆଜିଠୁ ମହିଳା ଚ୍ୟାଲେଞ୍ଜର ଟ୍ରଫି

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଚ୍ୟାଲେଞ୍ଜର ଟ୍ରଫି ଶନିବାରଠାରୁ ଡେରାଡୁନରେ ଆରମ୍ଭ ହେବ। ଏହା ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଟିମ୍ 'ସି' ଦଳରେ ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ଦିବ୍ୟଦର୍ଶିନୀଙ୍କୁ ଏହି ସୁଯୋଗ ମିଳିଛି। ନିକଟ ଅତୀତରେ ଦିବ୍ୟଦର୍ଶିନୀ ଉଭୟ ବ୍ୟାଟ୍ ଓ ବଲ୍‌ରେ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ଚ୍ୟାଲେଞ୍ଜରରେ ଖେଳିବାକୁ ସୁଯୋଗ ଦିଆଯାଇଛି। ସୁଶ୍ରୀ ଇନ୍ଦିରା ମଇଦାନରେ ଜାଗୃତି କ୍ରିକେଟ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସୁଶ୍ରୀଙ୍କ ଚୟନରେ ସେ ଖୁସି ବ୍ୟକ୍ତ କରିବା ସହ ଆଗାମୀ ପ୍ରତିଯୋଗିତାରେ ସେ ନିଶ୍ଚିତ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ସୁଶ୍ରୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

# ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଆରମ୍ଭ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କବାଡ଼ି ଖେଳାଳିମାନେ।

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଶୁକ୍ରବାର ପ୍ରଥମ ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ୩ ଦିନ ଧରି ଚାଲିବାକୁଥିବା ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଛନ୍ତି। ଦଳ ଗୁଡ଼ିକ ହେଲେ ପଟିଆ ଟାଇଗର୍ସ, କିଙ୍ଗ୍ସ, ବାରିୟର୍ସ, ରେନବୋ, ରେଞ୍ଜର୍ସ ଏବଂ ସନ୍‌ରାଇଜ। ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପଟିଆ ଟାଇଗର୍ସ ୩୮-୨୩ରେ ବାରିୟର୍ସକୁ ଏବଂ ଦ୍ୱିତୀୟ ମ୍ୟାଚରେ ପଟିଆ ରେନ୍‌ବୋ ୪୭-୩୪ରେ କିଙ୍ଗ୍ସକୁ ହରାଇଛି। ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଜେଡି ନେତା ସୁବାଷ ପାତ୍ର, ମନ୍ମଥ ରାଉତ, ପଟିଆ ଗ୍ରାମର ସଭାପତି ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ନୃସିଂହଚରଣ ରାଉତ, ଓଡ଼ିଶା କବାଡ଼ି ସଂଘର ସମ୍ପାଦକ ଅଜୟ ବେହେରା, ପୂର୍ବତନ ସରପଞ୍ଚ ସନ୍ତୋଷ ନାଥ, ବିଷ୍ଣୁଚରଣ ପାତ୍ର ଏବଂ ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

# ଜୁନ୍‌ରେ ଭୁବନେଶ୍ୱରରେ ଏସ୍‌ଜେଏଫ୍‌ଆଇ ବୈଠକ

**ଭୁବନେଶ୍ୱର, ୨୧।୩ (ତପନ ସ୍ୱାଇଁ)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ସାଧାରଣ ବରିଷଦ ବୈଠକ ଶୁକ୍ରବାର ସଂଘର ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ହୋଇଯାଇଛି। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ଏଜିଏମ୍ ଆସନ୍ତା ଜୁନରେ ଭୁବନେଶ୍ୱରରେ ଆୟୋଜନ ହେବ। ଏହାର ସଫଳ ଆୟୋଜନ ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା ହୋଇଛି। ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ ଥିବା ଦିଲୀପ ତିର୍କୀ ହଲରେ ଅନୁଷ୍ଠିତ ଏଜିଏମରେ ୨୦୨୪-୨୫ ଆର୍ଥିକ ବର୍ଷରେ ସଂଗଠନର କାର୍ଯ୍ୟଧାରା ଓ ଉତ୍ସବର ସମୀକ୍ଷା ସାଙ୍ଗକୁ ୨୦୨୫-୨୬ ଆର୍ଥିକ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଛି। ଆସନ୍ତା ଜୁଲାଇ ୨ରେ ୱାର୍ଲ୍ଡ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଡେ' ଆଡମ୍ବର ସହ ପାଳନ କରାଯିବ ଏବଂ ସେହି ଅବସରରେ ସ୍ମରଣିକା ପ୍ରକାଶ ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କୁ ନିକଟ ଅତୀତରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରର ସ୍ଥିତିକୁ ନେଇ ଏଜିଏମ୍‌ରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ ସଭାପତି ସନ୍ଦୀପ ମିଶ୍ର।



ବାର୍ଷିକ ସାଧାରଣ ବୈଠକ ଅବସରରେ ଓସ୍‌ଜା ସଦସ୍ୟବୃନ୍ଦ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ